ମୋ କାହାଣୀ



ନୀଳମଣି ସେନାପତି

Digitized by PPRACHIN, SOA

ମୋ କାହାଣୀ

ନୀଳମଣି ସେନାପତି

ଭାରତ ଭାରତୀ

ପ୍ରତିଷ୍ଠାତା ଗୋପୀନାଥ ସାହୁ

ଗଜପତି ନଗର.. [illegible] ଚଟକ-୭୫୩୦୦୧

Digitized by PPRACHIN, SOA

ପ୍ରକାଶକ: ଭାରତ ଭାରତୀ, ଗଜପତି ନଗର, ସୁତାହାଟ, କଟକ-୭୫୩୦୦୧
ଟେଲିଫୋନ୍-୦୬୭୧-୨୪୨୫୬୭୦
ମୁଦ୍ରଣ: ସତ୍ୟଭାମା ଓ୍ୱେବ୍ ଅଫସେଟ୍, ବିଡ଼ାନାସୀ, କଟକ-୭୫୩୦୧୪
ପ୍ରଚ୍ଛଦ : ଶଶିକାନ୍ତ ରାଉତ, ଅକ୍ଷୟ ମହାନ୍ତି ଲେନ୍, ଶେଖ୍ ବଜାର, କଟକ-୭୫୩୦୦୮
ଟେଲିଫୋନ୍-୦୬୭୧-୨୬୦୭୧୫୨
ପ୍ରଥମ ପ୍ରକାଶ:୨୦୦୭
ମୂଲ୍ୟ: ସତୁରି ଟଙ୍କା ମାତ୍ର

MO KAHANI

An autobiography of Nilamani Senapati

Published by Bharat Bharati, Gajapati Nagar,
Sutahat, Cuttack-753001(Telephone-0671-2425670)
Price : Rupees Seventy only

ISBN : 81-86550-73-9

Digitized by PPRACHIN, SOA

କୃତଜ୍ଞତା

ଏହି ସଂକଳନ ପ୍ରକାଶ କରିବାପାଇଁ ଶ୍ରୀଯୁକ୍ତ ନୀଳମଣି ସେନାପତିଙ୍କ ଭ୍ରାତୃଷ୍ପୁତ୍ର ଶ୍ରୀଯୁକ୍ତ ବସନ୍ତ କୁମାର ସେନାପତି ଅକୁଣ୍ଠ ସହଯୋଗ ପ୍ରଦାନ କରିଥିବାରୁ ତାଙ୍କୁ ଏହି ଅବସରରେ କୃତଜ୍ଞତା ଜ୍ଞାପନ କରୁଛି । ବସନ୍ତ ବାବୁଙ୍କ ଆଗ୍ରହ ଯୋଗୁ ଦୀର୍ଘଦିନ ଧରି ମୁଦ୍ରିତ ହୋଇ ରହିଥିବା ଏହି ପୁସ୍ତକ ଭୁବନେଶ୍ୱର ପୁସ୍ତକ ମେଳା ଅବସରରେ ପ୍ରକାଶ ପାଇଛି ।

ଦୀର୍ଘଦିନ ଧରି ନୀଳମଣି ସେନାପତିଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥିବା ପ୍ରଫେସର ଦୁର୍ଗାଚରଣ କୁଅଁର ନିଜର ପ୍ରତିକୂଳ ସ୍ୱାସ୍ଥ୍ୟ ସତ୍ତ୍ୱେ ଏକ ମୂଲ୍ୟବାନ ଅଗ୍ରଲେଖ ପ୍ରଦାନ କରିଛନ୍ତି । କେବଳ ଏତିକି ନୁହେଁ, ଶ୍ରୀଯୁକ୍ତ କୁଅଁର ମୁଖପୃଷ୍ଠର ଫଟୋ ଓ ଓଡ଼ିଶା ରାଜ୍ୟ ଅଭିଲେଖାଗାରର କର୍ମକର୍ତ୍ତାମାନେ ଶ୍ରୀଯୁକ୍ତ ସେନାପତିଙ୍କ କଣ୍ଠସ୍ୱର ରେକର୍ଡିଂ କରୁଥିବା ଅବସରରେ ଉଠାଯାଇଥିବା ଫଟୋ ମଧ୍ୟ ଆମକୁ ପ୍ରଦାନ କରି ଅନୁଗୃହୀତ କରିଛନ୍ତି । ଶ୍ରୀଯୁକ୍ତ ନୀଳମଣି ସେନାପତିଙ୍କ ଆତ୍ମଜୀବନୀ ପ୍ରକାଶ ପାଉଥିବାରୁ ସେ ଯେଉଁଭଳି ଆନନ୍ଦ ପ୍ରକାଶ କରିଛନ୍ତି, ତାହା ବାସ୍ତବିକ ଆମପାଇଁ ଗର୍ବର ବିଷୟ ହୋଇ ରହିବ ।

ମାସିକ ପତ୍ରିକା 'ପୌରୁଷ'ରେ ଧାରାବାହିକ ଭାବରେ ପ୍ରକାଶ ପାଇଥିବା 'ମୋ କାହାଣୀ'ର ପୁସ୍ତକ ରୂପରେ ଆତ୍ମପ୍ରକାଶ ଅବସରରେ 'ପୌରୁଷ'ର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ, ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ତଥା ପରିଚାଳନା ସମ୍ପାଦିକା ଶ୍ରୀମତୀ ସୁଦତ୍ତା ପଟ୍ଟନାୟକଙ୍କୁ ମଧ୍ୟ ଆମେ କୃତଜ୍ଞତା ଜ୍ଞାପନ କରୁଛୁ ।

ପ୍ରକାଶକ

Digitized by PPRACHIN, SOA

ନୀଳମଣି ସେନାପତି

ନୀଳମଣି ସେନାପତି ହେଉଛନ୍ତି ଭାରତୀୟ ସିଭିଲ ସର୍ଭିସ୍ (I.C.S.)ରେ ଯୋଗ ଦେଇଥିବା ପ୍ରଥମ ଓଡ଼ିଆ । ଇଂରେଜ ରାଜତ୍ୱ କାଳରେ ମାତ୍ର ଦୁଇ ଜଣ ଓଡ଼ିଆ ଭାରତୀୟ ସିଭିଲ ସର୍ଭିସ୍ (I.C.S.)ରେ ଯୋଗ ଦେବାର ଗୌରବ ଅର୍ଜନ କରିଥିଲେ । ଅନ୍ୟତମ ଆଇ.ସି.ଏସ୍. ଅଫିସର କୃପାସିନ୍ଧୁ ମିଶ୍ର ୧୯୪୬ର ସାଂପ୍ରଦାୟିକ ହିଂସାକାଣ୍ଡ ସମୟରେ ରାଜଧାନୀ ଦିଲ୍ଲୀରେ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବାବେଳେ ଜଣେ ହିନ୍ଦୁ ସିପାହି ଗୁଳିରେ ନିହତ ହୋଇଥିଲେ । ୧୯୨୨ ମସିହାରେ ଭାରତୀୟ ସିଭିଲ ସର୍ଭିସ୍ (I.C.S.)ରେ ଯୋଗ ଦେଇଥିବା ନୀଳମଣି ସେନାପତି ବିହାର ଓ ଓଡ଼ିଶା ସରକାର ଓ ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ଉଚ୍ଚ ପଦପଦବୀରେ ଦକ୍ଷତାର ସହିତ କାର୍ଯ୍ୟକରି ପରିଣତ ବୟସରେ ୧୯୮୪ ମସିହାରେ ତାଙ୍କ ଭୁବନେଶ୍ୱରସ୍ଥ ବାସଭବନରେ ଦେହତ୍ୟାଗ କରିଥିଲେ ।

୧୮୯୮ ମସିହାରେ ନୀଳମଣି ସେନାପତି ପୁରୀ ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ଗାରିଡ଼ିପାଞ୍ଚଣ ଗ୍ରାମରେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦଶମ ବା ଏକାଦଶ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟମଣ୍ଡିତ ପ୍ରଭୁ ବୃଦ୍ଧନାଥ ଶିବ ମନ୍ଦିରର ଅବସ୍ଥିତି ଯୋଗୁଁ ଏହି ଗ୍ରାମର ଏକ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ମଧ୍ୟ ରହିଛି । ନୀଳମଣି ଜଣେ ମେଧାବୀ ଛାତ୍ର ଥିଲେ । ପୂର୍ବତନ ମୟୂରଭଞ୍ଜ ଗଡ଼ଜାତରେ ଇଞ୍ଜିନିୟରିଂ ଓ ଓଭରସିଅର୍ ଥିବା ପିତୃବ୍ୟ ପରମାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ତାଙ୍କର ବାଲ୍ୟଶିକ୍ଷା ବାରିପଦାଠାରେ ହୋଇଥିଲା । ୧୯୧୩ରେ ବାରିପଦା ହାଇସ୍କୁଲରୁ ମେଟ୍ରିକ ପରୀକ୍ଷା ଦେଇ ସେ ଓଡ଼ିଶା ଡିଭିଜନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ସମୟରେ ବିହାର-ଓଡ଼ିଶାର ସମସ୍ତ କଲେଜ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଥିଲା । ନୀଳମଣି ୧୯୧୫ରେ କଟକ ରେଭେନ୍ସା କଲେଜରୁ ଆଇ. ଏସ୍‌ସି. ପାସ କଲେ । ପିତୃବ୍ୟ ପରମାନନ୍ଦଙ୍କ ସହାୟତାରେ ସେହି ବର୍ଷ ବିଲାତ ଯାତ୍ରା କରି ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଗଣିତ ଓ ଭୂଗୋଳରେ ଉଚ୍ଚତମ ଡିଗ୍ରୀ ହାସଲ କରି ୧୯୨୨ ମସିହାରେ ସେ ଭାରତୀୟ ସିଭିଲ ସର୍ଭିସ୍‌ରେ ଯୋଗଦେଇ ଭାରତ ଫେରିଆସିଥିଲେ ।

Digitized by PPRACHIN, SOA

ବିହାର-ଓଡ଼ିଶା ପ୍ରଶାସନିକ ସେବାରେ ନିଯୁକ୍ତି ପାଇ ବିହାରର ସାହାବାଦ ଜିଲ୍ଲାର ଆରାଠାରେ ସେନାପତିଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ୧୯୨୨ରେ ବକ୍ସାରରେ ସବଡିଭିଜିନାଲ ଅଫିସର୍ ଥିବା ସମୟରେ ଶିକ୍ଷାବିଭାଗରେ କାର୍ଯ୍ୟରତ ଇନ୍ଦୁମତୀ ଦତ୍ତ ନାମ୍ନୀ ଜଣେ ବିଧବା ବଙ୍ଗୀୟ ମହିଳାଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା ଓ ଇନ୍ଦୁମତୀଙ୍କର କିଶୋରୀ କନ୍ୟା ସ୍ନେହକଣା(ଡଲି)କୁ ସେ ନିଜ କନ୍ୟାରୂପେ ଗ୍ରହଣ କରିଥିଲେ ।

ପିଲାଦିନେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବିଧବା ବିବାହ ଆନ୍ଦୋଳନଦ୍ୱାରା ପ୍ରଭାବିତ ହୋଇ ଜଣେ ବିଧବାକୁ ବିବାହ କରିବାକୁ ସେ ଶପଥ ନେଇଥିଲେ । ସେନାପତିଙ୍କର ଦୁଇ ପୁତ୍ର ପ୍ରଦ୍ୟୋତ କୁମାର (ବାବଲା) ଓ ମିହିର କୁମାର (ବୁଲା)ଙ୍କ ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ପ୍ରଦ୍ୟୋତ କୁମାର ଜଣେ ଦକ୍ଷ ପାଇଲଟ ଥିଲେ ଓ କନିଷ୍ଠ ମିହିର କୁମାର ଇଂଲଣ୍ଡରୁ ଭେଷଜ ବିଜ୍ଞାନରେ ଉଚ୍ଚ ଶିକ୍ଷା ଲାଭକରି ଅଷ୍ଟ୍ରେଲିଆର ସିଡନିଠାରେ ଡାକ୍ତରୀ ବ୍ୟବସାୟ କରୁଥିଲେ । ସେନାପତି ନିଜ ଭଉଣୀର ମୃତ୍ୟୁ ପରେ ତାଙ୍କର ଶିଶୁ କନ୍ୟା ଅରୁଣାର ଲାଳନପାଳନ ଭାର ଗ୍ରହଣ କରି ଯଥା ସମୟରେ ତା'ର ବିବାହ ସମ୍ପନ୍ନ କରିଥିଲେ ।

ଜଣେ ସଚ୍ଚୋଟ ଓ ଦକ୍ଷ ପ୍ରଶାସକ ଭାବେ ନୀଳମଣି ସେନାପତିଙ୍କର ସୁଖ୍ୟାତି ଥିଲା । ସେ ଥିଲେ ନିର୍ଭୀକ ଓ ସ୍ୱାଭିମାନୀ । ବ୍ରିଟିଶ ଶାସନର ଏକ ଦୃଢ଼ ସ୍ତମ୍ଭ ରୂପେ ଥିଲେ ବି ଉଚ୍ଚ ଇଂରେଜ କର୍ତ୍ତୃପକ୍ଷଙ୍କର ଅଯୌକ୍ତିକ ଆଦେଶ ଓ ନିର୍ଦ୍ଦେଶକୁ ସେ ସହଜରେ ଗ୍ରହଣ କରିପାରୁ ନ ଥିଲେ । ସେ ଥିଲେ ଦେଶପ୍ରାଣ ଓ ଭାରତୀୟ ସିଭିଲ ସର୍ଭିସରେ ଯୋଗ ଦେଇଥିବା ଭାରତୀୟ ଅଫିସରମାନଙ୍କର ଆତ୍ମସମ୍ମାନ ପ୍ରତି ସଦା ସଚେତନ । ଏଥିପାଇଁ ଏକଦା ସିଭିଲ ସର୍ଭିସରୁ ଅବ୍ୟାହତିନେଇ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗରେ ଜଣେ ପ୍ରାଧ୍ୟାପକରୂପେ ଯୋଗଦେବାପାଇଁ ସେ ମନସ୍ଥ କରିଥିଲେ । ଦୀର୍ଘ ଚାକିରି କାଳ ଭିତରେ ବିହାର ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାର କଲେକ୍ଟର, ଡେପୁଟି କମିଶନର ପ୍ରଭୃତି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ସେ ନିଜ କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲେ । ଏଥିସହ ଶିକ୍ଷା, ବିଶେଷତଃ ନାରୀଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟସେବା ଇତ୍ୟାଦି ଜନହିତକର କାର୍ଯ୍ୟରେ ତାଙ୍କର ସକ୍ରିୟ ସହଯୋଗ ଥିଲା । ୧୯୨୭ ମସିହାରେ କଟକର ପ୍ରଥମ ମାତୃ ଓ ଶିଶୁମଙ୍ଗଳ କେନ୍ଦ୍ର ସେ ଓ ତାଙ୍କ ପତ୍ନୀ ଇନ୍ଦୁମତୀଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ବିଶିଷ୍ଟ କବି ଓ ଔପନ୍ୟାସିକା ଡାକ୍ତର କୁନ୍ତଳା କୁମାରୀ ସାବତ ଥିଲେ ଏହି ଅନୁଷ୍ଠାନର ସ୍ୱାସ୍ଥ୍ୟ ପରିଦର୍ଶିକା । କୁଷ୍ଠରୋଗୀଙ୍କ ଚିକିତ୍ସାପାଇଁ ସେ ବିହାରର

Digitized by PPRACHIN, SOA

ପୁରୁଲିଆଠାରେ 'ନବ କୁଷ୍ଠନିବାସ' ପ୍ରତିଷ୍ଠା କରିଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କ ତିରୋଧାନ ପରେ ତାଙ୍କଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲା। ସେନାପତିଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ସରକାରୀ ସ୍ୱୀକୃତି ପାଇବା ସହିତ ଆର୍ଥିକ ସହାୟତା ମଧ୍ୟ ଲାଭ କରିଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପୂର୍ବରୁ ନୂତନ ପ୍ରଦେଶର ସୀମା ନିର୍ଦ୍ଧାରଣପାଇଁ ସାମୁଏଲ ଓ'ଡୋନେଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟୀ (O' Donnel Committee) ୧୯୩୧ ମସିହାରେ ସେମାନଙ୍କ ଗସ୍ତ କାଳରେ ସମ୍ବଲପୁରର ଡେପୁଟି କମିଶନର ଥିବା ନୀଳମଣି ସେନାପତିଙ୍କର ଅତିଥି ହୋଇଥିଲେ। ସମ୍ବଲପୁରର ସ୍ଥାନୀୟ ନେତୃବର୍ଗଙ୍କ ସହାୟତାରେ ଖଡ଼ିଆଳ ଜମିଦାରୀକୁ ଓଡ଼ିଶା ସହିତ ମିଶାଇବାର ଯୁକ୍ତିଯୁକ୍ତତା ସମ୍ବନ୍ଧରେ ସେ ଓ'ଡୋନେଲ୍ କମିଟୀର ହୃଦ୍‌ବୋଧ କରାଇପାରିଥିଲେ ଯାହା ଫଳରେ ଖଡ଼ିଆଳ ଜମିଦାରୀ ମଧ୍ୟପ୍ରଦେଶରୁ ଆସି ସମ୍ବଲପୁର ଜିଲ୍ଲାରେ ମିଶିଥିଲା। ୧୯୩୩ ମସିହାରେ ନୂତନ ଓଡ଼ିଶା ପ୍ରଦେଶର ଶାସନ ବ୍ୟବସ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣପାଇଁ ସାର୍ ଜନ୍ ଅଷ୍ଟିନ୍ ହବାକ୍ I.C.S.ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟୀରେ ଉତ୍କଳଗୌରବ ମଧୁସୂଦନ ଦାସ ଓ ନୀଳମଣି ସେନାପତି ସଭ୍ୟ ଥିଲେ। ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାପାଇଁ ସେନାପତି ହବାକ୍‌ଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ। ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାଯାଏ ଏଥିପାଇଁ ଆଜୀବନ ସଂଗ୍ରାମ କରିଥିବା ଉତ୍କଳଗୌରବ ମଧୁସୂଦନ ଦାସ ଜୀବିତ ନ ଥିଲେ। ୧୯୩୪ରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ସାର୍ ଜନ୍ ଅଷ୍ଟିନ୍ ହବାକ୍ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର୍ ହୋଇଥିଲେ।

ବିହାର-ଓଡ଼ିଶା ପ୍ରଦେଶରେ କେଉଁଠି ବିଶେଷ ସମସ୍ୟା ଦେଖାଦେଲେ ସମସ୍ୟାର ସମାଧାନପାଇଁ ଦକ୍ଷ ପ୍ରଶାସକ ସେନାପତିଙ୍କୁ ନିଯୁକ୍ତ କରାଯାଉଥିଲା। ୧୯୩୪ ମସିହାର ପ୍ରଳୟଙ୍କରୀ ବିହାର ଭୂମିକମ୍ପରେ ଉତ୍ତର ବିହାର ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏ ସମସ୍ୟାର ସମ୍ମୁଖୀନ ହେବାପାଇଁ ସେନାପତିଙ୍କୁ ସ୍ୱତନ୍ତ୍ର ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ସେ ଦକ୍ଷତା ସହକାରେ ଭୂମିକମ୍ପଦ୍ୱାରା କ୍ଷତିଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ ବଣ୍ଟନ କରିବା ସହିତ ସେମାନଙ୍କ ଥଇଥାନର ବ୍ୟବସ୍ଥା କରିଥିଲେ। ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ ତାଙ୍କ ଦୀର୍ଘ ପ୍ରଶାସନିକ ଅଭିଜ୍ଞତାର ସୁଫଳ ଓଡ଼ିଶା ଲାଭ କରିଛି। ୧୯୪୮ରେ ଓଡ଼ିଶା ସହିତ ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ସେ ଗଡ଼ଜାତ

Digitized by PPRACHIN, SOA

ସମୂହର ଚିଫ୍ ଆଡ଼୍‌ମିନିଷ୍ଟ୍ରେଟର୍ ନିଯୁକ୍ତ ହୋଇଥିଲେ । ସେ ମଧ୍ୟ ଥିଲେ ଓଡ଼ିଶାର ପ୍ରଥମ ଓଡ଼ିଆ ଚିଫ୍ ସେକ୍ରେଟେରୀ ଏବଂ ୧୯୫୨ରେ ନବଗଠିତ ଓଡ଼ିଶା ବୋର୍ଡ ଅଫ୍ ରେଭିନ୍ୟୁର ପ୍ରଥମ ପ୍ରେସିଡେଣ୍ଟ୍ । ୧୯୫୭ରେ ସେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିଲେ ।

ଚାକିରିରୁ ଅବସର ନେବା ପରେ ବି ଏହି ଅଭିଜ୍ଞ ପ୍ରଶାସକ ଓଡ଼ିଶା ରାଜ୍ୟ ଗେଜେଟିୟର୍ ସଂସ୍ଥାର ଅବୈତନିକ ମୁଖ୍ୟ ସମ୍ପାଦକରୂପେ ଶେଷ ଜୀବନ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ । ଇଂରେଜ ରାଜତ୍ୱ କାଳରେ ବିଲାତରୁ ଏ ଦେଶକୁ ନୂଆହୋଇ ଆସୁଥିବା ରାଜକର୍ମଚାରୀମାନଙ୍କୁ ତଥା ଜନସାଧାରଣଙ୍କୁ ଏ ଉପମହାଦେଶ ସମ୍ପର୍କରେ ଏକ ସ୍ୱଷ୍ଟ ଧାରଣାଦେବାପାଇଁ ବ୍ରିଟିଶ ଗବେଷକମାନେ ବହୁ ଗବେଷଣା ଓ ସର୍ବେକ୍ଷଣ କରି The Gazetteer of India, ବିଭିନ୍ନ ଜିଲ୍ଲା ଗେଜେଟିୟର ଓ ପ୍ରାଦେଶିକ ମାନୁଏଲମାନ ପ୍ରଣୟନ କରିଥିଲେ । ଦେଶର ଭୌଗୋଳିକ, ଐତିହାସିକ, ସାଂସ୍କୃତିକ, ପ୍ରଶାସନିକ ଇତ୍ୟାଦି ବିଭିନ୍ନ ବିଷୟର ତଥ୍ୟଭିତ୍ତିକ ବିବରଣୀମାନ ଏଥିରେ ସ୍ଥାନ ପାଇଥିଲା । ଦେଶ ସ୍ୱାଧୀନ ହେବା ପରେ ପରିବର୍ତ୍ତିତ ପରିସ୍ଥିତିକୁ ଚାହିଁ ନୂତନ ତଥ୍ୟସମ୍ବଳିତ ଗେଜେଟିୟର ପ୍ରଣୟନର ଆବଶ୍ୟକତା ଅନୁଭୂତ ହେବାରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ମିଳିତ ସହଯୋଗରେ ନୂତନଭାବେ ଜିଲ୍ଲା ଓ ପ୍ରାଦେଶିକ ଗେଜେଟିୟର ସଂକଳନ କାର୍ଯ୍ୟ ଆରମ୍ଭ ହେଲା । ଭାରତ ସରକାରଙ୍କ ଶିକ୍ଷା ଓ ଯୁବକଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଗଠିତ କେନ୍ଦ୍ର ଗେଜେଟିୟର ସଂସ୍ଥା ବିଭିନ୍ନ ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଣୟନ କରାଯାଇଥିବା ଗେଜେଟିୟର୍ ଗୁଡ଼ିକର ମାନ ଓ ନୀତିନିର୍ଦ୍ଧାରଣ ଦାୟିତ୍ୱ ବହନ କଲେ । ପ୍ରତି ଜିଲ୍ଲା ଗେଜେଟିୟର୍‌ରେ ଜିଲ୍ଲାର ବିଶଦ ଭୌଗୋଳିକ ଓ ଐତିହାସିକ ବିବରଣୀ ସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ, ଗମନାଗମନ, ଜନଜୀବନ, ପ୍ରଶାସନିକ ବ୍ୟବସ୍ଥା, ଦର୍ଶନୀୟ ସ୍ଥାନ ଇତ୍ୟାଦି ବିଷୟକୁ ନେଇ ଉଣେଇଶିଟି ଅଧ୍ୟାୟଯାଏ ରାଜ୍ୟ ଗେଜେଟିୟର୍ ପାଇଁ ଅନୁରୂପ ବିଷୟସୂଚୀ ନିର୍ଦ୍ଦିଷ୍ଟ କରାଯାଇଛି । ଗେଜେଟିୟର୍ ଗୁଡ଼ିକୁ ଆକର୍ଷଣୀୟ କରିବାପାଇଁ ବିଭିନ୍ନ ମାନଚିତ୍ର ଓ ଛବି ସଂଯୋଗ କରାଯାଏ । ଗେଜେଟିୟର୍ ଏକ ଗବେଷଣାତ୍ମକ କାର୍ଯ୍ୟ ଓ ଏଥିପାଇଁ ବିଭିନ୍ନ ବିଷୟରେ ଉଚ୍ଚସ୍ନାତକୋତ୍ତର ଡିଗ୍ରୀଧାରୀ ସଂକଳକ ଓ ଗବେଷକମାନଙ୍କୁ ନିଯୁକ୍ତି ଦିଆଯାଏ । ଗେଜେଟିୟର୍ ଏକ ସର୍ବକାଳୀନ ରେକର୍ଡ ହୋଇଥିବାରୁ ଏଥିରେ ବ୍ୟବହୃତ ତଥ୍ୟାବଳୀର ନିର୍ଭୁଲତା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ଗୋଟିଏ ଜିଲ୍ଲା ବା ପ୍ରଦେଶ ସମ୍ବନ୍ଧରେ ବିଶଦ ଜ୍ଞାନପାଇଁ ଜିଲ୍ଲା ବା

Digitized by PPRACHIN, SOA

ରାଜ୍ୟ ଗେଜେଟିୟର୍‌ର ବିକଳ୍ପ କିଛି ନାହିଁ । ଓଡ଼ିଶାର ତେରଟି ପୁରୁଣା ଜିଲ୍ଲାର ଗେଜେଟିୟର୍ ଓ ତିନିଟି ଖଣ୍ଡରେ ଓଡ଼ିଶା ରାଜ୍ୟ ଗେଜେଟିୟର୍ ପ୍ରକାଶିତ ହୋଇ କଟକ ସରକାରୀ ଛାପାକାରଖାନା ଓ ଅନ୍ୟ କେତେକ ସଂସ୍ଥା ମାଧ୍ୟମରେ ସେସବୁର ବିକ୍ରୟ ବ୍ୟବସ୍ଥା କରାଯାଇଛି । ଇଂରାଜୀରେ ଲିଖିତ ଜିଲ୍ଲା ଗେଜେଟିୟର୍ ଗୁଡ଼ିକର ଓଡ଼ିଆ ଅନୁବାଦ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଉଛି । ଇତି ମଧ୍ୟରେ କେନ୍ଦ୍ର ଗେଜେଟିୟର୍ ସଂସ୍ଥା ଚାରିଟି ଖଣ୍ଡରେ The Gazetteer of India ମଧ୍ୟ ପ୍ରକାଶ କରିଅଛନ୍ତି ।

ଏହି ଲେଖକ କଟକ ରେଭେନ୍ସା କଲେଜ ଇଂରାଜୀ ବିଭାଗର ପ୍ରାଧ୍ୟାପକ ପଦରୁ ୧୯୭୨ରେ ଡେପୁଟେସନରେ ଆସି ୧୯୮୬ ମସିହା ପର୍ଯ୍ୟନ୍ତ ଓଡ଼ିଶା ଗେଜେଟିୟର୍ ସଂସ୍ଥାର ଷ୍ଟେଟ ଏଡିଟର ରୂପେ ରାଜସ୍ୱ ବିଭାଗ ଅଧୀନରେ ଭୁବନେଶ୍ୱରଠାରେ ଅବସ୍ଥାପିତ ହୋଇଥିଲା । ୧୯୮୪ରେ ଗେଜେଟିୟର୍ ସଂସ୍ଥାର ମୁଖ୍ୟ ସମ୍ପାଦକ ନୀଳମଣି ସେନାପତିଙ୍କର ଦେହାନ୍ତ ପର୍ଯ୍ୟନ୍ତ ଦୀର୍ଘ ବାଇଶ ବର୍ଷ କାଳ ତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ଏ ଲେଖକକୁ ମିଳିଥିଲା । ଅତି ନିକଟରୁ ମୁଁ ତାଙ୍କୁ ଦେଖିଛି । ସାଧାରଣରେ ସେନାପତି ସାହେବ ରୂପେ ପରିଚିତ ଏଇ ପ୍ରଥମ ଆଇ.ସି.ଏସ୍. ଅଫିସର ବାହାରକୁ କଠୋର ଜଣାଯାଉଥିଲେ ବି ତାଙ୍କର ହୃଦୟ ଥିଲା ଅତି କୋମଳ ଓ ସ୍ନେହଶୀଳ । ମାର୍ଜିତ ବ୍ୟବହାର, ଅତିଥିପରାୟଣତା ଓ ବନ୍ଧୁବତ୍ସଳତା ତାଙ୍କ ବ୍ୟକ୍ତିତ୍ୱକୁ ମହନୀୟ କରିଥିଲା । କୁସଂସ୍କାର ଓ ଅନ୍ଧବିଶ୍ୱାସର ସେ ଘୋର ବିରୋଧୀ ଥିଲେ । କୌଣସି ନିର୍ଦ୍ଦିଷ୍ଟ ଧର୍ମମତ ପ୍ରତି ତାଙ୍କର ଆସକ୍ତି ଥିବାର ମୁଁ ଅନୁଭବ କରି ନାହିଁ । ଯୋରନ୍ଦାର ମହିମା ଗୁରୁ ବିଶ୍ୱନାଥ ବାବାଙ୍କୁ କିଛି ଦିନପାଇଁ ନିଜର ଅତିଥି କରି ସେ ମହିମା ଧର୍ମ ସମ୍ବନ୍ଧରେ ଆଲୋଚନା କରିଥିଲେ । ମହିମା ଧର୍ମତତ୍ତ୍ୱ, ରୀତିନୀତି ସମ୍ବନ୍ଧରେ ଜାଣିବା ଥିଲା ତାଙ୍କର ମୂଳ ଉଦ୍ଦେଶ୍ୟ । ମହିମା ଧର୍ମ ଉପରେ ସେ କିଛି ଲେଖାଲେଖି ମଧ୍ୟ କରିଥିଲେ । ମହିମା ଧର୍ମ ଭାରତୀୟ ଧର୍ମଧାରାକୁ ଓଡ଼ିଶାର ଏକ ବିଶିଷ୍ଟ ଅବଦାନ । ଏଥିପାଇଁ ଏ ଧର୍ମ ସମ୍ବନ୍ଧରେ ଅନୁଧ୍ୟାନ କରିବାପାଇଁ ସେ ଆଗ୍ରହୀ ହୋଇଥିଲେ ।

ଶିକାର ଓ ଫଟୋଗ୍ରାଫି ଥିଲା ସେନାପତିଙ୍କର ଅତି ପ୍ରିୟ । ପ୍ରକୃତିପ୍ରୀତି ତାଙ୍କୁ ଫଟୋଗ୍ରାଫ ପ୍ରତି ଆକୃଷ୍ଟ କରିଥିଲା । ଚାକିରି କାଳ ଭିତରେ ସେ ଅନେକ ବାଘ ଓ ବନ୍ୟଜନ୍ତୁ ଶିକାର କରିଥିଲେ । ଏଥିପାଇଁ ସମୟେ ସମୟେ ଏକା ଏକା ତାଙ୍କୁ ବଣ-ଜଙ୍ଗଲରେ ରାତ୍ରି ବିତାଇବାକୁ ପଡ଼ିଛି । ସେ ତାଙ୍କର ଶିକାର ଅନୁଭୂତିକୁ In the Wilds of Orissa ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଏହା ଜିମ୍ କର୍ବେଟଙ୍କ ଶିକାର ଗଳ୍ପଠାରୁ କମ୍

Digitized by PPRACHIN, SOA

ରୋମାଞ୍ଚକର ନୁହେଁ । ଏହି ଲେଖକ ସେନାପତିଙ୍କର କେତୋଟି ଶିକାର ଗଳ୍ପ ଓଡ଼ିଆରେ ଅନୁବାଦ କରି ତାଙ୍କଦ୍ୱାରା ସମ୍ପାଦିତ 'ପାଞ୍ଚଜନ୍ୟ ' ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲା । ଇଂରାଜୀ, ଓଡ଼ିଆ, ସଂସ୍କୃତ, ହିନ୍ଦୀ ଓ ବଙ୍ଗଳା ଭାଷାରେ ସେନାପତିଙ୍କର ଦକ୍ଷତା ଥିଲା । ତାଙ୍କର ବ୍ୟକ୍ତିଗତ ପୁସ୍ତକାଗାରରେ ଏସବୁ ଭାଷାର ବହୁ ଉପାଦେୟ ପୁସ୍ତକ ଗଚ୍ଛିତ ହୋଇ ରହିଥିଲା ଓ ଜୀବନର ଶେଷପର୍ଯ୍ୟନ୍ତ ସେ ପଢ଼ାପଢ଼ି କରୁଥିଲେ । ଇଂରାଜୀ ଭାଷାକୁ ସେ ଯେପରି ମାତୃଭାଷାରୂପେ ବ୍ୟବହାର କରୁଥିଲେ, ତାଙ୍କର ଇଂରାଜୀ ଲେଖା ମଧ୍ୟ ସେହିଭଳି ସରଳ ଓ ସାବଲୀଳ ଥିଲା । କେତେକ ଓଡ଼ିଆ ଲୋକଗୀତର ସେ ସୁନ୍ଦର ଇଂରାଜୀ ଅନୁବାଦ କରିଥିଲେ । ଶିକାର ଓ ବନ୍ଧୁମେଳରେ ଜୀବନ ଉପଭୋଗ କରିବାରେ ତାଙ୍କର ଅଧିକାଂଶ ସମୟ ବିତୁଥିଲା । ବିଭିନ୍ନ କ୍ଲବ, ଅନୁଷ୍ଠାନ ଓ ପଦସ୍ଥ ପ୍ରଶାସକଙ୍କ ଗହଣରେ ସେ Uncle Senapati ଭାବରେ ପରିଚିତ ଥିଲେ । ଲେଖାଲେଖି ପ୍ରତି ଅଧିକ ଧ୍ୟାନ ଦେଇଥିଲେ ସେ ନିଶ୍ଚିତ ଭାବରେ ଜଣେ ସୁସାହିତ୍ୟିକ ରୂପେ ପ୍ରତିଷ୍ଠା ଅର୍ଜନ କରିପାରିଥାଆନ୍ତେ । ଭାରତୀୟ ସିଭିଲ ସର୍ଭିସ୍‌ରେ ଥାଇ ଲେଖକ ଭାବେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ ।

ଜଣେ ସହକର୍ମୀ ଭାବେ ସେନାପତି ସାହେବଙ୍କ ସହିତ ଦୀର୍ଘକାଳ ବିତାଇବା ଭିତରେ ତାଙ୍କର ଉଦାର ଦୃଷ୍ଟିଭଙ୍ଗୀ, କର୍ତ୍ତବ୍ୟନିଷ୍ଠା ଓ ଅତିଥିପରାୟଣତା ମୋତେ ବିଶେଷ ଭାବେ ପ୍ରଭାବିତ କରିଥିଲା । କେହି ଅତିଥି ପହଞ୍ଚିଗଲେ ଆଗ ସେମାନଙ୍କ ଚର୍ଚ୍ଚା କରିବାପାଇଁ ସେ ତାଙ୍କ ମୁସଲମାନ ବବୁର୍ଚ୍ଚିକୁ ନିର୍ଦ୍ଦେଶ ଦେଉଥିଲେ । ଭୁବନେଶ୍ୱର ବ୍ରହ୍ମେଶ୍ୱରପାଟଣାରେ ତାଙ୍କର ପଡ଼ୋଶୀ ଅନୁଜ ସ୍ୱର୍ଗତ କୁଳମଣି ସେନାପତିଙ୍କ ପରିବାର ଓ ଅନ୍ୟ ଜ୍ଞାତିକୁଟୁମ୍ବଙ୍କ ସହିତ ସୁସମ୍ପର୍କ ସେ ଶେଷପର୍ଯ୍ୟନ୍ତ ରକ୍ଷା କରିଥିଲେ । ମଦ୍ୟ, ଧୂମ, ଏପରିକି ଚା'ପାନ ସେ କରିବାର ମୁଁ ଦେଖି ନାହିଁ । ଓଡ଼ିଶାର ଉଚ୍ଚ ପ୍ରଶାସକମଣ୍ଡଳୀରେ ସେ ଥିଲେ ଭୀଷ୍ମ ସଦୃଶ । ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀମାନଙ୍କୁ ସେ ନାଁ ଧରି ଡାକୁଥିଲେ ଓ ଆବଶ୍ୟକ ସମୟରେ ସେହି ଭାବରେ ପତ୍ର ଲେଖୁଥିଲେ । ଇଂରାଜୀରେ ଲିଖିତ ତାଙ୍କ ଆତ୍ମଜୀବନୀ ଜଣେ ଆମେରିକୀୟ ପ୍ରକାଶକ ପ୍ରକାଶ କରିବାପାଇଁ ନେଇଥିଲେ । ପ୍ରକାଶନରେ ବିଳମ୍ବ ହେତୁ ତା'ର ପାଣ୍ଡୁଲିପି ଫେରାଇ ଅଣାଯାଇଥିବା ବିଷୟ ଜାଣିଥିଲି । ଏବେ ତାହାର ଓଡ଼ିଆ ଅନୁବାଦ ପୁସ୍ତକ ଆକାରରେ ପ୍ରକାଶ ପାଉଥିବା ଆନନ୍ଦର ବିଷୟ । ଏଥିରୁ ଓଡ଼ିଶାର ଜଣେ କୃତି ସନ୍ତାନଙ୍କର ଦୀର୍ଘ ଜୀବନର ଅନେକ କଥା ପାଠକ ଜାଣିବାକୁ ପାଇବେ ।

Digitized by PPRACHIN, SOA

ନୀଳମଣି ସେନାପତି ଓ ତାଙ୍କର ଦୁଇ ପୁତ୍ର ଏବେ ଦିବଂଗତ । ପୁତ୍ରମାନଙ୍କ ପରିବାର ଓଡ଼ିଶା ବାହାରେ ରୁହନ୍ତି । ଭୁବନେଶ୍ୱରରୁ ଇତିହାସ ପ୍ରସିଦ୍ଧ ବ୍ରହ୍ମେଶ୍ୱର ମନ୍ଦିର ନିକଟରେ ତିନି ଏକରରୁ ଉର୍ଦ୍ଧ୍ୱ ଜମିରେ ସେନାପତି ସାହେବ ବ୍ରିଟିଶ ସ୍ଥାପତ୍ୟ ଶୈଳୀରେ ନିଜର ସୁନ୍ଦର ବାସଗୃହ ନିର୍ମାଣ କରିଥିଲେ । ଅଦୂରରେ ଶିଶୁପାଳଗଡ଼ ଓ ତାକୁ ଘେରି ରହିଥିବା ଗନ୍ଧବତୀ(ଗଙ୍ଗୁଆ) ଜଳଧାରା । ସେନାପତିଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀମାନେ ତାଙ୍କର ଜମି ଓ ବାସଗୃହକୁ ବମ୍ବେର ଜଣେ ବ୍ୟବସାୟୀଙ୍କୁ ବିକ୍ରୀ କରିଦେଇଛନ୍ତି । ଲୋକମାନେ ଜମି କିଣି ସେଠାରେ ନିଜ ନିଜର ବାସଗୃହ ନିର୍ମାଣ କରିଅଛନ୍ତି । ସେନାପତିଙ୍କର ବାସଗୃହ ଓ ଯତ୍ନବର୍ଦ୍ଧିତ ଉଦ୍ୟାନର ଚିହ୍ନବର୍ଣ୍ଣ ସୁଦ୍ଧା ଲୋପ ପାଇଯାଇଛି ।

ଓଡ଼ିଶାର ଏହି ବରପୁତ୍ରଙ୍କର ସ୍ମୃତିରକ୍ଷା ଦାୟିତ୍ୱ ଏବେ ଓଡ଼ିଶାବାସୀ ଓ ଓଡ଼ିଶା ସରକାରଙ୍କର । ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ରବି ଟକିଜ୍ ଛକଠାରୁ ବ୍ରହ୍ମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଟଙ୍କପାଣି ରୋଡ୍‌ର ଅଂଶବିଶେଷକୁ ନୀଳମଣି ସେନାପତି ମାର୍ଗରୂପେ ନାମିତ କରି ରାଜାରାଣୀ ମନ୍ଦିର ରାସ୍ତା ପାର୍ଶ୍ୱରେ ତାଙ୍କର ଏକ ପୂର୍ଣ୍ଣାବୟବ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ସ୍ଥାପିତ ହୋଇପାରିଲେ ଓଡ଼ିଶାର ଏହି କୃତି ପୁରୁଷଙ୍କର ସ୍ମୃତି କିଛିଟା ରକ୍ଷା କରାଯାଇପାରନ୍ତା । ଓଡ଼ିଶାବାସୀ ଓ ଓଡ଼ିଶା ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବା ଆଶା କରାଯାଏ ।

ଦୁର୍ଗାଚରଣ କୁଅଁର

Digitized by PPRACHIN, SOA

ଆମର ଦଦା ନୀଳମଣି ସେନାପତି

ଶ୍ରୀ ନୀଳମଣି ସେନାପତି ୧୮୯୮ ମସିହା ଅପ୍ରେଲ ୧୪ ତାରିଖ (ପଣା ସଂକ୍ରାନ୍ତି) ଦିନ ବାଲିପାଟଣା ଥାନାସ୍ଥିତ ଗାରିଡ଼ିପାଞ୍ଚଣ ଗ୍ରାମରେ ଶ୍ରୀ ଯୋଗେନ୍ଦ୍ର ସେନାପତିଙ୍କର ବଡ଼ପୁଅ ହିସାବରେ ଜନ୍ମଗ୍ରହଣ କରିଥିଲେ । ମୋର ବାପା କୁଳମଣି ସେନାପତି ତାଙ୍କର ସାନଭାଇ । ଯଦିଓ ବ୍ରାହ୍ମଣ ଘରେ ବାପାଙ୍କୁ 'ନନା' ଓ ବଡ଼ବାପାଙ୍କୁ ଦଦେଇ ଡକାଯାଏ, ଆମେ ଭାଇଭଉଣୀ ବାପାଙ୍କୁ 'ବାପା' ଓ ଦଦେଇଙ୍କୁ 'ଦଦା' ଡାକୁଥିଲୁ ।

ଆମର ବାପା ୧୯୪୦ ମସିହାରେ ଭୁବନେଶ୍ୱରରେ ଘରବାଡ଼ି ଓ ଧାନ ଜମିକିଣି ଏକ ଘରକରି ବସବାସ କରିଥିଲେ । ମୋର ଓ ମୋ ତିନି ଭଉଣୀଙ୍କ ଜନ୍ମସ୍ଥାନ ଭୁବନେଶ୍ୱର । ଆମର ଦଦା ୧୯୫୫ ମସିହାରେ ଆମଘରର ଦକ୍ଷିଣ ପାର୍ଶ୍ୱକୁ ଲାଗି ଚାରି ଏକର ପରିମିତ ଜାଗା କିଣିଥିଲେ ଓ ସେଠାରେ ଏକ ରାଜପ୍ରାସାଦ ଭଳି ବିରାଟ ଘର ତିଆରି କରି ୧୯୫୭ ମସିହା ପରଠାରୁ ଆସି ବସବାସ କଲେ । ଏହି ଘରର ଆୟତନ ଥିଲା ପ୍ରାୟ ଚଉଦ ହଜାର ବର୍ଗଫୁଟ୍ । ଏହି ଘରଟି ଦୁଇ ମହଲାବିଶିଷ୍ଟ ଥିଲା ଓ ଏଥିରେ ଛଅଟି ବେଡ୍ ରୁମ୍ ସହିତ ତିରିଶଟି କୋଠରି ଥିଲା । ଏହା ମଧ୍ୟରେ ତିନିଟି ଗ୍ୟାରେଜ୍ ଓ ଭିତର ବାହାର ହୋଇ ଛଅଟି ଶିଡ଼ି ଥିଲା । ବାହାରେ ଗୋଟିଏ ସୁନ୍ଦର ବଗିଚା ଓ ପ୍ରାୟ ଦୁଇ ହଜାର ପାଞ୍ଚ ଶହ ବର୍ଗଫୁଟର ଏକ ବିରାଟ ଲନ୍ ଥିଲା । ତିନିଏକର ଜମିରେ ଏକ ବିରାଟ ବାଉଁଶବାଡ଼ି ଥିଲା । ଦଦା ଆମଘରର ସବୁ ଭଲମନ୍ଦ କାର୍ଯ୍ୟରେ ଜଡ଼ିତ ଥିଲେ ଓ ତାଙ୍କର ପରାମର୍ଶରେ ସବୁକିଛି ହେଉଥିଲା । ମୋର ଓ ସାନ ତିନି ଭଉଣୀଙ୍କର ବାଲ୍ୟଜୀବନରେ ଅନେକ ସମୟ ଦଦାଙ୍କ ଘରେ କଟୁଥିଲା । ସକାଳୁ ଦଦା ଆମ ଚାରି ଭାଇଭଉଣୀଙ୍କ ସହିତ ତାଙ୍କର ବିରାଟକାୟ ଛାତ ଉପରେ କସରତ୍ କରୁଥିଲେ ଓ ତପ୍ରରେ ଆମକୁ କସରତ୍‌ପାଇଁ ଉତ୍ସାହିତ କରିବାଲାଗି କ୍ଷୀର ବିସ୍କୁଟ୍ ଖାଇବାକୁ

Digitized by PPRACHIN, SOA

ଦେଉଥିଲେ । ଅନେକ ସମୟରେ ମୁଁ ତାଙ୍କ ସଙ୍ଗରେ ସକାଳ ଜଳଖିଆ ଖାଉଥିଲି । ୧୯୫୯ ମସିହାରେ ମୁଁ ନବମ ଶ୍ରେଣୀର ଛାତ୍ର ଓ ମୋର ଶିକ୍ଷାଲାଗି ଦଦା ତାଙ୍କର ଅଫିସ୍‌ର ବଡ଼ବାବୁ ନବକିଶୋର ମହାନ୍ତିଙ୍କୁ ମୋତେ ଟିଉସନ୍ କରିବାଲାଗି ନିଯୁକ୍ତି ଦେଇଥିଲେ । ମୁଁ ଓଡ଼ିଆ ସ୍କୁଲର ଛାତ୍ରଥିଲି ଓ ଇଂରେଜୀ ଉଚ୍ଚାରଣରେ ମୋର ବହୁତ ତ୍ରୁଟି ରହୁଥିଲା । ତାହାକୁ ଠିକ୍ କରିବାରେ ଦଦା ଓ ଡଲିନାନୀ (ଦଦାଙ୍କ ବଡ଼ଝିଅ)ଙ୍କ ଅବଦାନ ବହୁତ ଥିଲା ।

ଦଦାଙ୍କ ପିଲାମାନେ ହେଲେ ଡଲିନାନୀ, ଦୁଇପୁଅ ବାବଲା ଓ ବୁଲା ଓ ଭାଣିଜୀଙ୍କୁ ଝିଅ କରିଥିବା ଅରୁଣା ନାନୀ । ଦଦା ବିଧବା ବିବାହ କରିଥିଲେ ଓ ଡଲିନାନୀ ଥିଲେ ଦେଠେଇମା'ଙ୍କର ପ୍ରଥମ ପତିଙ୍କର ଝିଅ । ଦେଠେଇ ୧୯୩୪ ମସିହାରେ ମୃତ୍ୟୁବରଣ କରିଥିଲେ । ତା'ପରଠାରୁ ଡଲିନାନୀ ଦଦାଙ୍କର ଘରଦ୍ୱାର କଥା ସବୁ ବୁଝୁଥିଲେ ଓ ଭାଇଭଉଣୀମାନଙ୍କର ଲାଳନପାଳନପାଇଁ ନିଜେ ବିବାହ କରି ନ ଥିଲେ । ଡଲିନାନୀ ପରବର୍ତ୍ତୀ କାଳରେ ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ପରିଷଦର ପ୍ରଥମ ଅଧ୍ୟକ୍ଷା ହୋଇଥିଲେ । ବଡ଼ପୁଅ ବାବଲା ସେନାପତି ବିମାନବାହିନୀରେ ଯୋଗଦେଇଥିଲେ । ସେ ଜଣେ ଦକ୍ଷ ବିମାନଚାଳକ ରୂପେ ବିମାନ ବାହିନୀରେ ସୁପରିଚିତ ଥିଲେ । ସେ ମଧ୍ୟ ଜଣେ ଉଚ୍ଚକୋଟୀର Handicraft Artist ଓ Painter ହିସାବରେ ସୁବିଦିତ ଥିଲେ । ସେ ୧୯୮୪ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କୁ ଏକ ଚାଉଳରେ ତାଙ୍କର ମୁଖର ପ୍ରତିମୂର୍ତ୍ତି ତିଆରି କରି ଉପହାର ଦେଇଥିଲେ । ସାନପୁଅ ବୁଲା (ମିହିର ସେନାପତି) ଭାରତବର୍ଷରେ ଡାକ୍ତରୀ ଶିକ୍ଷା ଶେଷକରି ୧୯୪୮ଠାରୁ ବିଲାତ ଚାଲିଯାଇଥିଲେ । ସେ FRCS ସମାପ୍ତକରି ଇଂଲଣ୍ଡ, ନାଇଜେରିଆ ଓ ଅଷ୍ଟ୍ରେଲିଆ ପ୍ରଭୃତି ଜାଗାରେ କର୍ମମୟ ଜୀବନ ଯାପନ କରି ପରିଶେଷରେ ୨୦୦୫ ମସିହାରେ ଲଣ୍ଡନଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଦଦା ୧୯୫୭ ମସିହାରେ ସରକାରୀ ଚାକିରିରୁ ଅବସର ନେବାପରେ Orissa Revenue Gazetteers ର ଅବୈତନିକ Chief Editor ହିସାବରେ ତାଙ୍କର ମୃତ୍ୟୁ (୧୯୮୪ ନଭେମ୍ବର-୨୬) ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ । ସେ ୧୯୬୪ ମସିହାରେ ତାଙ୍କର ଚକ୍ଷୁଶକ୍ତି ପ୍ରାୟ ୮୦ଭାଗ ହରାଇଥିଲେ । ଏହା ଏଙ୍କ

Digitized by PPRACHIN, SOA

ସାମାନ୍ୟ ତ୍ରୁଟିଯୋଗୁ ଘଟିଥିଲା । ଦଦାଙ୍କର ସାନପୁଅ ବିଦେଶରେ ଓ ବଡ଼ ପୁଅ ଓଡ଼ିଶା ବାହାରେ ଥିବାରୁ ଆମର ପରିବାର ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରୁଥିଲେ । ନୀଳମଣି ସେନାପତି ୧୯୫୭ ଠାରୁ ୧୯୬୨ ପର୍ଯ୍ୟନ୍ତ ଟାଟା କମ୍ପାନୀର ପରାମର୍ଶଦାତା ଥିଲେ । ମୋର ପିଲାଦିନୁ ବିମାନଚାଳନା ଶିକ୍ଷା ଲାଗି ଇଚ୍ଛାଥିଲା । ୧୯୬୬ ମସିହାରେ ଏକ ବିମାନଚାଳନା ଶିକ୍ଷାବୃତ୍ତି ଲାଗି କଳିଙ୍ଗ ଏୟାରଲାଇନ୍‌ସ୍‌କୁ ଆବେଦନ କରିଥିଲି ଯାହାକୁ ଓଡ଼ିଶା ଫ୍ଲାଇଙ୍ଗ୍ କ୍ଲବ୍ ପରିଚାଳନା କରୁଥିଲା । ସେ ସମୟରେ ନୀଳମଣି ସେନାପତି କ୍ଲବ୍‌ର ସଭାପତି ଓ ବିଜୁ ପଟ୍ଟନାୟକ ଉପସଭାପତି ଥିଲେ । ମୁଁ ବୃତ୍ତିଲାଗି ଆବେଦକ ଥିବାରୁ ନୀଳମଣି ସେନାପତି ଚୟନ କମିଟି ବୈଠକରେ ଯୋଗ ଦେଇ ନ ଥିଲେ ।

ନୀଳମଣି ସେନାପତି I.C.S.Officers' Club (ବର୍ତ୍ତମାନର ଭୁବନେଶ୍ୱର କ୍ଲବ୍)ର ଅନେକଦିନ ଧରି ସଭାପତି ଥିଲେ । ସେ କଟକ ଓ ଭୁବନେଶ୍ୱର ରୋଟାରୀ କ୍ଲବ୍‌ର ସଭାପତି ଥିଲେ । ବହୁ ବିଦେଶୀ ରୋଟାରୀ ସଭ୍ୟ ଆସି ତାଙ୍କ ଘରେ ଆତିଥ୍ୟ ଗ୍ରହଣ କରୁଥିଲେ । ସେ ବାରବାଟୀ ରାଫଲ୍‌ର ଆଜୀବନ ସଦସ୍ୟ ଥିଲେ ।

ନୀଳମଣି ସେନାପତି ତାଙ୍କର ବ୍ରହ୍ମେଶ୍ୱରସ୍ଥିତ ବାସଭବନରେ ହୋଲି ଓ ଦୀପାବଳି ଉତ୍ସବ ବଡ଼ ଜାକଜକମରେ ପାଳନ କରୁଥିଲେ ଓ ସେଥିରେ ଭୁବନେଶ୍ୱରର ପ୍ରାୟ ସମସ୍ତ ଉଚ୍ଚପଦସ୍ଥ ସରକାରୀ ଅଫିସର ଯୋଗ ଦେଉଥିଲେ ।

ଦଦା ପାଠପଢ଼ିବା ସମୟରେ ଶପଥ ନେଇଥିଲେ ଜଣେ ବିଧବା ନାରୀକୁ ବିବାହ କରିବେ ଓ ତାହା ହିଁ କରିଥିଲେ । ଆମର ଦେଓେଇମା ଜଣେ ବିଧବା ଥିଲେ ଓ ତାଙ୍କର ପୂର୍ବ ବିବାହରୁ ଏକ କନ୍ୟା ଥିଲେ ଯିଏକି ଡଲି ସେନାପତି ।

ନୀଳମଣି ସେନାପତି ଓ ମୋର ବାପାଙ୍କର ସ୍କୁଲଶିକ୍ଷା ବାରିପଦାଠାରେ ହୋଇଥିଲା । ସେତେବେଳେ ତାଙ୍କର ଦଦେଇ ପରମାନନ୍ଦ ସେନାପତି ବାରିପଦା ମହାରାଜାଙ୍କ ପାଖରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀରୂପେ କାର୍ଯ୍ୟ କରୁଥିଲେ । ପରମାନନ୍ଦ ସେନାପତିଙ୍କର ଦୁଇପୁଅ ଯଦୁମଣି ଓ ଚିନ୍ତାମଣି ମଧ୍ୟ ବାରିପଦାରେ ସ୍କୁଲଶିକ୍ଷା ଲାଭ କରିଥିଲେ । ଦଦା ୧୯୧୩ ମସିହାରେ ଉଚ୍ଚଶିକ୍ଷା ଲାଗି ବିଲାତ ଯିବାର ଥାଏ । ପାଣିଜାହାଜରେ ଟିକେଟ୍ ହୋଇସାରିଥାଏ । ଦିନେ ପଣ୍ଡିତ ଗୋପବନ୍ଧୁ ଦାଶ ଦଦାଙ୍କୁ ଡକାଇ ପଠାଇ କହିଲେ "କଟକରୁ ଜାନକୀନାଥ ବୋଷଙ୍କ ପୁଅ

Digitized by PPRACHIN, SOA

ସୁଭାଷ ଚନ୍ଦ୍ର ବୋଷ (ପରବର୍ତ୍ତୀ କାଳରେ ବିଖ୍ୟାତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ) ବିଲାତ ଯିବାର ଅଛି ଓ ମୁଁ ଚାହେଁ ତୁମେ ଦୁଇଜଣ ଏକତ୍ର ବିଲାତ ଯାଅ।'' ଦଦାଙ୍କର ଜାହାଜ ଟିକେଟ୍‌କୁ ନେଇ ବଦଳାଇ ଏକତ୍ର ସୁଭାଷଙ୍କ ଯିବା ଜାହାଜରେ ସେ ଟିକେଟ୍ କରାଥିଲେ ଓ ଦୁଇଜଣ ଏକତ୍ର ବିଲାତ ଗଲେ। ଦଦାଙ୍କର ପୂର୍ବ ଟିକେଟ୍ ଥିବା ଜାହାଜଟି ଯାତ୍ରା ସମୟରେ ବୁଡ଼ିଯାଇଥିଲା ଓ ସେଥିରେ ଥିବା ସମସ୍ତ ଯାତ୍ରୀ ମୃତ୍ୟୁବରଣ କରିଥିଲେ।

ଦଦାଙ୍କର ବ୍ରହ୍ମେଶ୍ୱରସ୍ଥିତ ବାସଭବନକୁ ସେ ସୁସ୍ଥଥିବା ସମୟରେ ଅନେକ ପ୍ରଖ୍ୟାତ ରାଜନୈତିକ ବ୍ୟକ୍ତି ଓ ବିଶିଷ୍ଟ I.C.S.Officer ମାନେ ଆସୁଥିଲେ। ଦଦା ଅନେକ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନୈଶ୍ୟଭୋଜିରେ ଆପ୍ୟାୟିତ କରାଉଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଓ୍ୟାଇ.ବି. ସୁକଠନ୍‌କର, ଅଯୋଧ୍ୟାନାଥ ଖୋସଲା, ଶ୍ରୀ ହରେକୃଷ୍ଣ ମହତାବ, ଶ୍ରୀ ବିଜୁ ପଟ୍ଟନାୟକ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଥିଲେ। ଶ୍ରୀ ବିଜୁ ପଟ୍ଟନାୟକ ଦଦାଙ୍କୁ Uncel Senapati ହିସାବରେ ସମ୍ବୋଧନ କରୁଥିଲେ। ତାଙ୍କର ବନ୍ଧୁ ହିସାବରେ I.C.S. ଅଫିସର ଜୀବନ ଧର, I.C.S. ଶ୍ରୀ ଏ.ଏଲ୍.ବ୍ୟାନାର୍ଜୀ (ପୂର୍ବତନ U.P.S.C Chairman) ପ୍ରାୟ ଅନେକଥର ଆସି ତାଙ୍କ ଘରେ ରହିଛନ୍ତି। ପୂର୍ବତନ ଏୟାର ମାର୍ଶାଲ ସୁବ୍ରତ ମୁଖାର୍ଜୀ ମଧ୍ୟ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ। ବହୁ ବିଦେଶୀ ନାଗରିକ ତାଙ୍କର ବାସଭବନକୁ ଆସୁଥିଲେ। ସେମାନଙ୍କ ମଧ୍ୟରେ ନୋବେଲ ପୁରସ୍କାର ବିଜେତା Prof. J. B. S. Haldane ଓ Prof. Meeker ଅନ୍ୟତମ। Prof. Haldane ଦଦାଙ୍କର ବାଉଁଶ ବଗିଚାରେ ଘଣ୍ଟା ଘଣ୍ଟା ଧରିବସି ପକ୍ଷୀମାନଙ୍କର ଗତିବିଧି ନିରୀକ୍ଷଣ କରୁଥିଲେ।

୧୯୮୨ ମସିହାଠାରୁ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ (୧୯୮୪ ନଭେମ୍ବର ୨୬ତାରିଖ) ତାଙ୍କର ବଡ଼ପୁଅ ବାବଲାଭାଇନା ଓ ଝିଅ ଅରୁଣାନାନୀ ତାଙ୍କ ପାଖରେ ଥିଲେ। ୧୯୮୯ରେ ବାବଲା ଭାଇନା ତାଙ୍କର ବ୍ରହ୍ମେଶ୍ୱରସ୍ଥିତ ବାସଭବନରେ ମୃତ୍ୟୁ ବରଣ କରିଥିଲେ ଓ ତା'ପରେ ତାଙ୍କର ସ୍ତ୍ରୀ ଏହିଘର ସହିତ ସମସ୍ତ ଜାଗାକୁ ଏକ ବିଲ୍‌ଡର୍‌କୁ ବିକ୍ରି କରିଦେଇଥିଲେ। ସେ ବିଲ୍‌ଡର୍ ତାଙ୍କର ଏହି Heritage House ଭଳି ବିରାଟ ଘରଟିକୁ ଭାଙ୍ଗି ଦେଇ ସେଠାରେ Duplex

Digitized by PPRACHIN, SOA

ଘର କରିଥିଲେ। ଏହି କାର୍ଯ୍ୟପ୍ରତି ଆମର ସମର୍ଥନ ନ ଥିଲା। ଆମେ ଚାହିଁଥିଲୁ ଓଡ଼ିଶାର ପ୍ରଥମ I.C.S Officer ନୀଳମଣି ସେନାପତିଙ୍କ ନିଜ ବାସଭବନ ଏକ Heritage House ହିସାବରେ ରଖିବା ଉଚିତ୍ ଥିଲା। କିନ୍ତୁ ତାହା ସମ୍ଭବପର ହେଲା ନାହିଁ।

ସେ ଯାହାହେଉ, ଆଜି ଯଦିଓ ଅନେକ ଦିନ ବିତି ଯାଇଛି, ତଥାପି ଓଡ଼ିଶାର ଏହି ବରପୁତ୍ର, ପ୍ରଥମ ଓଡ଼ିଆ I.C.S Officerଙ୍କର ସ୍ମୃତିରକ୍ଷା କରିବା ଲାଗି ଏବେ ବି ସମୟ ଅଛି। ମୋର ମତରେ ତାଙ୍କର ଜନ୍ମସ୍ଥାନ (ଗାରିଡ଼ିପାଞ୍ଚଣ, ବାଲିପାଟଣା) ଏବଂ ତାଙ୍କର ମୃତ୍ୟୁସ୍ଥାନ (ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର)ରେ ତାଙ୍କର ସ୍ମୃତିରକ୍ଷା ଲାଗି ଦୁଇଟି ବ୍ରୋଞ୍ଜ ପ୍ରତିମା ପ୍ରତିଷ୍ଠା କରାଯାଉ ଓ ରବିଟକିଜ୍‌ଠାରୁ ବ୍ରହ୍ମେଶ୍ୱରପାଟଣା ପର୍ଯ୍ୟନ୍ତ ଟଙ୍କପାଣି ରୋଡ୍‌କୁ ନୀଳମଣି ସେନାପତି ମାର୍ଗରେ ନାମିତ କରାଯାଉ। ଏତଦ୍‌ବ୍ୟତୀତ ''ନୀଳମଣି ସେନାପତି ସ୍ମୃତି ସଂସଦ'' ଗଠନ କରାଯାଇ ପ୍ରତିବର୍ଷ ତାଙ୍କର ଜନ୍ମ ଓ ମୃତ୍ୟୁ ଦିବସ ପାଳନ କରାଗଲେ ଏହି ବିଶିଷ୍ଟବ୍ୟକ୍ତିଙ୍କପାଇଁ ଉଚିତ୍ ଶ୍ରଦ୍ଧା ପ୍ରଦର୍ଶନ କରାଯାଇପାରିବ।

ଆଉରି ଅନେକ ସ୍ମୃତି ଓ ପୁରୁଣା କଥା ମୋର ମନେ ପଡୁଛି। କିନ୍ତୁ ସବୁ ଏଠାରେ ପ୍ରକାଶ କରିବା ସମ୍ଭବ ନୁହେଁ। ତାଙ୍କ ବିଷୟରେ ଏହି ପୁସ୍ତକଟିକୁ ପ୍ରକାଶ କରିବାରେ ବନ୍ଧୁ ଉମେଶ ପ୍ରସାଦ ବହୁ ଚେଷ୍ଟା କରିଥିବାଯୋଗୁ ତାଙ୍କୁ ଧନ୍ୟବାଦ ନ ଦେଇ ରହିପାରୁ ନାହିଁ।

ଆଜି ଦଦାଙ୍କ ବିଷୟରେ ଲେଖିଲାବେଳକୁ ମନ ଭାବବିହ୍ୱଳ ହୋଇପଡୁଛି। ଯାହାହେଉ ପରବର୍ତ୍ତୀ ସମୟରେ ଯଦି ଆଉ କିଛି ପ୍ରକାଶପାଏ ତେବେ ମୁଁ ଯଥାସାଧ ଲେଖିବାକୁ ଚେଷ୍ଟା କରିବି। ଯଦି ଲେଖିବାରେ କୌଣସି ଭୁଲ୍‌ଥାଏ ତେବେ କ୍ଷମା ପ୍ରାର୍ଥନା କରୁଛି।

ଇତି

ବ୍ରହ୍ମେଶ୍ୱର ପାଟଣା
ଭୁବନେଶ୍ୱର-୭୫୧୦୧୮

ବସନ୍ତ କୁମାର ସେନାପତି

Digitized by PPRACHIN, SOA

ସୂଚୀ

୦୧ ।	ଆଇ.ସି.ଏସ. ଜୀବନ	୦୧
୦୨ ।	ବକ୍‌ସାର (୧୯୨୩-୧୯୨୨)	୦୯
୦୩ ।	ମୋର ବିବାହ	୨୪
୦୪ ।	କଟକ(ଓଡ଼ିଶା ବନ୍ଦୋବସ୍ତ)	୩୧
୦୫ ।	ଓଡ଼ିଶା ବନ୍ଦୋବସ୍ତ	୩୬
୦୬ ।	ଓଡ଼ିଶା ବନ୍ଦୋବସ୍ତ(କଟକ ଓ ଉପକୂଳବର୍ତ୍ତୀ ଓଡ଼ିଶାର ଅବସ୍ଥା)	୪୨
୦୭ ।	କଟକର କଲେକ୍ଟର(ଜୁଲାଇ ୧୯୨୮-ମାର୍ଚ୍ଚ ୧୯୨୯)	୫୧
୦୮ ।	କଟକ କଲେକ୍ଟର-ଦେଓ୍ୱାନ ବାହାଦୁର ସୁକିନ୍ଦା-ପଟିଆ	୫୮
୦୯ ।	ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ୍	୬୫
୧୦ ।	ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍	୬୯
୧୧ ।	ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍ (କୃପାସିନ୍ଧୁ, କୋଣାର୍କ, ଦୁର୍ନୀତି, ବନବିଦ୍ୟାଳୟ)	୭୫
୧୨ ।	ଉପକୂଳ ଜିଲ୍ଲାମାନଙ୍କରେ ଜୀବନଯାତ୍ରା	୮୪
୧୩ ।	ଓଡନେଲ କମିଟି	୮୮
୧୪ ।	ସମ୍ବଲପୁର	୯୭
୧୫ ।	ସମ୍ବଲପୁରେ (କେତୋଟି ସ୍ମରଣୀୟ ଘଟଣା)	୧୦୫
୧୬ ।	ବନସ୍ତରେ ଏକାକୀ ଦିନେ	୧୧୭
୧୭ ।	ମୁଙ୍ଗେର-ଭାଗଲପୁର	୧୨୪
୧୮ ।	ବିହାର ଭୂମିକମ୍ପ	୧୨୮

Digitized by PPRACHIN, SOA

ମୋ କାହାଣୀ

Digitized by PPRACHIN, SOA

ଆଇ. ସି. ଏସ୍. ଜୀବନ-୧୯୨୨

ମୁଁ ଯାହା କହିବି, ସତ କହିବି, କେବଳ ସତ କହିବି, କିନ୍ତୁ ପୂରା ସତ କହିବି ନାହିଁ ।

ଇଂଲଣ୍ଡରୁ ଫେରି ୧୯୨୨ ମସିହା ଜାନୁଆରୀ ୪ ତାରିଖ ଦିନ ମୁଁ ବମ୍ବେରେ ପହଞ୍ଚିଲି । ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶ ଓ ବର୍ତ୍ତମାନ ବିହାର ରାଜ୍ୟର ସାହାବାଦ ଜିଲାରେ ସହକାରୀ ମାଜିଷ୍ଟ୍ରେଟ୍ ଓ ସହକାରୀ କଲେକ୍ଟର୍‌ଭାବରେ ଯୋଗ ଦେବା ପୂର୍ବରୁ ମୋତେ ୧୨ ଦିନ ସମୟ ମିଳିଥିଲା ।

ଏହି ସମୟ ମଧ୍ୟରେ ମୁଁ ମୋର ଗ୍ରାମ ଗାରଡ଼ିପଞ୍ଚାଣକୁ ମୋର ପରିବାର-ବର୍ଗଙ୍କୁ ଦେଖିବାକୁ ଗଲି । ପିଲାଦିନର ବନ୍ଧୁମାନଙ୍କ ସହିତ ବହୁକାଳ ପରେ ସାକ୍ଷାତ୍ ହେବାର ଆନନ୍ଦ ବର୍ଣ୍ଣନା କରିହେବ ନାହିଁ । ମୋର ଭଉଣୀ, ଖୁଡ଼ୀ ଓ ସମ୍ପର୍କୀୟ ଭାଇଭଉଣୀମାନେ ପାଞ୍ଚବର୍ଷ ପରେ ମୁଁ ଫେରୁଛି ବୋଲି ଖବର ପାଇ ଆମ ଗ୍ରାମକୁ ଆସିଥିଲେ ।

ଭାରତ ଆବିଷ୍କାର

ଜାନୁଆରୀ ୧୬ ତାରିଖ ଦିନ ମୋର ଆରାରେ କାର୍ଯ୍ୟରେ ଯୋଗ ଦେବାର କଥା । ସେ ସମୟରେ ଯେଉଁଆଡ଼େ ଗଲେ ବି କଲିକତା ବାଟଦେଇ ଯିବାକୁ ହେବ । ପୂର୍ବ ଭାରତରେ କଲିକତାକୁ ନ ଯାଇ କୁଆଡ଼େ ଯାଇହେବ ନାହିଁ । ବମ୍ବେରୁ ମୁଁ ପ୍ରଥମେ କଲିକତା ଗଲି । ସେଠାରେ ଟେଲିଗ୍ରାଫ୍ ଅଫିସଠାରେ ମୁଁ ଭାରତବର୍ଷକୁ ଆବିଷ୍କାର କଲି । ଅଫିସ କାଉଣ୍ଟର୍ ପାଖରେ ଦଳେ ଧୋତିପିନ୍ଧା ବଙ୍ଗାଳି ଅପେକ୍ଷା କରିଥାଆନ୍ତି । ସେମାନଙ୍କ ସଙ୍ଗରେ ମୁଁ ଓ ମୋର ବନ୍ଧୁ ଥାଉ । ଆମେ ଦୁଇ ଜଣ ଟ୍ରାଉଜର୍ ପିନ୍ଧିଥିଲୁ; କିନ୍ତୁ ଆମ ମୁଣ୍ଡରେ କୌଣସି ଟୋପି ନ ଥିଲା । ହଠାତ୍ ଜଣେ ସାହେବଟୋପି ପିନ୍ଧା କୃଷ୍ଣକାୟ ବ୍ୟକ୍ତି ସେଠାରେ ଆସି ପହଞ୍ଚିଗଲେ । ସେ ସମସ୍ତଙ୍କୁ ଠେଲିପେଲି ଯିବାପାଇଁ ବ୍ୟସ୍ତ । ଲୋକେ ମଧ୍ୟ ସଙ୍ଗେସଙ୍ଗେ ବାଟ ଛାଡ଼ିଦେଲେ । କାଉଣ୍ଟର୍ ପାଖରେ ବସିଥିବା କିରାନୀ ଜଣକ ତାଙ୍କର ସମସ୍ତ କାମ ଛାଡ଼ି ଏ ବ୍ୟକ୍ତିଙ୍କର କାମ କରିବାପାଇଁ ବ୍ୟାକୁଳ । ମୁଁ ସେ ବଙ୍ଗାଳିମାନଙ୍କମଧ୍ୟରୁ କେତେଜଣଙ୍କୁ ପଚାରିଲି, 'ସେ କିଏ ?' "ସେ ଜଣେ ସାହେବ ।" ମୁଁ କହିଲି, 'ସାହେବ ଅର୍ଥ ?' ଉତ୍ତର ମିଳିଲା, 'ସେ ମୁଣ୍ଡରେ ସାହେବଟୋପି ପିନ୍ଧିଛନ୍ତି ।' ଅତଏବ

Digitized by PPRACHIN, SOA

ସାହେବଟୋପି ହେଉଛି ଭାରତରେ ଉଚ୍ଚ ପଦ ଓ ଅଧିକାରର ପ୍ରତୀକ । ଟୋପି ଦେଖିଲେ ସମସ୍ତଙ୍କୁ ବାଟ ଛାଡ଼ିଦେବାକୁ ହେବ । ସେହିଦିନଠାରୁ ମୁଁ ଟୋପିକୁ ଘୃଣା କରିବାକୁ ଲାଗିଲି, ଯଦିଓ ସୂର୍ଯ୍ୟକିରଣରୁ ରକ୍ଷାପାଇବାପାଇଁ ମୋତେ ବହୁ ସମୟରେ ଟୋପି ବ୍ୟବହାର କରିବାକୁ ହୋଇଛି । ଏବେ ଆମେରିକାନ୍‌ମାନେ କହିଲେଣି ଯେ ସୂର୍ଯ୍ୟକିରଣରୁ ମୁଣ୍ଡକୁ ରକ୍ଷା କରିବା ଦରକାର ନାହିଁ । ଭାରତୀୟ ଜନତା କିପରି ଟୋପିକୁ ଘୃଣା କରୁଥିଲା, ୧୯୩୮ ମସିହାରେ ମୋତେ ତା’ର ପ୍ରମାଣ ମିଳିଲା । ସେତେବେଳର ଧ୍ୱନି ହେଲା, “ଟୋପିବାଲେ ମୁର୍ଦାବାଦ୍ ।”

କଟକ ଟାଉନ୍‌ହଲ୍‌ଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା । କଟକର ସବୁ ଗଣ୍ୟମାନ୍ୟବ୍ୟକ୍ତି ମୋତେ ସ୍ୱାଗତ ଜଣାଇବାପାଇଁ ଉପସ୍ଥିତ ଥିଲେ । ଜଣେ ବକ୍ତା ମୋ ଉଦ୍ଦେଶ୍ୟରେ ଏକ ସଂସ୍କୃତ ଶ୍ଳୋକ ଉଦ୍ଧାର କରିଥିଲେ । ତାହା ହେଉଛି—

“ଯୌବନଂ ଧନସମ୍ପତ୍ତି ପ୍ରଭୁତ୍ୱମବିବେକତା
ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ୍ ॥”

ଆଜି ମୋର ଯୌବନ ନାହିଁ, ଧନସମ୍ପତ୍ତି ନାହିଁ କି ପ୍ରଭୁତ୍ୱ ନାହିଁ । ତଥାପି ମୁଁ ଏ ପର୍ଯ୍ୟନ୍ତ ତାହା ମନେରଖିଛି ।

ବେହେଲାବାଦକ କାଶୀନାଥ

ଆଗ୍ରାରେ କାର୍ଯ୍ୟରେ ଯୋଗଦେବାପାଇଁ ମୁଁ ଗାଜିପୁର ଛାଡ଼ିବାବେଳେ ମୋ ବାପା କାଶୀନାଥ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ମୋର ପରିଚାରକରୂପେ ପଠାଇଲେ । ସେ ପ୍ରଥମେ ଗୋଟିପୁଅ ଥିଲେ । ତା’ପରେ ବେହେଲା ବଜାଇଲେ । ଶେଷରେ ଗୋଟିପୁଅ ଦଳରେ ଯାଇ ବେହେଲା ଗୁରୁ ହେଲେ । କାଶୀନାଥ ମୋ ସହିତ ଆଗ୍ରା ଯାଇ ସେଠାରେ ମୋ ଗୃହରକ୍ଷକ, ପୂଜାରୀ, ଭୃତ୍ୟ ଓ ବେହେଲାବାଦକ ହୋଇ ରହିଲେ । ସେ ମୋତେ ବେହେଲା ଶିକ୍ଷା ଦେବାପାଇଁ ଚେଷ୍ଟା କରିଥିଲେ; କିନ୍ତୁ ଶେଷକୁ ବୁଝିଗଲେ ଯେ ମୋଦ୍ୱାରା ଏହା ହୋଇପାରିବ ନାହିଁ । ମୁଁ ବିଶେଷ କିଛି ସଙ୍ଗୀତ ବୁଝିପାରୁ ନ ଥିଲି; କିନ୍ତୁ ଯେବେ ସଙ୍ଗୀତ ଶୁଣିବାପାଇଁ ଇଚ୍ଛା ହେଉଥିଲା, କାଶୀକୁ ବେହେଲା ବଜେଇବାପାଇଁ କହୁଥିଲି । ତା’ର ସମସ୍ତ ଗୁଣସତ୍ତ୍ୱେ କାଶୀନାଥ ବେଶିଦିନ ରହିପାରି ନ ଥିଲେ । ଯେତେବେଳେ ମୋ ସ୍ତ୍ରୀ ଆସିଲେ ଓ ଘରର ସବୁ ଦାୟିତ୍ୱ ହାତକୁ ନେଲେ, ସେତେବେଳେ କାଶୀକୁ ମୋ ଘର ଛାଡ଼ି ଚାଲିଯିବାକୁ ହେଲା । ଅବଶ୍ୟ ବେହେଲା-ଶିକ୍ଷକରୂପେ କାଶୀନାଥ ରହିଥିଲେ ସେ ନିଶ୍ଚୟ ଖୁସି ହୋଇଥାନ୍ତେ ।

Digitized by PPRACHIN, SOA

ସରକାରଙ୍କପାଇଁ ଦିନଟା ମଧ୍ୟ ରାତ୍ରିରୁ ଆରମ୍ଭ ନ ହୋଇ ଦିନ ବାରଟାରୁ ଆରମ୍ଭ ହୁଏ ବୋଲି ମୁଁ ଜାଣି ନ ଥିଲି । ୧୬ ତାରିଖରେ ମୋର ୧୨ ଦିନ ସମୟ ପୂରିଗଲା । ୧୭ ତାରିଖରେ ମୋର କାର୍ଯ୍ୟରେ ଯୋଗ ଦେବାର କଥା । ମୁଁ ଯେଉଁ ଗାଡ଼ିରେ ଆସୁଥିଲି ୧୭ ତାରିଖଦିନ ୧୨ଟା ପରେ ତାହା ଆସି ଆରା ଷ୍ଟେସନରେ ପହଞ୍ଚିଲା । କଲେକ୍ଟର୍ ମୋତେ କହିଲେ ମୋର ଯୋଗଦେବା ସମୟ ଗଡ଼ିଗଲାଣି; କିନ୍ତୁ ଦିନ ୧୨ଟା ପୂର୍ବରୁ ଜିଲାଭିତରେ ଗାଡ଼ି ପହଞ୍ଚି ଯାଇଥିବାରୁ ମୁଁ ରିପୋର୍ଟ ଦେଇପାରେ ଯେ ପୂର୍ବାହ୍ଣରେ ମୁଁ କାର୍ଯ୍ୟରେ ଯୋଗଦେଇଛି ।

ପହଞ୍ଚିବା ସଙ୍ଗେସଙ୍ଗେ କେତେ ଜଣ ଡେପୁଟି କଲେକ୍ଟର, କିରାଣି ଓ ପିଅନ୍‌ଙ୍କୁ ମୋର ସାକ୍ଷାତ୍‌ପାଇଁ ଅପେକ୍ଷା କରିଥିବାର ଦେଖିଲି । ସେମାନେ ମୋତେ 'ଇଓର୍ ଅନର୍' (your honour) ବୋଲି ସମ୍ବୋଧନ କରିବାରୁ ମୋତେ ତାହା ସୁଖ ଲାଗିଲା ନାହିଁ । ଏଣିକି ଏପରି ସମ୍ବୋଧନ ନ କରିବାକୁ ମୁଁ ସେମାନଙ୍କୁ କହିଲି । ସଙ୍ଗେସଙ୍ଗେ ଏହା କଲେକ୍ଟର୍‌ଙ୍କ କାନକୁ ଚାଲିଗଲା ।

ଆରାର ବାତାବରଣ ଜର୍ମାନୀର ନାଜିଶାସନପରି ଥିଲା । ତୁମେ ଯାହା କରୁଥିଲ କି କହୁଥିଲ, ତାହା ରିପୋର୍ଟ ହେଉଥିଲା । କଲେକ୍ଟର୍‌ଙ୍କୁ କେନ୍ଦ୍ର କରି ସାହାବାଦର ସଂସାର ଚାଲୁଥିଲା । ଆରାର ପ୍ରଥମ ଭାରତୀୟ ଆଇ. ସି. ଏସ୍. ଅଫିସର୍ ଥିଲେ ସମସ୍ତଙ୍କପାଇଁ ଏକ ଦର୍ଶନୀୟ ବସ୍ତୁ ।

ମାଜିଷ୍ଟ୍ରେଟ୍‌ଙ୍କ ପାନଖିଆ

ମୁଁ ପ୍ରଥମେ ଜଣେ କରାଣୀଭାବରେ କାମ ଆରମ୍ଭ କଲି । ସରକାରୀ ରାଜସ୍ୱ-ଆଦାୟର ରେକର୍ଡ ମୁଁ ପ୍ରସ୍ତୁତ କରୁଥିଲି ଏବଂ ଆଦାୟପାଇଁ ସମସ୍ତ ବ୍ୟବସ୍ଥା କରୁଥିଲି । ଏଥି ସଙ୍ଗେସଙ୍ଗେ ବିଭାଗୀୟ ପରୀକ୍ଷାପାଇଁ ସବୁ ଫୌଜଦାରୀ ମୋକଦ୍ଦମାର ରେକର୍ଡ ମଧ୍ୟ ମୋତେ ପ୍ରସ୍ତୁତ କରିବାକୁ ହେଉଥିଲା ଓ ସେଥିପାଇଁ ଜଣେ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କ ପାଖରେ ମୁଁ ବସୁଥିଲି । ମାଜିଷ୍ଟ୍ରେଟ ଜଣକ ସବୁବେଳେ ପାନ ଚୋବାଇବାରେ ଲାଗିଥିଲେ ଓ ଇଜଲାସରେ ତାଙ୍କ ଚୌକିପାଖରେ ଥୁଆ ହୋଇଥିବା ପିକଦାନୀରେ ପାନପିକ ପକାଉଥିଲେ । କେତେଜଣ ମୁକ୍ତାର ଛିଣ୍ଡା କଳାକନା (ପୂର୍ବେ ହୁଏତ ତାହା ଏକ ମୁକ୍ତାରୀ ପୋଷାକ ଥିଲା) ପିନ୍ଧି ତାଙ୍କ କୋଠରୀକୁ ଆସୁଥିଲେ । ଜଣେ ମୁକ୍ତାର ତାଙ୍କ ପୋଷାକକୁ କେବେହେଲେ ଧୋଉ ନ ଥିଲେ, ଯାହା ଫଳରେ କି ସେଥିରୁ ଭର ଦୁର୍ଗନ୍ଧ ବାହାରୁଥିଲା ଏବଂ ଟଣାବାଲା ପଙ୍ଖାଯୋଗେ ସେ ଦୁର୍ଗନ୍ଧ ମାଜିଷ୍ଟ୍ରେଟଙ୍କ ଆସନ ଆଡ଼କୁ ଚାଲିଯାଉଥିଲା । ସେଥିପାଇଁ ବୋଧହୁଏ ମାଜିଷ୍ଟ୍ରେଟ ବହୁତ ପାନ ଚୋବାଉଥିଲେ ଓ ଅତର ଲଗାଇ ଆସୁଥିଲେ ।

Digitized by PPRACHIN, SOA

ରବିବାରମାନଙ୍କରେ ମୁଁ ସାଇକଲମାର ଚୌକିଦାରୀ ଟିକସ ଉପରେ ଧାର୍ଯ୍ୟ ହେଉଛି, ତାହା ତଦନ୍ତ କରିବାପାଇଁ ଯାଉଥିଲି । ଥରେ ଦେଖିଲି ଯେ ଗୋଟିଏ ଦୋମହଲା କୋଠାର ଟିକସ ୧୧ ଟଙ୍କା ଓ ତାକୁ ଲଗି ଏକ ଗୁଳଘରର ଟିକସ ୧୬ ଟଙ୍କା ହୋଇଛି । କୈଫିୟତ ମିଳିଲା, ଗୁଳଘରବାଲା ଜଣେ କୃପଣ ବ୍ୟକ୍ତି । ଘର ଭିତରେ ସେ ବହୁତ ଟଙ୍କା, ସୁନା ପୋତି ରଖିଛି ଓ ରାତିହେଲେ ତା' ଉପରେ ଶୋଉଛି । ପୋତାଧନକୁ ଜଗିବାପାଇଁ ଚୌକିଦାରକୁ ବେଶି ପରିଶ୍ରମ କରିବାକୁ ପଡ଼ୁଛି । କୋଠାଘରର ସେ ସମସ୍ୟା ନାହିଁ ।

ଆଗ୍ରାରେ ଥିବା ଘୋଡ଼ସବାର ପୋଲିସ ଦଳ ପୋଲୋ ଖେଳପାଇଁ ବେଶ୍ ସୁଯୋଗ ଦେଉଥିଲେ ଓ ମୁଁ କେତେଥର ଖେଳିବାର ସୁଯୋଗ ପାଇଥିଲି । ଏ ଖେଳରେ ମୋର ଠିକ୍ ମନ ଲାଗିଲାବେଳକୁ ମୁଁ ଆଗ୍ରାରୁ ବଦଳି ହୋଇଗଲି । ସନ୍ଧ୍ୟା ପୂର୍ବରୁ ଟେନିସ୍ ଓ ପରେ ବ୍ରିଜ୍ କିମ୍ବା ବିଲିୟାର୍ଡ଼ ଖେଳିବା ଆଉ କ୍ଲବରେ ସଭ୍ୟ ଥିବାବେଳେ ମୋର ଏକ ଦୈନନ୍ଦିନ ଅଭ୍ୟାସ ଥିଲା । ବର୍ଷାକାଳରେ ସ୍କୁଲ୍ ପିଲାଙ୍କ ସାଙ୍ଗରେ ମୁଁ ଫୁଟବଲ୍ ଖେଳୁଥିଲି ।

ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଭାବରେ ପୋଲିସ୍ ଆଇନ ଅନୁଯାୟୀ ମୁଁ ପ୍ରଥମେ ଏକ ଫୌଜଦାରୀ ମକଦ୍ଦମାର ବିଚାର କରିଥିଲି । ଜଣେ ସ୍ଥାନୀୟ ରାଜନୈତିକ ନେତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା ଯେ ସେ ଏକ ସର୍ବସାଧାରଣ ସ୍ଥାନରେ ସଭା କରିଛନ୍ତି । ସର୍ବସାଧାରଣ ସ୍ଥାନର ପ୍ରମାଣ ଅଭାବରୁ ମୁଁ ତାଙ୍କୁ ଖଲାସ କରିଦେଲି । ଜିଲା ମାଜିଷ୍ଟ୍ରେଟ୍ ସେହିଦିନ ସବୁ କାଗଜପତ୍ର ମଗାଇ ପଠାଇଲେ; କିନ୍ତୁ କିଛି କହିଲେ ନାହିଁ । ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ୍ ମୋତେ କହିଲେ, ଆପଣ ଜଣେ ଖଲାସ କରିବା (acquitting) ମାଜିଷ୍ଟ୍ରେଟ୍ । ପୋଲିସ୍ ଓ ଆଇନଜ୍ଞମାନଙ୍କ ମତରେ ମାଜିଷ୍ଟ୍ରେଟମାନଙ୍କର ଦୁଇଟିରୁ ଗୋଟିଏ ବ୍ୟାଧି ଥିବା ଉଚିତ—'ଖଲାସ କରିବା' କିମ୍ବା 'ଦଣ୍ଡ ଦେବା' (convicting)

ମୋର ଆଗ୍ରାରେ ଥିବା ସମୟରେ ୩୦ ବର୍ଷ ପରେ ଭାରତର ରାଷ୍ଟ୍ରପତି ହୋଇଥିବା ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ସମ୍ପର୍କରେ ଏକ ରାଜନୈତିକ ମକଦ୍ଦମାରେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ୍‌କୁ ଟଣା ହୋଇ ଆସିବାକୁ ପଡ଼ିଥିଲା । ରାଜେନ୍ଦ୍ର ପ୍ରସାଦଙ୍କୁ ଡକ୍‌ରେ ଠିଆ ହୋଇ ରହିବାକୁ ପଡ଼ିଥିଲା, ମାତ୍ର ତାହା ଅଧଘଣ୍ଟାରୁ ବେଶି ନୁହେଁ । ବିହାରର ଖବରକାଗଜମାନେ ଏଥିପାଇଁ ଜିଲା ମାଜିଷ୍ଟ୍ରେଟଙ୍କୁ ତୀବ୍ର ଆକ୍ରମଣ କରିଥିଲେ । ମୁଁ ପାଟନାର 'ସର୍ଚ୍ଚ ଲାଇଟ୍' ସମ୍ପାଦକଙ୍କୁ ଏକ ପତ୍ରରେ ଲେଖିଲି, ଆଇନର ଆଖିରେ ସମସ୍ତେ

Digitized by PPRACHIN, SOA

ସମାନ । ଗ୍ରଜେନ୍ଦ୍ର ବାବୁ ନିଜେ ଜଣେ ସ୍ୱନାମଧନ୍ୟ ଆଇନଜ୍ଞ । ତାଙ୍କପ୍ରତି କୋର୍ଟର ସ୍ୱତନ୍ତ୍ର ଦୃଷ୍ଟିର ବା ସୁବିଧା ଦାନକୁ ସେ କେବେହେଲେ ପସନ୍ଦ କରି ନ ଥାନ୍ତେ । ସମ୍ପାଦକ ଏ ଚିଠି ଉପରେ ତାଙ୍କର ମନ୍ତବ୍ୟ ଦେଇ ଲେଖିଥିଲେ ଯେ ମୁଁ ଅଭିସନ୍ଧି ରଖି ଏହିପରି ଲେଖିଛି ।

ଲାଲ ଫିତା

ଜିଲା ଅଫିସରେ ତିନିବର୍ଷ ଧରି ଘୂରୁଥିବା ଗୋଟିଏ ଫାଇଲ କଲେକ୍ଟର ମୋ ପାଖକୁ ପଠାଇ ଦେଇଥିଲେ । ପ୍ରଥମ ମହାଯୁଦ୍ଧ (୧୯୧୪-୧୮) ସମୟରେ ଲୁଗା କିଣି ବିକ୍ରି କରିବାପାଇଁ ଜିଲାବୋର୍ଡମାନଙ୍କୁ ସରକାର ଟଙ୍କା ମଞ୍ଜୁର କରିଥିଲେ । ନିଜେ କଲେକ୍ଟର୍ ଥିଲେ ସାହାବାଦ ଜିଲ୍-ବୋର୍ଡର ଚେୟାରମ୍ୟାନ୍ । ଏ ଜିଲା ବୋର୍ଡ ୬୦ ହଜାର ଟଙ୍କାର ହିସାବ ଦେଇପାରିଲେ ନାହିଁ । କେହି ଜଣେ ହେଲେ ସବୁ ଭାଉଚରକୁ ଏକାଠି କରି ମିଶାଇବାର ଉଦ୍ୟମ କରି ନ ଥିଲେ । ମୁଁ ୭ ଦିନ ମଧ୍ୟରେ ତାହା କରିଦେଲି । ଦେଖାଗଲା ଯେ ୬୦ ହଜାର ଟଙ୍କା ଲୁଗା କିଣା ଯାଇଥିବାର ହିସାବ ମିଳୁ ନ ଥିଲେ ମଧ୍ୟ ଏହାଠାରୁ ବହୁତ ବେଶି ଟଙ୍କାର ଲୁଗା ବିକ୍ରି ହୋଇଥିବାର ହିସାବ ମିଳୁଛି । ଲୁଗା କିଣାର କେତେକ ରସିଦ ନଷ୍ଟସ୍ଥ ହୋଇଯାଇଛି ।

ଇଂଲଣ୍ଡ ଅଫିସର ଦାୟିତ୍ୱରେ ମୁଁ କିଛିଦିନ ରହିଥିଲି । ଇଂଲଣ୍ଡ ଅଫିସ୍ ହେଉଛି କଲେକ୍ଟରେଟରେ ଇଂରାଜୀରେ ଦିଆ ନିଆ ହେଉଥିବା ଚିଠିପତ୍ର ବିଭାଗ । ଦକ୍ଷିଣ ଆଫ୍ରିକାରେ ଯେଉଁସବୁ ଭାରତୀୟଙ୍କୁ ଶ୍ରମିକରୂପେ ନିଆଯାଇଥିଲା, ସେ ସମ୍ପର୍କୀୟ ଏକ ଫାଇଲରେ ମତାମତ ଦେବାପାଇଁ ଆସିଲା । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିବାବେଳେ ମୁଁ ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ସମସ୍ୟା ସମ୍ପର୍କରେ ଅଧ୍ୟୟନ କରିଥିଲି ଓ ଶ୍ରୀ ପୋଲକଙ୍କ ସମ୍ପର୍କରେ ଆସିଥିଲି । ଫାଇଲ୍‌ରେ ମୋର ମନ୍ତବ୍ୟ କଲେକ୍ଟରଙ୍କ ମନକୁ ପାଇଲା ନାହିଁ । ସେ ମୋତେ ଡାକି କହିଲେ, "ତୁମର ଏକ ବ୍ରିଟିଶ ବିରୋଧୀ ମନୋଭାବ ଦେଖାଗଲାଣି ।" ମୁଁ କହିଥିଲି, "ଦକ୍ଷିଣ ଆଫ୍ରିକା ବିଷୟରେ ମୁଁ ନିଶ୍ଚୟ ବ୍ରିଟିଶ ବିରୋଧୀ ।"

ଗନ୍ଧକ

୧୯୨୨ ମସିହା ଜୁନ୍ ମାସରେ କଲେକ୍ଟର ଛୁଟି ନେବାରୁ ଏସ୍. ଡି. ଓ. ଅସ୍ଥାୟୀ କଲେକ୍ଟର୍ ହେଲେ । ମୁଁ ତାଙ୍କ ସହିତ ରୋହଟାସ୍ ଗଡ଼ରେ ଯାଇଥିବାବେଳେ ଦିନେ ଭୋରରୁ ବନ୍ଧୁକ ଧରି ଜଙ୍ଗଲୀ କୁକୁଡ଼ା ମାରିବାପାଇଁ ବାହାରିଗଲି । ଜଙ୍ଗଲ ଭିତରେ ଯିବାବେଳେ ଦେଖିଲି କ'ଣ ଧଳା ଗୁଣ୍ଡ ସବୁ ଭୂଇଁରେ ସ୍ତରଆଡ଼େ ବିସ୍ତୃତ

Digitized by PPRACHIN, SOA

ହୋଇ ପଡ଼ିଛି । ମୁଁ ସେଥିରୁ କିଛି ସଂଗ୍ରହ କରି ଆସିଲି । ଅସ୍ଥାୟୀ କଲେକ୍ଟର୍ ଓ ସମ୍ବଲପୁରର ଏସ୍. ଡ଼ି. ଓ (ରେଢ଼ାଖୋଲ୍ ସମ୍ବଲପୁର ସବ୍‌ଡିଭିଜନର ଅନ୍ତର୍ଭୁକ୍ତ) ଏ ଗୁଣ୍ଡ କ'ଣ କିଛି କହିପାରିଲେ ନାହିଁ ଓ ଏଥିରେ ଆଗ୍ରହ ମଧ୍ୟ ପ୍ରକାଶ କଲେ ନାହିଁ । ଆଗରେ ଏକ ବୃହତ୍ ଯନ୍ତ୍ର କାଚ (magnifying glass) ସାହାଯ୍ୟରେ ଏହି ଗୁଣ୍ଡଉପରେ ସୂର୍ଯ୍ୟକିରଣ ପକାଇ ମୁଁ ଦେଖିଲି ଯେ ଗନ୍ଧକ ଧୂଆଁ ବାହାରୁଛି । ମୁଁ ପାଟିକରି ଉଠିଲି "ୟୁରେକା, ୟୁରେକା" । ମୁଁ ଭାରତରେ ମିଳୁ ନ ଥିବା ଗନ୍ଧକର ଆବିଷ୍କାର କରି ପାରିଛି । ମୁଁ ଭାରତୀୟ ଭୂତତ୍ତ୍ୱ-ସମୀକ୍ଷା ବିଭାଗର ବହୁ ବିବରଣୀ ପାଠ କଲି ଓ ମୋର ଗବେଷଣା ତାଏଙ୍କୁ ଲେଖିଲି । ମୁଁ କଲେକ୍ଟରଙ୍କୁ ଏ ପାଉଡର ଦେଲି । ସେ ତାଙ୍କ ସହିତ ରହିଥିବା ବାଡ଼୍ ଏଣ୍ଡ କମ୍ପାନିର ଜଣେ ଅଫିସରଙ୍କୁ ତାହା ଦେଇଥିଲେ । ସେ ସମ୍ପର୍କରେ ମୁଁ ଆଉ କିଛି ଶୁଣିବାକୁ ପାଇଲି ନାହିଁ । ମୁଁ ବର୍ତ୍ତମାନ ଶୁଣିବାକୁ ପାଉଛି ଯେ ସରକାର ସେହି ଅଞ୍ଚଳରେ ଗନ୍ଧକର ଅନୁସନ୍ଧାନ କରୁଛନ୍ତି ।

ମୁଁ ଆଗରେ ଗୋଟିଏ ବର୍ଷ କଟାଇଲି । ଏହି ବର୍ଷ ମଧ୍ୟରେ ଆଗ କ୍ଲବ୍‌ରେ ଏକ ସଙ୍କଟ ଦେଖାଦେଲା । ଆଗରେ ଥିବା ଭାରତୀୟ ସୁପରିନ୍‌ଟେଣ୍ଡେଣ୍ଟ୍ ଇଞ୍ଜିନିୟର ସବୁ କର୍ମଚାରୀଙ୍କ ମଧ୍ୟରେ ସିନିଅର୍ ଥିଲେ । ସେ ନୂଆ ହୋଇ ଆସିଥିବା ଭାରତୀୟ ସିଭିଲସର୍ଜନଙ୍କୁ କ୍ଲବର ସଭ୍ୟ ହେବାପାଇଁ ପ୍ରସ୍ତାବ କଲେ । ମୁଁ ତାହା ସମର୍ଥନ କଲି । ଡିଷ୍ଟ୍ରିକ୍‌ଟ ଇଞ୍ଜିନିୟରଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ହେଲେ ୟୁରୋପୀୟ । ଜିଲା ବୋର୍ଡ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଓ ଜିଲା ଇଞ୍ଜିନିୟରଙ୍କ ଗସ୍ତ ସମ୍ପର୍କରେ ସୁପରିନ୍‌ଟେଣ୍ଡେଣ୍ଟ୍ ଇଞ୍ଜିନିୟର୍ ଓ ଜିଲା ଇଞ୍ଜିନିୟରଙ୍କ ମଧ୍ୟରେ ଖୁବ୍ କଡ଼ା ଚିଠିପତ୍ର ଦିଆନିଆ ଚାଲିଥିଲା । ଆଗ କ୍ଲବ୍‌ରୁ ସୁପରିନ୍‌ଟେଣ୍ଡେଣ୍ଟ୍ ଇଞ୍ଜିନିୟରଙ୍କୁ ହଟାଇବାପାଇଁ ସବୁ ୟୁରୋପୀୟ ସଭ୍ୟ ମିଳିତଭାବରେ ନୂଆ ସିଭିଲ୍ ସର୍ଜନଙ୍କ ସଭ୍ୟ ହେବା ପ୍ରସ୍ତାବର ବିରୋଧ କଲେ । ଫଳରେ ସେ ସଭ୍ୟ ହୋଇପାରିଲେ ନାହିଁ । ପ୍ରସ୍ତାବକ ସୁପରିନ୍‌ଟେଣ୍ଡେଣ୍ଟ୍ ଇଞ୍ଜିନିୟର ଓ ସମର୍ଥକ ଭାବରେ ମୁଁ ଆଗ କ୍ଲବ୍‌ରୁ ଇସ୍ତଫା ଦେଇଦେଲି । ଜିଲାର କେନ୍ଦ୍ର ସ୍ଥାନରେ ଥିବା ପ୍ରଧାନ ପ୍ରଧାନ ସରକାରୀ କର୍ମଚାରୀଙ୍କ ମଧ୍ୟରେ ୟୁରୋପୀୟ ଓ ଭାରତୀୟଭାବ ସୃଷ୍ଟି ହୋଇଥିବା ଯୋଗୁଁ ସରକାର ଜିଲା କଲେକ୍ଟରଙ୍କୁ ତାଙ୍କର କାର୍ଯ୍ୟକଳାପପାଇଁ ଦାୟୀ କରିଥିଲେ । ଆଗ କ୍ଲବ୍‌କୁ ମୋତେ ଆଣିବାପାଇଁ କଲେକ୍ଟର୍ ଏକ ସୁଯୋଗ ଅପେକ୍ଷାରେ ଥିଲେ ।

୧୯୨୭ ମସିହା ଜାନୁଆରୀ ମାସରେ ମୁଁ ବକ୍‌ସାର୍ ସବ୍‌ଡିଭିଜନାଲ୍ ଅଫିସର୍-ରୂପେ ନିଯୁକ୍ତ ହେଲି । ସେତେବେଳକୁ ସୁପରିନ୍‌ଟେଣ୍ଡେଣ୍ଟ୍ ଇଞ୍ଜିନିୟରଙ୍କ ସହିତ ମୋର ସମ୍ପର୍କ ଆଉ ପୂର୍ବପରି ଭଲ ନ ଥିଲା । ମୁଁ କଲେକ୍ଟରଙ୍କ ଅନୁରୋଧ ରକ୍ଷା କରି ଆଗ କ୍ଲବ୍‌ରେ ପୁନରାୟ ଯୋଗ ଦେଲି ।

Digitized by PPRACHIN, SOA

ଜୀବନର ଦ୍ୱନ୍ଦ୍ୱ

ଏ ମଧ୍ୟରେ ମୁଁ ଦୁଇଟିଯାକ ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ମୋର ପୂର୍ବ ଦରମାର ଦୁଇଗୁଣ ପାଉଥିଲି; କିନ୍ତୁ ଚାକିରିରେ ମୋତେ ଆଦୌ ଭଲ ଲାଗୁ ନ ଥିଲା । ମୁଁ ଯେଉଁ ଉଚ୍ଚଶିକ୍ଷା ଲାଭ କରିଥିଲି, ତାର ସଦୁପଯୋଗ ମୁଁ କରୁଛି ବୋଲି ମନେ କରୁ ନ ଥିଲି । ଏକ ଦାସ ମନୋବୃତ୍ତି ଚାରିଆଡ଼େ ଘେରି ରହିଥିଲା । ଜଣେ ଶିକ୍ଷକ ହୋଇଥିଲେ ମୁଁ ଅଧିକ ସୁଖୀ ହୋଇପାରନ୍ତି ବୋଲି ମନେକଲି । ଏଲାହାବାଦ ବିଶ୍ୱବିଦ୍ୟାଳୟରେ ଭୂଗୋଳ ବିଭାଗରେ ରିଡ଼ର ହେବାପାଇଁ ମୁଁ ଗୋଟିଏ ଦରଖାସ୍ତ ପଠାଇଲି ଓ ସେଥିରେ ଉଲ୍ଲେଖ କଲି ଯେ ନିର୍ବାଚିତ ହେଲେ ମୁଁ ଆଇ. ସି. ଏସ୍.ରୁ ଇସ୍ତଫା ଦେଇଦେବି । ଏଇ ସମୟ ମଧ୍ୟରେ ମୋର ବ୍ୟକ୍ତିଗତ ଜୀବନରେ କେତେକ ପରିବର୍ତ୍ତନ ଘଟିବାକୁ ବସିଥିଲା । ଛ'ମାସ ପରେ ଯେଉଁ ମହିଳାଙ୍କ ମୋର ବିବାହ କରିବାର କଥା, ଆଇ. ସି. ଏସ୍.ରେ ରହିବାପାଇଁ ସେ ମୋତେ ସଫଳତାର ସହିତ ପ୍ରବର୍ତ୍ତାଇ ଥିଲେ । ତା ପରେ ପାଟନାରେ ଚାକିରିକରି ଥିବାବେଳେ ମୋର ତାଙ୍କ ସହିତ ଦୁଇଥର ଦେଖା ହୋଇଥିଲା । ସେ ବହୁତ ପାର୍ଟି ଦେଇଥିଲେ ଓ ସେଥିରେ ମୁଁ ଓ ମୋର ଜଣେ ବନ୍ଧୁ ବହୁ ଝିଅଙ୍କ ସହିତ ମିଶିବାର ସୁଯୋଗ ପାଇଥିଲୁ; କିନ୍ତୁ କିଛି ଫଳ ହେଲା ନାହିଁ । ୧୦ବର୍ଷ ବୟସରେ ମୁଁ ମହାଦେବଙ୍କ ଆଗରେ ପ୍ରତିଜ୍ଞା କରିଥିଲି ଯେ ମୁଁ ବିଧବା ବିବାହ କରିବି । ଏ ପ୍ରତିଜ୍ଞାର କଥା ମୁଁ କାହାରିକୁ କହି ନାହିଁ । କିପରି ଏହା ଘଟିଲା ମୁଁ ଅନ୍ୟ ଘଟଣାରେ ପରେ ତାହା ଉଲ୍ଲେଖ କରିବି । ଇଏ ଜଣେ ବିଧବା । ଏହାଙ୍କ ପ୍ରତି ମୁଁ ଆକୃଷ୍ଟ ହୋଇଗଲି । ମୋର ପ୍ରତିଜ୍ଞାର କଥା କିଛି ନ କହି ତାଙ୍କ ପଛରେ ମୁଁ ଲାଗିଲି । ବର୍ଷକ ପରେ ସେ ରାଜି ହୋଇଗଲେ ।

ମିଷ୍ଟର୍ ଦାସ

୧୯୨୨ ମସିହା ଖ୍ରୀଷ୍ଟମାସ୍‌ବେଳେ ମଧୁସୂଦନ ଦାସ ବିହାର-ଓଡ଼ିଶା ମନ୍ତ୍ରୀଭାବରେ ଆମ ଗସ୍ତରେ ଆସିଲେ । ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାପାଇଁ ବହୁ ସାଧାରଣ ଉତ୍ସବ ହୋଇଥିଲା । ସେ ଚା' ଖାଇବାପାଇଁ ମୋ ନିମନ୍ତ୍ରଣ ରକ୍ଷା କରି କେବଳ ବ୍ୟକ୍ତିଗତଭାବରେ ମୋ' ଘରକୁ ଆସିଥିଲେ । ମୁଁ ଆଉ କାହାରିକୁ ଡାକି ନ ଥିଲି । ଜଣେ କଲେଜପିଲା ଭାବରେ ସେ ମୋତେ ପୂର୍ବରୁ ଜାଣି ଥିଲେ । ସେତେବେଳେ ମୋର ଜଣେ ଦୁଃସ୍ଥ ଖ୍ରୀଷ୍ଟିଆନ ବନ୍ଧୁ ଯେଉଁ ବୃତ୍ତି ପାଉଥିଲେ ତାହା ତାଙ୍କପାଇଁ ଯଥେଷ୍ଟ ହେଉ ନଥିଲା । ଏହି ଖ୍ରୀଷ୍ଟିଆନଙ୍କୁ କିଛି ସାହାଯ୍ୟ କରିବାପାଇଁ ମୁଁ ମଧୁସୂଦନଙ୍କ ପାଖକୁ ଚିଠି ଲେଖିଥିଲି । ସଙ୍ଗେସଙ୍ଗେ ଉତ୍ତରସ୍ୱରୂପ ୧୦ଟି ଟଙ୍କା ଆସିଗଲା ଓ ଖ୍ରୀଷ୍ଟିଆନ ବନ୍ଧୁଙ୍କ

Digitized by PPRACHIN, SOA

କଲେଜ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ ମାସିକ ଦଶଟଙ୍କା ସାହାଯ୍ୟର ପ୍ରତିଶ୍ରୁତି ମିଳିଲା । ଚାରମାସ ହେଲ ଆସିଥିବା ଜଣେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍‌ଙ୍କ ଘରକୁ ଜଣେ ମନ୍ତ୍ରୀ ଆସିବାର ଘଟଣା ସେତେବେଳେ ଆମ ସହରରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଚା' ଖାଇବା ସମୟରେ ମୁଁ ତାଙ୍କୁ ଆମ୍ବର କେତେକ ସ୍ୟାଣ୍ଡୱିଚ୍ ଖାଇବାକୁ ଦେଇଥିଲି । ସେ ଖାଲି ଆମ୍ବ ମାଗିଲେ । ମୋ ବଗିଚାରେ ଥିବା ୧୦/୧୨ ପ୍ରକାର ଆମ୍ବ ଆଣି ମୁଁ ଥୋଇଦେଲି । ସେ ସବୁଥିରୁ ଅଳ୍ପ ଖଣ୍ଡେ ଖଣ୍ଡେ କାଟି ଚାଖିଲେ ଓ ଖୁବ୍ ଭଲ ଆମ୍ବ ବୋଲି ମନ୍ତବ୍ୟ ଦେଲେ ।

□ □

Digitized by PPRACHIN, SOA

ବକ୍ସାର

(୧୯୨୩-୨୭)

ବକ୍ସାର ସବ୍‌ଡିଭିଜନରେ କାମ ବେଶି । କେବଳ ବର୍ଷର କାର୍ଯ୍ୟରେ ଦିନକୁ ଛ' ଘଣ୍ଟା ଦେବାକୁ ହେଉଥିଲା । ରାୟ ଲେଖିବା କାମ ଘରକୁ ରହୁଥିଲା । ସେତେବେଳେ ସବ୍‌ଡିଭିଜନ ଅଫିସର୍‌ମାନଙ୍କର ଷ୍ଟେନୋ ନ ଥିଲେ । ସବୁ ହାତରେ ଲେଖିବାକୁ ପଡ଼ୁଥିଲା । ରାତରେ ପେଟ୍ରୋମାକ୍ସ ଜଳୁଥାଏ । ଏକେ ତ ଗରମ ପବନ, ତା' ସାଙ୍ଗକୁ ପେଟ୍ରୋମାକ୍ସ ବାଷ୍ପ, ଟଣା ପଙ୍ଖା ସାହାଯ୍ୟରେ ମୁହଁରେ ବାଜୁଥାଏ । ପୋକସବୁ ଦେହ ଓ ମୁହଁ ଉପରେ ଆସି ବସୁଥାନ୍ତି । ସେତେବେଳେ ରାତି ନ'ଟାରୁ ଏଗାରଟା ପର୍ଯ୍ୟନ୍ତ ବସି ଲେଖିବା, ଆଉ ଯାହା ହୋଇପାରେ, କିନ୍ତୁ ଜୀବନ-ଉପଭୋଗ ନୁହେଁ । ଏହାଦ୍ୱାରା ନ୍ୟାୟବିଚାର ଲୋକଙ୍କୁ ଯାହା ମିଳୁନା କାହିଁକି, ଅନ୍ତତଃ ଏସବୁ ରାୟକୁ ପ୍ରଥମ ଶ୍ରେଣୀର ଲେଖାବୋଲି କୁହାଯାଇ ନ ପାରେ ।

ମୁଦାଲି ମୁଦେଇ ଉଭୟଙ୍କୁ ଜେଲ୍

ଆରାରେ ଖଲାସକାରୀ ମାଜିଷ୍ଟ୍ରେଟରୂପେ ବେଶିଦିନ ମୋର ଖ୍ୟାତି ମୁଁ ବଜାୟ ରଖିପାରିଲି ନାହିଁ । ଥରେ ଏକ ଦଙ୍ଗା ସମ୍ପର୍କୀୟ ମୋକଦ୍ଦମାରେ ମୁଁ ଉଭୟ ମୁଦାଲି ଓ ମୁଦେଇଙ୍କ ବିରୁଦ୍ଧରେ ଦଣ୍ଡାଦେଶ ଦେଲି । ଦୁଇ ଦଳଯାକ ପରସ୍ପର ବିରୁଦ୍ଧରେ ମୋକଦ୍ଦମା କରିଥିଲେ । ଉଭୟ ମୋକଦ୍ଦମାର ରାୟ ଏକସମୟରେ ବାହାରିଲା । ଏକ ମୋକଦ୍ଦମାର ମୁଦେଇକୁ ଅନ୍ୟ ମୋକଦ୍ଦମାରେ ସାକ୍ଷୀରୂପେ ଜବାବସୁଆଲ କରାଗଲା । ଉଭୟ ମକଦ୍ଦମା ସେହି ଦଙ୍ଗା ଘଟଣା ସମ୍ପର୍କରେ । ତେଣୁ ଏକ ସମୟରେ ରାୟ ଦେଇ ଉଭୟଙ୍କୁ ଦଣ୍ଡିତ କରିବା ନ୍ୟାୟ ବିଚାର କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟିକଲା । ଉଭୟ ପକ୍ଷ ଆଶା କରିଥିଲେ ଯେ, ମୁଁ ତାଙ୍କୁ ଖଲାସ କରିଦେବି । ତେଣୁ ମୋ କୋର୍ଟରୁ ମୋକଦ୍ଦମା ଉଠାଇ ନେବାପାଇଁ କେହି ଦରଖାସ୍ତ ଦେଇ ନ ଥିଲେ । ଉଭୟ ପକ୍ଷକୁ ଯେତେବେଳେ ଜେଲ ହେବାପାଇଁ ଦଣ୍ଡାଦେଶ ଦିଆଗଲା ଓକିଲମାନେ କାବ୍‌ବା ହୋଇଗଲେ । ଉଭୟ ପକ୍ଷ ଅପିଲ ଦରଖାସ୍ତ କଲେ । ହାଇକୋର୍ଟ ମୋର ରାୟ ସହିତ ଏକମତ ହେଲେ । ବିଶ୍ୱସ୍ତ ସୂତ୍ରରୁ ମୁଁ ଜାଣିଲି ଯେ, ତଦନ୍ତ କରୁଥିବା ପୋଲିସ ଅଫିସର୍‌ମାନେ ଏ ଘଟଣାରେ ମୋ ଉପରେ ଭାରି ବିରକ୍ତ ଓ ଅସନ୍ତୁଷ୍ଟ ହେଲେ । କାରଣ

Digitized by PPRACHIN, SOA

ସେମାନେ ଉଭୟ ପକ୍ଷଠାରୁ ଗୃହଜାର ଟଙ୍କା ନେଇଥିଲେ । କଥା ହୋଇଥିଲା ଯେ ଯେଉଁ ପକ୍ଷ ହାରିଯିବ, ତାର ଟଙ୍କା ଫେରାଇ ଦିଆଯିବ । ଉଭୟ ପକ୍ଷ ହାରିଲେ ଓ ପୋଲିସକୁ ଟଙ୍କାସାକ ଫେରାଇଦେବାକୁ ହେଲା ।

ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ପ୍ରଣାଳୀରେ ମୁଁ କେତକ ନୂଆ ପରମ୍ପରା ସୃଷ୍ଟିକଲି । ମୁଦାଲଙ୍କୁ କୌଣସି ପ୍ରଶ୍ନ କରିବାକୁ ମୁଁ ଓକିଲମାନଙ୍କୁ ଦେଲି ନାହିଁ । ମୁଁ ନିଜେ ଦରଖାସ୍ତକୁ ପଢ଼ିଦେଇ ପ୍ରଶ୍ନ ପଗ୍ଭରୁଥିଲି । ଏହିପରି ଭାବରେ ବହୁ ଅଭିଯୋଗକୁ ଅଳ୍ପ ସମୟ ମଧ୍ୟରେ ମୁଁ ଖାରଜ କରିଦେଉଥିଲି ।

ଅନ୍ୟ ଏକ ପରମ୍ପରା ହେଉଛି—ଓକିଲମାନେ ଭୋଜପୁରୀ ଭାଷାରେ ଦିଆ ହେଉଥିବା ସାକ୍ଷ୍ୟ ପ୍ରମାଣକୁ ଇଂରାଜୀରେ ଅନୁବାଦ କରି ଡାକୁଥିଲେ । ଓକିଲମାନେ ଇଂରାଜୀରେ ଡାକିବେ, ମୁଁ ତାଙ୍କର ଷ୍ଟେନୋଗ୍ରାଫର୍ ଭାବରେ ସବୁ ବସି ଲେଖିବାକୁ ପସନ୍ଦ କଲି ନାହିଁ । ମୁଁ ନିଜେ ବଡ଼ ପାଟିକରି ଇଂରାଜୀରେ ଅନୁବାଦ କରୁଥିଲି ଓ ଓକିଲମାନଙ୍କର ଏଥିରେ ଯଦି କିଛି କହିବାର ଥାଏ ବୋଲି ପଗ୍ଭରି ନେଉଥିଲି । ଅନେକ ହିନ୍ଦୀ ଶବ୍ଦକୁ ଇଂରାଜୀରେ ଅନୁବାଦ ନ କରି ସେହିପରି ରଖିବା ଅଧିକ ବୋଧଗମ୍ୟ ହେଉଥିଲା ।

ଯେତେଦୂର ସମ୍ଭବ ହେଉଥିଲା, ମୁଁ ପ୍ରଧାନ ପ୍ରଧାନ ଅଭିଯୋଗଗୁଡ଼ିକର ସରଜମିନ ତଦନ୍ତ କରୁଥିଲି, ଯାହାଫଳରେ କି ମୋର ଯିବା ପୂର୍ବରୁ ଏସବୁର ସମାଧାନ ହୋଇଯାଉଥିଲା । ମୋର ଏପରି ତଦନ୍ତର ସାମ୍ନା କରିବାପାଇଁ ପକ୍ଷମାନଙ୍କର ସାହସ ହେଉ ନ ଥିଲା । ଥରେ ଗୋଟିଏ ଜମିଜମା ବିବାଦରେ ମୁଁ ସେ ସ୍ଥାନକୁ ଯାଇ ଯେଉଁ ନୋଟ୍ ଦେଇଥିଲି; ମୋର ବଦଳି ଗ୍ଭଡ଼ିବାର ବହୁ ବର୍ଷ ପର୍ଯ୍ୟନ୍ତ, ତାହା ପ୍ରାମାଣିକ ହୋଇ ରହିଲା । ପାଟନା ହାଇକୋର୍ଟର ବହୁ ମକଦ୍ଦମାରେ କଟକ, ସମ୍ବଲପୁରରେ ଥିବାବେଳେ ସରଜମିନ ତଦନ୍ତପରେ ଲିଖିତ ଏହି ନୋଟ୍‌ର ସତ୍ୟତା ପ୍ରମାଣ କରିବା-ପାଇଁ କମିଶନରେ ମୋଠାରୁ ତିନଥର ସାକ୍ଷ୍ୟ ନିଆଯାଇଛି । ପ୍ରତ୍ୟେକ ଥର ବହୁବର୍ଷ ତଳେ ମୁଁ ଲେଖିଥିବା ଏହି ନୋଟ୍‌କୁ ଭିତ୍ତିକରି ମକଦ୍ଦମାର ଭାଗ୍ୟ ନିଷ୍ପତ୍ତି ହୋଇଛି ।

ଅପରାହ୍ଣରେ ଖୁବ୍ ଗରମରେ ସାକ୍ଷ୍ୟକୁ ଲିପିବଦ୍ଧ କରିବା ଭାରି କଷ୍ଟ ହେଉଥିଲା । ଥରେ ମୁଁ ଲେଖୁଛି, ଏହି ସମୟରେ ଘୁମେଇ ପଡ଼ିଲି । ଓକିଲମାନେ ଏହାର ସୁଯୋଗ ନେଇ ମୋଠାରୁ ଏକ ପ୍ରାମାଣିକ ନକଲ ଦାବି କଲେ । ଯେତେବେଳେ ନକଲର ସେ ଅଂଶଟି "ବୁଝି ହେଉ ନାହିଁ, ବୁଝାଇ ଦେବାପାଇଁ" ମୋ ପାଖକୁ ଆସିଲା, ମୁଁ ତା ପାଖରେ ଲେଖିଦେଲି "ପଢ଼ି ହେଉ ନାହିଁ, ତାକୁ ସେହିପରି ଗ୍ଭଡ଼ିଦିଅ ।" ତଳକୁ ତାରିଖ ଦେଇ ମୁଁ ଦସ୍ତଖତ କରିଦେଲି । ମୋର ମନ୍ତବ୍ୟ ସହ ପ୍ରାମାଣିକ ନକଲ ଦିଆଗଲା । ଶାସ୍ତିର ଅପେକ୍ଷାରେ ରହିଲି । କିଛି ହେଲା ନାହିଁ ।

Digitized by PPRACHIN, SOA

ଜିଦ୍‌ଖୋର ବ୍ୟକ୍ତି

ଗୋଟିଏ ମକଦ୍ଦମାରେ ଜଣେ ଭାରି ଜିଦ୍‌ଖୋର ବ୍ୟକ୍ତି ବୋଲି ମୋତେ କୁହାଗଲା । ମୋକଦ୍ଦମାଟି ହେଉଛି, ଗୋଟିଏ ଖାନ୍‌ଦାନ ପରିବାରର ଦୁଇ ଭାଇଙ୍କ ଭିତରୁ ଜଣେ ଗୋଟିଏ ବେଶ୍ୟାକୁ ଆଣି ଘର ଭିତରେ ରଖିଲା । ତାର ମା' ଏହାର ଭାରି ବିରୋଧ କଲା । ଘର ଭିତରେ କଳହ ଓ ବିବାଦର ସୂଚନା ଦେଖାଗଲା । ମାଜିଷ୍ଟ୍ରେଟଭାବରେ ମୁଁ ମୋର କ୍ଷମତା ପ୍ରୟୋଗକରି ବେଶ୍ୟାକୁ ଘରୁ ବାହାରିଯିବା-ପାଇଁ ଆଦେଶ ଦେଲି । ମୋର ଆଦେଶ ଜିଲା ମାଜିଷ୍ଟ୍ରେଟ୍‌ଙ୍କଦ୍ୱାରା ବାତିଲ ହୋଇଗଲା । ମୁଁ ସେ ସ୍ତ୍ରୀଲୋକକୁ ବାହାରିଯିବାପାଇଁ ଆଦେଶ ଦେଲି । ଆଉଥରେ ମୋର ଆଦେଶ ବାତିଲ ହେଲା । କିନ୍ତୁ ମୁଁ ଏ ସମ୍ପର୍କରେ ପୁଣି କିଛି କରିବା ପୂର୍ବରୁ ବେଶ୍ୟା ଓ ତାର ଉପପତି ଉଭୟେ ଘରଛାଡ଼ି ଚାଲିଯାଇଥିଲେ ।

ସେବର ଓ ଏବର ଶାସନ

ଉମୁରଗାଁ ଠାରେ ଦୁଇଦଳ ମୁସଲମାନଙ୍କ ଭିତରେ କିଏ ଆଗ ଶୋଭାଯାତ୍ରା ନେବ, ସେ ସମ୍ପର୍କରେ ବିବାଦଲାଗି ତାଳୁ ଫଟାଫଟି ଅବସ୍ଥା ସୃଷ୍ଟି ହେଲା । ମୁଁ ପ୍ରତିଦିନ ଏ ସମ୍ପର୍କରେ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ରିପୋର୍ଟ ଦେଉଥିଲି । ରାତି ଅଧରେ ରିପୋର୍ଟ ଦେଉଥିଲି । ରାତି ଅଧରେ ରିପୋର୍ଟ କାର୍ବନ କାଗଜ ପକାଇ ଲେଖା ହେଉଥିଲା ଓ ସକାଳ ୭ଟା ବେଳକୁ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ହାତରେ ରିପୋର୍ଟର ଏକ ନକଲ ପହଞ୍ଚି ଯାଉଥିଲା । ଗୋଟିଏ ଦଳ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ଉମୁରଗାଁକୁ ନିମନ୍ତ୍ରଣକରି ଆଣିବାପାଇଁ ଗଲେ । ସେ କହିଲେ, "ସବ୍‌ଡିଭିଜନ ଅଫିସର୍‌ଙ୍କ ଉପରେ ମୋର ପୂରା ବିଶ୍ୱାସ ଅଛି । ତୁମେ ସବୁ ତାଙ୍କ ପାଖକୁ ଯାଅ ।" ପରେ ସେ ମୋତେ କହିଲେ, "ଯଦି ମୁଁ ଯାଇଥାନ୍ତି ତା'ହେଲେ ଉଭୟ ଦଳ ମୋ ପାଖକୁ ଆସିବାରେ ଲାଗିଥାନ୍ତେ ଓ ତୁମର ଦାୟିତ୍ୱକୁ ମୁଁ ନିଜ ହାତକୁ ନେଇଥାନ୍ତି । ମୁଁ ତାହା ହେବାକୁ ଦେଲି ନାହିଁ ।" ଶାସନର ସେହି ନୀତିରୁ ଆମେ କେତେ ଦୂରକୁ ଚାଲିଗଲୁଣି । ନିକଟରେ ଦଳେ ଲୋକ ଏ ରାଜ୍ୟର ରାଜଧାନୀର ଥାନା ଉପରେ ଆକ୍ରମଣ କଲେ । ସବ୍‌ଡିଭିଜନ୍ ଅଫିସର୍ ସଙ୍ଗେସଙ୍ଗେ ତଦନ୍ତ କରିବାର କଥା । ସେ ତାହା କଲେ ନାହିଁ । ତାଙ୍କ ଉପରେ ଯେ ଅଛନ୍ତି ଜିଲା ମାଜିଷ୍ଟ୍ରେଟ୍, ସେ କିଛି କଲେ ନାହିଁ । ଡିଭିଜନାଲ କମିଶନର୍ ମଧ୍ୟ ଚୁପ୍ ହୋଇ ବସିଲେ । ତଦନ୍ତପାଇଁ ସରକାରଙ୍କୁ ଜଣେ ଅଫିସର୍ ନିଯୁକ୍ତ କରିବାକୁ ପଡ଼ିଲା ଓ ତଦନ୍ତ ଆରମ୍ଭ ହେଲା ଘଟଣା ଘଟିବାର ୧୫ ଦିନ ପରେ । ଚାରିଆଡ଼େ ଅବ୍ୟବସ୍ଥା । ଶାସନ ଅଛି ବୋଲି ଜଣାପଡ଼ୁ ନାହିଁ । ଅନେକ ଲୋକ ଭାବିଲେ ଯେ ସ୍ଥାନୀୟ ଉପନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ବୋଧ ହୁଏ ଜାଣି ଶୁଣି ତଦନ୍ତକୁ ଡେରିକରି ଦିଆଗଲା ।

Digitized by PPRACHIN, SOA

ରହସ୍ୟଜନକ ଫଳଝୁଡ଼ି

ପୋଲିସ ମଧ୍ୟରେ ଦୁର୍ନୀତିର ଗୋଟିଏ ଦୃଷ୍ଟାନ୍ତ ମୁଁ ଦେଇଛି । ବିଗ୍ରହଧାରୀଙ୍କ ମଧ୍ୟରେ ଥିବା ଦୁର୍ନୀତିର ଗୋଟିଏ ଦୃଷ୍ଟାନ୍ତ ଦେଉଛି । ଶାସନର ସବୁ ବିଭାଗରୁ କଠୋର ହସ୍ତରେ ଦୁର୍ନୀତି ଲୋପ କରିବାପାଇଁ ମୁଁ ଉଦ୍ୟମ କରୁଥିଲି । କିନ୍ତୁ ଯେଉଁମାନଙ୍କର ସରକାରଙ୍କ ପାଖରେ କାମ ଥାଏ, ସେମାନେ କର୍ମଚାରୀମାନଙ୍କୁ ଦୁର୍ନୀତିଗ୍ରସ୍ତ କରିବା-ପାଇଁ ଏପରି ଦୃଢ଼ପରିକର ଯେ ଶାସନକୁ ନିର୍ମଳ ରଖିବାକୁ ହେଲେ ସରକାରଙ୍କୁ ଖୁବ୍ ଦୃଢ଼ ରହିବାକୁ ହେବ । ବକ୍ସାରଠାରେ ମୋତେ ଦୁର୍ନୀତିରେ ପୂରାଇବାପାଇଁ ଦୁଇଥର ଉଦ୍ୟମ ହୋଇଥିଲା । ଥରେ ମୁଁ ଗସ୍ତରେ ଯାଉଥିବାବେଳେ ବକ୍ସାରରେ ମୋ ଘରକୁ ଏକ ଝୁଡ଼ି ଆସି ପହଞ୍ଚିଲା । ଝୁଡ଼ି ଭିତରେ ବିଭିନ୍ନ ପନିପରିବା, ଫଳ, ମିଠା ଓ ପାନୀୟ ଥିଲା । ମୁଁ ଫେରିବାପରେ ଯେଉଁ ବ୍ୟକ୍ତିଙ୍କ ପାଖରୁ ସବୁ ଜିନିଷ ଆସିଥିଲା, ତାଙ୍କୁ ଫେରାଇ ଦେବାପାଇଁ ଝୁଡ଼ିଟି ପୋଲିସ ଜିମା କରିଦେଲି । ପୋଲିସ ଖବର ଦେଲେ ଯେ, ବ୍ୟକ୍ତିଜଣକ ଏହାକୁ ଫେରାଇ ନେବାପାଇଁ ମନାକଲେ । ତାଙ୍କର କହିବାର କଥା ଯେ ସେ ଏହାକୁ ପଠାଇ ନାହାନ୍ତି । ତାଙ୍କୁ ମୋ ନିକଟରେ ବଦନାମ କରାଇବା ତାଙ୍କର ଶତ୍ରୁ, ଅମୁକ ବ୍ୟକ୍ତି ମୋ ପାଖକୁ ଏହା ପଠାଇଥିବ । ପୋଲିସ ସେହି ଅମୁକ ବ୍ୟକ୍ତି ପାଖକୁ ଏହା ପଠାଇବା ନିରର୍ଥକ ହୋଇଥାନ୍ତା; ତେଣୁ ରୋଗୀମାନଙ୍କପାଇଁ ମୁଁ ଏହିସବୁ ଜିନିଷ ହସ୍ପିଟାଲକୁ ପଠାଇ ଦେଲି । କିଏ ମୋତେ ଲାଞ୍ଚ ଦେବାପାଇଁ ଚେଷ୍ଟା କରିଥିଲା, ତାହା ମୁଁ ଜାଣିପାରିଲି ନାହିଁ ।

ଅନ୍ୟ ଘଟଣାଟି ହେଉଛି, ମୁଁ ଏକ ସ୍ଥାନରେ ସରଜମିନ୍ ତଦନ୍ତ କରିବା ସମୟରେ ମୋ ହାତକୁ କିଛି କାଗଜପତ୍ର ବଢ଼ାଇ ଦିଆଗଲା । ମୁଁ ଖୋଲି ଦେଖେତ, ତା ଭିତରୁ ତିନୋଟି ଦଶଟଙ୍କିଆ ନୋଟ ଗଳି ପଡ଼ିଲା । ଲୋକଟି ସଙ୍ଗେସଙ୍ଗେ କହିଲା, ଭୁଲରେ କାଗଜ ଭିତରେ ଦଶଟଙ୍କିଆ ନୋଟ୍‌ଯାକ ରହିଯାଇଥିଲା । ଉଭୟଙ୍କ ଜଣାଶୁଣାରେ ଅଫିସର୍ କାଗଜତକ ଘରେ ପଢ଼ିବାପାଇଁ ପକେଟ୍‌ରେ ରଖିଥାନ୍ତେ । କେବଳ ଏହି ଦୁଇଟି ଘଟଣାକୁ ଛାଡ଼ିଦେଲେ ଦୁର୍ନୀତିକାରୀ ପକ୍ଷମାନଙ୍କ ହାବୁଡ଼ରୁ ମୁଁ ଖସି ଯାଇଛି ।

ହିନ୍ଦୁ ଓ ମୁସଲମାନ ପର୍ବ ହେଲେ ଆଉ ରକ୍ଷା ନ ଥିଲା । ସାଧାରଣତଃ ଏହି ସବୁ ପର୍ବ ଶେଷରେ ରାତିରେ ପଟୁଆର ବାହାରେ । ଏପରି କୌଣସି ପର୍ବ ନ ଥାଏ, ଯେଉଁଠି ଶାନ୍ତିଭଙ୍ଗର ଆଶଙ୍କା ନାହିଁ । ପୋଲିସ ଓ ମାଜିଷ୍ଟ୍ରେଟ ୨୪ ଘଣ୍ଟା ଜାଗରିଆର ହୋଇ ରହୁଥିଲେ । ଅନୁପସ୍ଥିତି ଛୁଟି ମଞ୍ଜୁର ହେଉ ନ ଥିଲା । ପରେ ଅନିର୍ଦ୍ଦିଷ୍ଟ କ୍ଷତିପୂରଣସ୍ୱରୂପ ଛୁଟି ମିଳୁଥିଲା । ଥରେ ଏକ ହିନ୍ଦୁ ପଟୁଆର ବାହାରିବାରେ ପ୍ରଧାନ ସମସ୍ୟା ହେଲା—କି କି ଅସ୍ତ୍ର-ଶସ୍ତ୍ର ପଟୁଆରରେ ବାହାର କରାଯିବ । ମୁଁ ଇତିମଧ୍ୟରେ

Digitized by PPRACHIN, SOA

ରିପୋର୍ଟ ଲେଖି ତା'ର ଏକ କାର୍ବନ ନକଲ ସକାଳେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ପଠାଇ ଦେଇଥିଲି । ୪୦୦ ବର୍ଷ ତଳେ ହିନ୍ଦୀଭାଷାରେ ପ୍ରଥମେ ରାମାୟଣ ଲେଖିଥିବା ତୁଳସୀଦାସଙ୍କୁ ଉଦ୍ଧାର କରି ମୁଁ ଏ ସମସ୍ୟାର ସମାଧାନ କରିଥିଲି ।

ସାହାବାଦର ଲାଠି

ଡୁମରାଓଁ ଜମିଦାରୀର ୟୁରୋପୀୟ ଆସିଷ୍ଟାଣ୍ଟ ମ୍ୟାନେଜର୍ ଜଣେ ଖଳପ୍ରକୃତିର ଲୋକ ଥିଲେ । ଡୁମରାଓଁ ଏକ ବଡ଼ ଜମିଦାରୀ ଥିଲା ଓ ଗଙ୍ଗାନଦୀର ଗୋଟିଏ ଅଂଶ ଏହାର ଅନ୍ତର୍ଭୁକ୍ତ ଥିଲା । ଗଙ୍ଗାନଦୀ ବନ୍ୟା ସମୟରେ ଏଠାରେ ପାଞ୍ଚମାଇଲ କୂଳ ଉଚ୍ଛୁଳି ମାଡ଼ି ଯାଉଥିଲା, ଯାହାଫଳରେ ଜମିର ସୀମା ସରହଦ ନଈ ଧୋଅରୀରେ ନଷ୍ଟ ହୋଇଯାଉଥିଲା । ଗଙ୍ଗା ବନ୍ୟାପ୍ଳାବିତ ଏହି ଅଞ୍ଚଳ, ଯାହା କି ଗଙ୍ଗା ଦାଏରୀ ନାମରେ ଖ୍ୟାତ, ସେଥିରେ ଜମିଜମା ମକଦ୍ଦମାର ସଂଖ୍ୟା ଏହି କାରଣରୁ ବେଶି ହୋଇଥିଲା । ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜାଙ୍କ ମଧ୍ୟରେ ମାଲିମକଦ୍ଦମା ସୃଷ୍ଟି କରି ବେଶି ପଇସା ରୋଜଗାର କରୁଥିଲେ । ସାହାବାଦ ଜିଲାର ଲୋକେ ଖୁବ୍ ନିର୍ଭୀକ ଓ ବଳୁଆ । ମୁଁ ବକ୍ସାର ଛାଡ଼ିବାର ଅଳ୍ପକାଳ ମଧ୍ୟରେ ଡୁମରାଓଁ ରାଜ୍ୟର ଜଣେ ୟୁରୋପୀୟ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ମାରି ପ୍ରଜାମାନେ ଗଙ୍ଗାସ୍ରୋତରେ ଫିଙ୍ଗିଦେଲେ । ହତ୍ୟାର କୌଣସି ପ୍ରମାଣ ମିଳିଲା ନାହିଁ । ଲୋକେ ଏକାଠି ହୋଇଗଲେ । ୟୁରୋପୀୟ ଆସିଷ୍ଟାଣ୍ଟ ମ୍ୟାନେଜର ଉଭାନ ।

ଥରେ ହାତ ଦେଖି ପାଞ୍ଚଶହ ଟଙ୍କା

ଡୁମରାଓଁର ମହାରାଣୀ ଅସୁସ୍ଥ ହୋଇପଡ଼ିଲେ । ଡ୍ରକ୍ଟର୍ ଶ୍ରୀମତୀ ସତ୍ୟପ୍ରିୟା ଘୋଷ ତାଙ୍କର ଚିକିତ୍ସାପାଇଁ ନିଯୁକ୍ତ ହେଲେ । ଶ୍ରୀମତୀ ଘୋଷ ଭାରତର ପ୍ରଥମ ମହିଳା ଏଫ. ଆର୍. ସି. ଏସ୍. । ମୋ ସ୍ତ୍ରୀଙ୍କର ସେ ବହୁଦିନର ବନ୍ଧୁ ଥିଲେ । ତେଣୁ ସେ ଆମ ଘରେ ଆସି ରହିଲେ । ପ୍ରତିଦିନ ମହାରାଜାଙ୍କର ବଗିଗାଡ଼ି ଡୁମରାଓଁଠାରୁ ୧୨ ମାଇଲ ଆମ ଘରଠାକୁ ଆସି ତାଙ୍କୁ ନେଇଯାଉଥିଲା ଓ ଛାଡ଼ିଦେଇ ଯାଉଥିଲା । ଶ୍ରୀମତୀ ଘୋଷ କହନ୍ତି ଯେ ସେ କେବଳ ମହାରାଣୀଙ୍କର ନାଡ଼ି ଦେଖି ଦିନକୁ ପାଞ୍ଚ ଶହ ଟଙ୍କା ନେଉଥିଲେ । କାରଣ ସେ ପରଦା ଅନ୍ତରାଳରେ ରହୁଥିଲେ ଓ ହାତଟି ବଢ଼ାଇବା ବ୍ୟତୀତ ନିଜେ ଦେଖା ଦେଉ ନ ଥିଲେ । ଏହା ପ୍ରାୟ ତିନି ସପ୍ତାହ ପର୍ଯ୍ୟନ୍ତ ଚାଲିଲା ।

ଡୁମରାଓଁର ମହାରାଜ କେଶୋପ୍ରସାଦ ସିଂ କଲେଜ ହତା ମାଡ଼ି ନ ଥିଲେ । ତାଙ୍କର ଯୋଗ୍ୟତା ଇଂରାଜୀ କିଛି ଭଲ ନ ଥିଲା । ସେ ଖୁବ୍ ଅପରିଷ୍କାର ଦେଖାଯାନ୍ତି । ଅବଶ୍ୟ ଜମିଦାରୀ ଆଦବକାଏଦ ଜାଣିଥିଲେ । ସେ ହିନ୍ଦୁ ଧର୍ମ ଓ

Digitized by PPRACHIN, SOA

ତାଙ୍କର ସ୍ଥାନୀୟ ଭୋଜପୁରୀ ଭାଷା କହୁଥିଲେ । ତାଙ୍କର ଜମିଦାରୀ ଅଫିସ ଖୁବ୍ ସୁପରିଚାଳିତ ଥିଲା । କିନ୍ତୁ ପ୍ରଜାମାନଙ୍କ ସାଙ୍ଗରେ ତାଙ୍କର ସମ୍ପର୍କ ଭଲ ନ ଥିଲା । କୋର୍ଟ କଚେରୀରେ ଜିତାପଟ ଅବଶ୍ୟ ତାଙ୍କର ହେଉଥିଲା । କାରଣ ତାଙ୍କର ପଇସା ଥିଲା ଓ କାଗଜପତ୍ର ଠିକ୍ ରହୁଥିଲା । ବ୍ରିଟିଶ୍ ଅଫିସରଙ୍କୁ କପରି ଖୁସି କରିବାକୁ ହୁଏ, ସେ ଜାଣିଥିଲେ ।

ସେ ୟୁରୋପୀୟମାନଙ୍କୁ ମ୍ୟାନେଜର ଓ ଆସିଷ୍ଟାଣ୍ଟ ମ୍ୟାନେଜର ରଖୁଥିଲେ । ଗଭର୍ଣ୍ଣରଙ୍କୁ ଆପ୍ୟାୟିତ କରି ସେ ସରକାରୀ ଆଦେଶ କରାଇ ନେଇଥିଲେ ଯେ, ତାଙ୍କ ଜମିର ଖଜଣା ଆଦାୟ ସରକାରଙ୍କଦ୍ୱାରା କରାଯିବ । ଖୁବ୍ କମ୍ ଜମିଦାର ଏ ସୁବିଧା ପାଇଥିଲେ । ଅବଶ୍ୟ କେତେ ମାସ ମଧ୍ୟରେ ସେ ଗଭର୍ଣ୍ଣରଙ୍କ ଏକ୍‌ଜିକ୍ୟୁଟିଭ କାଉନ୍‌ସିଲର ସଭ୍ୟରୂପେ ନିଯୁକ୍ତ ହେଲେ, ଯେଉଁଥିପାଇଁ କେବଳ ରାଜଭକ୍ତି ବ୍ୟତୀତ ତାଙ୍କର ଅନ୍ୟକୌଣସି ଯୋଗ୍ୟତା ନ ଥିଲା ।

ଜେଲର ବଳକା

ବକ୍‌ସାର କେନ୍ଦ୍ର ଜେଲ ଦାୟିତ୍ୱରେ ଭାରତୀୟ ମେଡିକାଲ ସର୍ଭିସର ଜଣେ ଅଫିସର ଥିଲେ । ତାଙ୍କ ସହିତ ସାମାଜିକ କ୍ଷେତ୍ରରେ ସମାସ୍କନ୍ଦଭାବରେ ମୁଁ ମିଳାମିଶି ପାରୁଥିଲି । ଜେଲଟି ସୁପରିଚାଳିତ ଥିଲା । ଜେଲର ବଗିଚା ଓ ଜେଲ ଶ୍ରମିକଙ୍କର ପୂର୍ଣ୍ଣ ସଦୁପଯୋଗ କରାଯାଉଥିଲା । ଜେଲ ମାନୁଏଲ୍‌ରେ ଖୁବ୍ ପୁଙ୍ଖାନୁପୁଙ୍ଖଭାବରେ ଜେଲ ପରିଚାଳନାର ନିର୍ଦ୍ଦେଶ ଦିଆଯାଇଛି । ଏପରିକି କେଉଁ ପ୍ରକାରର କମଳା ଲେମ୍ବୁ ଲଗାଯିବ ଓ କପରି ଭାବରେ ପାଣିକଖାରୁ ଚାଷ କରାଯିବ, ସେ ସବୁ ମଧ୍ୟ ସେଥିରେ ଅଛି । ନିୟମ ଅନୁଯାୟୀ ଯେଉଁ ସବୁ ଫଳ, ପନିପରିବା ଜେଲ ଭିତରେ ଚାଷ କରାଯିବ, ତାହା କଏଦୀମାନେ ଖାଇବେ । ତାଙ୍କଠାରୁ ବଳିଲେ ଜେଲ କର୍ମଚାରୀ ଓ ଜେଲରଙ୍କ ମଧ୍ୟରେ ତାହା ବଣ୍ଟାଯିବ । ଜେଲ ସୁପରିଣ୍ଟେଣ୍ଡେଣ୍ଟ୍ କର୍ମଚାରୀ ଶ୍ରେଣୀର ଅନ୍ତର୍ଭୁକ୍ତ ନୁହନ୍ତି । କିନ୍ତୁ ପ୍ରତିଦିନ ତାଙ୍କୁ ଜେଲ ବଗିଚାରୁ ପନିପରିବା ମିଳୁଥିଲା । ସୁପରିଣ୍ଟେଣ୍ଡେଣ୍ଟ ଦିନେ ଦିନେ ମୋ ପାଖକୁ କିଛି ପଠାଇଦେଉଥିଲେ । ମୁଁ ଯେତେବେଳେ ପନ୍ଦରଦିନପାଇଁ ଅସ୍ଥାୟୀଭାବରେ କେନ୍ଦ୍ର ଜେଲ ସୁପରିନ୍‌ଟେଣ୍ଡେଣ୍ଟ୍ ରହିଲି, ମୋ ପାଖକୁ ମଧ୍ୟ ପ୍ରତିଦିନ ପରିବା ଆସିଲା । ମୁଖ୍ୟ ଜେଲରଙ୍କୁ ଏହା ଏକ ଦୈନନ୍ଦିନ ଅଭିବାଦନ ବୋଲି ମୋର ମନେହେଲା । ବଳକାଯାକ ବଣ୍ଟା ସରିବା ପରେ ଜେଲର ଗୋଟେଇ ଘରପାଇଁ ଆଉ ବେଶି କିଛି ରହୁ ନ ଥିଲା, ଏପରିକି ଜେଲ ହସ୍ପିଟାଲପାଇଁ ମଧ୍ୟ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, "ବଳକା"ର ଯେପରି ଭାବରେ ଏଠି ଅର୍ଥ କରାଯାଉଛି; ସେ ସମ୍ପର୍କରେ କୌଣସି ଅଭିଯୋଗ ଜେଲ ପରିଦର୍ଶକ ପରିଦର୍ଶକମଣ୍ଡଳୀଙ୍କ ଆଗରେ କେବେ ହେଉ ନ ଥିଲା ।

Digitized by PPRACHIN, SOA

ବକ୍ସାରର ଜୀବନଯାପନ-ପ୍ରଣାଳୀ ପୁରାତନ ଢଙ୍ଗର ଥିଲା । ବିଦ୍ୟୁତ୍‌ଶକ୍ତି, ପାନୀୟ ଜଳ ବ୍ୟବସ୍ଥା, ଟ୍ୟାକ୍‌ସି, ବସ୍ ଆଦି ନ ଥିଲା କିମ୍ବା ଇଚ୍ଛେ ହେଲେ ପିଚୁରାସ୍ତା କରାଯାଇ ନ ଥିଲା । କେବଳ ବକ୍‌ସାର ସବ୍‌ଡିଭିଜନ ନୁହେଁ, ସାରା ସାହାବାଦ ଜିଲାର ଏଇଆ ଥିଲା ଅବସ୍ଥା । ବକ୍‌ସାର ସବ୍‌ଡିଭିଜନ୍‌ରେ କାହାର ମଟରକାର୍ କିମ୍ବା ମଟରସାଇକେଲ୍ ବି ନ ଥିଲା । ସୁପରିନ୍‌ଟେଣ୍ଡେଣ୍ଟ୍ ଇଞ୍ଜିନିୟର୍, କଲେକ୍ଟର୍, ଏସ୍. ପି., ସିଭିଲ୍‌ସର୍ଜନ, ଡିଷ୍ଟ୍ରିକ୍‌ଟ ଇଞ୍ଜିନିୟର୍ ଏବଂ ବୋଧହୁଏ ସସାରାମ ଏସ୍. ଡି. ଓ ଙ୍କର ଖଣ୍ଡେ ଖଣ୍ଡେ ମଟରଗାଡ଼ି ଥିଲା । ଯଦିଓ ‘ଟି’ ମଡେଲ ଫୋର୍ଡ଼-କାର୍‌ର ଦାମ ଥିଲା ଦୁଇହଜାର ଟଙ୍କା, ଜଣେ ସବ୍‌ଡିଭିଜନାଲ ଅଫିସର୍ ଜଣର ସମ୍ବଳରୁ ତାହା କିଣିବା ସମ୍ଭବପର ନ ଥିଲା । ସରକାରଙ୍କଠାରୁ ଏଥିପାଇଁ ଆଗଉରା ଟଙ୍କା ଆଣିବାକୁ ହେଉଥିଲା; କିନ୍ତୁ ସରକାର ପ୍ରଥମେ ଜାଣିବାକୁ ଚାହୁଁଥିଲେ, ସେ ସବ୍‌ଡିଭିଜନ୍‌ରେ ମଟରଗାଡ଼ି ଚଳିବାପାଇଁ ଭଲ ରାସ୍ତା ଅଛି କି ନାହିଁ । ଏଥିପାଇଁ ଭଲ ରାସ୍ତା ଥିବା ସବ୍‌ଡିଭିଜନମାନଙ୍କର ଏକ ତାଲିକା ସରକାର ରଖିଥିଲେ ଓ ବକ୍‌ସାର ତାହା ଭିତରେ ନ ଥିଲା ।

ଏକ୍‌କା ଗାଡ଼ି

ତେଣୁ ସାଇକଲ୍‌ରେ ବା ଚାଲିକରି ମୁଁ ଗସ୍ତ କରୁଥିଲି । ମୋର ଗୋଟିଏ ଘୋଡ଼ା ଥିଲା; କିନ୍ତୁ ବକ୍‌ସାର ନିକଟବର୍ତ୍ତୀ ଅଞ୍ଚଳ କିମ୍ବା ଅନ୍ୟ କୌଣସି ଜାଗାରେ କ୍ୟାମ୍ପ ପକାଇବାକୁ ଥିଲେ ମୁଁ କେବଳ ଏ ଘୋଡ଼ାଟିକୁ ବ୍ୟବହାର କରୁଥିଲି । ଶୀତଋତୁରେ ବେଳେବେଳେ ମୋ’ ସ୍ତ୍ରୀ ମୋ ସହିତ କ୍ୟାମ୍ପକୁ ଯାଉଥିଲେ । ମୁଁ ସାଇକଲ୍‌ରେ ଓ ସେ ଏକ୍‌କାରେ ଯାଉଥିଲେ । ଏକ୍‌କା ହେଉଚି ଗୋଟିଏ ଘୋଡ଼ା ଟାଣୁଥିବା ଏକପ୍ରକାର ଗାଡ଼ି । ଗୋଡ଼ ଦି’ଟା ତଳକୁ ଚକ ପର୍ଯ୍ୟନ୍ତ ଲମ୍ବାଇ ଯାତ୍ରୀଙ୍କୁ ଏହାର ହାଉଡ଼ା କାଠପଟା ଉପରେ ବସିବାକୁ ହୁଏ ଓ ଏକ୍‌କାଗାଡ଼ି ଚାଲିଲାବେଳେ ଢାଲେ ଗଡ଼ିପଡ଼ିବ, ସେଥିପାଇଁ ଖୁବ୍ ସାବଧାନତା ଅବଲମ୍ବନ କରିବାକୁ ପଡ଼େ । ସେଥିରେ ମଧ୍ୟ ରାସ୍ତାଧୂଳିରୁ ଗୋଡ଼ ଦି’ଟା ଛାଡ଼ ପାଏ ନାହିଁ । ଏହାର ସମସ୍ତ ବିପଦ ଓ ଅସୁବିଧା ସତ୍ତ୍ୱେ ଏକ୍‌କା ହେଉଛି ବିହାରର ଏକ ସର୍ବସାଧାରଣ ଯାନ । ଯେଉଁଠି ଦୁଇଫୁଟ ପର୍ଯ୍ୟନ୍ତ ହିଡ଼ ଅଛି, ଏକ୍‌କା ଗାଡ଼ି ସେ ବାଟରେ ମଧ୍ୟ ଯାଇପାରିବ । ଘଣ୍ଟାରେ ଏହାର ବେଗ ଆଠମାଇଲ ଓ ଏଥିରେ ଯିବାଆସିବା କରିବାକୁ କମ୍ ଖର୍ଚ୍ଚ ପଡ଼େ । ବୋଧହୁଏ ମହାଭାରତ-ଯୁଦ୍ଧରେ ଯେଉଁ ରଥ ବ୍ୟବହୃତ ହେଉଥିଲା, ତାହା କାଳକ୍ରମେ ଏକ୍‌କାରେ ପରିଣତ ହୋଇଛି । ବେଳେବେଳେ ମୁଁ ତମ୍ବୁ ପକାଇ ରହୁଥିବାବେଳେ ଓକିଲମାନେ ଏକ୍‌କାରେ ଆସି ନିଜ ନିଜର ତମ୍ବୁ ପକାଇ ମୋ’ କ୍ୟାମ୍ପ୍‌ରେ ରହୁଥିଲେ । ଏକ୍‌କାରେ ସେମାନଙ୍କ ସହିତ ସେମାନଙ୍କର ତମ୍ବୁ ମଧ୍ୟ ଆସି ପାରୁଥିଲା ଓ ଏଥିରେ କମ୍ ଖର୍ଚ୍ଚ ପଡ଼ୁଥିଲା ।

Digitized by PPRACHIN, SOA

୧୯୨୫ ମସିହାରେ ବକ୍ସାର ଅଳ୍ପ ଶିକାରପାଇଁ ଏକ ଉତ୍କୃଷ୍ଟ ସବ୍‌ଡିଭିଜନ୍ । ସବ୍‌ଡିଭିଜନ୍‌ାଲ ଅଫିସର୍‌ଙ୍କ ଟିପାଖାତାରେ କେଉଁଠି କୃଷ୍ଣସାର ମରାଯାଇ ପାରିବ, ତା'ର ଏକ ତାଲିକା ଥିଲା । ଦଳଦଳ ହୋଇ ଏତେ କୃଷ୍ଣସାର ବୁଲୁଥିଲେ ଯେ ମୁଁ ମୋର କ୍ୟାମ୍ପ୍‌ପାଇଁ ଗୋଟିଏ ଗୋଟିଏ ଶିକାର କରୁଥିଲି । ୧୯୦୮ ମସିହାରେ ମୁଁ ପୁଣିଥରେ ବକ୍ସାର ଗସ୍ତରେ ଯାଇଥିବାବେଳେ ଗୋଟିଏ ହେଲେ କୃଷ୍ଣସାର ଦେଖିଲି ନାହିଁ । ଏହି ଜାତୀୟ ମୃଗ ସେଠାରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି ! ବାଗେଶ୍ୱୀ ପକ୍ଷୀ ମଧ୍ୟରେ ଖୁବ୍ ରୁଚିକର ଖାଦ୍ୟ ଥିଲା । ତେଣୁ ଜଣେ ଜଣେ ଧନୀ କୃଷୀ ଶହ ଶହ ସଂଖ୍ୟାରେ ଏହି ପକ୍ଷୀଙ୍କୁ ଜାଲ ପକାଇ ଧରି ନେଉଥିଲେ ।

ଗ୍ରେଡ୍ ରୋଲର୍‌ରୁ ବିଜୁଳି ଆଲୁଅ

ସେତେବେଳେ ସେଠାରେ ବିଜୁଳି ଆଲୁଅ କ'ଣ ଲୋକେ ଜାଣି ନ ଥିଲେ; କିନ୍ତୁ ମୋ' ସ୍ତ୍ରୀ ଦାତବ୍ୟ କାର୍ଯ୍ୟପାଇଁ ଥରେ ଏକ ଉତ୍ସବର ଆୟୋଜନ କରି ଯେ କୌଣସିମତେ ବିଜୁଳି ଆଲୁଅ ଜାଳିବାପାଇଁ ସ୍ଥିର କରିନେଲେ । ମୁଁ ସେତେବେଳକୁ ଫୋର୍ଟ (ଗଡ଼ଖାଇ ବେଷ୍ଟିତ ଘର) ଘରେ ଯାଇ ରହିଲିଣି । ଏହି ଘରକୁ ଲାଗି ସିମେଣ୍ଟଦିଆ ଟେନିସ୍ ପଡ଼ିଆରେ ନାଟକର ଆୟୋଜନ ହେଲା । ଗଡ଼ଖାଇ ଭିତରକୁ ମାଟି ଗଡ଼ାଇ ଆଣି ଏକ 'ଗ୍ରେଡ୍ ରୋଲର୍' ଅଣାଗଲା । ଏହି ରୋଲର୍‌ର ଷ୍ଟିମ୍ ଇଞ୍ଜିନ ସାହାଯ୍ୟରେ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ବିଜୁଳି ଆଲୁଅ ବାହାର କଲେ ଓ ଏଥିରେ ରଙ୍ଗମଞ୍ଚ ଆଲୋକିତ ହେଲା । ଅଭିନୟ ଯାହା ହେଉନା କାହିଁକି, ରଙ୍ଗମଞ୍ଚରେ ଯେ ବିଜୁଳି ଆଲୁଅ ଜଳିଲା, ସେଥିରେ ଦର୍ଶକମାନଙ୍କ ପଇସା ଉଠିଗଲା । ମନେ ରଖନ୍ତୁ, ସବ୍‌ଡିଭିଜନାଲ ଅଫିସର୍‌ଙ୍କ ଘରେ ଏହି ନାଟକ ଅଭିନୟର ଆୟୋଜନ ହୋଇଥିବାଯୋଗୁ ଲୋକଙ୍କୁ ଦୁଇଗୁଣ ଅଧିକ ମୂଲ୍ୟ ଦେଇ ଟିକଟ କିଣିବାକୁ ହୋଇଥିଲା । ଏଥିରୁ ମିଳିଲା ଛଅ ଶହ ଟଙ୍କା । ସେତେବେଳେ ସ୍ଥାନୀୟ ମ୍ୟୁନିସିପାଲିଟି ପକ୍ଷରୁ ଯେଉଁ ପ୍ରାଥମିକ ବାଳିକାବିଦ୍ୟାଳୟ ଆରମ୍ଭ କରା ହେଉଥିଲା, ସେଥିପାଇଁ ସେତେବେଳର ଏ ଛଅ ଶହ ଟଙ୍କା ପାଣ୍ଠି କମ୍ ନୁହେଁ ।

ଗ୍ରୀଷ୍ମ ଋତୁରେ ଅତ୍ୟନ୍ତ ଗରମ ହେଉଥିଲା; କିନ୍ତୁ ଶୀତଋତୁ ବେଶ୍ ଉପଭୋଗ୍ୟ ଥିଲା । ରେଫ୍ରିଜରେଟର୍ କ'ଣ ଲୋକେ ଜାଣି ନ ଥିଲେ । ବରଫ ମିଳୁ ନ ଥିଲା । ପିଇବା ପାଣିକୁ ସୁରାଇରେ ରଖି ଆମେ ଥଣ୍ଡା କରୁଥିଲୁ । ସୁରାଇକୁ ଦେଖିଲେ ମୋ'ର ବଗ ଓ କୋକିଶିଆଳି ଗପ ମନେପଡ଼େ । ବୋଧହୁଏ ଏହିପରି ଏକ ପାତ୍ରରେ ବଗ କୋକିଶିଆଳିକୁ ଖାଇବାକୁ ନିମନ୍ତ୍ରଣ କରିଥିଲା । ସୁରାଇକୁ ଆମେ ଏକ ଗଛ ଡାଳରେ ଝୁଲାଇ ଦେଉଥିଲୁ । ଥଣ୍ଡାପବନ ବହିଲାବେଳେ ସେ ସୁରାଇକୁ

Digitized by PPRACHIN, SOA

ଅଣ୍ଡା ରଖୁଥିଲି । ଆଗ୍ରାରେ କ୍ଲବ ଏବଂ ତା'ର ବୟୋଜ୍ୟେଷ୍ଠ ସଭ୍ୟଙ୍କର ଆଇସ୍ ବକ୍ସ ଥିଲା । ଏହା ସାହାଯ୍ୟରେ ସେମାନେ ତାଙ୍କର ସୋଡ଼ା ଓ ସନ୍ଧ୍ୟାକାଳୀନ ହୁଇସ୍କିକୁ ଥଣ୍ଡା ରଖୁଥିଲେ ।

୧୯୨୩-୨୪ ମସିହାରେ ବକ୍ସାରର ଆର୍ଥିକ ଅବସ୍ଥା

୧ । କୃଷି, ଗୋ-ମହିଷାଦି ପାଳନ ଓ ବ୍ୟବସାୟାଦି ଲୋକମାନଙ୍କର ଏକମାତ୍ର ଧନ୍ଦା ଥିଲା ।

୨ । କମାର, ବଢ଼େଇ, କୁମ୍ଭାରଙ୍କ କାମ ଛଡ଼ା ଅନ୍ୟ କୌଣସି ଉଲ୍ଲେଖ-ଯୋଗ୍ୟ ଶିଳ୍ପ ନ ଥିଲା । ସେମାନେ ସ୍ଥାନୀୟ ଲୋକଙ୍କ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉତ୍ପାଦନ କରୁଥିଲେ । ଉଭୟ ହିନ୍ଦୁ, ମୁସଲମାନ ଓ ତନ୍ତୀ ତାଙ୍କର ବ୍ୟବସାୟ ଛାଡ଼ି ଦେଇଥିଲେ । ଦେଶ ଭିତରୁ ଓ ବାହାରୁ ମିଲ୍-ତିଆରି ଲୁଗା ବଜାରରେ ଆସି ଅଜାଡ଼ି ହୋଇପଡ଼ୁଥିଲା ।

୩ । ଚୀନା ଫେରିବାଲାମାନେ ଶସ୍ତାଧରଣର ସିଲ୍କ ଲୁଗା ଓ ଜରିପକା ଲୁଗା ଆଣି ବିକ୍ରି କରୁଥିଲେ । ବକ୍ସରବାଲାମାନେ କୌଣସି କୌଣସି ଅଙ୍ଗ୍ଲୋଇଣ୍ଡିଆନ ଲେଡ଼ି [ଯାହାଙ୍କ ସହିତ କେବେ ଦେଖାହେବା ସମ୍ଭବ ନୁହେଁ]ଙ୍କଠାରୁ ଆଣିଛନ୍ତି ବୋଲି କହି ଲେସ୍, ସିଲ୍କ, ଅର୍ଗାଣ୍ଡି ଚଫନ ଆଦି ବିକ୍ରି ପାଇଁ ଆଣୁଥିଲେ; କିନ୍ତୁ ଏହା ବାକିରେ ଦେଉ ନ ଥିଲେ ।

୪ । ଗୋରୁ-ଗାଈମାନେ ସାହାବାଦୀ, ଗାଈମାନେ ଦୁଧିଆଳୀ ଥିଲେ ଓ ବଳଦସବୁ ଖୁବ୍ ବଳୁଆ ଥିଲେ ।

୫ । ପ୍ରଚୁର ପରିମାଣରେ ଦୁଧ ମିଳୁଥିଲା । ମୁଁ ଯେଉଁ ଗାଁକୁ ଯାଉଥିଲି, ଲୋକେ ଧୂଆଁ ଭରିଆ ମୋଟା ସିଝା ଦୁଧ ଦେଉଥିଲେ । କାଠ ଚୁଲ୍ଲୀରେ ଦୁଧ ଗରମ କଲାବେଳେ ଦୁଧଭିତରେ ଧୂଆଁ ପଶି ଯାଉଥିଲା ଓ ଏ ଧୂଆଁ ଗନ୍ଧ ରହିଯାଉଥିଲା । କାଳକ୍ରମେ ମୁଁ ଏ ଦୁଧ ସହିତ ଅଭ୍ୟସ୍ତ ହୋଇଗଲି ଓ ଧୂଆଁ ଗନ୍ଧ ନ ଥିବା ଦୁଧଠାରୁ ଏ ଦୁଧକୁ ଅଧିକ ପସନ୍ଦ କଲି । ବେଳେବେଳେ ଖୁବ୍ ସର ପକା ଦହି ମିଳୁଥିଲା ଏବଂ ଏ ଦହି ଏପରି ବସି ଯାଉଥିଲା ଯେ, ଛୁରୀ ବା ଛୁରୀରେ କାଟିବା ଦରକାର ହେଉଥିଲା ।

Digitized by PPRACHIN, SOA

୬ । ଚଣା, ବାର୍ଲି, ମକ୍କା, ଶିମ୍ବ ମଞ୍ଜିକୁ ଗୁଣ୍ଡ କରି ଲିଟି ନାମକ ଏକ କୋରୀ ପ୍ରସ୍ତୁତ କରାଯାଉଥିଲା । ଘିଅରେ ଭର୍ଜା ଏହି କୋରୀକୁ ଗୃହର ସମ୍ମାନିତ ଅତିଥିମାନଙ୍କୁ ଦିଆଯାଉଥିଲା । ସେପରି ପେଟୁ ନ ହେଲେ ଏଥିରୁ ଗୋଟାଏ କୋରୀ ଖାଇବା ଅସମ୍ଭବ ଥିଲା ।

୭ । ଅନେକ ଗାଁରେ ଓଟୁ ଘୋଡ଼ା ସବୁ ଥିଲେ । ବରହମ୍‌ପୁର ମେଳାକୁ ହଜାର ହଜାର ଗାଈ ଓ ଶହ ଶହ ସଂଖ୍ୟାରେ ଓଟୁ ଘୋଡ଼ା ବିକି ପାଇଁ ଆସୁଥିଲେ । ଗୋଟିଏ ମେଳାରେ ପ୍ରାୟ ପାଞ୍ଚ ଶହ ପର୍ଯ୍ୟନ୍ତ ବଳଦ ହସ୍ତାନ୍ତର ହେଉଥିଲେ । ଏକ ବିଶେଷ ନାଳ ସାହାଯ୍ୟରେ ସରକାରୀ କେନାଲରୁ ମେଳା ସ୍ଥାନକୁ ପାଣି ଯୋଗାଇ-ବାର ବ୍ୟବସ୍ଥା କରାଯାଉଥିଲା ।

୮ । ଲୋକେ କର୍ମନାଶା ନଦୀକୁ ଡରୁଥିଲେ । ଏହାର ନାମରୁ ଦେଖାଯିବ ଯେ, ଏହା କିପରି ଅମଙ୍ଗଳସୂଚକ । ଏହି ନଦୀ କେବଳ ଅନୁର୍ବର ଅଞ୍ଚଳରେ ପ୍ରବାହିତ ହେଉଥିଲା, ଯେଉଁଠି ଏକମାତ୍ର ବୃକ୍ଷ ଥିଲା କଣ୍ଟକିତ ବାବୁଲ ଗଛ ।

ସାମାଜିକ ଅବସ୍ଥା

୧ । ସମାଜର ନୈତିକତା ଖୁବ୍ ଉଚ୍ଚରେ ଥିଲା । ଲୋକେ ଖେକ୍ ଠୋକ୍ କଥା କହୁଥିଲେ ।

୨ । ଲୋକଙ୍କର ଉଦ୍‌ବୃତ୍ତ କାମପିପାସା ମେଣ୍ଟାଇବାପାଇଁ ସହରମାନଙ୍କରେ "ଲାଲ୍‌ବତୀ" ଅଞ୍ଚଳ ବା ବେଶ୍ୟାପଡ଼ାମାନ ଥିଲା ।

୩ । ଅଧିକାଂଶ ବିବାଦ ଜମିବାଡ଼ିକୁ କେନ୍ଦ୍ର କରି ହେଉଥିଲା ।

୪ । ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାୟ ନ ଥିଲା କହିଲେ ଚଳେ । ଗୀତ ବୋଲିବା କାର୍ଯ୍ୟ କେବଳ ବେଶ୍ୟାମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ବେଶ୍ୟାପଡ଼ା ବ୍ୟତୀତ ସଙ୍ଗୀତର ଚର୍ଚ୍ଚା କ୍ୱଚିତ୍ ଅନ୍ୟତ୍ର ହେଉଥିଲା ।

୫ । ମୁଁ ଥରେ ଏକ ସ୍ଥାନରେ ଗାଉଣା, ବାଜଣାର ଦରବାରର ଅସୁବିଧାରେ ପଡ଼ିଗଲି । ଯାହା ମୋ ଆଗରେ ପରିବେଷଣ କରାଗଲା, ସେଥିରେ ମୁଁ ଲଜ୍ଜିତ ହୋଇଗଲି । ସେ ହେଉଛନ୍ତି ଡୁମାରୀଓର ଜଣେ ବେଶ୍ୟା ।

୬ । ଜାତିଭେଦ ଓ ଅସ୍ପୃଶ୍ୟତା ସମାଜରେ ଦୃଢ଼ ଥିଲା । ଯେଉଁ ତିନୋଟି ଜାତି ପରସ୍ପର ମଧ୍ୟରେ ଆସ୍ଥାନପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ସେମାନେ ହେଲେ କାୟସ୍ଥ, ଭୁମିହାର ଓ ରାଜପୁତ ।

Digitized by PPRACHIN, SOA

୭ । ରାଜପୁତ୍ ଓ ଅହିର୍‌ମାନଙ୍କୁ ସୈନ୍ୟବାହିନୀରେ ନିଆଯାଉଥିଲା । ସୈନ୍ୟବିଭାଗରୁ ପେନ୍‌ସନ୍ ପାଉଥିବା ଏବଂ ଯୁଦ୍ଧର କ୍ଷତ ଦେହରେ ଧାରଣ କରିଥିବା ମେଡାଲପ୍ରାପ୍ତ କୌଣସି କୌଣସି ବ୍ୟକ୍ତିଙ୍କଠାରୁ କାବୁଲ ଅଭିଯାନର କାହାଣୀ ଶୁଣିବା ବେଶ୍ ଲୋଭନୀୟ ଥିଲା ।

ମୋତିଲାଲଙ୍କ 'ମିଟିଂକା କପଡ଼ା'

ମୋର ବକ୍‌ସାର ରହଣିର ଗୋଟିଏ ଘଟଣା ବେଶ୍ ଉପଭୋଗ୍ୟ । ଗଭର୍ଣ୍ଣରଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍‌ର ସଭ୍ୟ (ସେତେବେଳେ ମନ୍ତ୍ରୀ) ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ପାଟଣାରେ ତାଙ୍କ ଘରେ ଆସି ସପରିବାର ରହିବା ପାଇଁ ମୋତେ ନିମନ୍ତ୍ରଣ କରିଥାନ୍ତି । ଆମେ ବକ୍‌ସାରରେ ଗାଡ଼ି ଚଢ଼ି ଦେଖୁ ତ ଆମ ଡବାରେ ପଣ୍ଡିତ ମୋତିଲାଲ ନେହରୁ (ଜବାହରଲାଲ ନେହରୁଙ୍କ ପିତା) ଓ ତାଙ୍କ ପରିବାରର ବହୁ ମହିଳା ବସିଛନ୍ତି । ଗାଡ଼ି ପାଟଣାରେ ପହଞ୍ଚିବା ପୂର୍ବରୁ ମୋତିଲାଲ ତାଙ୍କର 'ମିଟିଂକା କପଡ଼ା' ଆଣିବାକୁ କହି ବାଥ୍ ରୁମ୍‌ରେ ପଶିଗଲେ ଓ କିଛି ସମୟପରେ ଶୁଭ୍ର ଖଦଡ଼ ଲୁଗା ପିନ୍ଧି ବାହାରି ଆସିଲେ । ତାଙ୍କର ସ୍ୱଭାବ, ଚରିତ୍ର ସଙ୍ଗେସଙ୍ଗେ ଶୁଭ୍ର ଖଦୀ-ଟୋପିପିନ୍ଧା ତାଙ୍କର ମନୋଜ୍ଞ ମୁଖମଣ୍ଡଳ ଦେଖିଲେ ଯେ କେହି ତାଙ୍କ ପ୍ରତି ଭକ୍ତିରେ ଅଭିଭୂତ ନ ହୋଇ ରହିପାରିବ ନାହିଁ । ପାଟଣାଠାରେ ଡକ୍ଟର ସଚ୍ଚିଦାନନ୍ଦ ସିହ୍ନାଙ୍କ ସମେତ ଏକ ବିରାଟ ଜନତା ପଣ୍ଡିତ ମୋତିଲାଲଙ୍କ ଅପେକ୍ଷାରେ ରହିଥିଲା । ଆମେ ପୃଥକ୍ ପୃଥକ୍ ଗାଡ଼ିରେ ଷ୍ଟେସନରୁ ଗଲୁ । କେବଳ ଚା' ଖାଇବା ସମୟରେ ଯେତେବେଳେ ଆମେ ଏକାଠି ହେଲୁ, ସେତେବେଳେ ଆମେ ସେହି ଜଣଙ୍କ ଘରର ଅତିଥି ବୋଲି ବୁଝିପାରିଲୁ ।

ପରିସ୍ଥିତିଟା ଆମ ପକ୍ଷରେ ଆଦୌ ପ୍ରୀତିକର ନ ଥିଲା । ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ସରକାରଙ୍କର ଅତି ବିଶ୍ୱସ୍ତ ଥାଇ ବ୍ରିଟିଶ ସରକାରଙ୍କ ପହିଲା ନମ୍ବର ଶତ୍ରୁ ଓ ଜଣେ ଜୁନିଅର୍ ସରକାରୀ କର୍ମଚାରୀଙ୍କୁ ଏକାଠି ନିଜଘରେ ଆଣି ରଖିଥିଲେ । ମୋତିଲାଲ ନିଖିଳଭାରତ କଂଗ୍ରେସ କମିଟିର ଏକ ବୈଠକରେ ଯୋଗ ଦେବାପାଇଁ ଆସିଥିଲେ । ଯେଉଁ ମହିଳାମାନେ ତାଙ୍କ ସହିତ ଆସିଥିଲେ, ସେମାନେ ଖୁବ୍ ସରୁ ସିଲ୍‌କ୍ ଶାଢ଼ୀ ପିନ୍ଧିଥିଲେ; କିନ୍ତୁ ଚା' ଖାଇବାବେଳେ ଖଦଡ଼ ଶାଢ଼ୀ ପିନ୍ଧି ପହଞ୍ଚିଗଲେ ।

ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା, ସରକାରଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍‌ର ସଭ୍ୟ ହେବା ପୂର୍ବରୁ ବାରିଷ୍ଟର ଥିଲେ ଓ ପାଞ୍ଚବର୍ଷ ସଭ୍ୟ ହେବାପରେ ପୁଣି ଓକିଲାତି ଆରମ୍ଭ କରିଥିଲେ । ସେ ଜଣେ ଖ୍ୟାତନାମା ସାମ୍ବାଦିକ ଓ ବିହାରର ଶ୍ରେଷ୍ଠ ଜନସେବୀ ଥିଲେ । ପାଟଣାରେ ଥିବା ତାଙ୍କର ଏକ ପ୍ରକୃଷ୍ଟ ପୁସ୍ତକାଗାରକୁ ସେ ସାଧାରଣଙ୍କୁ ଦାନ କରି ଦେଇଥିଲେ । ତାଙ୍କର ଦୈନିକ କାର୍ଯ୍ୟ ଭିତରେ

Digitized by PPRACHIN, SOA

ଭାରତର ସବୁ ପ୍ରଧାନ ପ୍ରଧାନ ସମ୍ବାଦପତ୍ରର କଟିଂ ବା ପ୍ରୟୋଜନୀୟ ଅଂଶ ରଖାଯାଉଥିଲା । ବୋଧହୁଏ ସେ କାଗଜଯାକ ସବୁ ସେ ପଢ଼ୁ ନ ଥିଲେ । ସେ ଯେତକ ପଢ଼ୁଥିଲେ, ତା’ର ପ୍ରୟୋଜନୀୟ ଅଂଶଯାକରେ ଚିହ୍ନ ଦେଇ ଦେଉଥିଲେ ଓ ତାଙ୍କ ଅଫିସରେ ତାହା କଟାଯାଇ ରଖାଯାଉଥିଲା । ବାକି ଖବରକାଗଜତକ ତାଙ୍କ ଅଫିସ କର୍ମଚାରୀମାନେ ପଢ଼ି ଯାହା ତାଙ୍କର ଦରକାର ହେବ ବୋଲି ଭାବୁଥିଲେ, ତାଙ୍କପାଇଁ ତାହା ଚିହ୍ନ ଦେଇ ରଖୁଥିଲେ । ଏହିସବୁ କଟା ହୋଇ ରଖାଯାଉଥିବା କାଗଜ ଅନେକଗୁଡ଼ିଏ ଆଲମାରୀରେ ବହୁ ଶ୍ରେଣୀବିଭାଗ କରାଯାଇ ଠିକ୍ ଭାବରେ ରଖାଯାଉଥିଲା । ଏସବୁ ତାଙ୍କର ଏପରି ମନେ ରହିଯାଇଥିଲା ଯେ, ଅଳ୍ପ କେତେ ମିନିଟ୍ ମଧ୍ୟରେ ୨୦ ବର୍ଷ ତଳର ରମେଶଚନ୍ଦ୍ର ଦତ୍ତଙ୍କର କୌଣସି ବକ୍ତୃତା କିମ୍ବା ପ୍ରଥମ ମହାଯୁଦ୍ଧ ପୂର୍ବରୁ ଆସ୍‌କ୍ୟୁଇଥଙ୍କ କୌଣସି ଭାଷଣକୁ ସେ ସହଜରେ ବାହାର କରି ଦେଉଥିଲେ ।

ଏଠାରେ ଆଉ ଗୋଟିଏ ଘଟଣା କହିରଖେ । ମଧୁସୂଦନ ଦାସ (*ରାମ୍‌ସେ ମାକଡୋନାଲ୍‌ଡ୍‌ଙ୍କ ଭାଷାରେ ଓଡ଼ିଶାର ମୁକୁଟହୀନ ରାଜା) ବିହାର ଓ ଓଡ଼ିଶା ମନ୍ତ୍ରୀତ୍ୱରୁ ଇସ୍ତଫା ଦେଇ ମୋ କୋର୍ଟକୁ ଓକିଲଭାବରେ ଆସିଥିଲେ । ମୁଁ ତାଙ୍କର ଏକ ଯୁକ୍ତି ସମ୍ପର୍କରେ ଯେତେବେଳେ ପ୍ରଶ୍ନ କଲି, ସେ ମୋତେ ବେଶ୍ କେତେକ କଥା ଶୁଣାଇ ଏକ ବକ୍ତୃତା ଦେଲେ । ଯଦିଓ କୋର୍ଟରେ ମୁଁ ଥିଲି ହାକିମ, ମଧୁସୂଦନ ଦାସଙ୍କ ଭଳି ବ୍ୟକ୍ତିଙ୍କ କଥାକୁ ମୁଣ୍ଡପାତି ସହିନେବା ବ୍ୟତୀତ ଅନ୍ୟ ବାଟ ନ ଥିଲା । କଚେରୀ କାମ ଶେଷହେବା ପରେ ସେ ଆମ ଘରକୁ ଆସିଥିଲେ ଓ ଓଡ଼ିଶା ପରିସ୍ଥିତି ସମ୍ପର୍କରେ ଆମେ ବହୁ ସମୟ ଧରି ଆଲୋଚନା କରିଥିଲୁ ।

ଅଭାବରୁ ଉଚ୍ଚଶିକ୍ଷା

ବକ୍‌ସାରରେ ମୋର ଆର୍ଥିକ ଅବସ୍ଥା ଭଲ ନ ଥିଲା । କିଛି ଟଙ୍କା ରୋଜଗାର କରିବାପାଇଁ ମୁଁ କେତେକ ଭାଷା ଶିକ୍ଷା କରି ପରୀକ୍ଷା ଦେବାକୁ ସ୍ଥିର କଲି । ଭାରତ ସରକାର ଓ ବିହାର-ଓଡ଼ିଶା ସରକାର ଉଭୟଙ୍କର ଏକ ପୁରସ୍କାର ଯୋଜନା ଥିଲା । ସଂସ୍କୃତରେ ପରୀକ୍ଷା ଦେଇ ମୁଁ ପାଞ୍ଚଶହ ଟଙ୍କା ପାଇଲି । ଭଲଭାବରେ ହିନ୍ଦୀଭାଷା ଜାଣିବାପାଇଁ ସାତଶହ ପଚିଶ ଟଙ୍କା ଓ ଉଚ୍ଚ ହିନ୍ଦୀଭାଷା ଜ୍ଞାନପାଇଁ ଏକହଜାର ପାଞ୍ଚଶହ ଟଙ୍କା ପାଇଲି । ବଙ୍ଗଳାଭାଷା ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହୋଇଥିଲି; କିନ୍ତୁ ମୋର ଚାକିରିର ପ୍ରଥମ ବର୍ଷ ମଧ୍ୟରେ କୌଣସି ବଙ୍ଗଳାଭାଷା ଜିଲ୍ଲାରେ ନ ଥିବା ଯୋଗୁ ମୋତେ କିଛି ଟଙ୍କା ମିଳିଲା ନାହିଁ । ଯେତେବେଳେ ବଙ୍ଗଳାଭାଷୀ ମାନଭୂମ ଜିଲ୍ଲାରେ କାର୍ଯ୍ୟ କରିବାକୁ

* ରାମ୍‌ସେ ମାକ୍‌ଡୋନାଲ୍‌ଡ୍, ବ୍ରିଟିଶ ଶ୍ରମିକନେତା ଓ ପ୍ରଧାନମନ୍ତ୍ରୀ ଥିଲେ ।

Digitized by PPRACHIN, SOA

ହେଲି, ସେତେବେଳେ ଘରକଣ୍ଟରେ ତେରବର୍ଷ ହୋଇଗଲାଣି । ସରକାର ଯେପରି ଏହି ପାଞ୍ଚଶହ ଟଙ୍କା ରଖିବାପାଇଁ ବାରବର୍ଷ କାଳ ଅପେକ୍ଷା କରିବାକୁ ଅପେକ୍ଷାରେ ରହିଥିଲେ ! ପରେ ମୁଁ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇ ଏକଶହକାର ଟଙ୍କା ପାଇଲି । ମୁଁ ମୁଣ୍ଡାରି ଓ ସାନ୍ତାଳି ଶିକ୍ଷା କଲି, କିନ୍ତୁ କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲି ।

ବକ୍‌ସାରଠାରେ ଆମର ପ୍ରଥମ ସନ୍ତାନର ଲାଳନ-ପାଳନରେ ମୋ ସ୍ତ୍ରୀଙ୍କୁ ସାହାଯ୍ୟ କରିବାପାଇଁ ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ଝିଅକୁ ଆମେ ନିଯୁକ୍ତ କରିଥିଲୁ । ପିଲାଟି ବଡ଼ ଦୁର୍ବଳ ଓ ରୋଗିଣା ଥିଲା । କିଛିଦିନ ପରେ ବକ୍‌ସାର କେନ୍ଦ୍ର ଜେଲର ଜଣେ ଆଙ୍ଗ୍ଲୋଇଣ୍ଡିଆନ ଅଫିସର ଏ ଝିଅ ସହିତ ପଳାଇଗଲା—ମାତ୍ର ପଛରେ ତାକୁ ଆଉ ପଚାରିଲା ନାହିଁ । ଝିଅଟି ଆମର ସାହାଯ୍ୟ ମାଗିଲା । ଆମେ କିଛି କରିପାରିଲୁ ନାହିଁ ।

ଗଭର୍ଣ୍ଣରଙ୍କୁ ମାନପତ୍ର

ଏସ୍. ଡି. ଓ. ହିସାବରେ ମୁଁ ବକ୍‌ସାର ଲୋକାଲ ବୋର୍ଡର ସଭାପତି ଓ ସାହାବାଦ ଜିଲ୍ଲାବୋର୍ଡର ସଭ୍ୟ ଥିଲି । ଗଭର୍ଣ୍ଣରଙ୍କୁ ଏକ ମାନପତ୍ର ଦେବାରେ ଜିଲ୍ଲାବୋର୍ଡ ଅର୍ଥବ୍ୟୟ ହେବାରେ ମୁଁ ଘୋର ଆପତ୍ତି କରିଥିଲି । ସ୍ଥାନୀୟ ସ୍ୱାୟତ୍ତ-ଶାସନ ଆଇନ ଅନୁଯାୟୀ ଜିଲ୍ଲାବୋର୍ଡର ପାଣ୍ଠି କେତେକ ନିର୍ଦ୍ଦିଷ୍ଟ ବିଷୟରେ ଖର୍ଚ୍ଚ ହେବାର କଥା । ଗଭର୍ଣ୍ଣରଙ୍କୁ ମାନପତ୍ର ଦେବା ତା'ର ଅନ୍ତର୍ଭୁକ୍ତ ହୋଇ ନ ପାରେ । ମୋର ଆପତ୍ତି ଶେଷକୁ ଗୃହୀତ ହେଲା ଓ ଏଥିରେ ଯାହା ଖର୍ଚ୍ଚ ହୋଇଥିଲା, ସଭ୍ୟମାନେ ନିଜ ନିଜ ଭିତରେ ଚାନ୍ଦା ଉଠାଇ ତାହା ଭରଣା କଲେ । କଥାଟା ଏଠି ଶେଷ ହେଲା ନାହିଁ । ଗଭର୍ଣ୍ଣରଙ୍କୁ ମାନପତ୍ର ଦେବାରେ କାହିଁକି ମୁଁ ଆପତ୍ତି କଲି, ସେ ବିଷୟରେ ମୋ'ଠାରୁ କୈଫିୟତ ତଲବ କରାଗଲା । ମୁଁ କିଛି ଉତ୍ତର ଦେଲି ନାହିଁ; କାରଣ ମୋର ଆପତ୍ତି ଥିଲା, ଜିଲ୍ଲାବୋର୍ଡ ପାଣ୍ଠି କାହିଁକି ଏଥିପାଇଁ ଖର୍ଚ୍ଚ ହେବ ?

ବକ୍‌ସାରରୁ ବଦଳି ନେବା ମୋ ପକ୍ଷରେ ଟିକିଏ ଦୁଃଖଦାୟକ ହୋଇଥିଲା । କାରଣ ଏଠାରେ ମୁଁ ବିବାହ କରିଥିଲି ଓ ଏଠାରେ ମୋର ଦୁଇଟି ସନ୍ତାନ ଜନ୍ମ ହୋଇଥିଲେ । ଜଣେ ଜନ୍ମ ହେବାର ଆଠଦିନ ପରେ ମରିଗଲା । ମୋ ସ୍ତ୍ରୀ ସଙ୍ଗରେ ତାଙ୍କର ଦଶବର୍ଷର କନ୍ୟା ଉଲିକୁ ଘେନି ଆସିଥିଲେ । ପରେ ସେ ମୋ' ପରିବାରର ସମସ୍ତ ଭାର ବୁଝିଲା । ଯେତେବେଳେ ମୋର ପ୍ରଥମ ପୁତ୍ରର ଜନ୍ମ ହେଲା, ଓକିଲମାନେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବାରୁ ମୋତେ ସ୍ୱାଗତ ଜଣାଇବାପାଇଁ ଆସିଥିଲେ ।

Digitized by PPRACHIN, SOA

ସାମାଜିକ ସ୍ତରରେ ଅବସର ବିନୋଦନପାଇଁ ସୁଯୋଗ ନ ଥିବା ଯୋଗୁଁ ପଞ୍ଜାବ ମେଲ୍ ଆସିବାବେଳେ ଆମେ ରେଲଷ୍ଟେସନ୍‌କୁ ଯାଉଥିଲୁ । ଅନେକ ସମୟରେ ଗାଡ଼ିରେ ଯାଉଥିବା ପରିଚିତ ବ୍ୟକ୍ତିଙ୍କର ଦେଖା ମିଳୁଥିଲା ଓ ଗାଡ଼ିରୁ ଓହ୍ଲାଇ ଆମ ସହିତ ଦିନେ ଦୁଇ ଦିନ ରହିବାପାଇଁ ଆମେ ତାଙ୍କୁ ପ୍ରବର୍ତ୍ତାଇ ପାରୁଥିଲୁ ।

୧୯୧୪ ମସିହା ଗ୍ରୀଷ୍ମମାସ ଛୁଟିରେ ମୋର ସାବିତ୍ରି ଝିଅ ତଲି, ଜରରେ ଅସୁସ୍ଥ ହୋଇପଡ଼ିଲା । ଦି'ଦିନ ଭିତରେ ଜ୍ୱର ଛାଡ଼ିଗଲା; କିନ୍ତୁ ସେ ଏତେ ଦୁର୍ବଳ ହୋଇପଡ଼ିଥିଲା ଯେ, ଠିଆହୋଇ ପାରୁ ନ ଥିଲା । ପ୍ରାୟ ପନ୍ଦର ଦିନ କାଳ ସେ ଏହିପରି ବାତଗ୍ରସ୍ତ ରୋଗୀଭଳି ପଡ଼ି ରହିଲା । ଦିନେ ସକାଳୁ ସିଏ ଏକୁଟିଆ ତା' କୋଠରିରେ ଥିବାବେଳେ ଅନ୍ୟ କୋଠରିରେ ଥିବା ବର୍ଷକର ପିଲା ବାବଲା, ଜୋର୍‌ରେ କାନ୍ଦିଉଠିଲା । ତଲି ତା' ଖଟ ଉପରୁ ଡେଇଁପଡ଼ି ବାବଲା ଶୋଇଥିବା ଖଟଆଡ଼କୁ ଦୌଡ଼ିଗଲା । ସେ କେବଳ ଯେ ଠିଆହୋଇପାରୁଛି, ତାହା ନୁହେଁ; ଦଉଡ଼ି ପାରୁଛି ବୋଲି ଅନୁଭବ କଲା । ସେହିଦିନଠାରୁ ସେ ଭଲ ହୋଇଗଲା । ଆଉ ଏପରି କେବେ ତାକୁ ହୋଇ ନାହିଁ ।

ଫାରସୀଭାଷୀ ଲାଲ୍‌ଜୀ

ଲୁଗାପଟା ସଫା କରିବାପାଇଁ ଆମେ ଲାଲ୍‌ଜୀ ନାମକ ଜଣେ ଲୋକକୁ ନିଯୁକ୍ତ କଲୁ । ଲାଲ୍‌ଜୀ ଜଣେ ବୁଢ଼ା ଲୋକ । ମାଜାଗାସ୍କର୍‌ରେ ତା'ର ଗୋଟିଏ ଲଣ୍ଡ୍ରି ଥିଲା ଓ ସେଥିରେ ତା'ର ଜୀବନ କଟି ଯାଉଥିଲା । ସେ ଗଙ୍ଗା କୂଳରେ ଶେଷ ନିଃଶ୍ୱାସ ତ୍ୟାଗ କରିବାପାଇଁ ଭାରତ ଆସିଥିଲା । କିନ୍ତୁ ଆହୁରି ବହୁ ବର୍ଷ ବଞ୍ଚିବାର ଜୀବନୀଶକ୍ତି ତା'ର ଥିଲା । ସେ କେବଳ ଫାରସୀ ଭାଷା ଜାଣିଥିଲା । ମୁଁ ସାମାନ୍ୟ ଫାରସୀ ଭାଷା ଜାଣିଥିଲି । ଲୁଗା ସଫା କରିବା ବିଷୟରେ ଫାରସୀ ଭାଷାରେ ମୁଁ ତା' ସହିତ କଥାଭାଷା କରିପାରୁଥିଲି । ସେ ଉଭୟ ମନ ଓ ଶରୀରରେ ବେଶ ସାଧାସିଧା ଲୋକ ଥିଲା । ଆମେ ତାକୁ ଭଲ ପାଉଥିଲୁ । ସେ ତା'ର ଗଧକୁ ଏତେ ଭଲ ପାଉଥିଲା ଯେ, ଫାରସୀ ଭାଷାରେ ତା ସହିତ କଥାଭାଷା କରୁଥିଲା । ଏ ଗଧକୁ ଦୀର୍ଘ ଦୁ'ଶହ ମାଇଲ ବାଟ ଗାଡ଼ିରେ କଟକ ଆଣିବା ପାଇଁ ସେ ଜିଦ୍ ଧରିଥିଲା ।

ଟିକଟ ନ ନେଇ କୁକୁଡ଼ା ନିଅ

ବଦଳିର ଛାଡ଼ିବାବେଳେ ଆମର ଜିନିଷପତ୍ର ଗୋଟିଏ ରେଲ ଓ୍ୱାଗନ୍‌ରେ ଆସିଲା । ମୁଁ ଓ୍ୱାଗନ୍‌କୁ ବୁକ୍ କରିସାରି ଗୃହକୁ ମୋର ସଇଣ ଜମା କରିଦେଲି । ସେ ଘୋଡ଼ା-ଡବାରେ ଆସିଲା । ଏହି ଡବାରେ ମୋର ଘୋଡ଼ା, ଗାଈ, ବାଛୁରି ଓ ଗଧ ଆସିଲେ । ଏଥିପାଇଁ ମୋତେ ଗୋଟିଏ ଘୋଡ଼ାର ଭଡ଼ା ଦେବାକୁ ହେଲା । ରେଳବାଇ

Digitized by PPRACHIN, SOA

ନିୟମ ଅନୁଯାୟୀ ଗୋଟିଏ ଘୋଡ଼ାପାଇଁ ଯେତିକି ଭଡ଼ା, ତିନୋଟି ଘୋଡ଼ା ବା ତିନୋଟି ପଶୁପାଇଁ ସେତିକି । ମୁଁ ତିନୋଟି ଘୋଡ଼ା ସ୍ଥଳେ ଗୋଟିଏ ଘୋଡ଼ା, ଗୋଟିଏ ବାଛୁରୀ ଲଗିଥିବା ଗାଈ ଓ ଗୋଟିଏ ଗଧ ଆଣିଲି । ଏହା ବ୍ୟତୀତ ରେଲ୍‌ବାଇରୁ ଲାଲ୍‌ଜୀ ଓ ସଇଦ ଦୁଇଜଣ ପରିଚାରକଙ୍କୁ ଆସିବାପାଇଁ ଅନୁମତି ମିଳିଥିଲା ।

ଯେଉଁମାନେ ମୋତେ ବିଦାୟ ଦେବାପାଇଁ ଷ୍ଟେସନକୁ ଆସିଥିଲେ, ପଞ୍ଜାବ ମେଲ୍‌କୁ ପନ୍ଦର ମିନିଟ୍ ଅଟକାଇ ଦେଲେ । ଏହା ମୋର ଦୋଷ ନୁହେଁ, କି ଜନତାର ଦୋଷ ନୁହେଁ । ରେଲବାଇ କର୍ମଚାରୀମାନେ ଏତେ ଅନୁରକ୍ତ ଥିଲେ ଯେ ମୁଁ ଗାଡ଼ି ଭିତରକୁ ଯିବା ପର୍ଯ୍ୟନ୍ତ ହୁଇସିଲ୍ ଦେଇ ନ ଥିଲେ । ଏ ବିଳମ୍ବର କାରଣ କ'ଣ, ମୁଁ ଜାଣେ ନାହିଁ । ହୁଏତ ତିନି ବର୍ଷ ଗୋଟିଏ ସ୍ଥାନରେ ରହିବା ପରେ ଯେଉଁ ଜନତା ମୋତେ ବିଦାୟ ଦେବାକୁ ଆସିଥିଲେ, ତାଙ୍କର ମୋ ପ୍ରତି ଶ୍ରଦ୍ଧା ଏହାର କାରଣ ହୋଇପାରେ । ଗାଡ଼ି ଭିତରେ ମୋର ତିନି ଜଣ ଚାକର ଥିଲେ । କଲିକତାରେ ପହଞ୍ଚିବାର କେତୋଟି ଷ୍ଟେସନ୍ ପୂର୍ବରୁ ଚାକରମାନଙ୍କ ଉପରେ ଟିକିଏ ଗୋଲମାଲ ଲାଗିଲା । ଚାକରମାନେ ସାଙ୍ଗରେ ଗୋଟିଏ ବୋଝରେ କୋଡ଼ିଏ କୁକୁଡ଼ା ଆଣିଥିଲେ । ରେଲବାଇ କର୍ମଚାରୀ ଏଥିପାଇଁ ଏକ ତୃତୀୟ ଶ୍ରେଣୀ ଟିକଟ ଦାବିକଲେ । କୁକୁଡ଼ା-ଯାକଙ୍କର ଏତେ ଦାମ ହେବ ନାହିଁ । ରେଳ କର୍ମଚାରୀ ଓ ଚାକରମାନଙ୍କ ମଧ୍ୟରେ କିଛିସମୟ ଯୁକ୍ତିତର୍କ ହେବାପରେ ଏହି ବୋଝକୁ 'ଲଗେଜ୍' ଭିତରେ ଗଣାଗଲା । ଚାକରମାନେ ତୃତୀୟଶ୍ରେଣୀ ଟିକଟ ପରିବର୍ତ୍ତେ କୁକୁଡ଼ାଯାକ ରେଳବାଇ କର୍ମଚାରୀମାନଙ୍କୁ ଦେବାପାଇଁ କହିଲେ । ନିଶ୍ଚିତ ଭାବରେ ଜଣାଗଲା ଯେ, ରେଳବାଇ କର୍ମଚାରୀଙ୍କର କିଛି ଔଚିତ୍ୟ ଜ୍ଞାନ ଥିଲା ।

□ □

Digitized by PPRACHIN, SOA

ମୋର ବିବାହ

ମୋର ବିବାହ ବିକ୍ସାରରେ ହୋଇଥିବାଯୋଗୁ ତାହାର ବିବରଣୀ ଏଠାରେ ଦେବା ଉଚିତ ହେବ ।

ଏହା ବର୍ଣ୍ଣନା କରିବା ଦରକାର ପଡ଼ି ନ ଥାନ୍ତା । କିନ୍ତୁ ମୋର ଯେଉଁ "ଝିଆଣ୍ଟି" ଓ "ପୁତୁରା" ମାନେ ଏବଂ ଆମେରିକାନ୍ ବନ୍ଧୁମାନେ ଏ ବିଷୟ ଶୁଣିଛନ୍ତି, ସେମାନେ ଲଗାଇଲେ ଯେ, ମୁଁ ଏହାକୁ ଲେଖି ରଖେ ।

ପିଲାଦିନେ ମୁଁ ନିଶ୍ଚୟ "ଏଞ୍ଚୋଡ଼େ ପାକା" ବା ଅକାଳ କୁଷ୍ମାଣ୍ଡ ଥିଲି । କାରଣ ପାଞ୍ଚ ବର୍ଷ ବୟସରେ ମୁଁ ବୁଝି ପାରିଥିଲି ଯେ ମୋର ବିବାହର ଆଲୋଚନା ଚାଲିଛି । ୧୯୦୩ ମସିହା ଫେବୃୟାରି ମାସରେ ଚନ୍ଦ୍ରଭାଗା ବୁଲିକି ଆମ୍ଭେମାନେ ଯାଇଥିଲୁ । ମୁଁ ଗୋଟିଏ ବଳଦଗାଡ଼ି ଭିତରେ ଥିଲି । ସେ ଭିତରୁ ମୋତେ ନେଇ ଆଉ ଗୋଟିଏ ବଳଦଗାଡ଼ିରେ ଥିବା ଲୋକଙ୍କୁ ଦେଖାଇ ଦିଆଗଲା । ଆଉ ବଳଦ-ଗାଡ଼ି ଭିତରୁ ଜଣେ ଭଦ୍ର ମହିଳା ଗୋଟିଏ ଝିଅକୁ କାଖେଇ ବାହାରି ଆସିଲେ । ସେ ଝିଅଟି ଏଡ଼େ ପାଟିକରି କାନ୍ଦୁଥାଏ ଯେ, ସାରା ଯାତ୍ରାଟା ଫାଟିପଡ଼ୁଥାଏ । ସତେ ଯେପରି ଏକ ବାଗ୍ମୀର ଶକ୍ତି ତା କଣ୍ଠରେ ଥିଲା । ବୁଢ଼ା ବୁଢ଼ୀ ଲୋକଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଗଲା, ପିଲା ଦୁଇଟି ବେଶ୍ ଏକ ସୁନ୍ଦର ଯୋଡ଼ି ହେବେ । ସତ କହିବାକୁ ଗଲେ, ବିଭାଘର କଥା ଶୁଣି ମୋତେ ଫୁର୍ତ୍ତି ଲାଗିଲା—ଢୋଲ, ସେହେଁକାଳ ବାଜିବ ଓ କେତେ ପ୍ରକାର ବାଣ ଫୁଟିବ ! ସିଂଘାଣିନାକୀ, କାନ୍ଦୁରା ଝିଅଆଡ଼କୁ ଟିକିଏ ଭଲକରି ଚାହିଁଲି । ପ୍ରସ୍ତାବଟା ମୋର ପସନ୍ଦ ହେଲା । ମାତ୍ର ସେ ବୋଧେ ଅନୁମୋଦନ କଲା ନାହିଁ । କାରଣ ଫଳରେ ତ କିଛି ହେଲା ନାହିଁ !

ପରବର୍ତ୍ତୀ ଘଟଣାଟି ମୋର ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରିଛି । ଏଗାର ବର୍ଷ ବୟସରେ ଜଣେ ଆଦର୍ଶବାଦୀ ଶିକ୍ଷକଙ୍କ ପ୍ରଭାବରେ ବାରିପଦା ନିକଟବର୍ତ୍ତୀ ବୁଢ଼ୁଣେଇ ଘାଟ ଶିବ ମନ୍ଦିରରେ ମୁଁ ଦୁଇଟି ଶପଥ କରିଥିଲି ଏବଂ ତାହା ଆଗରେ ଆଜି ପର୍ଯ୍ୟନ୍ତ ତାହା ପ୍ରକାଶ କରି ନାହିଁ । ବର୍ତ୍ତମାନ ସେଥିରୁ ଗୋଟିଏ ମୁଁ ସାଧାରଣରେ ପ୍ରକାଶ କରୁଛି । କାରଣ ସତୁରି ବର୍ଷ ବୟସରେ ଆଉ ଥରେ ମୋର ବିବାହ କରିବାର ସମ୍ଭାବନା ନାହିଁ । ସେଥିରୁ ଗୋଟିଏ ଶପଥ ହେଉଛି—"ମୁଁ ବିଧବା ବିବାହ କରିବି" । ସେତେବେଳେ ଯେଉଁ ବଡ଼ ଲୋକଙ୍କର ଜୀବନୀ ପଢ଼ୁଥିଲି, ସେଥିରେ ମୁଁ ଖୁବ୍ ପ୍ରଭାବିତ ହୋଇପଡ଼ୁଥିଲି । ସେମାନଙ୍କ ମଧ୍ୟରେ ଜଣେ ହେଲେ ଈଶ୍ବରଚନ୍ଦ୍ର ବିଦ୍ୟାସାଗର, ଯେ

Digitized by PPRACHIN, SOA

କ, ସମାଜରେ ବିଧବାମାନଙ୍କ ସମ୍ପର୍କରେ ଥିବା କୁସଂସ୍କାର ବିରୁଦ୍ଧରେ ଲଢ଼େଇ କରିଥିଲେ । ମୁଁ ଭାବିଲି, ମୁଁ ଜଣେ ବିଧବାଙ୍କୁ ବିବାହ କରି ସାମାଜିକ କୁସଂସ୍କାର ଭାଙ୍ଗି ପାରିବି । ଆଗରୁ କୁହାହୋଇ ନାହିଁ, ହଠାତ୍ ଯେତେବେଳେ ମୋତେ ଦୁଇଟି ଶପଥ ଦେବାପାଇଁ କୁହାଗଲା, ମୋ ମନ ଭିତରେ ବିଧବା ବିବାହ କଥାଟା ଖୁବ୍ ବଡ଼ ସ୍ଥାନ ଅଧିକାର କରିଥିଲା । ମୋର ଶପଥ ଦୁଇଟି କିଣ, ଶିକ୍ଷକ ତାହା ନିଜେ ମଧ୍ୟ ମୋତେ ପଚାରିଲେ ନାହିଁ । ଆଉ ମଧ୍ୟ କାହାରିକୁ କହିବାକୁ ମନା କରିଥିଲେ । ଏହି ଦୁଇଟି ଶପଥ ଜୀବନସାରା ମୋର ଆଚରଣକୁ ଶୃଙ୍ଖଳିତ କରିଛି ।

୧୯୨୧ ମସିହାରେ ବିଲାତରେ ଏବଂ ୧୯୨୨ ମସିହାରେ ଭାରତରେ ବଙ୍ଗ, ବିହାର ଏବଂ ଉତ୍ତରପ୍ରଦେଶରୁ କେତେକ ବିଶିଷ୍ଟ ଲୋକଙ୍କ ସୂତ୍ରରୁ ମୋର ବିବାହ ପ୍ରସ୍ତାବ ଆସିଥିଲା । କିନ୍ତୁ ମୋର ଗୋଟିଏ ଉତ୍ତର ଥିଲା—"ଏବେ ନୁହେଁ" । ବିବାହ ପ୍ରାୟ ଅସମ୍ଭବ ବୋଲି ଇଂଲଣ୍ଡରେ ମୁଁ ଝିଅମାନଙ୍କ ସହିତ ବେଶି ମିଶାମିଶି କରୁ ନ ଥିଲି । ବିଧବା କେଉଁଠୁ ପାଇବି ? ମୁଁ ସାହେବୀ ନାଚ ଶିଖିଲି । କିନ୍ତୁ କୌଣସି ଝିଅକୁ ନାଚିବାପାଇଁ ଡାକିବାର ସାହସ ମୋର ନ ଥିଲା । ଅବଶ୍ୟ ଝିଅଙ୍କ ସହିତ ମିଶିଲେ ବା ନାଚିଲେ ଯେ ବିବାହ ହେବାକୁ ପଡ଼େ, ତାହା ନୁହେଁ । କିନ୍ତୁ ମୋ ମନ ଭିତରେ କାଳେ ବେଶି ଦୂର ଗ୍ଭଲିଯିବି ସବୁବେଳେ ଭୟ ରହିଥିଲା । ବିଲାତ ଯିବା ଆଗରୁ ପଦ୍ମାପ୍ରତି ମୋର ଗଭୀର ପ୍ରେମ ଥିଲା । ସେ ସମ୍ପର୍କରେ ମୋର ଭଉଣୀ ହେବେ ଏବଂ ସବୁ ଦୃଷ୍ଟିରୁ ମଧ୍ୟ ମୋର ଭଉଣୀପରି ଥିଲେ । ପଦ୍ମାପ୍ରତି ଆକୃଷ୍ଟ ଥିବାଯୋଗୁଁ ଅନ୍ୟ ଝିଅମାନଙ୍କ ସହିତ ମିଶିବା ଲାଳସାରୁ ବହୁ ଦୂରରେ ମୁଁ ଥିଲି । ଇଂଲଣ୍ଡରେ ଡି. ନାମକ ଜଣେ ଆଇରିସ୍ ଝିଅସହିତ ମୋର ଗଭୀର ପ୍ରେମ ହେଲା । କିନ୍ତୁ ଆମର ବନ୍ଧୁତାର ପ୍ରାଥମିକ ଅବସ୍ଥାରେ ମୁଁ ପରିଷ୍କାର କରିଦେଇଥିଲି ଯେ, ବିବାହର ପ୍ରଶ୍ନ ଉଠିପାରେ ନାହିଁ । ତେବେ ବି ଆମ ଉଭୟଙ୍କର ବିବାହିତ ଜୀବନରେ ମଧ୍ୟ ଚିଠିପତ୍ର ବିନିମୟ ହୋଇଛି । ମନ ଭିତରେ ଡି ପ୍ରତି ଅନୁରକ୍ତ ଥିବା ଯୋଗୁଁ ଇଂଲଣ୍ଡରେ ଅନ୍ୟ କୌଣସି ଝିଅଆଡ଼କୁ ଗ୍ଭହିଁବାକୁ ମୋର ମନ ହେଉ ନ ଥିଲା ।

ମୁଁ ବିବାହ କରିବା ବିରୁଦ୍ଧରେ ନୁହେଁ ବୋଲି ଜାଣି ଜଣେ ବୟସ୍କ ବନ୍ଧୁ ମୋର ଅଜ୍ଞାତସାରରେ ଅମୃତବଜାର ପତ୍ରିକାରେ ବିଜ୍ଞାପନ ଦେଇଦେଲେ ଯେ, "ଉଚ୍ଚ ସରକାରୀ ଚାକିରିରେ ଥିବା ଚବିଶ ବର୍ଷ ବୟସର ଜଣେ ବ୍ରାହ୍ମଣ ଯୁବକଙ୍କପାଇଁ ଠିକ୍ ସୁନ୍ଦରୀ, ଗୁଣବତୀ କନ୍ୟା ଆବଶ୍ୟକ ।" ସେ ବହୁତଗୁଡ଼ିଏ "ଦରଖାସ୍ତ" ପାଇଲେ । କେତେକ ଦରଖାସ୍ତରେ ଫଟୋ ଥିଲା । କେତେକ ଦରଖାସ୍ତ ଅତିଶୟ ଗୋପନୀୟ ଏବଂ ଗୋଟିଏ ଦରଖାସ୍ତରେ କନ୍ୟାର ସ୍କୁଲ ଏକ୍ସରସାଇଜ୍ ଖାତାର ଗୋଟିଏ ଛିନ୍ନ ପତ୍ର ମଧ୍ୟ ଥିଲା । ସବୁ ଫଟୋଗ୍ରାଫ ଏବଂ ହସ୍ତଲିପିଟି ଫେରାଇଦେବାପାଇଁ ଓ ଅନ୍ୟ ଦରଖାସ୍ତଗୁଡ଼ିକ ପୋଡ଼ିଦେବାପାଇଁ ମୁଁ ମୋର ବନ୍ଧୁଙ୍କୁ କହିଲି ।

Digitized by PPRACHIN, SOA

ଇତି ମଧ୍ୟରେ ପରମାନନ୍ଦ ଦଦେଇ ଏବଂ ଯଦୁ ଭାଇନା ମୋର ବାହାଘରପାଇଁ ଲାଗିପଡ଼ିଲେ । କଟକରେ କଲେଜରେ ପଢ଼ୁଥିବାବେଳେ ଜଣକ ଘରକୁ ମୁଁ ଯିବା ଆସିବା କରୁଥିଲି । ସେ ପରିବାରରେ ଦୁଇଟି ଝିଅ ଥିଲେ । ମୋର ସମ୍ମତିର ଅପେକ୍ଷାରେ ଦଦେଇ ଜଣକୁ ଠିକଣା କଲେ । କିନ୍ତୁ ଯଦୁ ଭାଇନା ଅନ୍ୟ ଜଣକୁ ଠିକଣା କରି ମୋତେ ନ ପଚାରି ମୋ ପକ୍ଷରୁ ପ୍ରତିଶ୍ରୁତି ଦେଇଦେଲେ । ମୁଁ ଯଦୁ ଭାଇନାଙ୍କୁ ଏକ କଡ଼ା ଚିଠି ଲେଖି ମନାକରିଦେଲି । ମୋ ସମ୍ବନ୍ଧରେ ନାନା ପ୍ରକାର ଗୁଜବ ରଟିଥିଲା । ପଦ୍ମା ଲେଖିଲା, "ମୁଁ ଶୁଣୁଛି, ତୁମେ ବିଭା କରିବାକୁ ନାରାଜ । ଅଥଚ ସାହାବାଣୀଟାଏ ରଖିଛ, ଏଇଟା କଣ ସୁନ୍ଦର ହେଉଛି ? ମୋତେ କୁହ, ତୁମେ କ'ଣ ଚାହଁ ? ମୁଁ ଚେଷ୍ଟା କରିବି ।" ଦଦେଇ ଆଉ ଗୋଟିଏ ଭଲ ପ୍ରସ୍ତାବ ଆଣିଥିଲେ । ଯଦି ପୂର୍ବରୁ ବିଧବା ବିବାହରେ ବନ୍ଧା ନ ଥାନ୍ତି, ମୁଁ ଏ ପ୍ରସ୍ତାବକୁ ଗ୍ରହଣ କରିଥାନ୍ତି । ଏ ପ୍ରସ୍ତାବଟି କନ୍ୟାର ପରିବାରରେ ଏପରି ଭାବରେ ଚର୍ଚ୍ଚା ହୋଇଯାଇଥିଲା ଯେ, କନ୍ୟାର ନାତି ଏବେ ଅଳ୍ପଦିନ ତଳେ ମୋତେ କହୁଥିଲା, ମୋର ଆଈ ତୁମକୁ ବିଭା ହେବାର ପରି ଥିଲା ! ମୁଁ କହିଲି "ତାଙ୍କୁ କହିବ, ଏବେ ମଧ୍ୟ ସମୟ ଅଛି !"

୧୯୨୨ ମସିହା ଏପ୍ରିଲ ମାସରେ ପାଟନା ରେଲୱେ ଜଙ୍କସନ୍‌ରେ ଇନ୍ଦୁମତୀ ଦତ୍ତଙ୍କସହିତ ଦେଖାହେବା ପରେ ମୋର ଭାଗ୍ୟ ନିର୍ଣ୍ଣୀତ ହୋଇଗଲା । ସେ ପାଟନା ଡିଭିଜନ୍‌ର ସହକାରୀ ସ୍କୁଲ୍ ଇନ୍‌ସ୍‌ପେକ୍ଟ୍ରେସ୍ ଥିଲେ ଏବଂ ଗୟାରୁ ଗନ୍ତାରେ ଫେରୁଥିଲେ । ସେହି ଗାଡ଼ିରେ ଆସୁଥିବା ମୋର ବନ୍ଧୁ ଜୀବନକୁ ଭେଟିବାକୁ ମୁଁ ଷ୍ଟେସନ୍‌କୁ ଯାଇଥିଲି । ଜୀବନ ମୋତେ ଇନ୍ଦୁମତୀସହିତ ପରିଚିତ କରାଇଦେଲା । ତା'ପରଦିନ ଇନ୍ଦୁମତୀ ଆମକୁ ଚା' ଖାଇବାପାଇଁ ନିମନ୍ତ୍ରଣ କଲେ । ଆମ ସହିତ ଅନ୍ୟ ବହୁ ଝିଅ ମଧ୍ୟ ନିମନ୍ତ୍ରିତ ହୋଇଆସିଥିଲେ । ସେଠାରେ ଗୀତବୋଲାଠାରୁ ଆରମ୍ଭକରି ବେଶ୍ ଆନନ୍ଦରେ ସମୟଟା କଟିଲା । ପୁଣି ଦ୍ୱିତୀୟ ଦିନ ସେ ଆମକୁ ଚା' ଖାଇବାପାଇଁ ନିମନ୍ତ୍ରଣ କଲେ । ସେଦିନ ଅଳ୍ପ ଝିଅ ଆସିଥିଲେ । ଝିଅମାନଙ୍କସହିତ ଆମକୁ ଭଲ ଭାବରେ ପରିଚିତ କରାଇବାପାଇଁ ତାଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥହେଲା । କାରଣ ଜୀବନ କାହାକୁ ବିବାହ କରିବ, ତାହା ଆଗରୁ ଠିକ୍‌କରି ନେଇଥିଲା ଏବଂ ସ୍କୁଲ ଛାତ୍ର ସମୟରୁ ମୁଁ ଯେଉଁପରି ଜଣେ ମହିଳାଙ୍କୁ ବିବାହ କରିବି ବୋଲି ଠିକ୍ କରିଥିଲି, ତାହାଙ୍କୁ ମୁଁ ପାଇଗଲି । ମାଟ୍ରିକୁଲେସନ୍ ପରେ ସେ ବିବାହ କରିଥିଲେ ଓ ପ୍ରଥମ ସନ୍ତାନର ଜନ୍ମପରେ ସେ ବିଧବା ହେଲେ । ତା ପରେ ସେ ଇଣ୍ଟରମିଡ଼ିଏଟ୍, ବି. ଏ ଓ ବି. ଟି ପାସ୍‌କରି ଦର୍ଶନ ଶାସ୍ତ୍ରରେ ଏମ୍. ଏ. ପର୍ଯ୍ୟନ୍ତ ପଢ଼ିଲେ । ଏହି ସମୟରେ ସେ ସ୍କୁଲ ସମୂହର ଆସିଷ୍ଟାଣ୍ଟ ଇନ୍‌ସପେକ୍ଟ୍ରେସ୍‌ରୂପେ ନିଯୁକ୍ତି ପାଇଲେ । ସେହି ବର୍ଷକ ଭିତରେ ୧୯୨୬ ମସିହାରେ ସେ ଆରା ଓ ବକ୍‌ସାର ଗନ୍ତାରେ ଆସୁଥିବାବେଳେ ମୋର ତାଙ୍କ ସହିତ ବହୁଥର ସାକ୍ଷାତ୍ ହୋଇଛି । ତା'ପରେ ସେ ଇସ୍ତଫା ଦେଇ ଏଲାହାବାଦର

Digitized by PPRACHIN, SOA

ଗୋଟିଏ ହାଇସ୍କୁଲର ହେଡ୍‌ମିଷ୍ଟ୍ରେସ୍ ହୋଇ ଚାଲିଗଲେ । ସେଠାରେ ସେ ପ୍ରଥମେ ତାଙ୍କର ଭଉଣୀ ସହିତ ରହିଲେ । ଏ ଭଉଣୀଙ୍କର ସ୍ୱାମୀ ମୋର କେମ୍ବ୍ରିଜ୍ ସମୟର ବନ୍ଧୁ "ଫାଦର୍ ବାନାର୍ଜି" । ସେ ଇଣ୍ଡିଆନ୍ ଏଡୁକେସନାଲ୍ ସର୍ଭିସ୍‌ରେ ଯୋଗଦେଇ ଏଲାହାବାଦ ବିଶ୍ୱବିଦ୍ୟାଳୟରେ ଗଣିତ ଅଧ୍ୟାପକ ଥିଲେ । ମୁଁ ଏଲାହାବାଦ ଗଲି ଏବଂ ଇନ୍ଦୁମତୀଙ୍କୁ ବିବାହ ପ୍ରସ୍ତାବ ଦେଲି । ସେ ନାହିଁ କରିଦେଲେ । ମୁଁ ଭାବିଲି, ମୁଁ ଆଉଥରେ ଚେଷ୍ଟାକଲେ ନିଶ୍ଚୟ ସଫଳ ହେବ । ଜଣେ ବିଧବାକୁ ବିବାହ କରିବ ବୋଲି ମୋର ପ୍ରତିଜ୍ଞା ବିଷୟ ମୁଁ ତାଙ୍କୁ କହି ନାହିଁ କି କାହାରିକୁ କହି ନାହିଁ । କହିଥିଲେ, ମନା କରିଦେବାପାଇଁ ତାଙ୍କୁ ଗୋଟିଏ କାରଣ ମିଳିଥାନ୍ତା । ତାଙ୍କପ୍ରତି ଆକୃଷ୍ଟ ହୋଇ ନୁହେଁ, ସେ ଜଣେ ବିଧବା ହୋଇଥିବାରୁ ମୁଁ ବିବାହ ପ୍ରସ୍ତାବ ଦେଉଛି ବୋଲି ସେ ଭାବିଥାନ୍ତେ । ବିବାହ ପରେ ମଧ୍ୟ ତାଙ୍କୁ ଏ କଥା କହିବା ଏକ ନିଷ୍ଠୁରତା ହୋଇଥାନ୍ତା । କାରଣ ମୁଁ ତାଙ୍କୁ ଯେଉଁ ଉଚ୍ଚ ଆସନରେ ଅଧିଷ୍ଠିତ କରିଥିଲି, ଏହା ଫଳରେ ସେ ତା'ର ତଳକୁ ଖସି ପଡ଼ିଥାନ୍ତେ । ମୃତ୍ୟୁ ପର୍ଯ୍ୟନ୍ତ ସେ ମୋର ପ୍ରତିଜ୍ଞାର କଥା ଜାଣି ନାହାନ୍ତି ।

୧୯୬୩ ମସିହା ଫେବୃୟାରି ମାସରେ ମୁଁ ବକ୍‌ସାରରେ ସବ୍‌ଡିଭିଜନାଲ୍ ଅଫିସର୍ ଥିଲବେଳେ ତାଙ୍କୁ ବକ୍‌ସାରକୁ ଡାକିଲି, ସେ ଆସିଲେ । ମୁଁ ପୁନରାୟ ବିବାହ ପ୍ରସ୍ତାବ ଦେଲି, ଏଥର ସେ ରାଜି ହେଲେ । ପରବର୍ତ୍ତୀ ସମସ୍ୟା ହେଲା, କିପରି ଏ ପ୍ରସ୍ତାବ କାର୍ଯ୍ୟକାରୀ ହେବ । ସେ ଜଣେ କାୟସ୍ଥ, ମୁଁ ଜଣେ ବ୍ରାହ୍ମଣ । ହିନ୍ଦୁ ରୀତିରେ ବିବାହ ହେବା ସମ୍ଭବ ନୁହେଁ । ବ୍ରାହ୍ମ ରୀତିରେ ହୋଇପାରିଥାନ୍ତା, କିନ୍ତୁ ବହୁ ବ୍ରାହ୍ମ ବିଧବାକୁ ଅମଙ୍ଗଳସୂଚକ ବୋଲି ମନେ କରୁଥିଲେ । ଆମ ଜାଣିବାରେ କେତେକ ବ୍ରାହ୍ମ ଥିଲେ, ଯେଉଁମାନେ ବିଧବା ଉପସ୍ଥିତ ଥିଲେ ଭୋଜି ଆଦି ଉତ୍ସବରେ ଯୋଗ ଦେଉ ନ ଥିଲେ । କେତେକ ଉତ୍ସବକୁ ବିଧବାଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଉ ନ ଥିଲା । ବହୁ କାରଣରୁ ବିଧବା ବିବାହ ଜନପ୍ରିୟ ହୁଅନ୍ତା ନାହିଁ । ବହୁ ପିତାମାତା ବିଧବା ବିବାହର ବିରୋଧୀ ଥିଲେ । କାରଣ ବିଧବା ବିବାହଦ୍ୱାରା ସେମାନଙ୍କର କନ୍ୟା ଗୋଟିଏ ସୁଯୋଗ୍ୟ ବରପାତ୍ରରୁ ବଞ୍ଚିତ ହେବେ । ସଂସ୍କାରକମାନଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ ବିଧବାମାନଙ୍କ ବିରୁଦ୍ଧରେ ସମାଜରେ ଏକ ବଦ୍ଧମୂଳ ଧାରଣା ରହିଥିଲା । ଆମେ ସ୍ଥିର କଲୁ ଏହାକୁ ଆମେ ଏକ ସାମାଜିକ ଉତ୍ସବରେ ପରିଣତ ନ କରି ୧୮୭୨ ମସିହା Act III ଆଇନ ଅନୁଯାୟୀ ରେଜେଷ୍ଟ୍ରୀ ବିବାହ କରିବୁ । ଯେ ରେଜେଷ୍ଟ୍ରୀ କରନ୍ତି ସେ କର୍ମଚାରୀ ଆଗରେ ରହୁଥିଲେ । ଯେତେବେଳେ ଚଉଦ ଦିନଆ ବିଜ୍ଞପ୍ତି ସମସ୍ତ ଅତୀତ ହୋଇଗଲା ଓ କେଉଁଠାରୁ କିଛି ଆପତ୍ତି ହେଲା ନାହିଁ, ବିଜ୍ଞପ୍ତି ରେ ମୁଁ ଇନ୍ଦୁମତୀର ଦସ୍ତଖତ ନେଇ ନ ଥିବାର ଦେଖାଗଲା । ତେଣୁ ପୁଣି ଥରେ ଏଥିପାଇଁ ତାଙ୍କୁ ବକ୍‌ସାର ଆସିବାକୁ ହେଲା । ବିଜ୍ଞପ୍ତିର ପନ୍ଦର ଦିନ ଆଗରୁ ଓ ପନ୍ଦର ଦିନ ପରେ

Digitized by PPRACHIN, SOA

ବକ୍ସାରଠାରେ ସେ ରହିବାପାଇଁ ମୁଁ ଗୋଟିଏ ଅଲଗା ଘର ନେଲି । ମୁଁ ତାଙ୍କୁ ପଢ଼ିବା ବିଷୟରେ ଏବଂ ଡି ବିଷୟରେ ସମସ୍ତ କଥା କହିଲି । ଡି ଲେଖିଥିଲା, "ଯେଉଁ ଚନ୍ଦ୍ର ମୋତେ କିରଣ ଦେଉଛି, ସେ ତୁମକୁ ମଧ୍ୟ କିରଣ ଦେଉଛି, ମୁଁ ଚନ୍ଦ୍ରକୁ ଅନାଇ ତୁମର ମୁହଁ ଦେଖିପାରୁଛି ।" ଏ ଚିଠି ଆସିଲାବେଳେ ବକ୍ସାରରେ ଇନ୍ଦୁମତୀ ମୋ ପାଖରେ ବସିଥାନ୍ତି । ସେ ମୋର ପ୍ରସ୍ତାବ ଗ୍ରହଣକରି ନେଇଥାନ୍ତି, ମାତ୍ର ଆମର ବିବାହ ହୋଇ ନ ଥାଏ । ଏହି ସମୟରେ ଡି ର ଚିଠି ଆସି ପହଞ୍ଚିଲା । ମୁଁ ତାଙ୍କୁ ତାହା ପଢ଼ିବାକୁ ଦେଲି । ତାଙ୍କୁ ନ ଦେଇଥିଲେ, ଅବସ୍ଥା ଆହୁରି ଜଟିଳ ହୋଇଥାନ୍ତା । ପଢ଼ିବା ପରେ ତାଙ୍କର ପ୍ରତିକ୍ରିୟା ହେଲା, "ଆମର ବିବାହ ପ୍ରସ୍ତାବ ଏତିକିରେ ରହୁ । ତୁମେ ଡି କୁ ବିବାହ କର । ମୁଁ ତୁମର ବନ୍ଧୁ ହୋଇ ରହିଲି" ଏହି ସଙ୍କଟପୂର୍ଣ୍ଣ ପରିସ୍ଥିତି ପୂରା ଦୁଇ ଦିନ ରହିଥିଲା । ମୁଁ ତାଙ୍କୁ କହିଲି, "ଡି ଜାଣେ ଯେ କେବେହେଲେ ତା ସହିତ ମୋର ବିବାହ ହେବ ନାହିଁ । ମୁଁ ଜଣେ 'ଇଂଲିଶ୍' ବାଳିକାକୁ ବିବାହ କରିବି ନାହିଁ ।" ଇନ୍ଦୁମତୀ ବୁଝିଲେ । ମୋର ବିବାହ ପରେ ମୁଁ ଡି କୁ ଚିଠିଲେଖି ଜଣାଇଥିଲି । ପବିତ୍ର ପ୍ରେମ କ୍ରମେ ମଉଳି ଗଲା । ବିଲାତରେ ସେ ବିବାହ କଲା । ଦୁଇ ବର୍ଷ ପରେ ସେ ତାର ପୁଅର ଗୋଟିଏ ଫଟୋ ପଠାଇଥିଲା ।

ରେଜିଷ୍ଟ୍ରାରଙ୍କ ପାଖକୁ ପୁଣି ଥରେ ବିଜ୍ଞପ୍ତି ଗଲା । ଆପତ୍ତିର ସମୟ ଗଡ଼ିଯିବା ପରେ କଲେକ୍ଟର ଆମର ବିବାହ ରେଜେଷ୍ଟ୍ରୀଭୁକ୍ତ କରିବାପାଇଁ ରେଜିଷ୍ଟ୍ରାରଙ୍କୁ ମୋ ଅନୁରୋଧକ୍ରମେ ବକ୍ସାର ପଠାଇଲେ । ମେ ୧୨ ତାରିଖକୁ ବିବାହ ଦିନ ଧାର୍ଯ୍ୟ ହେଲା । କଲେକ୍ଟର ଡବ୍ଲ୍ୟୁ. ଜନ୍ସନ୍. ଆଇ. ସି. ଏସ୍. ସାକ୍ଷୀ ହେବାପାଇଁ ଆସିଥିଲେ ଏବଂ ସେ ମୋ ଘରେ ରହିଥିଲେ । ଅନ୍ୟ ସାକ୍ଷୀମାନେ ହେଲେ, କାପ୍ଟାନ୍ ରାଇ, ଆଇ. ଏମ୍. ଏସ୍. (ଇଣ୍ଡିଆନ୍ ମେଡ଼ିକାଲ ସର୍ଭିସ୍) ଯେ କି ବକ୍ସାର କେନ୍ଦ୍ର ଜେଲର ସୁପରିନ୍‌ଟେଣ୍ଡେଣ୍ଟ୍ ଥିଲେ ଓ କେନ୍ଦ୍ର ଜେଲର କାର୍ପାସ ବିଶେଷଜ୍ଞ ମିଷ୍ଟର୍ ରବିନ୍ସନ୍ । ଉତ୍ସବ ଶେଷରେ ଆମ ଘରେ ଅଳ୍ପ ଲୋକଙ୍କର ଖାଇବା ବ୍ୟବସ୍ଥା ହୋଇଥିଲା । ଏ ଖବର ଓଡ଼ିଶାକୁ ପରମାନନ୍ଦ ଦଦେଇଙ୍କ ପାଖକୁ ଦିଆଗଲା । ଇନ୍ଦୁମତୀର ବାପା ହଜାରୀବାଗରେ ରହୁଥିଲେ । ତାଙ୍କୁ ମଧ୍ୟ ଏହା ଜଣାଇ ଦିଆଗଲା । ଏଲାହାବାଦରେ ଥିବା ତା'ର ଭଉଣୀ ଆଗରୁ ଏହା ଜାଣିଥିଲେ । ଅଳ୍ପ କେତେକ ସପ୍ତାହ ମଧ୍ୟରେ ପରମାନନ୍ଦ ଦଦେଇ ବକ୍ସାର ଆସିଲେ ଓ ମୋର କିଛି ଭୁଲ ହୋଇ ନାହିଁ ବୋଲି ତାଙ୍କର ପୂର୍ଣ୍ଣ ହୃଦ୍‌ବୋଧ ହେଲା । ଦଦେଇ ଖୁସି ହେଲେ ମଧ୍ୟ କଟକରେ କେତେକ ଲୋକ ଏଥିରେ ଖୁସି ହେଲେ ନାହିଁ । ବିବାହ ବଜାରରୁ ଗୋଟିଏ ଭଲ ସାମଗ୍ରୀ ଚାଲିଗଲା ବୋଲି କେହି କେହି ମନେ କଲେ । ଜଣେ ବୟସ୍କ ଓଡ଼ିଆ ଅଫିସର୍ ମନ୍ତବ୍ୟ ଦେଲେ, "ବଙ୍ଗଳାକୁ ଦୁଇ ଲକ୍ଷ ଟଙ୍କା ଚାଲିଗଲା ।" ସେତେବେଳେ ମୋର ମୂଲ୍ୟ ଏତେ ?

Digitized by PPRACHIN, SOA

ବିବାହ ପରେ ମୁଁ ଛୁଟି ନେଇ ହଜାରିବାଗ ଗଲି । ସେଠାରେ ମୋର ଶ୍ୱଶୁର ଓ ଶାଶୁ ବୋଧହୁଏ ବୁଝିଥିବେ ଯେ ତାଙ୍କର ଝିଅ ଭୁଲ କରି ନାହିଁ । ରେଜେଷ୍ଟ୍ରୀ ବିବାହର ଗୋଟିଏ ଦିଗ ହେଉଛି—ଆମ ଉଭୟଙ୍କୁ ଏକ ଘୋଷଣା ପତ୍ରରେ ସ୍ୱାକ୍ଷର କରିବାକୁ ହେଉଥିଲା । ତାହା ହେଉଛି, "ମୁଁ ହିନ୍ଦୁ ନୁହେଁ, ମୁସଲମାନ ନୁହେଁ··· ଇତ୍ୟାଦି, ଇତ୍ୟାଦି ।"

ଫଳରେ ଏଇଆ ହେଲା ଯେ ବିଧାନତଃ ମୁଁ ଆଉ ହିନ୍ଦୁ ହୋଇ ରହିଲି ନାହିଁ, ଯଦିଓ ପ୍ରକୃତରେ ମୁଁ ହିନ୍ଦୁ ବ୍ୟତୀତ ଆଉ କିଛି ନ ଥିଲି । ପ୍ରକୃତରେ ହିନ୍ଦୁ ନ ହୋଇ ମୁଁ କ'ଣ ହେଲି, ତା' ବୋଧହୁଏ ନିର୍ବୋଧ ଆଇନକାରମାନେ ଜାଣିଥିବେ । ଏବେ ଏ ଆଇନର ସଂଶୋଧନ ହୋଇଗଲାଣି । ଘୋଷଣା ପତ୍ରଟି ଏବେ ନାସ୍ତିବାଚକ ନୁହେଁ, ଅସ୍ତିବାଚକ—"ମୁଁ ଜଣେ ହିନ୍ଦୁ···ଇତ୍ୟାଦି" ବିଧାନତଃ ମୁଁ ଜଣେ ହିନ୍ଦୁ ହୋଇ ରହି ନ ଥିବା ଯୋଗୁଁ ବିବାହ ପରେ ମୁଁ କୌଣସି ହିନ୍ଦୁ ମନ୍ଦିରକୁ ଯାଇ ନାହିଁ । ପୁରୀ ରାଜା ମୋତେ ନିମନ୍ତ୍ରଣ କରିଥିଲେ, ଜଗନ୍ନାଥ ଦର୍ଶନପାଇଁ । ତେବେ ମଧ୍ୟ ମୁଁ ଯାଇ ନ ଥିଲି । ଏବେ ମୁଁ ଯାଇପାରେ, କିନ୍ତୁ ମୁଁ ଯିବି ନାହିଁ ।

୧୯୫୭ ମସିହା ଫେବୃୟାରି ୧୭ ତାରିଖରେ ଭୁବନେଶ୍ୱରରେ ଆମ କୁଳ ପୁରୋହିତ ମୋତେ ହିନ୍ଦୁ ଧର୍ମରେ ପୁନଃ ଦୀକ୍ଷିତ କଲେ । ତା'ପରେ ମୋ ଭଉଣୀର ଝିଅ ଅରୁଣା, ଯାହାକୁ କି ମୁଁ ଝିଅ କରିଥିଲି ତାକୁ ହିନ୍ଦୁ ମତରେ ବିବାହ ଦେଇ ପାରିଲି । ଅରୁଣା ଜନ୍ମ ହେବାର ୧୦ ଦିନପରେ ତା' ମା ମରିଗଲା । ୧୭ ଦିନବେଳୁ ମୁଁ ତାକୁ ପାଳିଲି ।

୧୯୩୪ ମସିହା ସେପ୍ଟେମ୍ବର ପହିଲରେ ଇନ୍ଦୁମତୀର ମୃତ୍ୟୁ ହେଲା । ସେତେବେଳେ ମୋ ପରିବାରରେ ଥିଲେ, ବାବଲି (୧୦ ବର୍ଷ) ବୁଲି (୮ ବର୍ଷ) ଅରୁଣା (୨ ବର୍ଷ) । ୨୨ ବର୍ଷ ବୟସର ମୋର ସାବତ ଝିଅ ଡଲି ଉପରେ ସେମାନଙ୍କର ତତ୍ତ୍ୱାବଧାନ ଭାର ପଡ଼ିଲା । ଡଲିକୁ ବିବାହ କରିବାପାଇଁ ବହୁ ଚାପ ଦିଆଗଲା । ମାତ୍ର ସେ ମନା କରିଦେଇ କହିଲା ଯେ ତାର ପ୍ରଥମ କର୍ତ୍ତବ୍ୟ ହେଉଛି, ବାବଲି, ବୁଲି ଓ ଅରୁଣାଙ୍କୁ ସମ୍ଭାଳିବା । ଆଉଥରେ ବିବାହ କରିବାପାଇଁ ମୋ' ଉପରେ ମଧ୍ୟ ଚାପ ଦିଆଗଲା । କିନ୍ତୁ ବିବାହର ଇଚ୍ଛା ମୋର ନ ଥିଲା ।

ମୋ ସ୍ତ୍ରୀର ଜ୍ଞାତିକୁଟୁମ୍ବ

ମୋର ସ୍ତ୍ରୀର ଦୃଶବାଇ ଓ ଛୋଟ ଭଉଣୀ । ସବା ବଡ଼ ଅତିଶୟ ଦୁର୍ବଳ ଥିଲା । ତା'ର ସ୍ୱାସ୍ଥ୍ୟପାଇଁ ମୋର ଶ୍ୱଶୁର ପୂର୍ବ ପାକିସ୍ତାନ ଝେଙ୍ଗାଇଲୁ ଉଠି ଆସି ବିହାରର ହଜାରିବାଗଠାରେ ରହିଥିଲେ । ସେଠାରେ 'ଏନକ୍ୟୁମ୍ବର୍ଡ଼ ଇଷ୍ଟେଟ୍'ରେ ଗୃହଟିଏ

Digitized by PPRACHIN, SOA

କରି ସେ ମ୍ୟାନେଜର ପଦକୁ ଉଠିଥିଲେ । କିନ୍ତୁ ପିଲିଟି ବେଶିଦିନ ବଞ୍ଚି ନ ଥିଲା । ସେ ଗୋଟିଏ କୂଅରେ ପଡ଼ିଗଲା ଓ ଅନ୍ୟମାନେ ଜାଣିବା ପୂର୍ବରୁ ବୁଡ଼ି ଯାଇଥିଲା । ଅନ୍ୟ ତିନି ଭାଇ ବିହାର କିମ୍ବା ବଙ୍ଗଳାରେ କଣ୍ଟ୍ରାକ୍ଟର ଅଛନ୍ତି କିମ୍ବା ଚାକିରି କରିଛନ୍ତି । ଜଣେ ଭଉଣୀ ଶ୍ରୀମତୀ ବାନାର୍ଜି ଏଲ୍ହାବାଦରେ ଅଛନ୍ତି ଓ ମୁଁ ତାଙ୍କ କଥା ଆଗରୁ ଉଲ୍ଲେଖ କରିଛି । ଆଉ ଗୋଟିଏ ଭଉଣୀ ରାଞ୍ଚିର ଜଣେ ଓକିଲଙ୍କୁ ବିବାହ କରିଛନ୍ତି । ଇଷ୍ଟ-ପାକିସ୍ତାନର ଚଟ୍ଟଗାଙ୍ଗ ଗୁପ୍ତ ପରିବାରରେ ଅନ୍ୟ ଜଣେ ଭଉଣୀ ବିବାହ କରିଛନ୍ତି । ଗୁପ୍ତ ପରିବାରର ଜଣେ ଯୁବକ ବ୍ରିଟିଶଙ୍କ ବିରୁଦ୍ଧରେ ସନ୍ତ୍ରାସବାଦୀ ଆନ୍ଦୋଳନରେ ଯୋଗ ଦେଇ ଚଟ୍ଟଗାଙ୍ଗ ଅସ୍ତ୍ରାଗାର ଆକ୍ରମଣ ମକଦ୍ଦମାରେ ଜଡ଼ିତ ହୋଇଥିଲା । ଅନ୍ୟ ଜଣେ ଯୁବକ ଦେଶ ଛାଡ଼ି ଜର୍ମାନୀରେ ରହି ଜଣେ ଜର୍ମାନ୍ ମହିଳାଙ୍କୁ ବିବାହ କରିଥିଲେ ଓ ସ୍ୱିଜରଲ୍ୟାଣ୍ଡରେ ରହିଥିଲେ । ୧୯୬୫ ମସିହାରେ ମୁଁ ସ୍ୱିଜରଲ୍ୟାଣ୍ଡ ଯାଇଥିବାବେଳେ ଏହି ପରିବାରକୁ ଭେଟିଥିଲି । ମୋର ଶାଳୀର ଜଣେ ନଣନ୍ଦ (ଗୁପ୍ତପରିବାରର ଜଣେ ଝିଅ) କଟକରେ ବିବାହ କରିଥିଲେ । ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକଙ୍କର ମା । ଅତଏବ ମୁଁ ଏହିପରି ଭାବରେ ବିଜୁର ମାମୁଁ ସ୍ଥାନୀୟ ବୋଲି ନିଜକୁ କହିପାରେ ।

ମୋର ଶାଶୁଙ୍କର ଦୁଇ ଭଉଣୀ ବିହାରର ଲହାରିଆ-ସରାଇ ମଜୁମଦାର ପରିବାରରେ ବିବାହ କରିଥିଲେ । ଏହି ପରିବାରରୁ ବାହାରିଛନ୍ତି ଶ୍ରୀ ଏସ୍. ଏନ୍. ମଜୁମଦାର୍ ଆଇ. ସି. ଏସ୍. ସୁଚେତା କୃପାଲାନୀ ଯେ ଉତ୍ତରପ୍ରଦେଶର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଥିଲେ ଓ ବରିଷ୍ଠ ସର୍ବୋଦୟ ନେତା ଶ୍ରୀ ଧୀରେନ୍ ମଜୁମଦାର୍ । ମୋର ଏଲ୍ହାବାଦରେ ଥିବା ଶାଳୀଙ୍କର ପୁଅ ବାରିଷ୍ଟର ମିଲନ ବାନାର୍ଜୀ ଏବେ ହରିୟାନାର ରାଜ୍ୟପାଳ ବି. ଏନ୍. ଚକ୍ରବର୍ତ୍ତୀ, ଆଇ. ସି. ଏସ୍.ଙ୍କ ଝିଅକୁ ବିବାହ କରିଛନ୍ତି ।

ମୋର ଶ୍ୱଶୁର ବ୍ରଜଗୋପାଳ ନିୟୋଗୀ କେଶବଚନ୍ଦ୍ର ସେନଙ୍କ ପ୍ରତିଷ୍ଠିତ ନବବିଧାନ ସମାଜର ଜଣେ ସୁପରିଚିତ ସଭ୍ୟ ଥିଲେ । କେଶବଚନ୍ଦ୍ର ସେନ ଓ ତାଙ୍କର ପରିବାର ସହିତ ମୋ ଶ୍ୱଶୁରଙ୍କର ଘନିଷ୍ଠ ସମ୍ପର୍କ ଥିଲା ।

□ □

Digitized by PPRACHIN, SOA

କଟକ (ଓଡ଼ିଶା ବନ୍ଦୋବସ୍ତ)

ଅକ୍ଟୋବର ୧୯୨୫-ଜୁଲାଇ ୧୯୨୮

୧୯୨୫ ମସିହା ଅକ୍ଟୋବର ମାସରେ ମୁଁ କଟକଠାରେ ଓଡ଼ିଶା ବନ୍ଦୋବସ୍ତରେ ଯୋଗ ଦେଲି ଏବଂ ଗୃଡ଼ଲାଆଗଞ୍ଜଠାରେ ଓଡ଼ିଶା ମିଲିଟେରୀ ପୋଲିସଙ୍କର ସର୍ଜେଣ୍ଟ ମେଜରଙ୍କପାଇଁ ନିର୍ମିତ ନୂଆ ଘରେ ଯାଇ ରହିଲି । ପ୍ରତିଦିନ ସକାଳୁ ସର୍ଭେ ଟ୍ରେନିଂ ପାଇଁ ମୁଁ ସାତ ମାଇଲ ସାଇକଲରେ ଯିବା ଆସିବା କରୁଥିଲି ଏବଂ ପ୍ରତିଦିନ ଉପର-ବେଳା ବନ୍ଦୋବସ୍ତ ଅଫିସରେ କର୍ମଚାରୀଙ୍କପାଇଁ ହେଉଥିବା ବକ୍ତୃତା ଶୁଣିବାପାଇଁ ପୁଣି ଚାରିମାଇଲ ଯିବା ଆସିବା କରୁଥିଲି । ଯେଉଁ କର୍ମଚାରୀମାନେ ସେତେବେଳେ ଟ୍ରେନିଂ ପାଉଥିଲେ ସେମାନେ ହେଲେ—ଡେପୁଟି କଲେକ୍ଟର, ସବ୍ ଡେପୁଟି କଲେକ୍ଟର ଏବଂ ମୁନ୍‌ସଫ୍‌ଗଣ ।

ଏହି ଦଳରେ ଥିଲେ ଦୁଇ ଜଣ ଆଇ. ସି. ଏସ୍. କର୍ମଚାରୀ । ତିନି ମାସ ତାଲିମ ପାଇବା ପରେ ଆମକୁ ପରୀକ୍ଷା ଦେବାକୁ ହେଲା । ନିମ୍ନ କର୍ମଚାରୀମାନଙ୍କର ପ୍ରତିଯୋଗୀ ହେବା ଅନୁଚିତ ବୋଲି ମୁଁ ମନେକଲି । ତଥାପି ମୁଁ ଏହି ପ୍ରତିଯୋଗିତାର ଆହ୍ୱାନକୁ ଗ୍ରହଣ କଲି । ପରୀକ୍ଷା ଫଳରୁ ଦେଖାଗଲା, ମୋର ନାମ ସମସ୍ତଙ୍କ ଉପରେ ଅଛି । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଭୌଗୋଳିକ ତ୍ରୈପଥୀ (Geographical Tripos) ପାଇଁ ମୁଁ ସର୍ଭେ ସମ୍ପର୍କୀୟ ଜ୍ଞାନ ହାସଲ କରିଥିଲି । କିନ୍ତୁ ଓଡ଼ିଶା ବନ୍ଦୋବସ୍ତର ଜରିପ ମାପ ଥିଲି ସମ୍ପୂର୍ଣ୍ଣ ଭିନ୍ନ ଧରଣର । ମାନଚିତ୍ର ତିଆରି କରିବାର ପ୍ରାଥମିକ ଜ୍ଞାନଲାଭ କରିବାପରେ ଜରିପ ମାପ ଭିତରକୁ ମୁଁ ପଶି ପାରିଲି ।

ତମ୍ବୁର ବ୍ୟବହାର

ପ୍ରତ୍ୟେକ କାନନଗୋଇ ଓ ସହକାରୀ ବନ୍ଦୋବସ୍ତ ଅଫିସର୍‌ଙ୍କର ପ୍ରଥମ ଜାଣି-ବାର କଥା ହେଉଛି, କିପରି ତମ୍ବୁର ବ୍ୟବହାର କରିବାକୁ ହୁଏ ଏବଂ ତା'ର ଯତ୍ନ ନିଆଯାଏ । ଆମେ ତମ୍ବୁ ପକାଇବା, ଖୋଲିବା ଓ ସଜାଡ଼ି ରଖିବା କାର୍ଯ୍ୟ କରୁଥିଲୁ । ଜାନୁଆରୀ ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆମ୍ବ ବଉଲିବା ସମୟରେ ଆମକୁ ସତର୍କ ରହିବାକୁ ପଡ଼ୁଥିଲା । ବଉଳରୁ ଯେଉଁ ମହୁ ଝରେ ଏବଂ ନୂଆ ହୋଇ ହେଉଥିବା ଆମ୍ବର ନସା ଯଦି ତମ୍ବୁ କନାଉପରେ ପଡ଼େ, ତାହାହେଲେ ସେ କନା ଅଳ୍ପଦିନ

Digitized by PPRACHIN, SOA

ଭିତରେ ନଷ୍ଟ ହୋଇଯାଏ । ଏଣୁ ଜାନୁଆରୀରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆମ୍ବ ଗଛ ତଳେ ତମ୍ବୁ ପକାଇବା ମନା ଥାଏ । ଯେଉଁ କର୍ମଚାରୀ ପକାନ୍ତି ତାଙ୍କୁ ନୂଆ ତମ୍ବୁ ଦାମର ଅଧା ଦେବାକୁ ପଡ଼େ ।

ବନ୍ଦୋବସ୍ତର ଉଦ୍ଦେଶ୍ୟ

ବନ୍ଦୋବସ୍ତ କାର୍ଯ୍ୟର ଉଦ୍ଦେଶ୍ୟ ହେଲା, ଜମିଜମା ସମ୍ପର୍କରେ ଏକ ରେକର୍ଡ ବା ବିବରଣୀ ପ୍ରସ୍ତୁତ କରିବା, ପ୍ରଜା ଜମିଦାରଙ୍କୁ କେତେ ଖଜଣା ଦେବ ଏବଂ ଜମିଦାର ସରକାରଙ୍କୁ କେତେ ରାଜସ୍ୱ ଦେବ, ତାହା ସ୍ଥିର କରିବା । ଅବଶ୍ୟ ନିଷ୍କର ଜମି ବା ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବା ଜମି ସମ୍ପର୍କରେ ଏ ପ୍ରଶ୍ନ ଉଠୁ ନାହିଁ ।

ଜମିଜମାର ପ୍ରଥମ ପର୍ଯ୍ୟାୟ ହେଉଛି ଗ୍ରାମର ସବୁ ଜମିର ନକ୍ସା ତିଆରି କରି ଜରିବ ମାପ କରାଇବା । ଏଥିପାଇଁ ଗୋଟିଏ ଅଞ୍ଚଳକୁ ବହୁ ଗ୍ରାମ ବା ମୌଜାରେ ବିଭକ୍ତ କରାଯାଇଥାଏ । ଯଦି ଖୁବ୍ ବଡ଼ ଗାଁ ଥାଏ ତାହେଲେ ଏକାଧିକ ମାନଚିତ୍ର ପ୍ରସ୍ତୁତ କରାଯାଏ । ଷୋଳ ଇଞ୍ଚରେ ଏକ ମାଇଲ୍ ନକ୍ସା । କିନ୍ତୁ ଛୋଟ ଛୋଟ ଜମିକୁ ବତିଶି ଇଞ୍ଚ = ଏକମାଇଲ୍ ନକ୍ସାରେ ମପାଯାଏ । ସବୁ ସର୍ଭେର ନୀତି ହେଲା, ସମୁଦାୟରୁ ପ୍ରତ୍ୟେକ ଅଂଶକୁ ଆସିବା, ପ୍ରତ୍ୟେକ ଅଂଶରୁ ସମୁଦାୟକୁ ଯିବା ନୁହେଁ । ଜରିବ ମାପରେ ପ୍ରଥମେ ସର୍ଭେ ଦଳଙ୍କୁ ଗ୍ରାମକୁ ଯାଇ ଗୋଟିଏ ପ୍ରାଥମିକ ମାନଚିତ୍ର କରିବାକୁ ପଡ଼େ । ଗ୍ରାମର ନିକଟବର୍ତ୍ତୀ କୌଣସି ଏକ ଉଚ୍ଚ ତ୍ରିକୋଣାକାର ଭୂମିରୁ ଆରମ୍ଭ କରି କାଗଜ ସିଟରେ ସେମାନେ ଗ୍ରାମର ଚତୁଃସୀମା ଟାଣନ୍ତି ଓ ତାହା ଉପରେ ଗ୍ରାମର ପ୍ରଧାନ ପ୍ରଧାନ ସ୍ଥାନକୁ ଚିହ୍ନଟ କରିଦିଅନ୍ତି । ସେମାନେ ଗ୍ରାମର ସୀମାକୁ ମାପନ୍ତି ନାହିଁ । କେବଳ ସୀମା ରେଖାର ଉପରେ କିମ୍ବା ପାଖରେ ସେମାନେ ଚିହ୍ନଟ କରିଦିଅନ୍ତି । ଯଦି ସେପରି ବଡ଼ ଗଛ, ଉଚ୍ଚ ଭୂମି କିମ୍ବା ସ୍ତମ୍ଭ ଆଦି ନ ଥାଏ, ତାହାହେଲେ ସେମାନେ ଏକାଠି ପଥର ଗଦା କରି ମାନଚିତ୍ରରେ ସ୍ଥାନ ନିରୂପଣ କରିଦିଅନ୍ତି । ପରି ବର୍ଷ ଅମୀନ କିମ୍ବା ସର୍ଭେଅର୍ ଆସେ । ସେ ପ୍ରଥମେ ମାନଚିତ୍ରରେ ଚିହ୍ନଟ କରାଯାଇଥିବା ସ୍ଥାନମାନ ଦେଖିନିଏ । ତା'ପରେ ମାନଚିତ୍ରକୁ ବିଭିନ୍ନ ଭାଗରେ ବିଭକ୍ତ କରେ ଏବଂ ପ୍ରତ୍ୟେକ ଭାଗକୁ ସର୍ଭେ ନିମନ୍ତେ ସ୍ୱତନ୍ତ୍ର ଅଞ୍ଚଳରୂପେ ଗ୍ରହଣ କରାଯାଏ । ଏହାଦ୍ୱାରା ଭୁଲଭଟକା ବହୁ ପରିମାଣରେ କମି ଯାଇଥାଏ । ମାନଚିତ୍ରରେ ଥିବା ଏହି ସବୁ ବିଭାଗ ଜଣେ ଇନ୍‌ସ୍‌ପେକ୍ଟର୍ ପରୀକ୍ଷା କରି ଦେଖି ସାରିବା ପରେ ଟିକିନିଖି ସର୍ଭେ କରିବାପାଇଁ ଅମୀନକୁ ପଠାଯାଏ । ଏହି ଟିକିନିଖି ସର୍ଭେ ହେଲା ପ୍ରତ୍ୟେକ ବିଭାଗରେ କେତୋଟି ରେଖା ଟାଣିଦେଇ ଏହି ରେଖାର ଉଭୟ ପାଖରେ ଜମିର ସୀମା ନିରୂପଣ କରିବା । ଏହାକୁ କିସ୍ତିଓ୍ୱାର କୁହାଯାଏ । କିସ୍ତିଓ୍ୱାରକୁ ଜଣେ ଇନ୍‌ସ୍‌ପେକ୍ଟର୍ ଅନ୍ତତଃ ପରୀକ୍ଷା କରିବାର କଥା । କିନ୍ତୁ ଇନ୍‌ସ୍‌ପେକ୍ଟରଙ୍କ ଉପରେ ଥିବା କାନୁନ୍‌ଗୋ ଏବଂ ସହକାରୀ ବନ୍ଦୋବସ୍ତ ଅଫିସରଙ୍କର ମଧ୍ୟ ଏହା କାମ ।

Digitized by PPRACHIN, SOA

ଏହି ପରୀକ୍ଷା କରିବା ହେଲା ଜମିର କୌଣସି ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଏକ ରେଖା ଟାଣି ତାହା ମାନଚିତ୍ରର ଅନ୍ୟ ସବୁ ରେଖା ଉପରେ କିପରି ଗଲା, ତାହା ଦେଖିବା । ଯଦି ଏହି ଟଣା ରେଖା ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଥାଏ, ତାହାହେଲେ ଏହାକୁ ଗ୍ରହଣ କରିନିଆଯାଏ । ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି, ଯଦି କିଛି ଭୁଲ ରହିଥାଏ ତାହା ରେଖାର ଗୋଟିଏ ସ୍ଥାନରେ ନ ରହି ବିଭିନ୍ନ ସ୍ଥାନରେ ବାଣ୍ଟି ହୋଇଯାଏ । ଉଦାହରଣସ୍ୱରୂପ ମାନଚିତ୍ରରେ ଅଛି କୋଡ଼ିଏଟି ଭାଗ ଜମି ମପା ଫିତାରୁ ଦେଖାଗଲା ଏକୋଇଶିଟି ଭାଗ । ତାହାହେଲେ ଏହି କୋଡ଼ିଏଟି ଭାଗ ପ୍ରତ୍ୟେକଟି କିଛି କିଛି ବଦଳେ । କିସ୍ତିଓ୍ୱାର ପରେ ଖାନାପୁରି ହୁଏ । ଖାନାପୁରିର ଅର୍ଥ ହେଉଛି ବିଭିନ୍ନ ସ୍ତମ୍ଭ ପୂରଣ କରିବା । ଉତ୍ତର-ପଶ୍ଚିମରୁ ଆରମ୍ଭ କରି ଦକ୍ଷିଣ-ପୂର୍ବ ପର୍ଯ୍ୟନ୍ତ ପ୍ରତ୍ୟେକ ଜମିର ନମ୍ବର କରାଯାଏ । ଜମିରେ ଯେ ନମ୍ବର ଦିଏ, ସେ ସେହି ଜମିର ମାଲିକର ନାଆଁକୁ ରେକର୍ଡ଼ କରେ । ଏହା ସହିତ କାହାକୁ ସେ ସଞ୍ଚା ଦେଉଛି, ସେ ଜମିଦାରର ନାମ କିମ୍ବା ତା ସଙ୍ଗରେ ଆଉ କେହି ସେ ଜମିକୁ ଚାଷ କରୁଥିଲେ ତାହାର ନାମ କିମ୍ବା କାହାରିକୁ ଭାଗ ଦେଇଥିଲେ ସେ ଭାଗଚାଷୀର ନାମ ଲେଖିବାକୁ ହୁଏ । ଜମି ସମ୍ପର୍କୀୟ ଅନ୍ୟ ସମସ୍ତ ବିବରଣୀ ଲେଖାଯାଏ । ଉଦାହରଣସ୍ୱରୂପ ସେ ଜମିରେ ଫସଲ ହୁଏ କି ନାହିଁ, ହେଉଥିଲେ କି ଫସଲ ହୁଏ, ସେ ଜମିରେ ଗଛ ଅଛି କି ନାହିଁ, ରାସ୍ତା, ପୋଖରୀ, ନଈ, ବନ୍ଧ ପ୍ରଭୃତି ଥିଲେ ଏହା ତା'ର ଅଂଶ ନା କଣ ଏ ସମସ୍ତ ରେକର୍ଡ ହୁଏ ।

ମାନଚିତ୍ର ପ୍ରସ୍ତୁତି

ଜମିର ଆକାର ଓ ଗ୍ରାମର ଆକାର ଅନୁଯାୟୀ ଗାଁ ପିଛା ପାଞ୍ଚ ଶହରୁ ଦୁଇ-ହଜାର ପର୍ଯ୍ୟନ୍ତ ବିଲ ଥାଏ । ଜମି ମାପ କାମ ପଡ଼ିଆ ସମୟରେ ସାଧାରଣତଃ ଏପ୍ରିଲ ମାସ ଶେଷ ପୂର୍ବରୁ ସରିବା ଦରକାର; ଯେପରି କି ଜମିରେ ଚାଷବାସ କାମ ଆରମ୍ଭ ହେବା ବେଳକୁ କିଛି ଅସୁବିଧା ନ ହୁଏ । ବେଳେ ବେଳେ ଜୁନ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ଏହି କାମ ଚାଲେ । ଖାନାପୁରି ସରିବା ପରେ ଅମୀନ ବନ୍ଦୋବସ୍ତ ହେଡ଼୍‌କ୍ୱାଟର୍‌କୁ ଫେରିଆସେ । ହେଡ଼୍‌କ୍ୱାଟର୍‌ରେ ପ୍ରତ୍ୟେକ ବିଲର କ୍ଷେତ୍ରଫଳ ନିରୂପଣ କରାଯାଏ ଏବଂ ମାନଚିତ୍ରରେ ଯାହା ମଡ଼ାଯାଏ । ଖାନାପୁରି ରେକର୍ଡରେ ଏହି କ୍ଷେତ୍ରଫଳ ଲେଖି ରଖାଯାଏ । ପର ବର୍ଷ ପୁଣି ପଡ଼ିଆ ସମୟରେ ଅର୍ଥାତ୍ ଅକ୍ଟୋବର ପରେ ପରେ ପାର୍ଚ୍ଚା (ଜମିର କ୍ଷେତ୍ରଫଳ ଲେଖାଥିବା କାଗଜ) ସବୁ ବାଣ୍ଟି ଦିଆଯାଏ, ଯାହା ଫଳରେ ପ୍ରତ୍ୟେକ ଚାଷୀ ତାର ଜମିର ନମ୍ବର ଓ ତା'ର କ୍ଷେତ୍ରଫଳ କ'ଣ କ'ଣ ରେକର୍ଡ ହୋଇଛି, ତାହା ଜାଣିପାରେ । ତାପରେ ପଡ଼େ ଏଟେଷ୍ଟେସନ୍ କେମ୍ପ୍ । ଏଥିରେ ଖାନାପୁରି ବେଳେ ପ୍ରସ୍ତୁତ ହୋଇଥିବା ରେକର୍ଡ, ପ୍ରଚଳିତ ସଞ୍ଚା ବା ଖଜଣା ଏବଂ ଚାଷୀ ଓ ଜମି ମାଲିକର ସ୍ଥାନ ନିରୂପଣ କରାଯାଏ । ଏଟେଷ୍ଟେସନ୍‌ରେ ମୁନ୍‌ସରିମ୍

Digitized by PPRACHIN, SOA

ବା କରଣୀ ସମବେତ ଗ୍ରାମବାସୀଙ୍କ ଉପସ୍ଥିତିରେ ଖାନାପୁରି ରେକର୍ଡରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ଜମି ବିଷୟ ପଢ଼ି ଶୁଣାଇ ଦିଏ । ଯଦି କୌଣସି ଗ୍ରାମବାସୀର କିଛି କହିବାର ଥାଏ ସେ ତାକୁ ନୋଟ୍ କରେ । ଯଦି କିଛି ବିବାଦ ଥାଏ ତାହା ବିବାଦ ବୋଲି ଲେଖାଯାଏ । ଖାନାପୁରି ଅବସ୍ଥାରେ ମଧ୍ୟ ବିବାଦ ବା ବିରୁଦ୍ଧ ଦାବି ଉଠିଥାଏ ଏବଂ ସହକାରୀ ବନ୍ଦୋବସ୍ତ ଅଫିସର୍ ତାହାର ମୀମାଂସା କରନ୍ତି । ମୋଟାମୋଟି ଶତକଡ଼ା ଦୁଇଭାଗ ଜମି ସମ୍ପର୍କରେ ବିବାଦ ହୋଇଥାଏ । ଜମିର ମାଲିକ କିଏ ସେ ସମ୍ପର୍କରେ, ଜମିର ସୀମା ସମ୍ପର୍କରେ ବା ବୃକ୍ଷର ସ୍ଥାନ ସମ୍ପର୍କରେ ଏ ବିବାଦ ହୋଇଥାଏ ।

ବନ୍ଦୋବସ୍ତ କାର୍ଯ୍ୟ ଅନେକ ସମୟରେ ବିବାଦକୁ ବାହାରକୁ ଟାଣି ଆଣେ । ତେଣୁ ଏ ସମ୍ପର୍କରେ ଏକ ଅଭିଯୋଗ ହେଉଛି, ବନ୍ଦୋବସ୍ତ ସବୁ ଅବନ୍ଦୋବସ୍ତ କରି ଦିଏ । ବିଧବାମାନେ ଏ ସବୁ ବିବାଦରେ ବିଶେଷ ଜଡ଼ିତ ହେଉଥିବାର ଦେଖାଯାଏ ।

ଖାନାପୁରି ରେକର୍ଡଭୁକ୍ତ ତଥ୍ୟକୁ ଗ୍ରାମବାସୀଙ୍କୁ ପଢ଼ାଇ ଶୁଣାଇ ଦେବାର ନାମ ହେଉଛି, ବୁଝାରତ୍ । ବୁଝାରତ୍ ସରିବା ପରେ ଯେ କୌଣସି ବ୍ୟକ୍ତି ଏ ରେକର୍ଡକୁ ଦେଖି ପାରନ୍ତି । ସମସ୍ତ ବିବାଦ ନିଷ୍ପତ୍ତି ହେବାପରେ ରେକର୍ଡ ସଂଶୋଧନ କରାଯାଏ ଏବଂ ଖସଡ଼ା ପ୍ରକାଶ କରାଯାଏ । ଖସଡ଼ା ପ୍ରକାଶନବେଳେ ଯଦି କିଛି ଭୁଲ ଭଟକା ଦେଖାଯାଏ, ତାହାହେଲେ ଅଫିସରେ ତାର ସଂଶୋଧନ କରାଯାଇପାରେ । କିମ୍ବା ସମ୍ପୃକ୍ତ ବ୍ୟକ୍ତିଙ୍କର ଅଧିକାରରେ ଆଞ୍ଚ ଆସିଥିବା ଭଳି ଯଦି ଏଥିରେ କିଛି ଗୁରୁତର ଭୁଲ ଥାଏ ତାହାହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆପତ୍ତି ଦରଖାସ୍ତ କରିବାପାଇଁ କୁହାଯାଏ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର କ୍ୟାମ୍ପ ବସେ । ଏ ଅଧ୍ୟାୟ ସରିବା ପରେ ନୂଆ ଷ୍ଟାମ୍ପ ବା ଖଜଣା ଧାର୍ଯ୍ୟ କରାଯାଏ । ତାର ଖସଡ଼ା ପ୍ରକାଶିତ ହୁଏ, ଆପତ୍ତି ଥିଲେ ସେ ସମ୍ପର୍କୀୟ ନିଷ୍ପତ୍ତି କରାଯାଏ ଏବଂ ଶେଷକୁ ଚୂଡ଼ାନ୍ତ ରେକର୍ଡ ଛପା ହୋଇ ପ୍ରକାଶିତ ହୁଏ ।

ନୂଆ ଖଜଣା ଧାର୍ଯ୍ୟ ହେବାବେଳେ ଖାନାପୁରି ଅବସ୍ଥାରେ ଜମି କେଉଁ ଧରଣର ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିସିବା ପରେ ନିଷ୍ପତ୍ତି ନିଆଯାଏ । ଆଟେଷ୍ଟେସନରେ ଜମିର ହାରାହାରି ଉତ୍ପାଦନ କେତେ ତାହା ନମୁନା ସ୍ୱରୂପ ସେହି ଜମିର ଦୁଇ ବୃତ୍ତଜାଗାରୁ ଫସଲ କଟାଯାଇ ସ୍ଥିର ହୁଏ । ବର୍ତ୍ତମାନ ତଥ୍ୟ ସଂଗ୍ରହ ବିଜ୍ଞାନର ଯେପରି ଉନ୍ନତି ହେଲାଣି ସେଥିରେ ଫସଲ କାଟିବା ଓ ହାରାହାରି ଉତ୍ପାଦନ ନିରୂପଣ କରିବା ପ୍ରଣାଳୀରେ ଯଥେଷ୍ଟ ଉନ୍ନତି ଦେଖାଯାଇଛି । ଲୋକଙ୍କର ଅଧିକାର ସମ୍ପର୍କୀୟ ରେକର୍ଡ ବାଣ୍ଟି ଦିଆଯାଏ । ଏହାର ତିନୋଟି କପି ପ୍ରସ୍ତୁତ କରାଯାଇଥାଏ । ଗୋଟିଏ କଲେକ୍ଟରଙ୍କ ଅଫିସରେ, ଆଉ ଗୋଟିଏ ଜମି ମାଲିକ ଏବଂ ଅନ୍ୟଟି

Digitized by PPRACHIN, SOA

ଋଷୀକୁ ଦିଆଯାଏ । ଯେଉଁଠି ଖଜଣା ଧାର୍ଯ୍ୟ କରାଯାଇ ପାରେ ନାହିଁ, ସେଠାରେ ବନ୍ଦୋବସ୍ତର ଖର୍ଚ୍ଚ ଜମି ମାଲିକ ଓ ଋଷୀଠାରୁ ସମାନ ଅଂଶରେ ଅସୁଲ କରାଯାଏ ।

ପିଲାଙ୍କ ମୁଣ୍ଡ ମପା

ବନ୍ଦୋବସ୍ତ ବେଳେ ବହୁ ତଥ୍ୟ ସଂଗ୍ରହ କରାଯାଏ ଏବଂ ତାହା ପୃଥକଭାବରେ ସଂରକ୍ଷିତ ହୁଏ । ଶେଷରେ ସହକାରୀ ବନ୍ଦୋବସ୍ତ ଅଫିସର ଗ୍ରାମ ସଂପର୍କୀୟ ତାଙ୍କର ମନ୍ତବ୍ୟ ପ୍ରସ୍ତୁତ କରନ୍ତି ଏବଂ ତାହା ମଧ୍ୟ ସଂରକ୍ଷିତ ହୁଏ । ଜଣେ ଅଫିସର କଣ କଣ ଅନୁଧ୍ୟାନ କରିବେ ବା କଣ ଲେଖିବେ ସେ ସଂପର୍କରେ କୌଣସି ବାରଣ ନ ଥାଏ । ବ୍ୟବସାୟ, ବାଣିଜ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ଜନସାଧାରଣଙ୍କ ଆଚାର, ବ୍ୟବହାର, ବିଭିନ୍ନ ଜାତିର ଚଳଣି ଓ ପ୍ରଥା, ଶିକ୍ଷାଦି ସଂପର୍କରେ ଜଣେ ଅନୁସନ୍ଧାନ କରିପାରେ । ଜଣେ ସରକାରୀ ବନ୍ଦୋବସ୍ତ କର୍ମଚାରୀ ଥରେ ନୃତତ୍ତ୍ୱ ସଂପର୍କୀୟ ଗବେଷଣା କରୁଥିଲେ । ସେ ଗୋଟିଏ ଅଞ୍ଚଳର ପିଲାଙ୍କର ମୁଣ୍ଡ ମାପୁ ଥିଲେ । ବିହାରର ପାହାଡ଼ି ନାମକ ଏକ ଦୁର୍ଦ୍ଧର୍ଷ ଜାତିର ଲୋକେ ମନେକଲେ ଯେ ସେ ସେମାନଙ୍କ ଝିଅ ପିଲାଙ୍କ ସହିତ ପ୍ରେମ କରୁଛନ୍ତି ।

□ □

Digitized by PPRACHIN, SOA

ଓଡ଼ିଶା ବନ୍ଦୋବସ୍ତ

୧୯୨୫ ମସିହା ଡିସେମ୍ବର ୨୫ ତାରିଖରେ କାଇପଡ଼ା ଏଟେଷ୍ଟେସନ୍ କ୍ୟାମ୍ପକୁ ମୁଁ ତାଲିମପାଇଁ ଗଲି । କ୍ୟାମ୍ପ ବ୍ରାହ୍ମଣୀ ନଦୀ କୂଳରେ ହୋଇଥିଲା । ନଦୀର ବାଲୁକା ଶଯ୍ୟା ଉପରେ ଶହ ଶହ ସଂଖ୍ୟାରେ କୁମ୍ଭୀର ଛୁଆ ଆସି ଖରା ପୁଆନ୍ତି । କେତେଦୂର ଗୁଳି ଯାଇପାରିବ ତାହା ପରୀକ୍ଷା କରିବାପାଇଁ ମୁଁ ଥରେ ଗୋଟିଏ କୁମ୍ଭୀର ଛୁଆକୁ ମାରିଥିଲି ।

ମଣିଷଖିଆ କୁମ୍ଭୀର

ଥରେ ଏକ ମଣିଷଖିଆ କୁମ୍ଭୀର ଆସି ଏଟେଷ୍ଟେସନ୍ କ୍ୟାମ୍ପ ନିକଟବର୍ତ୍ତୀ ନଦୀ ଗଣ୍ଡରେ ରହିଲା । ଶହ ଶହ ଲୋକ ପ୍ରତିଦିନ କ୍ୟାମ୍ପକୁ ଆସୁଥିଲେ, ସେମାନଙ୍କ ମଧ୍ୟରୁ କେହି କେହି ନଦୀକୁ ଯିବା ସ୍ୱାଭାବିକ । ତେଣୁ କୁମ୍ଭୀର ଏହି ସ୍ଥାନଟି ଜଗି ରହିଥିଲା । ଥରେ ମୁଁ ନଈରେ ଗାଧୋଉଛି ସେ ମୋ ଆଡ଼କୁ ଖେପି ଆସିଲା । ଯେତେବେଳେ ମୋର ଉପରିସ୍ଥ ଅଫିସର (ମୋର ବନ୍ଧୁ ଜୀବନ) ମୋର କ୍ୟାମ୍ପ ପରିଦର୍ଶନ କରିବାକୁ ଆସିଲେ, ମୁଁ ମଣିଷଖିଆ କୁମ୍ଭୀରର ସନ୍ଧାନରେ ବାହାରିଲି । ମୁଁ ଦେଖିଲି, ନଦୀ ବନ୍ଧର ଖୀଣ ହୋଇଥିବା ଏକ ସ୍ଥାନରେ ଅଧା ପଙ୍କ ଅଧା ପାଣି ଭିତରେ ଏକ କୁମ୍ଭୀର ରହିଛି । ଉପରେ ତାର ଏକ ଶ୍ରେଷ୍ଠ କଣ୍ଟା ବାଉଁଶ ବୁଦା ଛାଇକରି ରହିଛି । ମୁଁ କ୍ୟାମ୍ପକୁ ଦୌଡ଼ି ଆସି ଜୀବନକୁ ସାଙ୍ଗରେ ଧରି ଗଲି । ଆମେ ଏକ ବାଉଁଶ ବୁଦା ଆଢ଼ୁଆଳରେ ଲୁଚି ରହିଲୁ ଏବଂ ପୂର୍ବରୁ ସ୍ଥିର ହୋଇଥିବା ଏକ ସଙ୍କେତ ଅନୁଯାୟୀ ଏ ମଣିଷଖିଆ କୁମ୍ଭୀର ମୁଣ୍ଡକୁ ଲକ୍ଷ୍ୟକରି ଆମେ ଦୁଇଥର ଗୁଳି ଚଳାଇଲୁ । ସେଠାରେ ସେ ମରି ପଡ଼ି ରହିଲା । କ୍ୟାମ୍ପରେ ଥିବା ସବୁଲୋକ ଦୌଡ଼ି ଆସିଲେ ଓ ତାହାର ମୃତ ଦେହକୁ ଟାଣି ଉପରକୁ ଉଠାଇବାରେ କୌଣସି ଅସୁବିଧା ହେଲା ନାହିଁ । ଚମଡ଼ା ଉତାରି ଯିବାରୁ ଦେଖାଗଲା, କୁମ୍ଭୀର ପେଟରେ କେତେପଟ ଚୁଡ଼ି ଅଛି । ସେଥିରୁ ପ୍ରମାଣ ମିଳିଲା ଯେ ସେ ପୂର୍ବରୁ ଜଣେ ସ୍ତ୍ରୀ ଲୋକକୁ ଖାଇଥିଲା । କହିବା ଅନାବଶ୍ୟକ ଯେ ଜୀବନ ମୋ ବିଷୟରେ ଏକ ଭଲ ରିପୋର୍ଟ ଦେଇଥିଲା; ବୋଧହୁଏ ଶିକାର ଜାଣିଥିବା ଜଣେ କର୍ମଚାରୀ ଜଣେ ଭଲ ଅଫିସର୍ ହେବା ନିଶ୍ଚିତ । ଜୀବନ କୁମ୍ଭୀର ଛାଲକୁ କଟକ ନେଇ ଆସିଲା । ମୁଁ କାଇପଡ଼ାରେ ରହି ତାଲିମ ନେଲି । କଟକରେ ଥିବା ମଧୁସୂଦନ ଦାସଙ୍କ ଉତ୍କଳ ଟାନେରୀକୁ ଏହି ଚମଡ଼ା ଦିଆଗଲା । ବର୍ଷକ ପରେ ଆମେ ଯେତେବେଳେ ପଚାରିଲୁ, ସେତେବେଳେ ଟାନେରୀ ଫେଲ ମାରିଗଲାଣି ଓ କୁମ୍ଭୀର ଚମଡ଼ା କୁଆଡ଼େ ଯାଇଛି ତାର ପତ୍ତା ମିଳିଲା ନାହିଁ ।

Digitized by PPRACHIN, SOA

ମୁଁ କଟକରେ ଥିବା ମୋର ସ୍ତ୍ରୀଙ୍କୁ ଦେଖିବାପାଇଁ ମଝିରେ ମଝିରେ କାଇପଡ଼ା କ୍ୟାମ୍ପ ଛାଡ଼ି ଚାଲି ଆସୁଥିଲି । ଯେ କୌଣସି ମୁହୂର୍ତ୍ତରେ ଆମେ ଆମର ତୃତୀୟ ସନ୍ତାନର ଜନ୍ମ ଆଶା କରୁଥିଲୁ । ଥରେ ବନ୍ଦୋବସ୍ତ ଅଫିସର ଘୋଡ଼ାରେ ଚଢ଼ି ଆମ କ୍ୟାମ୍ପ ପରିଦର୍ଶନରେ ଆସୁଥିଲେ । ସେ ମତେ ଦେଖି ପକାଇଲେ । ମୁଁ କହିଲି ମୁଁ ଜୀବନର ଅନୁମତି ନେଇ ଦିନକପାଇଁ ହେଡ଼କ୍ୱାର୍ଟରକୁ ଆସିଛି । ବନ୍ଦୋବସ୍ତ ଅଫିସର ମ୍ୟାନସ୍ ଫିଲ୍ଡଙ୍କ ସହିତ ପରିଦର୍ଶନରେ ମୁଁ ଏକ ନିକଟବର୍ତ୍ତୀ ଗ୍ରାମକୁ ଗଲି ଏବଂ ତା'ପରେ ସାଇକେଲରେ କଟକ ଆସିଲି । ମୁଁ ଘରେ ପହଞ୍ଚିଲା ବେଳକୁ ଅଧରାତି ହେଲାଣି । ସେତେବେଳେ ଜୀବନର ଶାଳୀ ମୋ ସ୍ତ୍ରୀଙ୍କର ଦେଖା ଚାହାଁ କରୁଥାଏ । ସେ ମୋତେ ବୋକା ବନେଇବାପାଇଁ ମୋ ସ୍ତ୍ରୀ ପାଖରେ ଗୋଟାଏ ବଡ଼ କୁଣ୍ଢେଇ ଥୋଇଦେଇ କହିଲା, "ଦେଖ ତୁମ ଝୁଅକୁ ଦେଖ" । ମିଞ୍ଜି ମିଞ୍ଜି ଜଳୁଥିବା କିରୋସିନ ଲ୍ୟାମ୍ପର ଆଲୁଅରେ ମୁଁ ଏହା ବିଶ୍ୱାସ କରିବା ଉପରେ ଥିଲି । କିନ୍ତୁ ମୋର ସ୍ତ୍ରୀ ଆଖି ମାରିଦେଲେ । ମୁଁ ଜୀବନ ଶାଳୀର ସ୍ୱାମୀଙ୍କଠାରୁ ଶ୍ରେଷ୍ଠଥିବା ଯୋଗୁଁ ତାଙ୍କୁ ବହୁତ ବୋଲି ଡାକୁଥିଲି । ଅଙ୍କାକରି କହିଲି, "ତୁମର ପରବର୍ତ୍ତୀ ଝୁଅଟି ଏହିପରି ସୁନ୍ଦର ହେବ । ୧୯୨୫ ଡିସେମ୍ବର ୩୦ ତାରିଖରେ ବୁଲି ଜନ୍ମ ହେଲା ।

ହାତୀ ଆକ୍ରମଣ

୧୯୨୬ ମସିହା ଜାନୁଆରୀ ଖାନାପୁରୀ ତାଲିମ କାର୍ଯ୍ୟରେ ମୁଁ କଲକଲାରେ ରହିଲି । ଜୀବନ ପରିଦର୍ଶନରେ ଆସିଥିଲା, ଗାଁ ମୁଣ୍ଡରେ ଏକ ବିରାଟ ଧାନ ଜମିକୁ ଲାଗି ଏକ ଆମ୍ବ ବଗିଚାରେ ଆମ ଦୁହିଙ୍କର ଟେଣ୍ଟ ପଡ଼ିଥିଲା । ପ୍ରାୟ ଅଧରାତିରେ ପାଟିତୁଣ୍ଡ ହେଉଥିବା ଶୁଣି ଆମେ ଉଠି ପଡ଼ିଲୁ । ଦଳେ ବନ୍ୟହସ୍ତୀ କିଆରିମାନଙ୍କରେ ପଶି ଧାନ ଖାଇ ଯାଉଛନ୍ତି । ଷଣ୍ଢକୁ ନାଲିକନା ଦେଖାଇଲେ ଯାହା ଆମ ତମ୍ବୁର ଧଳାକନା ହାତୀମାନଙ୍କ ପକ୍ଷରେ ଠିକ୍ ସେହିପରି ହେଲା । ହାତୀମାନେ ଆମ କ୍ୟାମ୍ପ ଆଡ଼କୁ ଆସୁଥିବାର ଦେଖାଗଲା । କେବଳ ଗହଳିଆ ଧାନ କ୍ଷେତ ଯୋଗୁଁ ସେମାନେ ଶୀଘ୍ର ଆସି ପାରୁ ନ ଥିଲେ । ଆମେ ପେଟ୍ରୋମାକ୍ସ ଆଲୁଅ ଲଗାଇଲୁ ଓ ବନ୍ଧୁକ ଧରି ପ୍ରସ୍ତୁତ ରହିଲୁ । ହାତୀମାନଙ୍କୁ ଘଉଡ଼ାଇ ଦେବାପାଇଁ ଆମେ ଶୂନ୍ୟକୁ ବନ୍ଧୁକ ଫୁଟାଇଲୁ । ସେମାନେ ଚାଲିଗଲେ । ତା'ପରଦିନ ଆମେ ଦେଖିଲୁ ପ୍ରାୟ ୫୦ ଏକର ଧାନ ଜମି ସେମାନେ ନଷ୍ଟ କରି ଦେଇଛନ୍ତି । କଲକଲା ଏକ ପୁରାତନ ଗ୍ରେଟିଆ ଜମିଦାରୀ । ଏକ ପୁରାତନ ସମ୍ଭ୍ରାନ୍ତ ଜମିଦାର ବଂଶ ଜ୍ୟେଷ୍ଠପୁତ୍ରର ଉତ୍ତରାଧିକାର ସୂତ୍ରରେ ଏହି ଜମିଦାରୀ ଭୋଗକରି ଆସୁଥିଲେ । ଏହି ଜମିଦାରୀକୁ ଭାଗ ଭାଗ କରାଯାଇ ପାରୁ ନ ଥିଲା । ବାର୍ଷିକ ଆୟ ୪,୦୦୦ ଟଙ୍କାରୁ କମ୍ । ଜ୍ୟେଷ୍ଠ ପୁତ୍ରଙ୍କୁ ଟିକାୟତ (ପ୍ରିନସ୍ ଅଫ୍ ଓ୍ୱେଲସ୍ !) ନାମରେ ଡକାଯାଏ । ମ୍ୟାନେଜର ହେଲେ ଦେଓ୍ୱାନ ଓ ତାଙ୍କର ମାସିକ ଦରମା ୪ ଟଙ୍କା । ରାଜା ଏବଂ ଦେଓ୍ୱାନ ପ୍ରଜାମାନଙ୍କ ଦାନରେ

Digitized by PPRACHIN, SOA

ଚଳୁଥିଲେ ଓ ନିଜର ଫାର୍ମ ଘରେ ରହୁଥିଲେ । ଯେତେବେଳେ ଗୃର୍ଜ ଅଫିସର କଲିକତା ଗଲେ, କଲିକତାର ରାଜକୁମାରୀ ୧୪ ବର୍ଷ ବୟସର ଝିଅଟିଏ ତାଙ୍କ ଗୃକର କାନ୍ଧରେ ବସି ଅଫିସରଙ୍କ ସ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଆସିଲେ । ଅନ୍ୟ କୌଣସି ପରିବହନର ବ୍ୟବସ୍ଥା ନ ଥିଲା ଏବଂ କଲିକତାର ରାଜକୁମାରୀ ଗୃଲିକରି ଆସିବା ସମ୍ଭବ ହୋଇ ନ ଥାନ୍ତା !

କଲିକତା କ୍ୟାମ୍ପରେ ମୋର ଘୋଡ଼ା ଥିଲା । ମୋର ତମ୍ବୁ ଏବଂ ବାକ୍ସ ପତ୍ର ଆଗରେ ଗୃଲିଯାଇଥିଲା । ବହୁତ ଦୂରେ ଗାଁ ବୁଲିସାରି ମୋର ନୂଆ କ୍ୟାମ୍ପକୁ ରାତି ଭୋଜନପାଇଁ ଫେରିସିବା କଥା । ଘଣ୍ଟେ ଜଙ୍ଗଲ ପାର ହୋଇ ଗଲାବେଳକୁ ସନ୍ଧ୍ୟା ହୋଇଗଲାଣି । ଗୋଟିଏ ବାଘ ହମ୍ପାଳୁ ଥିବାର ମୁଁ ଶୁଣିପାରିଲି । ଏଥିରେ ଘୋଡ଼ା ଚମକି ଯାଇ ଜଙ୍ଗଲିଆ ରାସ୍ତାରେ ଦୌଡ଼ିବାକୁ ଲଗିଲା । ବଡ଼ କଷ୍ଟରେ ମୁଁ ଘୋଡ଼ା ପିଠିରେ ରହିପାରିଲି । ଗୋଟାଏ ଗଛର ଡାଳ ତଳକୁ ଓହଳି ଥିଲା । ସେଥିରେ ମୋର ମୁଣ୍ଡଟା ଉଡ଼ିଯାଇଥାନ୍ତା । କୌଣସିମତେ ନିଜକୁ ବଞ୍ଚାଇ ନେଲି । ଯେତେବେଳେ ଜଙ୍ଗଲ ପାରହୋଇ ବାହାରକୁ ଆସିଲି, ସେତେବେଳେ ବାଟ ଖୋଜି ପାଇବା ମୋ ପକ୍ଷରେ କଷ୍ଟକର ହେଲା, ରାସ୍ତା ଖୋଜି ଖୋଜି ଗଲାବେଳକୁ ରେଳ ଲାଇନ ପଡ଼ିଲା । ରେଳ ଲାଇନ ଧାରେ ଧାରେ ଯାଇ ରାତି ଦଶଟାବେଳେ ମୁଁ ବୈଣରେ ପହଞ୍ଚିଲି । ସେତେବେଳକୁ ମୁଁ ଓ ମୋର ଘୋଡ଼ା ଉଭୟେ କ୍ଲାନ୍ତ । ଉଭୟ କ୍ଷୁଧା ଓ ତୃଷାରେ ରହିଛୁ । ମୁଁ ଗୋଟିଏ ଲୁହାଖୁଣ୍ଟିରେ ଘୋଡ଼ାକୁ ବାନ୍ଧିଦେଇ ନିଜେ ସେଠାରେ ବସ୍ତା ହୋଇଥିବା ନଡ଼ା ଉପରେ ଶୋଇ ପଡ଼ିଲି । ଗୃକରମାନେ ମୁଁ ଫେରି ନ ଥିବା ଦେଖି ଖୋଜି ଖୋଜି ଆସି ସକାଳେ ସେଠାରେ ମୋତେ ଉଠାଇଲେ ।

୧୯୨୭ ମସିହା ଫେବୃଆରୀ ମାସରେ ମୋର ତାଲିମ ସମୟ ଶେଷ ହେଲା ଏବଂ ଓଡ଼ିଶା ବନ୍ଦୋବସ୍ତର ଏକ ତୃତୀୟାଂଶପାଇଁ ମୁଁ ଗୃର୍ଜ ଅଫିସରରୂପେ ନିଯୁକ୍ତ ହେଲି । ଏହା ମଧ୍ୟରେ ଖାଜାପୁର, ଏଷ୍ଟେଟ୍ଷ୍ଟେସନ ଏବଂ କେଶ କ୍ୟାମ୍ପ ଅନ୍ତର୍ଭୁକ୍ତ । ମୋର ଖାଜାପୁର କ୍ୟାମ୍ପସବୁ କଟକ ଜିଲାର ସମୁଦ୍ର କୂଳ ଅଞ୍ଚଳରେ ପଡ଼ୁଥିଲା । ଏସବୁ ଅଞ୍ଚଳ ଏପରି ଅସ୍ୱାସ୍ଥ୍ୟକର ଥିଲା ଯେ ଜରରେ ପଡ଼ି କମ୍ପା ଅସୁବିଧା ଭୋଗକରି ମୋର ପ୍ରାୟ ଅଧେ କର୍ମଗୃରୀ ଗୃକରୀ ଛାଡ଼ି ଗୃଲିଗଲେ । ଏତେ ଶୀଘ୍ର କ୍ୟାମ୍ପସବୁ ଆରମ୍ଭ କରିବା ଉଚିତ ନ ଥିଲା । ଅକ୍ଟୋବରଠାରୁ ଡିସେମ୍ବର ମାସ ମ୍ୟାଲେରିଆ ଯୋଗୁଁ ଭଲ ସମୟ ନ ଥିଲା । ଜାନୁଆରୀରେ କ୍ୟାମ୍ପ ପକାଇଲାବେଳେ ଏତେ ଅସୁବିଧା ହେଲା ନାହିଁ । ମୋର କାମ ଥିଲା, ୧୨ ସେଟେଲମେଣ୍ଟ କ୍ୟାମ୍ପର ତତ୍ତ୍ୱାବଧାନ କରିବା । ମୁଁ ଗୋଟିଏ ଗାଡ଼ି ପାଇଲି, ତାହା ହେଉଛି ନୂଆ "ଟି" ମଡ଼େଲ ଫୋର୍ଡଗାଡ଼ି ।

Digitized by PPRACHIN, SOA

କୃଷ୍ଣଙ୍କ ଶରୀରଧାରୀରୂପ

୧୯୨୬ ମସିହା ଅଗଷ୍ଟ ମାସରେ ଜଣେ ସୁନ୍ଦରୀ ଯୁବତୀ ବିଧବା ସ୍ତ୍ରୀଲୋକ (ବେଙ୍ଗ ଦେବ୍ୟା) ବନ୍ଦୋବସ୍ତ ଅଫିସରଙ୍କ ଆଗରେ ଉପସ୍ଥିତ ହୋଇ ଦରଖାସ୍ତ ଦେଲା ଯେ ସହକାରୀ ବନ୍ଦୋବସ୍ତ ଅଫିସର ତାହା ପ୍ରତି ବଳାତ୍କାର କରିଛନ୍ତି । ମୋ ଅଧୀନରେ ଥିବା ଏକ କ୍ୟାମ୍ପ ସମ୍ପର୍କରେ ଏହି ଅଭିଯୋଗ । ମୁଁ ଭଲଭାବେ ତା'କୁ ଓ ତା' ସହିତ ଆସିଥିବା ଲୋକଙ୍କୁ ପରୀକ୍ଷା କଲି । ମୁଁ ସେମାନଙ୍କୁ କହିଲି ଯେ ସେମାନେ ଘରକୁ ଫେରିଯାଆନ୍ତୁ । ମୁଁ ସେଠାକୁ ସରଜମିନ୍ ତଦନ୍ତ କରିବାକୁ ଯିବି । ସେମାନେ କହିଲେ ଯେ ତିନିଦିନ ଆଗରୁ ସେ ଗାଁରେ ପହଞ୍ଚିବା ସମ୍ଭବ ହେବ ନାହିଁ । କାରଣ 'ଛ' ଦିନ ରେଳରେ ଯିବାକୁ ହେବ, ୧୪ ମାଇଲ କର୍ଦ୍ଦମାକ୍ତ ରାସ୍ତା ଅତିକ୍ରମ କରିବାକୁ ପଡ଼ିବ । ତା' ପରେ ନଈ ବଢ଼ିରେ ଏକ ନଈ ପାରହୋଇ ୪ ମାଇଲ ଧାନ ବିଲ ଭିତରେ ଦେଇ ଯିବାକୁ ହେବ । ସେତେବେଳେ ସେ ଅଞ୍ଚଳରେ ବାତ୍ୟାହୋଇ ପ୍ରବଳ ବର୍ଷା ହେଉଥାଏ । ଏହା ଏପରି ଏକ ଅଭିଯୋଗ ଯେ ହଠାତ୍ ତଦନ୍ତ କରାଗଲେ କିଛି ସତ୍ୟ ଘଟଣା ବାହାରିପାରେ । ମୁଁ ସାଇକେଲ୍ ନେଇ ରାତିସାରା ଗାଡ଼ିରେ ଗଲି । ଭଦ୍ରକରେ ଓହ୍ଲାଇ ଦେଖିଲି, ବର୍ଷା ବନ୍ଦ ହୋଇ ଗଲାଣି । କିନ୍ତୁ ଆକାଶ ମେଘାଚ୍ଛନ୍ନ ମୁଁ ଅତି ଖସଡ଼ା ରାସ୍ତାରେ କେତେବେଳେ ସାଇକେଲ୍‌ରେ ବା କେତେବେଳେ ସାଇକେଲ୍‌କୁ କାନ୍ଧେଇ ୧୪ ମାଇଲି ଗଲି । ତା'ପରେ ଯେଉଁ ନଈ ବଢ଼ିଥିଲା ତା' କୂଳରେ ପହଞ୍ଚିଲି । ମୋ ପକ୍ଷରେ ଏକମାତ୍ର ଉପାୟ ଥିଲା, ସାଇକେଲଟିକୁ କୂଳରେ ପକାଇ ଦେଇ ଅଳ୍ପ ଲୁଗାରେ ନଈ ପହଁରି ଯିବା । ସାଇକେଲ୍, ଟୋପି, ସାର୍ଟ, ପେଣ୍ଟ, ଜୋତାଆଦି କୂଳରେ ରଖିଦେଲି । ଅଣ୍ଡରୱେୟାର ପିନ୍ଧି ନଈପାରି ହେଲି ଏବଂ ବାକି ମାଇଲିଏ ବାଟ କ୍ୟାମ୍ପକୁ ଚାଲିଯାଇ ସେଠାରେ ତିନିଟାବେଳେ ପହଞ୍ଚିଲି । ବନ୍ଦୋବସ୍ତ କ୍ୟାମ୍ପରେ ସେଦିନ ମୁଁ ଗୋଟିଏ ଦ୍ରଷ୍ଟବ୍ୟ ହୋଇଥିଲି । ସହକାରୀ ବନ୍ଦୋବସ୍ତ ଅଫିସର ମୋର ସାଇକେଲ ଏବଂ ଲୁଗାପଟା ଅଣାଇବାର ବନ୍ଦୋବସ୍ତ କଲେ ଏବଂ ପିନ୍ଧିବାପାଇଁ ମୋତେ ଗୋଟିଏ ଧୋତି ଓ କୁର୍ତ୍ତା ଦେଲେ । କିଛି ଖାଇବା ଓ ଚା' ପିଇବା ପରେ ମୁଁ ତଦନ୍ତପାଇଁ ବାହାରିଲି । ସେତେବେଳ ଯାଏଁ ବିଧବା ଓ ତାକୁ ଯେଉଁ ତିନିଜଣ ସାଙ୍ଗରେ ନେଇ ଯାଇଥିଲେ, ସେମାନେ ଆସି ପହଞ୍ଚି ନାହାନ୍ତି । ସହକାରୀ ବନ୍ଦୋବସ୍ତ ଅଫିସର ସେଠାରେ ଗ୍ରାମ୍ୟ ବିବାଦ ସମ୍ପର୍କରେ ଅବଗତ ଥିଲେ । ଯେଉଁସବୁ ସାକ୍ଷୀଙ୍କୁ ଡାକି ମୁଁ ପରୀକ୍ଷା କଲି ସେମାନେ ସମସ୍ତେ ଟଳି ପଡ଼ିଲେ । ସମସ୍ତେ ମାନିଗଲେ ଯେ ଏକ ଚକ୍ରାନ୍ତ କରାଯାଇଛି; ଏକ ମିଛ କଥା ଉପରେ ସେ ବିଧବାକୁ ସେମାନେ କଟକ ନେଇ-ଯାଇଛନ୍ତି । ମୁଁ ତାଙ୍କଠାରୁ ସାକ୍ଷ୍ୟ ନେଇ ନିଜ ହାତରେ ଲେଖିଲି ଏବଂ ମାଜିଷ୍ଟ୍ରେଟ-ମାନେ ସାକ୍ଷୀଙ୍କର ଦସ୍ତଖତ ନେଲାପରି ସେଥିରେ ସେମାନଙ୍କର ଦସ୍ତଖତ ନେଲି । ପ୍ରଧାନ

Digitized by PPRACHIN, SOA

ଚକ୍ରାନ୍ତକାରୀ ଜଣକ ମିଳିଲା ନାହିଁ । ସନ୍ଧ୍ୟାବେଳେ ବିଧବା ସ୍ତ୍ରୀଲୋକଙ୍କୁ ଧରି କଟକ ଯାଇଥିବା ଲୋକେ ଫେରିଲେ । ମୁଁ ସଙ୍ଗେସଙ୍ଗେ ସେମାନଙ୍କୁ ମଧ୍ୟ ପରୀକ୍ଷା କଲି ଏବଂ ସେମାନେ ମଧ୍ୟ ଠକି ପଡ଼ିଲେ । ସହକାରୀ ବନ୍ଦୋବସ୍ତ ଅଫିସରଙ୍କୁ ଅସୁବିଧାରେ ପକାଇବାପାଇଁ ଯେ ଏକ ଚକ୍ରାନ୍ତ ହୋଇଥିଲା ତାହା ସମ୍ପୂର୍ଣ୍ଣଭାବରେ ପ୍ରମାଣିତ ହୋଇଗଲା । କିନ୍ତୁ ସେଦିନ ରାତିରେ ସେଠାରେ ମୁଁ ରହିଗଲି । ଏହି ଆଶାରେ ଯେ ପ୍ରଧାନ ଚକ୍ରାନ୍ତକାରୀ ସହିତ ଦେଖା ହୋଇପାରେ । ତା' ଆରଦିନ ସକାଳେ ସେ ଗାଁକୁ ମୁଁ ବୁଲି ବାହାରିଲି' ଲୋକେ କିଭଳି ଅବସ୍ଥାରେ ରହୁଛନ୍ତି ତାହା ଦେଖିବାପାଇଁ ଯେପରିକି ମୁଁ ଯାଇଛୁ ଗାଁରେ ଥିବା ଏକ ମନ୍ଦିର ବେଢ଼ା ଭିତରକୁ ଗଲି । କୋତାହାଲକ କାଢ଼ିଦେଇ ଦିଅଙ୍କୁ ପ୍ରାର୍ଥନା କରିବାପାଇଁ ବାହାରିଲି । 'ଗୃହଫୁଟ ଉଚ୍ଚ ସିଂହାସନରେ ପ୍ରତିମାଙ୍କ ଆସ୍ଥାନ । ଯେତେବେଳେ ମନ୍ଦିରଦ୍ୱାର ଖୋଲିଦେଲି, ଦିଅଙ୍କ ସିଂହାସନ ପଛରେ ମନୁଷ୍ୟର ଦୁଇଟି ପାଦ ମୁଁ ଦେଖିପାରିଲି । ଦେଖି ନ ଦେଖିବାପରି ହୋଇ ମୁଁ ମନ୍ଦିର ଭିତରକୁ ଗଲି । କୃଷ୍ଣ ମୂର୍ତ୍ତିଙ୍କ ପାଖରେ ଠିଆହୋଇ ପ୍ରାର୍ଥନା କଲି ଏବଂ ଉଚ୍ଚ ସ୍ୱରରେ ଘୋଷଣା କଲି ଯେ ଶ୍ରୀକୃଷ୍ଣ ମନୁଷ୍ୟ ଦେହରେ ମତେ ଦେଖା ଦେଇଛନ୍ତି । ମୁଁ ଏବେ ତାଙ୍କର ମୁହଁ ଦେଖିବାକୁ ଚାହେଁ । ବାହାରେ ଠିଆ ହୋଇଥିବା ଲୋକେ ମୁଁ କ'ଣ କହୁଛି, ବୁଝିପାରିଲେ ନାହିଁ । ସହକାରୀ ବନ୍ଦୋବସ୍ତ ଅଫିସର ବାହାରେ ଠିଆ ହୋଇଥିଲେ । ସେ ପୂଜାରୀଙ୍କୁ ଡକାଇ ଦିଅଙ୍କ ପଛପଟେ ଯେଉଁ ଲୋକଟି ଠିଆ ହୋଇଥିଲା, ତା'କୁ ବାହାରକୁ ଆଣିବାପାଇଁ ଆଦେଶ ଦେଲେ । ଯେତେବେଳେ ସେ ଲୋକଟି ବାହାରି ଆସିଲା, ସେତେବେଳେ ଲୋକମାନେ କିପରି ଅବାକ୍ ହୋଇ ଯାଇଥିବେ ତାହା ଅନୁମାନ କରାଯାଇପାରେ । ଲୋକଟି ମୋ ଗୋଡ଼ତଳେ ପଡ଼ିଗଲା ଏବଂ ଯେଉଁ ଚକ୍ରାନ୍ତ ହୋଇଥିଲା ତା'ର ସମସ୍ତ କାହାଣୀ ମୋ ଆଗରେ ଠିକ ନଖି ପ୍ରକାଶ କଲା । ଏଥିରେ ସେ ମୁଖ୍ୟ ଭାଗ ଗ୍ରହଣ କରିଥିଲା । ମୁଁ କଟକ ଫେରିଆସି ସାକ୍ଷୀମାନେ ଦେଇଥିବା ସାକ୍ଷ୍ୟ ଦସ୍ତଖତ ସହିତ ମୋର ରିପୋର୍ଟ ଦାଖଲ କଲି । ଘଟଣାଟି ପୋଲିସକୁ ଦିଆଗଲା ଏବଂ ୩ ବର୍ଷ ପର୍ଯ୍ୟନ୍ତ ମକଦ୍ଦମା ଚାଲିଲା । ମୋର ତଦନ୍ତବେଳେ ମୁଁ ବୁଝିଲି ଯେ ଭଦ୍ରକ ସବଡିଭିଜନର ତିହିଡ଼ି ଅଞ୍ଚଳରୁ ବହୁ ସଂଖ୍ୟକ ଲୋକ କଲିକତା କାମକରିବାକୁ ଯା'ନ୍ତି । ସେମାନେ ପରିବାର ଛାଡ଼ିଦେଇ ଯାଇଥାନ୍ତି ଏବଂ ପୁରୁଷ ଲୋକ କେହି ପରିବାରରେ ନଥାନ୍ତି । ବାକି ଗ୍ରାମରେ ଯେଉଁ ପୁରୁଷ ଲୋକ ରହିଲେ ସେମାନଙ୍କ ମଧ୍ୟରେ ଅନ୍ତତଃ ଗାଁ ପିଛା ଦୁଇଜଣ ଟାଉଟର ମିଳିବେ । ଯେଉଁମାନଙ୍କର କାର୍ଯ୍ୟହେଲା ଯେ ନାନା ପ୍ରକାର ସାମାଜିକ ଓ ଆଇନଗତ ଚକ୍ରାନ୍ତରେ ଲିପ୍ତରହି ଆନନ୍ଦ ପାଇବା । ଏ ଘଟଣାଟି ହେଉଛି; ସେହିପରି ଏକ ଚକ୍ରାନ୍ତ ।

Digitized by PPRACHIN, SOA

ସାଇକେଲରେ ଦିନକେ ଶହେ ମାଇଲ

ମୋର କ୍ୟାମ୍ପ୍ ସବୁ ଭିନ୍ନ ଭିନ୍ନ ଅଞ୍ଚଳରେ ଥିଲା । ଦିନେ ଭଦ୍ରକ ସବ୍‌ଡିଭିଜନ୍‌ର ଉତ୍ତର ସୀମାରେ ଥିବା କ୍ୟାମ୍ପ ଛାଡ଼ି ମୁଁ ପ୍ରାୟ ସକାଳ ୯ଟା ବେଳେ ସାଇକେଲ୍‌ରେ ବାହାରିଲି । ଭଦ୍ରକ, ଚାନ୍ଦବାଲି, କନକା, ଆଳି, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ଦେଇ କଟକରେ ପହଞ୍ଚିଲା ବେଳକୁ ରାତି ଅଧ ହୋଇଯାଇଥିଲା । ବାଟରେ ମୁଁ ଗୋଟିଏ ଏଟେଷ୍ଟେସନ୍ କ୍ୟାମ୍ପ୍ ପରିଦର୍ଶନ କଲି ଏବଂ ପ୍ରାୟ ରାତି ୮ଟାରେ ଜଣେ ଏଟେଷ୍ଟେସନ୍ ଅଫିସର୍ ନିଜର ବ୍ୟକ୍ତିଗତ ତମ୍ବୁ ଭିତରେ ଜଣେ ଜମିଦାର ସହିତ କଥା ଭାଷା କରୁଥିବାବେଳେ ସେଠାରେ ଯାଇ ମୁଁ ପହଞ୍ଚିଲି । ବାଟରେ ଚାନ୍ଦବାଲିଠାରେ ବୈତରଣୀ, ଆଳିଠାରେ ଖରସ୍ରୋତା ଏବଂ ପଟ୍ଟାମୁଣ୍ଡାଇଠାରେ ବ୍ରାହ୍ମଣୀ ନଦୀ ପାର ହେବାକୁ ପଡ଼ିଲା । ରେଲ ପୋଲ ଉପରେ ମୁଁ ସାଇକେଲ୍ ଚଢ଼ି ମହାନଦୀ ପାର ହେଉଛି ହଠାତ୍ ଏକ ଗାଡ଼ି ଆସିଗଲା । ମୁଁ ନିଜକୁ କୌଣସି ମତେ ରକ୍ଷା କରିଦେଲି । ସେ ଦିନ ମୁଁ ପ୍ରାୟ ୧୦୦ ମାଇଲ ସାଇକେଲ ଚାଳନା କରିଥିଲି ।

□ □

Digitized by PPRACHIN, SOA

ଓଡ଼ିଶା ବନ୍ଦୋବସ୍ତ

କଟକ ଓ ଉପକୂଳବର୍ତ୍ତୀ ଓଡ଼ିଶାର ଅବସ୍ଥା ୧୯୨୪–୧୯୨୮

ଉପକୂଳବର୍ତ୍ତୀ ଓଡ଼ିଶାରେ ଯୋଗାଯୋଗ ବ୍ୟବସ୍ଥା ଅତି ପୁରାତନ ଥିଲା । କେବଳ କଲିକତା-ମାନ୍ଦ୍ରାଜ ଟ୍ରଙ୍କରୋଡ଼ ଓ ପୁରୀକୁ ଯାଇଥିବା ଜଗନ୍ନାଥ ସଡ଼କ ଥିଲା ପକ୍କା ରାସ୍ତା । କିନ୍ତୁ ବହୁ ନଈରେ ପୋଲ ହୋଇ ନ ଥିବା ଯୋଗୁ ରାସ୍ତା ଉପରେ ଥିବା ସଂକେତ ପଟାମାନଙ୍କର କୌଣସି ମୂଲ୍ୟ ନ ଥିଲା । ଉଦାହରଣସ୍ୱରୂପ ସଙ୍କେତ ପଟାରେ "କଟକକୁ ଯିବା ରାସ୍ତା" ବୋଲି ଲେଖା ହୋଇଥିଲେ ମଧ୍ୟ ତୁମେ କେବେ କଟକରେ ପହଞ୍ଚି ପାରିବ ନାହିଁ । ପକ୍କା ସଡ଼କର ଅବସ୍ଥା ଏପରି ଥିଲା ଯେ ସ୍ଥାନେ ସ୍ଥାନେ ବଳଦଗାଡ଼ି ଗଡ଼ରେ ଯିବାକୁ ହେଉଥିଲା । ଗନ୍ତରେ ବାହାରିବାପାଇଁ ଅଫିସର୍‌ମାନଙ୍କୁ ଫେବୃଆରୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ୁଥିଲା । ସେତେବେଳେ ଯାଇ ନଈ ଭିତରେ ଖରାଦିନିଆ ରାସ୍ତା ଖୋଲେ ଓ ଧୂଳିଆ ରାସ୍ତାଯୋଗୁଁ ମାଇଲ ମାଇଲ ଦୂରରୁ ମଟର ଗାଡ଼ି ଯାଉଥିବାର ଜଣାଯାଏ ।

ନାଲି ଧୂଳି

କଟକ ସହରର ରାସ୍ତାସବୁ ପକ୍କା ଥିଲା । କିନ୍ତୁ ସଡ଼କର ନାଲିଧୂଳି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସବୁ ଜିନିଷ ଉପରେ ଜମି ରହୁଥିବା ଯୋଗୁଁ ସହର ଅତି କୁତ୍ସିତ ଦେଖାଯାଉଥିଲା । କାଠଯୋଡ଼ି ନଦୀ କୂଳରେ ଥିବା କମିଶନରଙ୍କ କୋଠିରେ କିମ୍ବା କନିକା ରାଜବାଟୀରେ କୌଣସି ଭୋଜି ସଭା ହେଉଥିଲେ ମହାନଦୀ କୂଳ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଓ ରେଲଷ୍ଟେସନ ନିକଟବର୍ତ୍ତୀ କଲେଜ ଅଞ୍ଚଳରେ ଅଫିସରମାନଙ୍କ ଗାଡ଼ି ରାସ୍ତାରେ ଏକ ଧୂଳି ପଟଳ ସୃଷ୍ଟି କରି ଯାଉଥିବାର ଦେଖିବାକୁ ମିଳେ । ପ୍ରଥମ ଗାଡ଼ିକୁ ଛାଡ଼ି ଦେଲେ ବାକି ସବୁ ମଟରଗାଡ଼ି ଓ ଘୋଡ଼ାଗାଡ଼ିକୁ ଖୋଲି ନ ରଖି ସଂପୂର୍ଣ୍ଣ ବନ୍ଦ କରିଦେବାକୁ ପଡ଼ୁଥିଲା । ଏହି ପଟୁଆରରେ ସାଇକେଲ୍ ଚଢ଼ାଳି ଓ ପଦଯାତ୍ରୀମାନଙ୍କପାଇଁ କୌଣସି ସ୍ଥାନ ନ ଥିଲା । ଧୂଳିର କୁହୁଡ଼ି ଭିତରେ ଯାଉଥିବା-ବେଳେ କୌଣସି ଗାଡ଼ି ଦେଖି ନ ପାରି କାଳେ ଧକ୍କା ଦେଇ ଦେବ, ସେହି ଭୟରେ ସେମାନେ କଟକ ରେଲଷ୍ଟେସନରୁ କ୍ୟାଣ୍ଟନମେଣ୍ଟ ଯାଇଥିବା ପ୍ରଧାନ ରାସ୍ତା ଓ କଟକ-ଚଣ୍ଡୀ ମନ୍ଦିରରୁ ଲାଲବାଗ ଯାଇଥିବା ଗଳି ରାସ୍ତାରେ ଯାଉ ନ ଥିଲେ । ଭୋଜି ସଭାର ଅଧଘଣ୍ଟା ପୂର୍ବରୁ ଓ ଅଧଘଣ୍ଟା ପରେ ରାସ୍ତାର ଦୁଇ ପାଖରେ ରହୁଥିବା ଲୋକେ

Digitized by PPRACHIN, SOA

ସେମାନଙ୍କ ଗାଈ,ବାଛୁରୀ ଓ ପିଲାମାନଙ୍କୁ ଘରେ ବନ୍ଧ କରି ରଖୁଥିଲେ । ଥରେ ଲାଲବାଗରେ ଏକ ଭୋଜି ସଭାରେ ଯୋଗଦେବାକୁ ମୁଁ ସାଇକେଲରେ ଯାଉଥିଲି । ନାଲି ଧୂଳିରୁ ମୋର ଲୁଗାପଟା ଓ ମୋ’ ସ୍ତ୍ରୀଙ୍କ ଲୁଗାପଟା ରକ୍ଷା କରିବାପାଇଁ ମୁଁ ଅଣଓସାରିଆ ଗଳି କନ୍ଦି ଭିତର ଦେଇ ଯାଇଥିଲି । କିନ୍ତୁ ସେଠାରେ ମଧ୍ୟ ରକ୍ଷା ନାହିଁ, କାରଣ ବାୟୁମଣ୍ଡଳ ଉଡ଼ନ୍ତା ନାଲି ଧୂଳିରୁ ମୁକ୍ତ ଥିଲେ ହେଁ ନଳା, ନର୍ଦ୍ଦମାର ପୂତି ଗନ୍ଧରୁ ମୁକ୍ତ ନ ଥିଲା । ମୋର ଏକମାତ୍ର ସାନ୍ତ୍ୱନା ଥିଲା ଯେ ଅନ୍ୟ ଅତିଥିମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାବେଳକୁ ସେମାନଙ୍କର ମୁଣ୍ଡବାଳ ନାଲି ହୋଇଯାଇଥିବ ଓ ପୋଷାକ ପତ୍ରରେ ନାଲିଧୂଳି ଲାଗିଥିବ । କିନ୍ତୁ ମୁଁ ଏକମାତ୍ର ଅତିଥି, ଯେ ବ ଟଯୋଗ ଗନ୍ଧ ଶୁଙ୍ଘି ଆସିଲେ କ’ଣ ହେଲା ତା’ର ବାଳତକ କଳା ରହିଥିବ ଓ ପୋଷାକ ପତ୍ର ପରିଚ୍ଛନ୍ନ ରହିଥିବ ।

ସେହି ଭୋଜି ସଭାରେ କେହି କେହି ସ୍ତ୍ରୀ ଲୋକ ତାଙ୍କ ସ୍ୱାମୀଙ୍କ କାନ୍ଧରୁ ନାଲି ଧୂଳି ଫୁଙ୍କି ଝାଡ଼ି ଦେଉଥିବାର ଦେଖାଯାଉଥିଲା ।

ଏକ ବଳଦିଆ

ଶସ୍ତ୍ରରୁ ଆସି ଷ୍ଟେସନ୍ ରୋଡ଼ରେ ଅନେକ ସମୟରେ ମୁଁ ସାଇକେଲରେ ରାତିରେ ଫେରେ । ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର । ରାସ୍ତାରେ ଜଳୁଥିବା ମ୍ୟୁନିସିପାଲିଟି ବତି କେବଳ ଏହି ଅନ୍ଧକାରକୁ ବଢ଼ାଇବାରେ ସାହାଯ୍ୟ କରୁଥିଲା । ରାସ୍ତାରେ ଯାନବାହନ କହିଲେ କାଁ ଭାଁ ଗୋଟିକିଆ ଘୋଡ଼ାଟଣା ଗାଡ଼ି କିମ୍ବା ଏକ ବଳଦିଆ ଶଗଡ଼ ଗାଡ଼ି । ଏପରି ଶଗଡ଼ ଗାଡ଼ି କଟକର ଏକ ବିଶେଷତ୍ୱ । କଟକର ରାସ୍ତା ଅତି ଅଣଓସାରିଆ ଥିବା ଯୋଗୁଁ ଲୋକେ ମଣିଷ ଓ ଜିନିଷପତ୍ର ନେବାପାଇଁ ଏକବଳଦିଆ ଗାଡ଼ି ଉଦ୍ଭାବନ କଲେ । ସୁବିଧା ଥିଲେ ସେମାନେ ଶ୍ରେଷ୍ଠ ଧରଣର ବସ୍ ମଧ୍ୟ ଉଦ୍ଭାବନ କରିପାରିଥାନ୍ତେ । କଟକରେ ସଙ୍କୀର୍ଣ୍ଣ ଜନାକୀର୍ଣ୍ଣ ରାସ୍ତାରେ ଯେଉଁମାନେ ବିରାଟକାୟ ଟ୍ରକ୍‌ମାନ ଚଲାଇଯାଆନ୍ତି; ସେ ଚାଳକମାନଙ୍କ କାରିମତିକୁ ମୁଁ ବାହାବା ଦିଏ । ୧୯୨୮ ମସିହାରେ ଯାନବାହନ ସମସ୍ୟା ହୋଇ କିଛି ନ ଥିଲା, କାରଣ ସେତେବେଳେ ଯାନବାହନ ଖୁବ୍ କମ୍ ଥିଲା । କଟକର ୬୦ ହଜାର ଲୋକ ଅଧିକାଂଶ ସମୟ ଘର ଭିତରେ ରହୁଥିଲେ । ଏବେ ଲୋକେ ବାହାରେ ବୁଲୁଛନ୍ତି । କିନ୍ତୁ ସଙ୍କୀର୍ଣ୍ଣ ରାସ୍ତା ଓସାରିଆ ହୋଇପାରୁ ନାହିଁ । ସେଥିପାଇଁ ହଜାର ହଜାର ରିକ୍‌ସା ଦରକାର ପଡ଼ୁଛି । ଏ ରିକ୍‌ସାଟି ହେଉଛି ଚୀନାମାନଙ୍କ ଉର୍ବର ମସ୍ତିଷ୍କପ୍ରସୂତ । ମନୁଷ୍ୟର ଶ୍ରମଦ୍ୱାରା ପରିଚାଳିତ ଏକ ଦ୍ୱିଚକ୍ର ଯାନରେ ଆତୁର ଜଣେ ମନୁଷ୍ୟ ବସିପିବା ଅସମ୍ମାନଜନକ ହେଲେ ହେଁ ଯେଉଁ ଦେଶରେ ବହୁ ସଂଖ୍ୟକ ଲୋକ ଲୋକ ଉପାସରେ ରହନ୍ତି, ସେ ଦେଶବାସୀଙ୍କୁ ଏହା ବାଧିବାର ପ୍ରଶ୍ନ ଉଠୁ ନାହିଁ ।

Digitized by PPRACHIN, SOA

କରଣିଲିପି

ଲୋକଙ୍କର ଲିପି ଥିଲା କରଣି । କିନ୍ତୁ ବନ୍ଦୋବସ୍ତ କାର୍ଯ୍ୟରେ ଓଡ଼ିଆ ଲିପି ବ୍ୟବହୃତ ହେଉଥିଲା । ଅବଶ୍ୟ ଏଥିରେ ଜଲଦି ଲେଖାଯାଇ ପାରୁ ନ ଥିଲା । ମାକ୍‌ସ୍‌ଫିଲ୍‌ଡଙ୍କର ବନ୍ଦୋବସ୍ତ ରିପୋର୍ଟରେ ପରାମର୍ଶ ଥିଲା ଯେ "ଆଗ ସବୁ ଠିକ୍ ଥିବା ଦରକାର"(Accuracy first) । ତରତର ହେବା ଅନାବଶ୍ୟକ ଥିଲା । କାରଣ ତରତର କରି ଓଡ଼ିଆରେ ଲେଖିଲେ ତାହା ଏତେ ସଂକ୍ଷିପ୍ତ ହୋଇଯାଉଥିଲା ଯେ ଅନ୍ୟ ଗୋଟିଏ ଭାଷାଭଳି ଜଣା ଯାଉଥିଲା । କାଳକ୍ରମେ ପାଣ୍ଡୁଲିପି ଉଦ୍ଦେଶ୍ୟରେ କରଣିର ପ୍ରଚଳନ ହୋଇଥିଲା । ଛାପାପାଇଁ ନୁହେଁ । ଏହାର ନାମ କରଣି ହେବାର ଉଦ୍ଦେଶ୍ୟ ଲେଖିବା କାମ ବିଶେଷଭାବରେ କରଣ ଜାତିଙ୍କଦ୍ୱାରା ହେଉଥିଲା । ୧୯୩୪ ମସିହାରେ କଟକ, ପୁରୀ ଓ ବାଲେଶ୍ୱର ଜିଲାର ସମସ୍ତ କୋର୍ଟ କଚେରୀରେ ସବୁ ଦରଖାସ୍ତ କରଣିରେ ଲେଖା ହେଉଥିଲା । କିନ୍ତୁ ୧୯୪୭ ମସିହାରେ କରଣିର ସ୍ଥାନ ଓଡ଼ିଆ ଅଧିକାର କଲା । ଆଜିକାଲି କୌଣସି ଦରଖାସ୍ତ କରଣିରେ ଲେଖା ହେଲେ ତାହା କୌତୁହଳ ସୃଷ୍ଟି କରିବ ।

ବନ୍ଦୋବସ୍ତ ସମ୍ପର୍କୀୟ ବିବାଦ ବିଧବା ସ୍ତ୍ରୀ ଲୋକଙ୍କୁ କେନ୍ଦ୍ର କରି ଏତେ ହେଉଥିଲା ଯେ ସେମାନଙ୍କୁ ଦଙ୍ଗାନ୍ତର କେନ୍ଦ୍ର କହିଲେ ଭୁଲ ହେବ ନାହିଁ । ଜଣେ ପୁରୁଷ ଲୋକ ମରିଗଲେ, କେତେକ ଦୁଷ୍ଟ ବୁଦ୍ଧି ଲୋକ ତା'ର ବିଧବା ପତ୍ନୀକୁ ଘେରିଯାଆନ୍ତି । ଯଦି ତା'ର କିଛି ପିଲାପିଲି ନ ଥା'ନ୍ତି ତା'ହେଲେ ଅବସ୍ଥା ଆହୁରି ଖରାପ ହୁଏ । ସେ ଟାଉଟରମାନଙ୍କର କ୍ରୀଡ଼ନକ ହୋଇଯାଏ । ଏହି କାରଣରୁ ବୋଧହୁଏ ପ୍ରାଚୀନ ହିନ୍ଦୁ ସ୍ମୃତିକାରମାନେ ସମ୍ପତ୍ତିରେ ସ୍ତ୍ରୀ ଲୋକଙ୍କର ଅଧିକାରକୁ ଅତ୍ୟନ୍ତ ସୀମିତ ଓ ସଙ୍କୁଚିତ କରିଦେଇଥିଲେ ।

ଟାଉଟର

ପ୍ରତ୍ୟେକ ଗ୍ରାମରେ ଦୁଇ ବା ତତୋଽଧିକ ଟାଉଟର ଥିଲେ, ଯେଉଁମାନଙ୍କର ଜୀବିକା ଥିଲା ବୁଦ୍ଧି ଖର୍ଚ୍ଚ କରି ଗ୍ରାମ୍ୟ ବିବାଦ ଓ ମାଲି ମକଦ୍ଦମା ଭିତରକୁ ଲୋକଙ୍କୁ ଟାଣିନେବା । ସେମାନେ ବହୁ ସାମାଜିକ ସମସ୍ୟା ସୃଷ୍ଟି କରୁଥିଲେ । ସହରରେ ଓକିଲ ମୁକ୍ତାରମାନଙ୍କ ସହିତ ସେମାନେ ସମ୍ପୃକ୍ତ ଥାଇ ତାଙ୍କ କାର୍ଯ୍ୟ କରୁଥିଲେ । ବାହାରରେ ୧୩ ବର୍ଷ ରହିବା ପରେ ୧୯୪୭ ମସିହାରେ ମୁଁ ଯେତେବେଳେ ଓଡ଼ିଶାକୁ ଫେରି ଆସିଲି, ମୁଁ ଜାଣିଥିବା ବହୁ ଟାଉଟର କଂଗ୍ରେସ କର୍ମୀ ହିସାବରେ ବୁଲୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ସେମାନଙ୍କ ମଧ୍ୟରୁ କେତେକ ମଧ୍ୟ ସ୍ଥାନୀୟ ନେତା ହୋଇସାରିଥିଲେ । ଟାଉଟର ହେଉଛି ଭ୍ରଷ୍ଟାଚାରର ମୂଳ ପିଣ୍ଡ ।

Digitized by PPRACHIN, SOA

ଅମିନ

ବନ୍ଦୋବସ୍ତ କାମ ଖୁବ ଶସ୍ତାରେ ହେଉଥିଲା, କାରଣ ଖାନାପୁରିବେଳେ ଶ୍ରମପାଇଁ ଲୋକଙ୍କୁ ପଇସା ଦେବାକୁ ହେଉ ନ ଥିଲା ଏବଂ ଅମିନ ମଧ୍ୟ ଖାଇବାପାଇଁ ପଇସା ଦେଉ ନ ଥିଲା । ସେ ଜଣଙ୍କ ଘରେ ରହୁଥାଇ ଅନ୍ୟମାନଙ୍କୁ ତା ପାଇଁ ଛଞ୍ଚା ବା ସିଧା ପଠାଇବାପାଇଁ ବରାଦ କରୁଥିଲା । ସେ ନିଜପାଇଁ ବେପାର କରୁଥିଲା । ଗ୍ରାମବାସୀମାନେ କାଠ ଯୋଗାଇ ଦେଉଥିଲେ । ଏ ସବୁପାଇଁ ତାର ପଇସା ଦେବାର କଥା । କିନ୍ତୁ ତାକୁ କିଛି ଦେବାକୁ ପଡ଼ୁ ନ ଥିଲା । ତା’ର ଜରିବ ଓ ଖାନାପୁରିପାଇଁ ଜଣେ ଲୋକ ଦରକାର ହେଉଥିଲା । ଜଣେ ଲୋକ ତା’ର ଯନ୍ତ୍ରପାତି ଓ କାଗଜପତ୍ର ଧରି ଯାଉଥିଲା, ଦୁଇ ଜଣ ଲୋକ ଜଞ୍ଜିର ଟାଣିବାପାଇଁ ଥିଲେ । ଗ୍ରାମବାସୀମାନଙ୍କ ମଧ୍ୟରୁ ପ୍ରତିଦିନ ଏହିପରି ଚାରି ଜଣ ଲୋକ ତା’ସହିତ ରହୁଥିଲେ । ଦୈନିକ ଏମାନଙ୍କୁ ଯୋଗାଡ଼ କରିବା କାମ କଷ୍ଟକର ନ ଥିଲା । ସେ ଗାଁ । ଯାକ ବୁଲି ଆସି ଜଣଙ୍କ ଦୁଆର ମୂହଁରେ ଖଣ୍ଡେ କଲା ରଖିଦେଇ ଆସୁଥିଲା । ଘରୁ କାହାରି ସଙ୍ଗେ ସାକ୍ଷାତ କରିବା ତା’ର ଦରକାର ପଡ଼ୁ ନ ଥିଲା । ତା’ପର ଦିନ ସକାଳୁ ଗୃହସ୍ଥ,ଜଣେ ଲୋକକୁ କଲା ଧରାଇ ଅମିନ ପାଖକୁ ପଠାଇଦେବାପାଇଁ ବାଧ୍ୟ ହେଉଥିଲା । ଏହିପରି କଲାଥିଲା ସର୍ବଶକ୍ତିମାନ । କ୍ୟାମ୍ପ ବଦଳାଇବାକୁ ହେଲେ ବଳଦଗାଡ଼ି ବନ୍ଦୋବସ୍ତ କରିବାପାଇଁ ମୋ ପିଅନ କାହାରି ଜଣଙ୍କ ଦୁଆର ମୁହଁରେ ଘୁରଣିଟିଏ ରଖିଦେଇ ଆସୁଥିଲା । ସେହି ଘୁରଣି ଥିଲା ସରକାରୀ କ୍ଷମତାର ପ୍ରତିନିଧି । କାରଣ ଯାହା ଦୁଆର ମୁହଁରେ ସେ ରହୁଥିଲା, ସେ ଲୋକ ବଳଦ ଗାଡ଼ି ଧରି ଆସି ପହଞ୍ଚି ଯାଉଥିଲା । ପାରମ୍ପରିକ ପ୍ରଥା ବିରୁଦ୍ଧରେ ଯିବାର ପ୍ରଶ୍ନ ଉଠୁ ନ ଥିଲା । କାରଣ ସେଥିରୁ କୌଣସି କ୍ଷତି ଘଟୁ ନ ଥିଲା । ବନ୍ଦୋବସ୍ତ ବେଳେ ଭିନ୍ନ ଭିନ୍ନ ସମୟରେ ଯାହା ଧାର୍ଯ୍ୟ କରାଯାଉଥିଲା, ସେହି ଅନୁସାରେ ଖର୍ଚ୍ଚ ଦିଆଯାଉଥିଲା ।

କହିବା ଅନାବଶ୍ୟକ ଯେ ଏ ସବୁ ପ୍ରଥା ଆଉ ନାହିଁ । ଏବେ ଅମିନ ସାଙ୍ଗକୁ ଦରମା ପାଇ ସାହାଯ୍ୟକାରୀମାନେ ଅଛନ୍ତି ଏବଂ ବୋଧହୁଏ ଖାଇବା ଖର୍ଚ୍ଚଟା ତାକୁ ନିଜେ ବହନ କରିବାକୁ ପଡ଼ୁଲାଣି । କଲା ଓ ମୁଦ୍ରା ତାଙ୍କର ଶକ୍ତି ହରାଇ ବସିଲେଣି ।

ଦୁର୍ନୀତି

ବନ୍ଦୋବସ୍ତ ଅଫିସର୍‌ମାନଙ୍କରେ ମାନ୍‌ସ୍‌ଫିଲଡ୍ ଓ ବ୍ର୍ୟେଡେନ ବନ୍ଦୋବସ୍ତ କାର୍ଯ୍ୟର ମାନ, ଦକ୍ଷତା, ସାଧୁତା ଓ ବ୍ୟକ୍ତିଗତ ଆଚରଣ ବ୍ୟବହାର ଦୃଷ୍ଟିରୁ ଯେତେଦୂର ସମ୍ଭବ ଖୁବ୍ ଉଚ୍ଚରେ ରଖିବାପାଇଁ ଉଦ୍ୟମ କରୁଥିଲେ । କୌଣସି ଅଫିସର୍ ତାଙ୍କର

Digitized by PPRACHIN, SOA

ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଲେ ସବାରିରେ ବସି ଆସୁଥିଲେ । ଗୋଟିଏ ନିର୍ଦ୍ଦେଶନାମା (circular) ଜାରି କରାଗଲା ଯେ କେହି ଲୋକ କାନ୍ଧେଇ ନେଉଥିବା କୌଣସି ଯାନ ବ୍ୟବହାର କରିପାରିବେ ନାହିଁ । ଜଣେ ଅଫିସର୍ ରାତ୍ର ୮ଟା ବେଳେ ସ୍ଥାନୀୟ ଜମିଦାରଙ୍କ ସହିତ ନିଜ ତମ୍ବୁ ଭିତରେ କଥାବାର୍ତ୍ତା କରୁଥିବାର ଦେଖାଗଲା । ଏକ ନିର୍ଦ୍ଦେଶନାମା ଜାରି କରାଗଲା ଯେ କେହି ନିଜ ରହିବା ତମ୍ବୁ ଭିତରେ କାହାରି ସହିତ ଦେଖା ସାକ୍ଷାତ୍ କରିପାରିବେ ନାହିଁ । ଦେଖା କରିବାପାଇଁ ଅଫିସ ତମ୍ବୁ ଅଛି । ଏକ ନିର୍ଦ୍ଦେଶନାମା ଜାରି କରାଗଲା ଯେ ବିନା ମୂଲ୍ୟରେ କୌଣସି ଜିନିଷ ବା କୌଣସି ସେବା କାହାରିଠାରୁ ଗ୍ରହଣ କରାଯିବ ନାହିଁ । ସମସ୍ତ କଡ଼ାକଡ଼ି ଓ ସାବଧାନତା ସତ୍ତ୍ୱେ ଅମିନ ଓ ଇନ୍‌ସ୍‌ପେକ୍ଟର୍‌ମାନଙ୍କ ମଧ୍ୟରେ ପ୍ରବଳ ଦୁର୍ନୀତି ବ୍ୟାପି ଗଲା । ଏ କାର୍ଯ୍ୟଟି ଏପରି ଥିଲା ଯେ ଲୋକେ ମୁଣ୍ଡି ଆମାରି ଅମିନ ବା ମୁନସରିମଙ୍କୁ ଲାଞ୍ଚ ଦେଇ ଯାଉଥିଲେ । ବର୍ଷକର ଗୋଟିଏ ବନ୍ଦୋବସ୍ତ ସମୟରେ ଜଣେ ଅମିନ କେତେ ହଜାର ଟଙ୍କା ସଂଗ୍ରହ କରିଥିଲା । ସେ ଗ୍ରାମ ଛାଡ଼ିବା ପୂର୍ବ ଦିନ ଲୋକେ ଟଙ୍କାତକ ଛଡ଼ାଇନେବାପାଇଁ ତାକୁ ଘେରିଗଲେ ଓ ଛଡ଼ାଇ ନେଲେ ମଧ୍ୟ । ଅମିନ କାହାରି ପାଖରେ ଅଭିଯୋଗ କରିବାର ପ୍ରଶ୍ନ ନ ଥିଲା । କାରଣ ତଦନ୍ତ ହୋଇଥିଲେ ତା'ର ବିପକ୍ଷରେ ଯାଇଥାନ୍ତା ।

୧୯୨୫-୧୯୨୮

ଉଭୟ ସରକାରୀ ଓ ବେସରକାରୀ ଗୋଷ୍ଠୀରେ ଆମର ଭଲ ପ୍ରଚଳନ ଥିଲା । କଟକ କ୍ଲବ୍‌ରେ ମଧ୍ୟ ଆମେ ଯୋଗଦେଇଥିଲୁ । ପ୍ରାଣକୃଷ୍ଣ ପଡ଼ିଜା, ଶ୍ୟାମଚନ୍ଦ୍ର ତ୍ରିପାଠୀ, ଡାକ୍ତର୍ ଏଜରା ବ୍ଲ୍ୟୁବେନଙ୍କ ସହିତ ସବୁଠାରୁ ଆମର ଘନିଷ୍ଠ ସମ୍ପର୍କ ଥିଲା । କଟକ କ୍ଲବରେ ଅଳ୍ପ କେତେଜଣ ବେସରକାରୀ ସଭ୍ୟ ଥିଲେ । ସେମାନେ ହେଲେ, ରେଭେନ ଇନ୍‌ଷ୍ଟିଚ୍ୟୁଟର ମାଲିକ ଶ୍ରୀ ଯୋଗେନ୍ଦ୍ର ନାଥ ବୋଷ, ଷ୍ଟୋଟ ଏଜେଣ୍ଟ ରାଇସ୍, କନିକା ରାଜାସାହେବ, ମୟୂରଭଞ୍ଜ ମହାରାଜା ଓ ବୋଧହୁଏ ମଧୁସୂଦନ ଦାସ । ଶେଷୋକ୍ତ ଦୁଇଜଣ କେବେ କ୍ଲବକୁ ଆସୁ ନ ଥିଲେ । ବାହାରେ ଥିବା ଭଦ୍ର ବ୍ୟକ୍ତି (ସରକାରୀ ଓ ବେସରକାରୀ)ମାନଙ୍କ ମଧ୍ୟରେ ଯେଉଁମାନଙ୍କର ଅଧିକ ନିକଟ ସମ୍ପର୍କରେ ଆମେ ଆସିଥିଲୁ ସେମାନେ ହେଲେ ଡକ୍ଟର ଜୟନ୍ତ ରାଓ, କବି ମଧୁସୂଦନ ରାଓଙ୍କ ପରିବାରର ଅନ୍ୟ ସଭ୍ୟଗଣ, ବିଶ୍ୱନାଥ କର, ବିଜୁ ପଟ୍ଟନାୟକଙ୍କ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, କବି ରାଧାନାଥ ରାୟଙ୍କ ପୁତ୍ର ଶଶୀଭୂଷଣ ରାୟ, ନିର୍ମଳା ନାୟକ, ଲକ୍ଷ୍ମୀନାରାୟଣ ସାହୁ, କ୍ଷୀରୋଦଚନ୍ଦ୍ର ଚୌଧୁରୀଙ୍କ ପରିବାର ଏବଂ ସୁଧାଂଶୁବାଳା ହାଜରା । ଅନ୍ୟ ବେସରକାରୀ ଭଦ୍ରବ୍ୟକ୍ତିଙ୍କସହିତ ସମ୍ପର୍କ ସାଧାରଣଭାବରେ ଥିଲା ।

Digitized by PPRACHIN, SOA

କମିଶନର୍ ହବାକ୍ ଓ ପେକ୍ ଏବଂ ବି. ସି. ସେନ୍ (ସମସ୍ତେ ଆଇ.ସି.ଏସ୍. ଥିଲେ) ସାମାଜିକ ଜୀବନରେ କେନ୍ଦ୍ର ସ୍ଥଳରେ ଥିଲେ । ୧୯୨୭ ମସିହା ମାର୍ଚ୍ଚ ମାସ ଶେଷ ସପ୍ତାହରେ କମିଶନର୍ ସେନଙ୍କ ସହିତ ଲାଲବାଗଠାରେ ଆମେ ଦିନଟିଏ ଥିଲୁ । ମଧ୍ୟାହ୍ନ ଭୋଜନ ଓ ଚା ଖିଆ ସମସ୍ତ ମଧ୍ୟରେ କାଠଯୋଡ଼ିରୁ ଏତେ ବାଲି ଉଡ଼ିଆସିଲା ଯେ ବୈଠକଖାନା ଚାରିଘଣ୍ଟା ମଧ୍ୟରେ ତିନିଥର ସଫା କରିବାକୁ ହୋଇଥିଲା ।

ମାଙ୍କଡ଼ଙ୍କ ପ୍ରତିଶୋଧ

ମୋର ସାବତ ଝିଅ ଡଲି ରେଭେନ୍ସା ବାଳିକା ହାଇସ୍କୁଲର ହଷ୍ଟେଲରେ ଥିଲା । ମାଙ୍କଡ଼ମାନଙ୍କର ବୁଦ୍ଧି ସମ୍ପର୍କରେ ସେ ଏକ ଗଳ୍ପ କହୁଥିଲା । ଛାତ୍ରୀମାନେ ବୋଝ ବୋଝ କରି ଆମ୍ବ ଆଣୁଥିଲେ, କିନ୍ତୁ ସେମାନେ ସ୍କୁଲରେ ଥିବାବେଳେ ମାଙ୍କଡ଼ମାନେ ଆମ୍ବ ନେଇ ଚାଲି ଯାଉଥିଲେ । ଦିନେ ପିଲାମାନେ ଠିକ୍ କଲେ ସେମାନେ ମାଙ୍କଡ଼ମାନଙ୍କୁ ଏକ ଶିକ୍ଷା ଦେବେ । ସେମାନେ ଆମ୍ବତକ ଖାଇ ଝାଳୁଆଯାକ ଚୋପା ଭିତରେ ଭଲଭାବରେ ରଖିଦେଲେ । ଯେତେବେଳେ ମାଙ୍କଡ଼-ମାନେ ଆସିଲେ, ସେମାନେ ବୁଝି ପାରିଲେ ଯେ ସେମାନଙ୍କୁ ଠକି ଦିଆଯାଇଛି । ଏହିପରିଭାବରେ ସେମାନେ ପ୍ରତିଶୋଧ ନେଲେ । ସେମାନେ ଚୋପାରୁ ଝାଳୁଆଯାକ ନେଇ ଛାତଉପରେ ଯାଇ ବସିଲେ । ପିଲାମାନେ ସ୍କୁଲରୁ ଫେରିବାମାତ୍ରେ ତାଙ୍କ ଉପରେ ହେଲା ଝାଳୁଆ ବୃଷ୍ଟି ଓ ତା ସଙ୍ଗେ ମାଙ୍କଡ଼ଙ୍କର ଖେଁ ଖେଁ ଶବ୍ଦ ।

ଅଭିନବ ଭୋଜି

ଜୁଲାଇ ୧୯୨୮ ମସିହାରେ ଶ୍ରୀ ବି. ସି. ସେନ ଅବସର ଗ୍ରହଣ କଲେ । ଅସ୍ଥାୟୀଭାବରେ କଟକ କଲେକ୍ଟର ଦାୟିତ୍ୱ ମୋତେ ତୁଲାଇବାକୁ ହେଲା ଓ ଆମେ ଶ୍ରୀ ସେନଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ଏକ ଅଭିନବ ଭୋଜିସଭାର ବ୍ୟବସ୍ଥା କଲୁ । ବିଭିନ୍ନ ସ୍ଥଳରେ ଖାଇବା ଜିନିଷ ସଜଡ଼ା ହୋଇ ରହିଲା ଓ ବିଚିତ୍ର ପୋଷାକ (Fancydress) ପିନ୍ଧିଥିବା ଝିଅମାନଙ୍କ ମାର୍ଫତରେ ଏହା ରଖାଗଲା । ଅତିଥିମାନଙ୍କୁ କାର୍ଡବୋର୍ଡରେ ତିଆରି ହୋଇଥିବା ସୁନା ଓ ରୁପାର ମୁଦ୍ରା ସବୁ ଦିଆଗଲା, ଯେପରିକି ସେଥିରେ ସେମାନେ ଯାହା ଖାଇବାକୁ ଚାହାନ୍ତି ସେ ସବୁ କିଣି ଖାଇପାରିବେ । ସଭା ଶେଷରେ ଅଳ୍ପ ଆଇସ୍କ୍ରିମ୍ ଓ ଚାକୁଲେଟ ଝିଅମାନେ ବିକ୍ରି କରୁଥିଲେ । ସ୍ଥଳରେ ଥିବା ସବୁ ଜିନିଷ କିଣାଯାଇ ନ ପାରିବାରୁ ବହୁତ ବଳି ପଡ଼ିଲା ଓ ତା'ଆର ଦିନ ଆଉଥରେ ଏକ ଭୋଜିସଭା ହେଲା ।

Digitized by PPRACHIN, SOA

ମହିଳାମାନେ ଘରକରଣାପାଇଁ ଏକ ନୂତନ ପରୀକ୍ଷା ଉଦ୍‌ଭାବନ କଲେ । ଗୃହକର୍ତ୍ତ୍ରୀଙ୍କର ଅଜ୍ଞାତରେ ସେ ଖାଇବା ସମୟରେ ସେମାନେ ହଠାତ୍ ଯାଇ ପହଞ୍ଚି ଯାଉଥିଲେ । ଗୃହକର୍ତ୍ତ୍ରୀ ତାଙ୍କୁ ସେ’ ଜଳଖିଆ ଯାଚିବାପାଇଁ ବାଧ୍ୟ । ପରୀକ୍ଷା ହେଲା, କେଉଁ ଗୃହକର୍ତ୍ତ୍ରୀ ପୂର୍ବରୁ ଖବର ନ ପାଇ ସଙ୍ଗେସଙ୍ଗେ ଏକ ସେ’ ଭୋଜନର ବ୍ୟବସ୍ଥା କରି ଦେଇପାରିବେ । ସବୁ ଗୃହକର୍ତ୍ତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ । କିନ୍ତୁ ଜଣେ ଉଚ୍ଚପଦସ୍ଥ ଇଞ୍ଜିନିଅର୍‌ଙ୍କ ସ୍ତ୍ରୀ ହୋଇପାରିଲେ ନାହିଁ । କାରଣ ଆଳୁ ଭାଜିବା ପାଇଁ ମଧ୍ୟ ତାଙ୍କ ଘରେ କିଛି ତେଲ କି ଘିଅ ନଥିଲା । ଶେଷରେ ସେମାନେ କମିଶନର୍ ସେନଙ୍କ ଘର ଚଢ଼ାଉ କରିବେ ବୋଲି ସ୍ଥିର କଲେ । ସେ ବିପତ୍ନୀକଭାବରେ ଏକୁଟିଆ ରହୁଥିବାରୁ ତାଙ୍କୁ ଆଗରୁ ସତର୍କ ନ କରି ତାଙ୍କ ଘରେ ଚଢ଼ାଉ କରିବା ଠିକ୍ ହେବ ନାହିଁ ବୋଲି ସ୍ଥିର ହେଲା । ତେଣୁ ଯେଉଁ ଅତର୍କିତ ଆକ୍ରମଣ ହେଲା, ତାହା ପୁରା ଅତର୍କିତ ନ ଥିଲା ।

୧୯୨୬ ଓ ୧୯୨୭ ମସିହାରେ ମୋ’ ସ୍ତ୍ରୀ କଟକର ମହିଳାମାନଙ୍କ ସଙ୍ଗେ (ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀମତୀ ନର୍ମଳା ନାୟକ, ପ୍ରିନ୍‌ସିପାଲ୍ ରେଭେନ୍‌ସା ଗାର୍ଲସ୍ ସ୍କୁଲ, ପ୍ରଖ୍ୟାତ ଶିଶୁସାହିତ୍ୟ ଲେଖିକା ଶ୍ରୀମତୀ ସୁଖଲତା ରାଓ, ରସାୟନ ବିଭାଗ ଅଧ୍ୟାପକଙ୍କ ସ୍ତ୍ରୀ ଶ୍ରୀମତୀ କୁନ୍ତୀ ସିଂହ, ଅଧ୍ୟାପକ ପ୍ରାଣକୃଷ୍ଣ ପରିଜାଙ୍କ ସ୍ତ୍ରୀ ଶ୍ରୀମତୀ ସୁନ୍ଦରମଣି ପରିଜା) ବହୁସଂଖ୍ୟକ ଚ୍ୟାରିଟି ସୋ’ ଜରିଆରେ ଗ୍ରାନ୍ଥା ସଂଗ୍ରହ କରିଥିଲେ ଓ କଟକର ମାତୃମଙ୍ଗଳ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଏହାର ଏକ କାର୍ଯ୍ୟକ୍ରମ ଥିଲା ଧାଇ ଟ୍ରେନିଂ ସ୍କୁଲ କରିବା । ସହରରୁ ଧାଇ କାମ କରୁଥିବା ସ୍ତ୍ରୀ ଲୋକଙ୍କୁ ଆଣି କପରି ସ୍ୱାସ୍ଥ୍ୟକର ବୈଜ୍ଞାନିକ ପ୍ରଣାଳୀରେ ପ୍ରସୂତି କାର୍ଯ୍ୟ କରିବାକୁ ହେବ ତାହା ଶିକ୍ଷା ଦେବା । ପ୍ରଥମ ହେଲ୍‌ଥ୍ ଭିଜିଟର୍ ଥିଲେ ଡକ୍ଟର ଶ୍ରୀମତୀ କୁନ୍ତଳା କୁମାରୀ ସାବତ, ଯେ ଅଳ୍ପ ବୟସରେ ମରିଗଲେ, କିନ୍ତୁ ଓଡ଼ିଆ ଭାଷାରେ ଯଥେଷ୍ଟ କାବ୍ୟ, କବିତା ଲେଖି ଯାଇଦେଇ ଗଲେ, ଯାହାଫଳରେ ସେ ଅମର ହୋଇ ରହିଲେ ।

ମୋ’ ସ୍ତ୍ରୀ ମାତୃମଙ୍ଗଳ କେନ୍ଦ୍ରର ପ୍ରତିଷ୍ଠାତ୍ରୀ-ସମ୍ପାଦିକା ଥିଲେ ଏବଂ ୧୯୨୮ରେ କଲିକତାରେ ଜାତୀୟ କଂଗ୍ରେସ ଅଧିବେଶନ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀରେ ଭାଗ ନେଇଥିଲେ । ମିସ୍ କାଥେରାଇନ ମେୟୋ ଭାରତୀୟ ନାରୀମାନଙ୍କ ସମ୍ପର୍କରେ ମୋ ସ୍ତ୍ରୀଙ୍କଠାରୁ ବହୁ ଖବର ସଂଗ୍ରହ କରିଥିଲେ ଓ ତାଙ୍କ ପ୍ରଣୀତ ପୁସ୍ତକ ‘ମଦର ଇଣ୍ଡିଆ’ରେ ମୋ’ ସ୍ତ୍ରୀଙ୍କ ନାମ ଉଲ୍ଲେଖ କରିବାପାଇଁ ଚାହିଁଲେ । ଆମେ ଏଥିରେ କିଛି ଗୂଢ଼ ରହସ୍ୟ ଅଛି ବୋଲି ଭାବି ତାଙ୍କୁ ପରିଷ୍କାର ମନା କରିଦେଲୁ ।

Digitized by PPRACHIN, SOA

୧୯୨୭ ମସିହାରେ ଆମେ ୮ ନମ୍ବର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ସ୍ଥିତ ବଂଗଳାରେ ରହୁଥିଲୁ । ଏ ଘରଟି ଗୋଟିଏ ମାଟିକାନ୍ଥର ପୁରୁଣା ଛପରଘର, ପ୍ରାୟ ଶହେବର୍ଷର ହେବ । କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ରେ ସେଟେଲ୍‌ମେଣ୍ଟ ଅଫିସରଙ୍କପାଇଁ ନୂଆ ହୋଇ ତିଆରି ହୋଇଥିବା ୭ ନମ୍ବର ଘରକୁ ଛାଡ଼ିଦେଲେ ବାକି ସବୁ ଘର ଏହି ଧରଣର ଥିଲା । ୮ ନମ୍ବର ଘରେ ଖରା ଦିନେ ବେଶ ଥଣ୍ଡା ଓ ଆରାମ ଲାଗୁଥିଲା, କିନ୍ତୁ ଶୀତ ଦିନକୁ ଏଥିରେ ଭଲ ଆଲୁଅ ହେଉ ନ ଥିଲା । ବର୍ଷାଦିନେ ପଙ୍କିଳ ମହାନଦୀର ପାଣି ଆସି ବଗିଚା ପାହାଚରେ ଲାଗୁଥିଲା । ପହଁରିବାପାଇଁ ଯେତେବେଳେ ସୁବିଧା ଥିଲେ ମଧ୍ୟ ବଡ଼ ବିପଜ୍ଜନକ ଥିଲା । ଏ ଘରଟିର ଏକମାତ୍ର ଅସୁବିଧାର ବିଷୟ ଥିଲା କଳା ଛାତଉପରେ ସାଳଆପତନଙ୍କର ଦଉଡ଼ାଧାପଡ଼ା । ସାରା ରାତ ଏହା ଚାଲୁଥିଲା । କିନ୍ତୁ ଆମେ ଶୀଘ୍ର ଏଥିରେ ଅଭ୍ୟସ୍ତ ହୋଇଗଲୁ, ପରେ ଏକ ଆମେରିକାନ୍ ଦମ୍ପତି ଓ ଜଣେ ଇଂରେଜ ମହିଳା ଆମ ସଙ୍ଗେ ରହିବାକୁ ଆସିଲେ । ଆମେ ଧୂଆଁ ଦେଇ ସାଳଆପତନଙ୍କୁ ବିଦା କରିଦେଲୁ । କିନ୍ତୁ କିଛିଦିନପରେ ସେମାନେ ପୁଣି ଫେରିଆସିଲେ । ଆମର ଅତିଥିମାନେ ରାମମୋହନ ରାୟ ଶତବାର୍ଷିକୀ ଉତ୍ସବରେ ଯୋଗଦେବାପାଇଁ ଆସିଥିଲେ ।

ଗ୍ରାମ-ଗଠନ

ବନ୍ଦୋବସ୍ତ ବିଭାଗରେ କାମ କଲାବେଳେ ମୁଁ ଗ୍ରାମମାନଙ୍କର ଗଠନ ସମ୍ପର୍କରେ କିଛି ଗବେଷଣା କରିବାକୁ ଇଚ୍ଛା କରିଥିଲି । କିନ୍ତୁ ଚାକିରି କାଳ ମଧ୍ୟରେ ମୋତେ ସମୟ ମିଳିଲା ନାହିଁ । କୌଣସି ନା କୌଣସି କାରଣବଶତଃ ମୋ'ର ସେଇ ଇଚ୍ଛାଟି ସେହିପରି ରହିଲା । ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, କେହି ଏହାକୁ ଅଧ୍ୟୟନ କଲେ ମୁଁ ଯାହା କରିଥାନ୍ତି; ସେ ତାହା କରିପାରନ୍ତି । ଉତ୍ତର ବାଲେଶ୍ବର ସମୁଦ୍ର କୂଳରେ ସମୁଦ୍ର ଦୂରକୁ ଘୁଞ୍ଚିଯିବା ଫଳରେ ବାଲିବନ୍ତମାନଙ୍କ ଧାଡ଼ିରେ ଗାଁମାନ ଗଢ଼ି ଉଠିଛି । ଏହିପରି ଧାଡ଼ିଧାଡ଼ି ହୋଇ ଗ୍ରାମ ସମାନ୍ତରାଳଭାବରେ ରହିଛି । ଯଦି ଏହି ଧାରକୁ ଅଭ୍ୟନ୍ତରବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ଅନୁସରଣ କରାଯାଏ, ତା'ହେଲେ ସାମୁଦ୍ରିକ ଜୀବମାନଙ୍କର ହାଡ଼ କଙ୍କାଳରୁ ପୂର୍ବେ ସମୁଦ୍ର ଯେଉଁ ପର୍ଯ୍ୟନ୍ତ ଥିଲା, ତାହା ଜଣାପଡ଼ିଯିବ । ନିକୋଲଭୂମି ଓଡ଼ିଶାରେ ଅନେକ ସମୟରେ ନଦୀମାନେ ତାଙ୍କର ସ୍ରୋତ ପରିବର୍ତ୍ତନ କରିଛନ୍ତି ଓ ଏଥିରେ ନଦୀ ଶଯ୍ୟାର କୌଣସି ଚିହ୍ନ ରହି ନାହିଁ । କିନ୍ତୁ ନଦୀ କୂଳରେ ଯେଉଁସବୁ ଗ୍ରାମ ଥିଲା, ସେ ସବୁ ସେହିପରି ରହିଛି । ବିଭିନ୍ନ ଗ୍ରାମମାନଙ୍କୁ ଏହିପରିଭାବରେ ଅନୁଧ୍ୟାନ କରି ଏବଂ କୂପ ଓ ପୁଷ୍କରିଣୀରେ ପୁରୁଣା ନଦୀର ଗେଟି ପଥର ଆବିଷ୍କାର କରି ପୁରାତନ ନଦୀମାନଙ୍କର ସ୍ରୋତ ନିର୍ଦ୍ଧାରଣ କରାଯାଇପାରେ । ମନ୍ଦିରମାନଙ୍କର ଅବସ୍ଥିତିରୁ ଆହୁରି ଏକ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରାଯାଇପାରେ । ମନ୍ଦିରରେ ବ୍ୟବହୃତ ପଥର ନଦୀ

Digitized by PPRACHIN, SOA

ସ୍ରୋତରେ ନୌକା ସାହାଯ୍ୟରେ ଅଣା ଯାଇଥାଏ । ପୁରାତନ ନଦୀମାନଙ୍କର ଧାର ଏହିପରି ମନ୍ଦିରମାନଙ୍କ ସହିତ ସଂଯୁକ୍ତ କରି ନିର୍ଦ୍ଧାରିତ କରାଯାଇପାରେ । କୋଣାର୍କ ମନ୍ଦିର ଏକ ପୁରାତନ ନଦୀ ଶଯ୍ୟା ଉପରେ ଅବସ୍ଥିତ । ୧୮୮୭ ମସିହା ପର୍ଯ୍ୟନ୍ତ ଏହି ନଦୀର ନାମ ଥିଲା ପଥରବୁହା । ଅର୍ଥାତ୍ ଏହି ନଦୀରେ ପଥରବୁହା ହେଉଥିଲା । ୧୯୧୧ ମସିହାରେ ଏ ନଦୀ ନିଶ୍ଚିହ୍ନ ହୋଇଗଲା । ବର୍ତ୍ତମାନ ଏହି ନଦୀର ମୁହାଣ ଏକ ମଧୁରଜଳ ପୁଷ୍କରିଣୀରେ ପରିଣତ ହୋଇଛି । ପତ୍ନିଶ ଗଜ ଓସାର ଏକ ବାଲିବନ୍ଧଦ୍ୱାରା ସମୁଦ୍ରଠାରୁ ଏହା ପୃଥକ୍ ହୋଇଛି । ଗାରେଡ଼ିପଞ୍ଚାଣ ଗ୍ରାମର ବୃଦ୍ଧନାଥ ମନ୍ଦିର ପାଖରେ ସେହିପରି ଏକ ପୁରାତନ ନଦୀର ସନ୍ଧାନ କରାଯାଇପାରେ । ଏହି ନଦୀର ଅବଶେଷ ହେଉଛି ବୋଧହୁଏ ବର୍ତ୍ତମାନର ଧାନୁଆ ନାଳ ।

□ □

Digitized by PPRACHIN, SOA

କଟକର କଲେକ୍ଟର୍

(ଜୁଲାଇ ୧୯୨୮–ମାର୍ଚ୍ଚ ୧୯୨୯)

୧୯୨୮ ଜୁଲାଇ ମାସରେ ମୁଁ ମିଷ୍ଟର ଏନ୍. ଏଫ୍. ପେକ୍‌ଙ୍କ ସ୍ଥାନରେ କଟକ ଜିଲାର 'ମାଜିଷ୍ଟ୍ରେଟ ଓ କଲେକ୍ଟର୍ ରୂପେ ନିଯୁକ୍ତ ହେଲି । ମିଷ୍ଟର ପେକ୍ କମିଶନର୍ ହୋଇଗଲେ । "ମାଜିଷ୍ଟ୍ରେଟ ଓ କଲେକ୍ଟର୍" ହେଲେ ଜିଲା ଶାସନର ମୁଖ୍ୟ । ୧୯୨୮ ମସିହାରେ କଟକର କ୍ଷେତ୍ରଫଳ ଥିଲା ୩,୬୪୪ ବର୍ଗ-ମାଇଲ । ଲୋକସଂଖ୍ୟା ୨୦ ଲକ୍ଷ । ଏହାର ସାମୁଦ୍ରିକ ଉପକୂଳର ଦୈର୍ଘ୍ୟ ଥିଲା ୬୫ ମାଇଲ । ତତ୍କାଳୀନ ବିହାର-ଓଡ଼ିଶାର କଟକ ଥିଲା ଅନ୍ୟତମ ଜିଲା । ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ।

ଐତିହାସିକ ଲାଲବାଗ କୋଠି

କମିଶନର୍ ପେକ୍‌ଙ୍କ ସହିତ ବ୍ୟବସ୍ଥା କରି ମୁଁ କାଠଯୋଡ଼ି ନଦୀକୂଳରେ ଥିବା ଲାଲବାଗ କୋଠିରେ ଅବସ୍ଥାନ କଲି । ଲାଲବାଗ କୋଠି ଥିଲା କମିଶନରଙ୍କର ସରକାରୀ ବାସଭବନ । ମିଷ୍ଟର ପେକ୍ କଲେକ୍ଟର୍ କୋଠିରେ ରହିବାପାଇଁ ପସନ୍ଦ କଲେ । ଲାଲବାଗ ଏକ ଐତିହାସିକ କୋଠି ଥିଲା, କାରଣ ମୋଗଲ ସମ୍ରାଟ ଶାହାଜାହାନଙ୍କ ପ୍ରତିନିଧି ଏଠାରେ ଏକ ବିରାଟ ପ୍ରାସାଦ ନିର୍ମାଣ କରୁଥିବା କଥା ବ୍ରିଟିଶ ପରିବ୍ରାଜକ ବ୍ରୁଟନ୍ ୧୬୩୩ ମସିହାରେ ସ୍ୱଚକ୍ଷୁରେ ଦେଖିଥିବା କଥା ଉଲ୍ଲେଖ କରିଛନ୍ତି । କାରଣ ମୋଗଲ ସମ୍ରାଟଙ୍କ ପ୍ରତିନିଧି ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ଦ୍ୱାରା ନିର୍ମିତ ବାରବାଟୀ ଦୁର୍ଗର 'ନବତଳ' ପ୍ରାସାଦରେ ରହିବାପାଇଁ ରାଜି ହୋଇ ନ ଥିଲେ । ମୋର ଦରମାର ଶତକଡ଼ା ୧୦ ଭାଗ ବା ମାସିକ ୧୦୦ ଟଙ୍କା ଭଡ଼ା ଏଥିପାଇଁ ଦେବାକୁ ପଡ଼ିଲା । କିନ୍ତୁ ଆଠମାସ ପରେ ମୁଁ ୫୭୬ ଟଙ୍କା ଫେରି ପାଇଲି । ୫୦ ଏକର ଜମିରେ ଅବସ୍ଥିତ ଲାଲବାଗ ପ୍ରାସାଦର ଭଡ଼ା ହେଲା ମାସକୁ ୨୮ ଟଙ୍କା । ଲାଲବାଗରେ ଏକ କ୍ଷୁଦ୍ର ମୃଗ ବନ ଥିଲା ଓ ପ୍ରାୟ ୧୨ଗୋଟି ହରିଣ ସେଠାରେ ରହୁଥିଲେ । ପ୍ରତିଦିନ ସଂଧ୍ୟାରେ ଘଣ୍ଟା ବାଜିଲେ ହରିଣମାନେ ଖାଇବା-ପାଇଁ ଘର ଆଗରେ ଆସି ଠିଆ ହୋଇଯାଆନ୍ତି । ମୁଁ ରହୁଥିବାଯାଏ ସେମାନଙ୍କୁ ଖାଇବାକୁ ଦେବା ଦାୟିତ୍ୱ ଥିଲା ମୋର । ପରେ କମିଶନର୍ ଏ ବାବଦ୍ ଖର୍ଚ୍ଚ ପାଇଁ ମୋତେ ଦେଇଥିଲେ । ହରିଣମାନେ ନିକଟରେ ଥିବା ଶସ୍ୟକ୍ଷେତ୍ରରେ ମଧ୍ୟ ଯାଇ ଖାଉଥିଲେ । କିନ୍ତୁ ସେମାନେ କମିଶନରଙ୍କ ହରିଣ—ତାଙ୍କୁ କେହି ସ୍ପର୍ଶ କରି ପାରୁ ନ ଥିଲେ ।

Digitized by PPRACHIN, SOA

ବର୍ଷା ଋତୁରେ ବନ୍ୟାପ୍ଲାବିତ କାଠଯୋଡ଼ି ଓ ସୂର୍ଯ୍ୟାସ୍ତ ସମୟରେ ବହୁ ରଙ୍ଗର ରଞ୍ଜିତ ମେଘମାଳାର ଦୃଶ୍ୟ ଭୁଲିବାର ନୁହେଁ । ଶୀତଋତୁରେ ଏହି ଦୃଶ୍ୟରେ ପରିବର୍ତ୍ତନ ଘଟେ । ଯେଉଁଆଡ଼େ ଚାହଁ, ଖାଲି ବାଲି ଆଉ ବାଲି । ତା ଭିତରେ ଦୂରରେ ଏକ ନୀଳବର୍ଣ୍ଣର କ୍ଷୁଦ୍ର ଧାର—ଏହା ହିଁ ବର୍ଷାକାଳୀନ ପୂର୍ଣ୍ଣତୋୟା କାଠଯୋଡ଼ିର ଅବଶେଷ ।

ଲାଲବାଗ ବନ୍ଧତଳକୁ କାଠଯୋଡ଼ି ନଦୀରେ ପାଣି ଜମି ଏକ ଛୋଟ ଗଣ୍ଡ ହୋଇଥାଏ । ସେଠିକି ଲୋକେ ଗାଧୋଇ ଆସନ୍ତି । ରାତି ୯ଟା ବେଳକୁ ପରିପୂର୍ଣ୍ଣ ହୋଇଥିବା ଯୋଗୁ ମୋ' ସ୍ତ୍ରୀ ଅଭିଯୋଗ କଲେ ଓ ପୋଲିସ ଲୋକଙ୍କ ଗାଧୁଆ ବନ୍ଦ କଲେ । ମୁଁ ଏ ନିଷେଧାଦେଶକୁ ପ୍ରତ୍ୟାହାର କରାଇ ଦେଲି, କାରଣ ସାଧାରଣ ଜଳାଶୟରେ ଗାଧୋଇବା ଲୋକଙ୍କର ଏକ ମୌଳିକ ଅଧିକାର ସଙ୍ଗେ ସମାନ ।

ପଥର ବନ୍ଧ

କାଠଯୋଡ଼ି ନଦୀରେ ବହୁ ବୁରୁଜ ସମନ୍ୱିତ ଏକ ପଥରବନ୍ଧ ଅଛି । ଏହି ବୁରୁଜକୁ କାରିଗରୀ କୌଶଳ (engineering)ର ଏକ ବିସ୍ମୟ ବୋଲି କୁହାଯାଇପାରେ । ବନ୍ଧକୁ ରକ୍ଷା କରିବାପାଇଁ ନଦୀର ସ୍ରୋତକୁ ଟିକିଏ ଘୁଞ୍ଚେଇ ଦେବା ହେଉଛି ବୁରୁଜମାନଙ୍କର କାମ । କିନ୍ତୁ ଏହାଦ୍ୱାରା ବନ୍ଧ ପାଖରେ ସ୍ରୋତ ରହୁଥିଲା । ୮୦୦ ବର୍ଷ ପୂର୍ବେ ଏହି ବୁରୁଜ ବ୍ୟବସ୍ଥା କରାଯାଇଥିଲା । ଆଧୁନିକ ବ୍ୟବସ୍ଥା ହେଉଛି ଏକ ପ୍ରସ୍ତର ନିର୍ମିତ ବନ୍ଧ (spur) ବହୁ ଶହ ଗଜ ପର୍ଯ୍ୟନ୍ତ ନଦୀ ଭିତରକୁ ଘେନିଯିବା । ଏହା ଫଳରେ ନଦୀର ଧାର ଏତେ ଦୂରକୁ ଘୁଞ୍ଚିଯାଇଛି ଯେ ଗାଧୋଇବାକୁ ହେଲେ ଲୋକଙ୍କୁ ଦୂର ନଈ ଭିତରେ ଚାଲିବାକୁ ପଡ଼ୁଛି । ଅବଶ୍ୟ କଟକ ସହରରେ ପାଣିକଳ ବସିଗଲାଣି ଓ ଲୋକେ ମ୍ୟୁନିସିପାଲିଟିର ନିଷେଧକୁ ଅମାନ୍ୟ କରି କଳରେ ଗାଧୋଉଛନ୍ତି । କିନ୍ତୁ କଳ ଗାଧୁଆ ଓ ନଈପାଣିରେ ବୁଡ଼ି ଗାଧୋଇବା ଭିତରେ ବହୁ ଫରକ୍ ।

ବନ୍ୟା ସମୟରେ କୋଠାରୁ ପାହାଚର ଅଳ୍ପ କେତେ ହାତ ଛାଡ଼ି ଯେତେବେଳେ ପାଣି ଚାଲେ ; ସେତେବେଳେ ପାଣି ଭିତରକୁ ଲମ୍ଫଦେବା ଓ ଗଣେଶ ଘାଟ ପର୍ଯ୍ୟନ୍ତ ପହଁରି ଯିବାରେ ଭାରି ମଜା ଲାଗୁଥିଲା । ଅବଶ୍ୟ ପହଁରିଲାବେଳେ ବୁରୁଜଠାରୁ ଦୂରକୁ ଛାଡ଼ିଯିବା ଦରକାର, କାରଣ ତା ନ ହେଲେ ଭଉଁରି ଭିତରେ ପଡ଼ି ପାଣି ତଳକୁ ଚାଲି ଯିବାର ଭୟ ଅଛି । କିନ୍ତୁ ନଈରେ ଭରାପାଣି ବେଶି ସମୟ ରହୁ ନ ଥିବା ଯୋଗୁ ଏପରି ସନ୍ତରଣ ସୁଯୋଗ ଥରେ ମାତ୍ର ଆସେ ।

Digitized by PPRACHIN, SOA

ମେଡ଼ିକାଲ ଧର୍ମଘଟ

କଟକ କଲେକଟରରୂପେ ମୁଁ ମେଡ଼ିକାଲ ସ୍କୁଲ ପରିଚାଳନା କମିଟିର ସଭାପତି ଥିଲି । ମେଡ଼ିକାଲ ସ୍କୁଲ ପଡ଼ିଆରେ ରେଭେନ୍‌ସା କଲେଜ ଓ କଟକ ମେଡ଼ିକାଲ ସ୍କୁଲ ମଧ୍ୟରେ ଏକ ଫୁଟବଲ ଖେଳରୁ ଝଗଡ଼ା ସୃଷ୍ଟି ହେଲା । ମେଡ଼ିକାଲ ସ୍କୁଲ ପିଲାମାନେ ସ୍କୁଲରୁ ହାଡ଼ଆଣି ରେଭେନ୍‌ସା କଲେଜ ପିଲାଙ୍କୁ ବାଡ଼େଇଲେ । ପରିଚାଳନା କମିଟି ମେଡ଼ିକାଲ ସ୍କୁଲର କେତେଜଣ ଛାତ୍ରଙ୍କୁ ସ୍କୁଲରୁ ରଷ୍ଟିକେଟ କଲେ ଓ ସବୁ ମେଡ଼ିକାଲ ଛାତ୍ର ଏହାର ପ୍ରତିବାଦ କରି ଧର୍ମଘଟ କଲେ । ସେତେବେଳେ ବିହାର ଓଡ଼ିଶା ପ୍ରଦେଶର ରାଜଧାନୀ ପାଟନାରୁ ମନ୍ତ୍ରୀ ଶ୍ରୀ ଗଣେଶଦତ୍ତ ସିଂ କଟକ ଆସିଲେ ଓ ରଷ୍ଟିକେଟ ଆଦେଶକୁ ରହିତ କରିଦେଲେ । କମିଶନର୍ ସରକାରଙ୍କୁ ଲେଖିଲେ "ମନ୍ତ୍ରୀ ହସ୍ତକ୍ଷେପ କରିବା ପୂର୍ବରୁ କଲେକଟର ପରିସ୍ଥିତିକୁ ବେଶ ସୁଧାରି ପାରିଥିଲେ ।" ରେଭେନ୍‌ସା କଲେଜର ପିଲାମାନଙ୍କର କୌଣସି କଥା ଶୁଣିବାପାଇଁ ମନ୍ତ୍ରୀ ସେମାନଙ୍କୁ ସୁବିଧା ଦେଇ ନ ଥିଲେ କିମ୍ବା ପରିଚାଳନା କମିଟି ସହିତ ଆଲୋଚନା କରି ନ ଥିଲେ । ଏବେପରି ସେତେବେଳେ ଯଦି ଛାତ୍ର ୟୁନିଅନ୍ ଥାଆନ୍ତା ତା' ହେଲେ ରେଭେନ୍‌ସା କଲେଜରେ ଧର୍ମଘଟ ହୋଇଥାନ୍ତା କିମ୍ବା ରେଭେନ୍‌ସା କଲେଜପକ୍ଷରୁ ମେଡ଼ିକାଲ ସ୍କୁଲ ଉପରେ ସଶସ୍ତ୍ର ଆକ୍ରମଣ ହୋଇଥାନ୍ତା ।

ବଳିତ ଦଳ ବିଲୋପ

୧୯୨୮ ମସିହାରେ କମିଶନର୍ ପେକ୍ "ବଳିତ ଦଳ ବିଲୋପ" ଅଭିଯାନ ଆରମ୍ଭ କଲେ । ଏହି ଦଳକୁ ତାର ସୁନ୍ଦର ଫୁଲପାଇଁ ବଙ୍ଗଳାରୁ କେହି ଓଡ଼ିଶା ଆଣିଥିଲା । କିନ୍ତୁ ଅଳ୍ପ କେତେବର୍ଷ ମଧ୍ୟରେ ଏହା ଉପକୂଳବର୍ତ୍ତୀ ଓଡ଼ିଶାରେ ଭର୍ତ୍ତି ହୋଇଗଲା । ବଳିତ ଦଳ ଭିତରେ ମଶା ବଢ଼ିବା ଓ ତା' ଫଳରେ ମେଲେରିଆ ବ୍ୟାପିବା ସହଜ ହୋଇଗଲା । ବହୁ ଅଞ୍ଚଳ ମାଛ ଚାଷ ଓ ସାଧାରଣ ଚାଷର ଅଯୋଗ୍ୟ ବୋଲି ବିବେଚିତ ହେଲା । ପେକ୍ ଜିଲ୍ଲାବୋର୍ଡମାନଙ୍କ ଜରିଆରେ ଆଇନ କରାଇନେଲେ ଯେ, ଯେଉଁମାନଙ୍କ ଅଞ୍ଚଳରେ କୌଣସି ପୋଖରୀ ବା ନଈ ଅଛି, ସେମାନେ ସେଥିରୁ ବଳିତ ଦଳ ପରିଷ୍କାର ନ କଲେ ତାଙ୍କୁ ଦୈନିକ ଜରିମାନା ଦେବାକୁ ପଡ଼ିବ । କୌଣସି ସତ୍ତ୍ୱାଧିକାରୀ ଯଦି ତାଙ୍କର ଦାୟିତ୍ୱ ନ ତୁଲାନ୍ତି, ତା' ହେଲେ କଲେକ୍‌ଟରଙ୍କ ଘରେ ଆମର ଦାୟିତ୍ୱ ହେଲା, ବଳିତ ଦଳ ସଫା କରାଇ ତାର ଖର୍ଚ୍ଚ, ଏମାନଙ୍କଠାରୁ ଆଦାୟ କରିବା । ଏହି କାର୍ଯ୍ୟରେ ଆମେ ପୂରାପୂରି ନିଜକୁ ନିୟୋଜିତ କଲୁ । ମୁଁ ନିଜେ ସ୍କୁଲ ପିଲା, ଗ୍ରାମର ଯୁବକ ଦଳ ଓ ଚୌକିଦାର-

Digitized by PPRACHIN, SOA

ମାନଙ୍କୁ ଧରି ସାପ ଓ ଜୋକପୂର୍ଣ୍ଣ ପୋଖରୀରୁ ବିଲାତି ଦଳ ସଫା କରାଇବାରେ ଅଗ୍ରଣୀ ହୋଇଥିଲି । ତିନି ବର୍ଷ ଭିତରେ କଟକ, ପୁରୀ ଓ ବାଲେଶ୍ୱର ତିନୋଟି ଜିଲ୍ଲାରୁ ବିଲାତି ଦଳ ସଫା ହୋଇଗଲା । ଏଥିରେ ସରକାରୀ ପୋଖରୀ ସବୁରୁ ଛାଡ଼ି-ଦେଲେ ସରକାରଙ୍କର କୌଣସି ଖର୍ଚ୍ଚ ହୋଇ ନ ଥିଲା । ଆଧୁନିକ କଲେକ୍ଟର, କମିଶନର୍‌ମାନେ ଏଥିରୁ କିଛି ଶିଖିବେ ବୋଲି ଆଶାକରେ ।

ଜିଲା ମାଜିଷ୍ଟ୍ରେଟ ପ୍ରତିଦିନ ବହୁ ଅପମୃତ୍ୟୁ ଓ ଅପରାଧର ରିପୋର୍ଟ ପାଉଥିଲେ । ଆତ୍ମହତ୍ୟା ଯୋଗୁଁ ଅଧିକାଂଶ ଅପମୃତ୍ୟୁ ଘଟୁଥିଲା ଏବଂ ପେଟ ବ୍ୟଥା ହେଲା ଏହାର ଏକ ପ୍ରଧାନ କାରଣ । ସ୍ତ୍ରୀ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ବିଶେଷ ଭାବରେ ଶାଶୁର ବୋହୂପ୍ରତି ଅତ୍ୟାଚାର ଯୋଗୁ ହେଉଥିଲା । ଆଧୁନିକ ଶାଶୁ ଆଉ ପୂର୍ବର ଅତ୍ୟାଚାରୀ ଶାଶୁ ହୋଇ ନାହିଁ । କନିଅର ମଞ୍ଜିଖାଇ, କୂଅରେ ପଡ଼ି, କିମ୍ବା ଅଧିକ ପରିମାଣରେ ଅଫିମ ଖାଇ ସ୍ତ୍ରୀମାନେ ଆତ୍ମହତ୍ୟା କରୁଥିଲେ । ମୁଁ କନିଅର ଗଛ ସବୁ କାଟିଦେବା ପାଇଁ ଆଦେଶ ଦେଇଥିଲି । ବହୁତ ସଂଖ୍ୟାରେ ଗଛ କଟାଗଲା ।

କିନ୍ତୁ ଶେଷଫଳ ଜାଣିବାପାଇଁ ମୁଁ ବେଶି ଦିନ ନ ଥିଲି ।

ମଟର-ଲଞ୍ଚରେ ଫଲ୍‌ସ ପଏଣ୍ଟ

ଜୁନ ଓ ମାର୍ଚ୍ଚ ମାସ ମଧ୍ୟରେ ପରିଦର୍ଶନର ସର୍ବୋତ୍କୃଷ୍ଟ ବ୍ୟବସ୍ଥା ଥିଲା— ନଈ, ନାଳମାନଙ୍କର ସାହାଯ୍ୟ ନେବା । ସୁପରିନ୍‌ଟେଣ୍ଡିଂ ଇଞ୍ଜିନିଅର୍, ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ, ଅବ୍‌କାରୀ ସୁପରିନ୍‌ଟେଣ୍ଡେଣ୍ଟ ଓ କଲେକ୍ଟରଙ୍କର ନିଜର ଲଞ୍ଚ ଓ ହାଉସ୍‌ବୋଟ୍ ଥିଲା । କଟକରୁ ଫଲ୍‌ସ ପଏଣ୍ଟ ସମୁଦ୍ର ପର୍ଯ୍ୟନ୍ତ ନୌକାରେ ଯାତ୍ରା କରିବା ଥିଲା ଏକ ବେଶ୍ ମନୋରମ ଓ ଆରାମଦାୟକ ଅଭିଜ୍ଞତା । ରାତିରେ ଖାଇସାରି ଯୋଡ଼ା ଆନିକଟ ପାଖରୁ ନାଉରୀ, ନୌକରଙ୍କୁ ମିଶାଇ ପ୍ରାୟ ୨୦ ଜଣ ଆମେ ନାହାରେ ଚଢ଼ୁ । ରାତିରେ ଆମେ ଶୋଇଥିବାବେଳେ ନାହା ମହାନଦୀ ଭିତରେ କେନାଲ ଲକ୍ ଦେଇ ଚାଲିଥାଏ । ସକାଳୁ ଉଠିବାବେଳେ କଟକଠାରୁ ପନ୍ଦର ମାଇଲ ଦୂରରେ ଆମେ ପହଞ୍ଚି ଯାଇଥାଉ । ବର୍ତ୍ତମାନ ମଟର-ଲଞ୍ଚ କାମ କରିବାକୁ ଆରମ୍ଭ କଲା ଏବଂ ଆମେ ଶୀଘ୍ର ଚାଲିଯିବାକୁ ଲାଗିଲୁ ଘଣ୍ଟାକେ ଛ'ମାଇଲ । କେନ୍ଦ୍ରାପଡ଼ାରେ ଦିନେ ରହି ମୁଁ ସବ୍‌ଡିଭିଜନାଲ ଅଫିସ ପରିଦର୍ଶନ କଲି । କେନାଲରେ ଶେଷଆଡ଼କୁ ଯିବା ବିଶେଷତଃ ଶେଷ ଲକ୍ ବାଟେ ଫଲ୍‌ସ ପଏଣ୍ଟ ସମୁଦ୍ର ଭିତରକୁ ପଶିବା ଅତି ଚମତ୍କାର । ଏହି ଶେଷ ଲକ୍ ପାଖରେ ଆମେ ଗୋଟିଏ କୁମ୍ଭୀର ଛୁଆ ଧରି କଟକ ଆଣିଲୁ ଓ ଅଠର ନମ୍ବର କ୍ୟାଣ୍ଟନମେଣ୍ଟ ରୋଡ଼ ପୋଖରୀରେ ତାକୁ ଛାଡ଼ିଲୁ । ଦିନେ ରାତିରେ ସେ କ୍ୟାଣ୍ଟନମେଣ୍ଟ ରାସ୍ତା ପାରିହୋଇ ଅପର ପାଖରେ

Digitized by PPRACHIN, SOA

ଥିବା ଘରର ବଗିଚା ଭିତରେ ପଶି ମହାନଦୀକୁ ଚାଲିଗଲି । ସମୁଦ୍ର ନିକଟବର୍ତ୍ତୀ ସନ୍ଦସନ୍ଦିଆ ପାଣି ମଧ୍ୟରେ ଡାରୱିଇନ୍‌ଙ୍କର ବିବର୍ତ୍ତନବାଦ ଅଧ୍ୟୟନ କରିବାପାଇଁ ବହୁ ସୁଯୋଗ ମିଳେ । ମାଛ ସବୁ ଗଛ ଉପରେ ଚଢ଼ିଥିବା, ଶତ୍ରୁ ଆସିବା ଦେଖିଲେ ଗଛ ଡାଳରୁ ପାଣିକୁ ଖସି ପଡ଼ିବା ଏଠାରେ ଦେଖିବାକୁ ମିଳେ । ପୁଣି ଏପରି ମାଛ ଅଛନ୍ତି ଅଳ୍ପ ଜୁଆରରେ ସେମାନେ କୂଳରେ କାଦୁଆ ଭୂମି ଉପରେ ଚାରି ଚାଲି ଯାଉଥିବା ଦେଖାଯାଏ । ହୁକିତଲା ସମୁଦ୍ରରେ ବହୁ ଭଗ୍ନ ପୋତ ଦେଖିବାକୁ ମିଳିବ । ଦୁଇଟି ଜାହାଜ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଥିଲା । ଏଥିମଧ୍ୟରୁ ଗୋଟିଏ ଜର୍ମାନ୍ ଯୁଦ୍ଧ ଜାହାଜ ଏମ୍‌ଡେନ୍‌ଦ୍ୱାରା ଅନୁଧାବିତ ହୋଇ ପ୍ରଥମ ମହାଯୁଦ୍ଧ ସମୟରେ ଏଠାରେ ଆସି ଲାଗିଥିଲା । ଏହି ଏମ୍‌ଡେନ୍ ବଙ୍ଗୋପସାଗରରେ ଜାହାଜମାନଙ୍କ ପକ୍ଷରେ ଏକ ଘୋର ଭୟ ଓ ଆତଙ୍କର କାରଣ ହୋଇଥିଲା । ହୁକିତଲା ଦ୍ୱୀପରେ ଗୋଟିଏ ପରିଦର୍ଶନ ବଙ୍ଗଳା ଅଛି । ବର୍ଷାପାଣି ଜମା ହୋଇଥିବା ଏକ ସ୍ଥାନରୁ ଏଠାକୁ ପିଇବା ପାଣିର ବ୍ୟବସ୍ଥା କରାଯାଏ । ଆମେ ସେ ପାଣି ବ୍ୟବହାର କଲୁ ନାହିଁ । ଆମେ ନିଜର ପାଣି ନେଇଥିଲୁ । ଜୁଆର ଯୋଗୁଁ ଆମର ଟିକିଏ ଡେରି ହୋଇଯାଇଥିଲେ ମଧ୍ୟ ଆମର ନାହାସବୁ ନିକଟରେ ଲଙ୍ଗର ପକାଇ ଥିଲେ । ହୁକିତଲାଠାରେ ମୁଁ ସମୁଦ୍ର ପାଣି ଭିତରକୁ ଲମ୍ଫଦେଇ ପହଁରିଲି । ମୁଁ ଜାଣେ ଏ ସମୁଦ୍ରରେ ମଗରମାନେ ପୂରି ରହିଛନ୍ତି । କିନ୍ତୁ ଆମର ନୌକା ଭେଲା ଦେଖି ସେମାନେ ବୋଧହୁଏ ଡରି ଯାଇଥିଲେ । ତାହା ନ ହୋଇଥିଲେ ମୁଁ ନୌକାକୁ ଅକ୍ଷତ ଶରୀରରେ ଫେରି ନ ଥାନ୍ତି ।

ଏନ୍. ସି. ଓ.

ପ୍ରସିଦ୍ଧ ବଙ୍ଗାଳି ବୈଜ୍ଞାନିକ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରାୟ କଟକ ଆସିଥିଲେ । ମୋର ସ୍ତ୍ରୀ ତାଙ୍କର ଜଣାଶୁଣା ଥିଲା । ଆମେ ତାଙ୍କୁ ଚା' ଖାଇବାକୁ ଡାକିଲୁ । ପୋଲିସ ରିପୋର୍ଟ ଦେଲା—"ଏନ୍. ସି. ଓ. ପ୍ରଫୁଲ୍ଲ ଚନ୍ଦ୍ର ରାୟ କଲେକ୍‌ଟରଙ୍କ ସହିତ ଚା' ଖାଇଲେ ।" ସେ ରିପୋର୍ଟ ମୋ ଜରିଆରେ ଗଲା । ପୋଲିସ ଭାଷାରେ ଏନ୍. ସି. ଓ. ର ଅର୍ଥ ହେଉଛି ନନ୍-କୋ-ଅପରେଟର ଅର୍ଥାତ୍ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା କିମ୍ବା ସେଥିପ୍ରତି ସହାନୁଭୂତି ଥିବା ବ୍ୟକ୍ତି । ଏହା ରାଜଦ୍ରୋହ ବୋଲି ଧରାଯାଉଥିଲା । ସରକାରର ଜଣେ ଶତ୍ରୁଙ୍କର ସତ୍କାର କରିବା ମୋ ପକ୍ଷରେ ଏକ ଠିକ୍ କଥା ବୋଲି ବିବେଚିତ ହେଲା ନାହିଁ । ମୁଁ ସରକାରଙ୍କୁ ଏକ ସ୍ୱତନ୍ତ୍ର ରିପୋର୍ଟ ପଠାଇ ଲେଖିଲି, "ପି. ସି. ରାୟ ଆମ ପରିବାରର ଜଣେ ପୁରାତନ ବନ୍ଧୁ ଏବଂ ସେ ଅସହଯୋଗୀ ନୁହଁନ୍ତି । ସେ ଜଣେ ସରକାରୀ କର୍ମଚାରୀ । ସେ କଲିକତା ପ୍ରେସିଡେନ୍‌ସି କଲେଜର ରସାୟନ ଶାସ୍ତ୍ର

Digitized by PPRACHIN, SOA

ଅଧ୍ୟାପକ ।'' ଥରେ ଭାରତରେ ମହାତ୍ମାଗାନ୍ଧୀ ଯେତେବେଳେ କଟକ ବାଟେ ଗଲେ, ନିରାପତ୍ତା କାରଣରୁ ତାଙ୍କର ବଗିକୁ କଟକଠାରେ ଅଲଗା କରି ନିଆଗଲା । ତାଙ୍କ ଗାଡ଼ି ଛାଡ଼ିବା ପୂର୍ବରୁ ମୁଁ କଟକ ଷ୍ଟେସନକୁ ଯାଇ ତାଙ୍କୁ ସାକ୍ଷାତ୍ କଲି । ଏହି ବ୍ୟବସ୍ଥାପାଇଁ ସେ ମୋତେ ଧନ୍ୟବାଦ ଦେଇଥିଲେ ।

ଡାକ୍ତରଙ୍କ ଲାଞ୍ଚ

ପୋଲିସ କେସ୍‌ମାନଙ୍କରେ ଜଣେ ଭାରପ୍ରାପ୍ତ ଆସିଷ୍ଟାଣ୍ଟ ସର୍ଜନ୍ କ୍ଷତଚିହ୍ନ ସମ୍ପର୍କୀୟ ରିପୋର୍ଟ ଦେଇ ପଇସା ନେଉଥିଲେ । ଗୋଟିଏ ଘଟଣାରେ ମୁଁ ତାଙ୍କୁ ଧରିଲି । ସେ ଜଣେ ୟୁରୋପୀୟ ସିଭିଲ୍ ସର୍ଜନ୍‌ଙ୍କର ପ୍ରିୟପାତ୍ର ଥିଲେ । ୟୁରୋପୀୟ ଜଣକ ମଧ୍ୟ ଦୁର୍ନୀତି କରୁଥିଲେ । କିନ୍ତୁ ସେ ତାଙ୍କର ବନ୍ଧୁ କମିଶନର୍‌ଙ୍କୁ ସାକ୍ଷାତ୍ କରି ଏ ଘଟଣାଟା ଚପାଇ ଦେବାପାଇଁ ଚେଷ୍ଟା କଲେ । କମିଶନର୍ ଏଥିରେ ଆଉ ବେଶୀ ଦୂର ନ ଯିବାପାଇଁ ମୋତେ ପରାମର୍ଶ ଦେଲେ । ପରେ ସେହି ଆସିଷ୍ଟାଣ୍ଟ ସର୍ଜନ୍‌ଙ୍କୁ ଯେତେବେଳେ ବଦଳି ଆଦେଶ ହେଲା, ସେ କହିଥିଲେ, "ମୁଁ ପୁରୀ ଯିବି ନାହିଁ କାରଣ ସେଠାରେ ସେନାପତି ଅଛନ୍ତି । ମୁଁ ବାଲେଶ୍ୱର ଯିବି ନାହିଁ କାରଣ ସେଠାରେ ଜୟନ୍ତ ରାଓ ଅଛନ୍ତି ।'' ଡକ୍ଟର୍ ଜୟନ୍ତ ରାଓ ବିଖ୍ୟାତ କବି, ଶିକ୍ଷାବିତ୍ ମଧୁସୂଦନ ରାଓଙ୍କ ପୁଅ । ସିଭିଲସର୍ଜନ୍‌ଭାବରେ ସେ ଭାରି କଡ଼ା ଲୋକ ଥିଲେ ଓ ନିଜପାଇଁ ତଥା ଅନ୍ୟମାନଙ୍କପାଇଁ ଏକ ଉଚ୍ଚ ମାନ ପ୍ରତିଷ୍ଠା କରିଥିଲେ ।

ଏହି ସମୟରେ ବର୍ତ୍ତମାନ କବିଚନ୍ଦ୍ର ରୂପେ କଥିତ କାଳୀଚରଣ ପଟ୍ଟନାୟକ ଜଣେ ନୃତ୍ୟ, ନାଟକ, ସଙ୍ଗୀତଜ୍ଞଭାବରେ ଦେଖା ଦେଇଥିଲେ । ବଙ୍ଗଳା ଥିଏଟର ପାର୍ଟି ବନ୍ଦ ହୋଇଯିବା ପରେ ତାର କେତେକ କଳାକାରଙ୍କୁ ଧରି ସେ ଅଶ୍ୱିନୀକୁମାର ଘୋଷଙ୍କ ନାଟକ 'କୋଣାର୍କ'କୁ ମଞ୍ଚସ୍ଥ କରିଥିଲେ । ତାହା ଖୁବ୍ ଚମତ୍କାର ହୋଇଥିଲା । ମୁଁ ଓଡ଼ିଶାର ଯେଉଁ ଜିଲାକୁ ଗଲି କାଳୀଚରଣଙ୍କୁ ଉତ୍ସାହିତ କଲି । କାଳୀଚରଣ ବର୍ତ୍ତମାନ କବିଚନ୍ଦ୍ର ରୂପେ ପ୍ରତିଷ୍ଠିତ । ସେ ଏକାଧାରରେ କବି, ନାଟ୍ୟକାର ଏବଂ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତରେ ଜଣେ ବିଶେଷଜ୍ଞ । ଓଡ଼ିଶୀ ଭାରତର ବିଖ୍ୟାତ ପୁରାତନ ନୃତ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ଓଡ଼ିଶାର ଗୁମ୍ଫା ଓ ମନ୍ଦିରମାନଙ୍କର ଗାତ୍ରରେ ଖୋଦିତ ମୂର୍ତ୍ତିମାନଙ୍କର ଅଙ୍ଗଭଙ୍ଗୀରେ ଏହା ପ୍ରତିଫଳିତ ହୋଇଛି ।

ଭାରତରେ ଯେଉଁ ଲୋକ ସମାଜରେ ପ୍ରତିଷ୍ଠିତ ହୋଇଯା'ନ୍ତି ସେମାନଙ୍କୁ ଆପେ ଆପେ ଉପାଧି ମିଳିଯାଏ ଓ ଲୋକ ସାଧାରଣରେ ତାହା ଗୃହୀତ ହୋଇଯାଏ ।

Digitized by PPRACHIN, SOA

ଏଥିପାଇଁ କୌଣସି ପ୍ରସ୍ତାବ କରାଯାଏ ନାହିଁ। ଭୋଟ୍ ନିଆଯାଏ ନାହିଁ। କେହି ବିରୋଧ କରନ୍ତି ନାହିଁ। ଏହା ମନକୁ ମନ ଗୃହୀତ ହୋଇଯାଏ। ଏହିପରିଭାବରେ ଗାନ୍ଧୀ ହେଲେ 'ମହାତ୍ମା ଗାନ୍ଧୀ', ଗୋପବନ୍ଧୁ ହେଲେ 'ଉତ୍କଳମଣି', ସି. ଏଫ୍. ଆଣ୍ଡ୍ରୁଜ ହେଲେ 'ଦୀନବନ୍ଧୁ', ମଧୁସୂଦନ ଦାସ 'ଉତ୍କଳ ଗୌରବ'। ୧୯୪୩ ମସିହାରେ ଗୋଟିଏ ସରକାରୀ ଫାଇଲରେ ମୁଁ ମହାତ୍ମା ଗାନ୍ଧୀ ବୋଲି ଲେଖିଲି। ବ୍ରିଟିଶ ଗଭର୍ଣ୍ଣର ରଥର୍ ଫୋର୍ଡ ମୋର କୈଫିୟତ୍ ଦାବି କଲେ। ଦେଶରେ ବହୁ ଗାନ୍ଧୀ ଥାଇ ପାରନ୍ତି। କିନ୍ତୁ ମହାତ୍ମା ଗାନ୍ଧୀ କହିଲେ ଜଣକୁ ବୁଝାଯାଏ।

□ □

କଟକ କଲେକ୍ଟର୍

୧୯୨୮ ଜୁଲାଇ-୧୯୨୯ ମାର୍ଚ୍ଚ

ଦେଓ୍ୱାନ୍ ବାହାଦୂର୍ ସୁକନ୍ଦା-ପଟିଆ

ମୁଁ କଟକ କଲେକ୍ଟର୍‌ରୂପେ ୮ ମାସ ଥିଲି । ଏହାର ଦୁଇ ବର୍ଷ ପୂର୍ବରୁ "ଦୁଃଖିନୀ କନକା" ନାମକ ଏକ ବହିରେ କନକା ଜମିଦାରୀରେ ଅନ୍ୟାୟ ପାଉଣା ଆଦାୟ ସମ୍ପର୍କରେ ବହୁ ବିଶୃଙ୍ଖଳାର ବିବରଣୀ ପ୍ରକାଶ ପାଇଥିଲା । କିନ୍ତୁ ମୁଁ କଲେକ୍ଟର୍ ଥିବା ସମୟରେ ଏପରି କୌଣସି ଅଭିଯୋଗ ଶୁଣି ନଥିଲି । ରାଜା ଅବଶ୍ୟ ବହୁ କର ବସାଇଥିଲେ ଏବଂ ସେଥିରୁ କେତେକ ସମର୍ଥନ ଯୋଗ୍ୟ ନ ଥିଲା । କିନ୍ତୁ ସବୁଗୁଡ଼ିକ ପରମ୍ପରାଗତ ଓ ଆଇନସମ୍ମତ ଥିଲା । 'ଦୁଃଖିନୀ କନକା' ରାଜନୈତିକ କାରଣରୁ ଲେଖା ଯାଇଥିଲା ଏବଂ ଏହା ସତ୍ତ୍ୱେ ରାଜା ତାଙ୍କ ଜମିଦାରୀରେ ଲୋକପ୍ରିୟ ଥିଲେ । ସେ ତାଙ୍କର ଉପକୂଳବର୍ତ୍ତୀ ଜଙ୍ଗଲ ସଂରକ୍ଷଣ କରିପାରିଥିଲେ । ଏବେ ପ୍ରଜାମାନେ ନିର୍ବିଘ୍ନରେ ତାହା ନଷ୍ଟ କରି ଦେବାରେ ଲାଗିଛନ୍ତି । ସମୁଦ୍ର ଜୁଆରରୁ ଉପକୂଳ ଭୂମିକୁ ଏହି ଜଙ୍ଗଲ ରକ୍ଷା କରୁଥିଲା ଏବଂ ଗ୍ରାମବାସୀମାନଙ୍କୁ ଘର ତୋଳିବା ଓ ଜାଳେଣିପାଇଁ ପ୍ରଚୁର କାଠ ଯୋଗାଉଥିଲା ।

ନବ ନିଯୁକ୍ତ ସହକାରୀ ମାଜିଷ୍ଟ୍ରେଟ୍ ଶ୍ରୀ ଏମ୍. ଏମ୍. ଫିଲିପ୍‌ଙ୍କ ପାଖରେ ଏକ ଦରଖାସ୍ତ ଯେନ ଖୁବ୍ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଏହି ଦରଖାସ୍ତକାରୀ ହେଉଛନ୍ତି ଦେଓ୍ୱାନ ବାହାଦୂର୍ ଶ୍ରୀକୃଷ୍ଣ ମହାପାତ୍ର, ଯେ କି ତାଙ୍କର ସ୍ଥାନାନ୍ତର ଦରଖାସ୍ତ (Transfer petition)ରେ କମିଶନର୍ ପେକ୍‌ଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗମାନ କରିଥିଲେ । ଜିଲ୍ଲା ମାଜିଷ୍ଟ୍ରେଟ୍‌ରୂପେ ଏହି ସ୍ଥାନାନ୍ତର ଦରଖାସ୍ତର ମୁଁ ବିରୋଧ କରିଥିଲି ।

ପ୍ରଥମ ଶହୀଦ

ଏହି ସ୍ଥଳରେ ଦେଓ୍ୱାନ ବାହାଦୂର୍‌ଙ୍କ ସମ୍ପର୍କରେ କିଛି କହି ରଖିବା ଆବଶ୍ୟକ । ଦେଓ୍ୱାନ ବାହାଦୂର୍ ଉପାଧି ସେ ଭାରତର ଭାଇସ୍‌ରୟଙ୍କଠାରୁ ପାଇଥିଲେ । ୧୯୦୬ ବଙ୍ଗ ଭଙ୍ଗ ପରେ ବଂଗଳାରେ ଯେଉଁ ବ୍ରିଟିଶ୍ ବିରୋଧୀ ସନ୍ତ୍ରାସବାଦୀ ଆନ୍ଦୋଳନ ଚାଲିଲା, ଶ୍ରୀକୃଷ୍ଣ ମହାପାତ୍ର କନଷ୍ଟେବଲ୍‌ରୂପେ ଆରମ୍ଭ କରି ପୋଲିସ ଡି.ଆଇ.ଜି.

Digitized by PPRACHIN, SOA

ସ୍ତରକୁ ଅତି ଶୀଘ୍ର ଉଠିପାରିଥିଲେ । ସନ୍ତ୍ରାସବାଦୀମାନଙ୍କର ସେ ଆତଙ୍କର କାରଣ ଥିଲେ । ତାଙ୍କର ପୁତ୍ର ସାରଦା ସନ୍ତ୍ରାସବାଦୀମାନଙ୍କ ସହିତ ସମ୍ପୃକ୍ତ ଥିବାର ବିଶ୍ୱାସ କରାଯାଉଥିଲା ଓ ତାଙ୍କର ବନ୍ଧୁମାନଙ୍କୁ ରକ୍ଷା କରିବାପାଇଁ ସେ ଆତ୍ମହତ୍ୟା କରିଥିଲେ । ତାଙ୍କ ମୃତ୍ୟୁ ସମ୍ପର୍କରେ ସେତେବେଳେ ଏହି ଶବ୍ଦ କରାଗଲା ଯେ ସେ ତାଙ୍କ ସାବତ-ମା'ଙ୍କ ଦୁର୍ବ୍ୟବହାର ସହି ପାରିଲେ ନାହିଁ । କିନ୍ତୁ ସାରଦାଙ୍କୁ ଯେଉଁମାନେ ଭଲଭାବରେ ଜାଣିଥିଲେ ତା' ମଧ୍ୟରେ ମୋ' ସ୍ତ୍ରୀ ଥିଲେ ଅନ୍ୟତମ । ସେମାନେ ଏହାକୁ ବିଶ୍ୱାସ କଲେ ନାହିଁ । ସାରଦା ହେଉଛନ୍ତି ଓଡ଼ିଶାର ପ୍ରଥମ ଶହୀଦ । ଶ୍ରୀକୃଷ୍ଣ ସନ୍ତ୍ରାସବାଦୀ-ମାନଙ୍କ ବିରୁଦ୍ଧରେ ସଫଳତାରସହିତ ଅଭିଯାନ ଚଳାଇ ବହୁ ଉପାଧି ଓ ପଦୋନ୍ନତି ଲାଭ କରିଥିଲେ । ମୁଁ କଟକରେ ଥିଲାବେଳେ ସେ ପୋଲିସ୍ ଚାକିରିରୁ ଅବସର ଗ୍ରହଣ କରି କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ଥିଲେ ଓ ସରକାରଙ୍କ ଦୃଷ୍ଟିରୁ ଜଣେ ବିଶିଷ୍ଟ ମାନ୍ୟଗଣ୍ୟବ୍ୟକ୍ତି (V. I. P) ଥିଲେ । କଟକ ମ୍ୟୁନିସିପାଲିଟିର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା, କିନ୍ତୁ ଜଳ ଯୋଗାଣ, ଜଳ ନିଷ୍କାସନ ଓ ସ୍ୱାସ୍ଥ୍ୟରକ୍ଷାପାଇଁ ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ଦାନ ଓ ୩ ଲକ୍ଷ ଟଙ୍କା ଋଣ ଏହା ଗ୍ରହଣ କଲା ନାହିଁ । ସମୁଦାୟ ୬ ଲକ୍ଷଟଙ୍କା ଦାନ ସୂତ୍ରରେ ଦିଆଯାଉ ବୋଲି ମ୍ୟୁନିସିପାଲିଟି ପକ୍ଷରୁ ଦାବି-ହେଲା । ସରକାର ତାହା ଦେଇପାରିଲେ ନାହିଁ । କାରଣ ତାହା ଦେଇଥିଲେ ବିହାର ଓଡ଼ିଶାର ଅନ୍ୟାନ୍ୟ ସଂକାରମାନଙ୍କପାଇଁ ଏହା ଏକ ନଜିର ହୋଇରହିଥାନ୍ତା । ୧୯୧୭ ମସିହାରେ ମୁଁ କଟକରେ କଲେକ୍ଟର ଥିଲେ ଶ୍ରୀକୃଷ୍ଣ ମହାପାତ୍ରଙ୍କ ଉପରେ ଚାପ ପକାଇଥାନ୍ତି ଯେ, ସେ ଏହି ଯୋଜନାକୁ ଗ୍ରହଣ କରନ୍ତୁ । ୧୯୧୭ ମସିହାରେ ଯାହା ହୋଇପାରିଲା ନାହିଁ, ୧୯୬୮ରେ ମଧ୍ୟ ତାହା ହୋଇ ନାହିଁ । ଏ ଭିତରେ ସେ ଟଙ୍କାର କୋଡ଼ିଏ ଗୁଣ ଖର୍ଚ୍ଚ ହୋଇଗଲାଣି । ମୁଁ କଟକର କଲେକ୍ଟର୍ ହେବାବେଳକୁ ଘୋର ଆର୍ଥିକ ବିପର୍ଯ୍ୟୟ ସମୟ ଉପସ୍ଥିତ । ଏହି ୬ ଲକ୍ଷ ଟଙ୍କା ଯୋଜନାକୁ ଆଉ ଥରେ ଉପସ୍ଥାପିତ କରିବା ସରକାରଙ୍କ ପକ୍ଷରେ ସମ୍ଭବପର ହେଲା-ନାହିଁ ।

ଦୀପାବଳୀ

ଆମେ ନଭେମ୍ବର ମାସରେ କାଠଯୋଡ଼ି ନଦୀ ବାଲିରେ ବାଣ ଫୁଟାଇ ଦୀପାବଳୀ ଉତ୍ସବ ପାଳନ କଲୁ । ଲାଲବାଗ ତଳକୁ କାଠଯୋଡ଼ି ସ୍ରୋତରେ ଏହାର ପ୍ରତିବିମ୍ବ ବେଶ୍ ଉପଭୋଗ୍ୟ ହୋଇଥିଲା । ଏହି ବାଣମାନର ଫଟୋ ମୟୂରଭଞ୍ଜର ଜନ୍ ନାମକ ଜଣେ ଯୁବକ ଉଠାଇଥିଲେ । ଏହି ଯୁବକ ୧୯୦୬ ମସିହାରେ ବାରିପଦାକୁ ପ୍ରଥମ ଥର ସାଇକେଲ୍ ଆଣିଥିଲେ ଓ ମୋତେ ସେଥିରେ ବୁଲାଇଥିଲେ । ଦିଆଲି ଉତ୍ସବକୁ କନ୍‌ଭେଣ୍ଟ ସ୍କୁଲର ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କୁ

Digitized by PPRACHIN, SOA

ନିମନ୍ତ୍ରଣ କରାଯାଇଥିଲା । କାରଣ ମୋ' ପୁଅ ବାବଲା ସେତେବେଳେ ଏହି ସ୍କୁଲରେ ପଢ଼ୁଥିଲା ।

କଟକ ତା'ର ବାଣପାଇଁ ପ୍ରସିଦ୍ଧ ଥିଲା । କଟକର କନିକା ରାଜବାଟୀରେ ଅନୁଷ୍ଠିତ ଉଦ୍ୟାନ ଭୋଜମାନଙ୍କରେ ଏହି ବାଣମରା ଦୃଶ୍ୟ ଦେଖିବାର କଥା । ଭାରତ ବା ଇଂଲଣ୍ଡର ଅନ୍ୟ କୌଣସି ସ୍ଥାନରେ ଏପରି ଦୃଶ୍ୟ ମୁଁ ଦେଖି ନାହିଁ । ଦିଆଲି ରାତରେ ଲାଲବାଗରେ ଯେଉଁ ବାଣ ମରା ହେଲା, ତା'ହା ଦୁଇଜଣଙ୍କମଧ୍ୟରେ ପ୍ରତିଯୋଗିତାମୂଳକଭାବରେ ହୋଇଥିଲା । ସେମାନେ କେବଳ ପ୍ରଶଂସାପତ୍ର ଚାହୁଁଥିଲେ । ମୁଁ ତାଙ୍କୁ ଟଙ୍କା ନେବାପାଇଁ ବାଧ କଲି । ଅବଶ୍ୟ ତାଙ୍କର ନିଶ୍ଚିତ ପ୍ରାପ୍ୟ ପ୍ରଶଂସାପତ୍ର ମଧ୍ୟ ଦିଆଗଲା ।

ରାଜାଙ୍କ ପରିଚୟ ପତ୍ର

ସୁକିନ୍ଦା କଟକ ଜିଲ୍ଲାର ଏକ ପ୍ରଧାନ ସୀମାନ୍ତବର୍ତ୍ତୀ ଜମିଦାରୀ ଥିଲା । ଏକ ପ୍ରାଚୀନ ସମ୍ଭ୍ରାନ୍ତ ବଂଶ ପୁତ୍ର ପୌତ୍ରାଦିକ୍ରମେ ଉତ୍ତରାଧିକାରୀସୂତ୍ରେ ଏହା ଭୋଗ କରୁଥିଲେ ।

ମୁଁ ସୁକିନ୍ଦା ପରିଦର୍ଶନ କଲାବେଳେ, ରାଜା ମୋ ସହିତ ସାକ୍ଷାତ୍ କରିବା-ପାଇଁ ଆସିଥିଲେ । ତାଙ୍କର ସାକ୍ଷାତ ପରିଚୟ ପତ୍ର (Visiting Card) ହେଲା, ଗୋଟିଏ ବୋଝ ଖାଦ୍ୟ ଜିନିଷ—ଏହା ଭିତରେ ଥିଲା ଦୁଇ ବୋତଲ ହ୍ୱିସ୍କି, ଦୁଇ ବୋଝ ଫଳ ଓ ପନିପରିବା ଓ ମୋ ସହିତ ଯେଉଁମାନେ ଯାଇଥିଲେ, ସେମାନଙ୍କର ଖାଦ୍ୟଦ୍ରବ୍ୟ । ବୋଝ ଭିତରେ ନ ଥିବା ଏହି ଡାଲିର ଅନ୍ୟ ଏକ ଅଂଶ ଥିଲା ମେଁ ମେଁ ବୋବାଉଥିବା ଗୋଟାଏ ଛେଳି ଓ ଚେଁ ଚେଁ କରୁଥିବା କେତେଗୁଡ଼ିଏ କୁକୁଡ଼ା । ଏମାନେ ଡାଲିର ଶୋଭାଯାତ୍ରାପାଇଁ ବେଶ୍ ସଙ୍ଗୀତ ଯୋଗାଉଥିଲେ । ଏହିପରି ଗୁଡ଼ିଏ ଜିନିଷ ସହ ରାଜା ଏକ ସୁସଜ୍ଜିତ ହାତୀର ପିଠିରେ ବସି ପହଞ୍ଚିଲେ ଓ ପରିଦର୍ଶନ ବଙ୍ଗଳାର ଦ୍ୱାରଦେଶରେ ଓହ୍ଲାଇ ଯାଇ ପାହାଚ ଚଢ଼ି ମୁଁ ରହୁଥିବା ଘର ଆଡ଼କୁ ମୁହାଁଇଲେ । ତାଙ୍କ ପଛେ ପଛେ ଏସବୁ ବୋଝ ଧରି ଭୃତ୍ୟମାନେ ଚାଲିଥାନ୍ତି । ଏପରି ଢଙ୍ଗରେ ଶିଷ୍ଟାଚାର ପ୍ରଦର୍ଶନରେ ମୁଁ ରାଗି ଯାଇଥିଲି । କିନ୍ତୁ ବାହାରକୁ ବାହାରି ଆସି ତାଙ୍କୁ ଭେଟିଲି ଓ ବୈଠକ ଗୃହରେ ଆଣି ବସାଇଲି । ମୋର ମନ୍ତବ୍ୟ ତାଙ୍କ ପକ୍ଷରେ ଆଦୌ ସୁଖକର ହୋଇ ନ ଥିବ । ମୁଁ କହିଲି ତାଙ୍କର ଏପରି ଡାଲି ଭେଟି ଦେବାରେ ମୁଁ ଆଦୌ ସୁଖୀ ନୁହେଁ, ଏହାକୁ ଗ୍ରହଣ ନ କଲେ ପ୍ରଜାମାନଙ୍କ ନିକଟରେ ତାଙ୍କର ସମ୍ମାନ ହାନି ହେବ । ତେଣୁ ମୁଁ ଗ୍ରହଣ କରିବାକୁ ବାଧ ହେଉଛି । ଭବିଷ୍ୟତରେ

Digitized by PPRACHIN, SOA

ଅନ୍ୟ କୌଣସି କର୍ମଗୃହୀଙ୍କୁ ସେ ଏପରି ଭେଟି ଦେବେ ନାହିଁ ବୋଲି ମୁଁ ଆଶା କରେ । ମୁଁ ସପରିବାର ସୁକିନ୍ଦା ଯାଇଥିଲି । ମୋ ସ୍ତ୍ରୀ ରାଣୀଙ୍କ ସହିତ ସାକ୍ଷାତ କଲେ । ସୁକିନ୍ଦା ଜମିଦାରୀର ଅଧିକାଂଶ ଅଞ୍ଚଳ ପାର୍ବତ୍ୟ ଓ ଜଙ୍ଗଲ ପୂର୍ଣ୍ଣ । ପ୍ରଜାମାନଙ୍କ ମଧ୍ୟରେ ନିକଟବର୍ତ୍ତୀ କେଉଁଝର ରାଜ୍ୟରୁ ଉଠିଆସିଥିବା ବହୁସଂଖ୍ୟକ ସାନ୍ତାଳ ଥିଲେ । ଆମର ମନୋରଞ୍ଜନପାଇଁ ରାଜା ଏକ ସାନ୍ତାଳ ନୃତ୍ୟ ପରିବେଷଣ କରାଇଥିଲେ ।

ବର୍ତ୍ତମାନ ଭାରତବର୍ଷର ସବୁ ଜମିଦାରୀସହିତ ସୁକିନ୍ଦା ଜମିଦାରୀ ମଧ୍ୟ ଉଠିଗଲାଣି । ରାଜା ତାଙ୍କର ପୂର୍ବର କ୍ଷମତା ହରାଇଛନ୍ତି । କିନ୍ତୁ ରାଣୀ ଏବେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବ୍ୟବସ୍ଥା ସଭାର ସଭ୍ୟଭାବରେ ନିର୍ବାଚିତ ହୋଇଛନ୍ତି । ସେଥିରୁ ଜଣାଯାଉଛି ଯେ ତାଙ୍କ ସ୍ୱାମୀଙ୍କର ପୂର୍ବରୁ ଯେଉଁ ପ୍ରଭାବ ଥିଲା, ତାଙ୍କର ସେ ଅଞ୍ଚଳରେ ସେହିପରି ପ୍ରଭାବ ଅଛି ।

ସୁକିନ୍ଦା ଲୁହା ଓ କ୍ରୋମାଇଟପାଇଁ ପ୍ରସିଦ୍ଧ ହେବ ବୋଲି ୧୯୨୮ ମସିହାରେ କେହି କଳ୍ପନା କରି ନ ଥିଲେ । ସେତେବେଳେ ବାଘ ଓ ହାତୀଙ୍କପାଇଁ ଏହାର ପ୍ରସିଦ୍ଧି ଥିଲା । ଏହାଛଡ଼ା ଦମ୍‌ଖାଲ ପ୍ରବାହିତ ହେଉଥିବା ଏକ ଭୟଙ୍କର ଉପତ୍ୟକା (Death Valley) ପାଇଁ ଏହା ପ୍ରସିଦ୍ଧ ଥିଲା । ଏପରିକି ବାଘ ମାରିବାପାଇଁ ମଧ୍ୟ ଏହି ଉପତ୍ୟକାକୁ ନ ଯିବାପାଇଁ ମୋତେ ସତର୍କ କରି ଦିଆଯାଇଥିଲା ।

କଟକର କାରିଗରୀ

କଟକର ପ୍ରତି ବୈଠକଖାନାରେ କଳା କାଠ ଓ ବେତର ଚୌକି ବ୍ୟବହାର କରାଯାଉଥିଲା । ଏ ଚୌକିର ବିଶେଷତ୍ୱ ହେଉଚି, ଏହାର ପିଠିପଟକୁ ଯେପରି ଭାବରେ ଆଉଜିବାକୁ ଇଚ୍ଛା ହେବ ସେପରି ରଖାଯାଇପାରିବ । ଏପରି ଚୌକି ମୁଁ ଇଂଲଣ୍ଡରେ, ଦିଲ୍ଲୀରେ ଏବଂ ବିହାର ଓ ଓଡ଼ିଶାର ବହୁ ଗୃହରେ ଦେଖିଚି । ଯେଉଁସବୁ ଗୃହରେ ମୁଁ ଏହା ଦେଖିଚି, ସେ ପରିବାରର କେହି ଜଣେ ବିଂଶ ଶତାବ୍ଦୀର ପ୍ରଥମ ତ୍ରିଂଶ ବର୍ଷ ମଧ୍ୟରେ କଟକରେ ଥିଲେ ବୋଲି ପ୍ରମାଣିତ ହେଉଛି । ଦ୍ୱିତୀୟ ମହାଯୁଦ୍ଧପରେ ଏ ଚୌକି ତିଆରି କରୁଥିବା ବଢ଼େଇଙ୍କୁ ଆଉ ଦେଖିବାକୁ ମିଳୁ ନାହିଁ । ବୋଧହୁଏ ବାପା ମରିଯିବାପରେ ପୁଅ ଏ ପୈତୃକ ବ୍ୟବସାୟକୁ ଛାଡ଼ି ଦେଇଚି । ଯେଉଁ ସବୁ କଟକ ସହରବାସୀ ଏପରି ଚୌକି ପୂର୍ବରୁ ବରାଦ ଦେଇଛନ୍ତି, ଚୌକିପାଇଁ ସେମାନଙ୍କର ମାସ ମାସ ଧରି ଅପେକ୍ଷା କରିବାର ଅଭିଜ୍ଞତା ଅଛି । ତିନି ଜଣ ଲୋକ ଏ ଚୌକି ତିଆରି କରୁଥିଲେ । ସେମାନେ ଅର୍ଡର ନେବା ସଙ୍ଗେସଙ୍ଗେ କିଛି ଟଙ୍କା ଆଗତୁରା ମଧ୍ୟ ନେଉଥିଲେ । କିନ୍ତୁ

Digitized by PPRACHIN, SOA

ଚୌକି କେବେ କରି ଦେବାକୁ ହେବ, ସେ ସମ୍ପୃଷ୍ଠା ସେମାନେ ଠିକଣା କରୁଥିଲେ । ବର୍ତ୍ତମାନ ଦ୍ରୁତଗତିରେ ଚାଲୁଥିବା ବ୍ୟବସାୟ ଯୁଗରେ ଏପରି ବିଳମ୍ବ କେବେହେଲେ ଜୀବିକା ଅର୍ଜନରେ ସାହାଯ୍ୟ କରିବ ନାହିଁ । ଭାରତର ରାଷ୍ଟ୍ରପତି ଗୋଟିଏ ଶ୍ରେଷ୍ଠ ପଥର ମନ୍ଦିରପାଇଁ ଅର୍ଡର ଦେଇଥିଲେ ଓ ଏଥିପାଇଁ ୧୨୦୦ ଟଙ୍କା ଦେବା ନିମନ୍ତେ ପ୍ରସ୍ତୁତ ଥିଲେ । କିନ୍ତୁ ୧୮ ମାସ ଚାଲିଗଲା ଓ ମନ୍ଦିର ହୋଇ ପାରିଲା ନାହିଁ । ସେ ତାଙ୍କର ଅର୍ଡର ପ୍ରତ୍ୟାହାର କରିନେଲେ । ଶିଳ୍ପୀ ହୁଏତ ଏ ମନ୍ଦିର ତିଆରି କରିବାରେ ଲାଗିଥିବେ । କିନ୍ତୁ ତାଙ୍କ ଅର୍ଡର ଚାଲିଗଲା । ବୋଧହୁଏ ଏତେ ଟଙ୍କା ଦେଇ କେହି ସେ ମନ୍ଦିର କିଣିପାରୁ ନ ଥିବା ଯୋଗୁଁ ତାଙ୍କ ପାଖରେ ଏ ପର୍ଯ୍ୟନ୍ତ ତାହା ତିଆରି ହୋଇ ରହିଥିବ ।

ତାରକସି

କଟକ ସବୁଦିନ ତା'ର ରୁପା ତାରକସି କାମପାଇଁ ପ୍ରସିଦ୍ଧ । ମୋ ସମୟରେ ଯେ କୌଣସି ଅଳଙ୍କାର ଦୋକାନକୁ ପଶିଯାଇ ପାଞ୍ଚଟଙ୍କା ମୂଲ୍ୟର ଏକ ଜନ୍ମଦିନ ଉପହାର କିଣି ଆଣିବା କିମ୍ବା ବିବାହର ଉପହାରପାଇଁ ୧୫ ଟଙ୍କା ମୂଲ୍ୟର ଏକ ସୁନ୍ଦର ଉପହାର କିଣି ଆଣିବା ସ୍ୱାଭାବିକ ଥିଲା । ପୃଥିବୀର ଯେ କୌଣସି ସ୍ଥାନରେ ଯଦି ଏକ ସୁନ୍ଦର ରୁପା ତାରକସି କାମ ଦେଖିବାକୁ ମିଳେ, ତା'ହେଲେ ତାହା କଟକରୁ ଆସିଛି ବୋଲି ଧରି ନିଆଯାଇପାରେ । ଇଟାଲି ଓ ଇଜିପ୍ଟ ରୁପା ତାରକସି କାମ କରନ୍ତି । କିନ୍ତୁ ତାହା କଟକ ପରି ନୁହେଁ । ତୁମେ ଯଦି ବିଲାତର କୌଣସି ବୈଠକଖାନାରେ କିମ୍ବା ଏବେ ନିୟୁୟର୍କର ବୈଠକଖାନାରେ ରୁପା ତାରକସି ବ୍ୟାଗ୍ ଧରିଥିବା କୌଣସି ମହିଳାଙ୍କୁ ଦେଖ, ତା' ହେଲେ ତୁମେ ନିଶ୍ଚିତ ହୋଇପାର ଯେ ସେ ମହିଳା କେବେ କଟକ ଯାଇଛନ୍ତି କିମ୍ବା ତାଙ୍କର ଜଣାଶୁଣା କେହି ଭଦ୍ରବ୍ୟକ୍ତି କେବେ କଟକ ଯାଇଥିବାବେଳେ ତାଙ୍କ ପାଇଁ ଏହା ଆଣି ଦେଇଛନ୍ତି । ଓଡ଼ିଶାର ମହାନ ନେତା ମଧୁସୂଦନ ଦାସ ତାଙ୍କ ଘରେ ଏକ ବଡ଼ ସୋକେସ୍‌ରେ କଟକର ବିଭିନ୍ନ ତାରକସି ଜିନିଷ ସଜାଇ ରଖିଥିଲେ । ସେ ଏହାର ଜଣେ ପ୍ରଧାନ ପ୍ରେମୀ ଓ ପୃଷ୍ଠପୋଷକ ଥିଲେ, କିନ୍ତୁ ଇଂରେଜଙ୍କ ପରି ତାଙ୍କର ଦୋକାନଦାରି ବୁଦ୍ଧି ନ ଥିଲା । ତେଣୁ ସେ ଏହାକୁ ବିଜ୍ଞାପିତ କରି ପଇସା କରି ନ ଥିଲେ ।

କଟକ ମଧ୍ୟ ତାର ସିଙ୍ଘ କାମପାଇଁ ପ୍ରସିଦ୍ଧ ଥିଲା । ରେଳଷ୍ଟେସନରେ ପ୍ରତି ଗାଡ଼ି ଆସିବାବେଳେ କଟକର ସିଙ୍ଘ କାମ ଦ୍ରବ୍ୟ ବିକାଳିମାନେ ପାଟି କରି ଡାକୁଥିବାର ଶୁଭୁଥିଲା, "ସିଙ୍ଘ ବାଡ଼ି ନେବ, ସିଙ୍ଘ ବାଡ଼ି ।" ଏବେ କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ ଦୋକାନରେ ସିଙ୍ଘ କାମ ମିଳୁଛି । କିନ୍ତୁ ରେଳଷ୍ଟେସନରେ ଆଉ ବିକ୍ରି

Digitized by PPRACHIN, SOA

ହେଉ ନାହିଁ । ଏହି ସବୁ ସିଙ୍ଗକାମ ମଧ୍ୟରେ ଥିଲା ସୁନ୍ଦର ସୁନ୍ଦର ବୁଲିଯିବା ବାଡ଼ି, ପଶୁ, ପକ୍ଷୀ, ପାନଆ, କଲମଦାନା, ସିଗାରେଟ୍ ଡବା, ଧୂଆଁ ଖିଆ ପାଇପ୍ ଏବଂ ପିଠି କୁଣ୍ଡେଇ ହେବାପାଇଁ ଲମ୍ବା ଲମ୍ବା ବାଡ଼ି । କଟକ ଗୋଟିଏ ସହର ଯେଉଁଠି ତୁମେ ନଜେ ତୁମର ପିଠି କୁଣ୍ଡେଇ ହୋଇପାରିବ । ଏଠି "ତୁ ମୋ' ପିଠି କୁଣ୍ଡେଇ ଦେଲେ ମୁଁ ତୋ'ର କୁଣ୍ଡେଇ ଦେବି" କଥା ଉଠେ ନାହିଁ । ଏବେ ପାରଲା-ଖେମଣ୍ଡିରେ ମଧ୍ଯ ସିଙ୍ଗ ଜନିଷ ତିଆରି ହେଉଛି ଓ ସମବାୟ ସଂସ୍ଥାମାନ ତାହା ବିକ୍ରି କରୁଛନ୍ତି ।

ସାପୁଆ କେଳା

କଟକଠାରୁ ନାକସିଧା ରାସ୍ତାରେ ପଟିଆ ହେଉଚି ସାତମାଇଲ । କିନ୍ତୁ କଟକଠାରୁ ସେଠାକୁ କୌଣସି ସିଧା ରାସ୍ତା ନାହିଁ । ଆମ୍ବତୋଟାମାନଙ୍କ ମଧ୍ୟରେ ଏହି ଗ୍ରାମଟି ଏକ ସନ୍ତସନ୍ତିଆ ଭୂମିର ତଟଦେଶରେ ଅବସ୍ଥିତ । ବର୍ଷା ଋତୁରେ ଏହା ଜଳାର୍ଣ୍ଣବ ହୋଇଯାଏ । ଗ୍ରାମର ଗୋଟିଏ ପାଖରେ ସାପୁଆ କେଳାମାନେ ରହନ୍ତି । ସେମାନେ ପୁରୁଷ ପୁରୁଷ ଧରି ସେଠାରେ ରହୁଛନ୍ତି । ୧୯୬୮ ଅକ୍ଟୋବର ମାସରେ ମୁଁ ପଟିଆ ଯାଇଥିଲି । କେଳାମାନେ ଖେଳ ଦେଖାଇବାପାଇଁ ତାଙ୍କର ପେଡ଼ି ସବୁ ଧରି ମୋତେ ଘେରି ବସିଲେ । ସେମାନେ ତାଙ୍କର ନାଗେଶ୍ୱର ବଜାଇବା ସଙ୍ଗେସଙ୍ଗେ ସାପମାନେ ପେଡ଼ିରୁ ବାହାରି ଆସିଲେ । ମୁଁ ଦେଖିଲି ମୋ' ଚାରିପାଖରେ ପ୍ରାୟ ୧୦।୧୨ ସାପ । ଫଣା ଟେକ ଠିଆ ହୋଇ ବୀଣାର ସଙ୍ଗୀତରେ ସେମାନେ ଦୋହଲିବାରେ ଲାଗିଛନ୍ତି । କିଛି ସମୟ ପରେ କ୍ଲାନ୍ତ ହୋଇ ପଡ଼ି କମ୍ପା ବିରକ୍ତ ହୋଇଯାଇ କେତୋଟି ସାପ ଶୋଇଗଲେ କମ୍ପା କେହି କେହି ମୋ' ଆଡ଼କୁ ମୁହାଁଇଲେ । କେଳା ତାଙ୍କୁ ଟାଣି ନେଇ ତାର ଆଦେଶ ମାନିବାକୁ କହୁଥାଏ । ମୁଁ ଗୋଟାଏ ମୋଟା ସାପ ପରି ପ୍ରାୟ ୧୦।୧୨ ନାଗେଶ୍ୱରର ସଙ୍ଗୀତରେ ମୁଗ୍‌ଧଭାବରେ ଠିଆ ହୋଇଥାଏ ଓ ମୋ' ସାପର ପରିବାର ମୋ' ଚାରିପାଖରେ ଖେଳୁଥାନ୍ତି । ଏହି ଖେଳ କେତେ ମିନିଟ ଧରି ଚାଲିଲା । ମୁଁ ସେମାନଙ୍କୁ ପୁରସ୍କାର ଯାଚିଲି । ସେମାନେ ଗ୍ରହଣ କଲେ ନାହିଁ । ପ୍ରଶଂସାପତ୍ର ମାଗିଲେ । ମୁଁ ତାହା ପଛରେ ପଠାଇଦେଲି ।

ସାପୁଆ କେଳାମାନେ ଗୋଟିଏ ଶ୍ରେଣୀୟ ଯାଯାବର ଜାତି । ସେମାନେ ପଟିଆରେ ଗୃହବାସ କରି ରହିଗଲେଣି । ଧାନ ଅମଳ ପରେ ସେମାନେ ପୂର୍ବ ଭାରତରେ ଆସାମର କାମାକ୍ଷା ପର୍ଯ୍ୟନ୍ତ, ଉତ୍ତର ଭାରତରେ ଏଲାହାବାଦ ପର୍ଯ୍ୟନ୍ତ ଓ

Digitized by PPRACHIN, SOA

ଦକ୍ଷିଣରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ଖେଳ ଦେଖାଇବାପାଇଁ ଯା'ନ୍ତି । ସେମାନେ ରେଳଗାଡ଼ିରେ ବିନା ଟିକଟରେ ଯାଆନ୍ତି ଓ ସାପ ଖେଳ ଦେଖାଇ ରେଳବାଇ କର୍ମଚାରୀଙ୍କୁ ଖୁସି କରିଦିଅନ୍ତି । ସେମାନେ ଜୁନ ମାସରେ ପଟିଆକୁ ଫେରି ଆସନ୍ତି । ଆସିବାବେଳେ କିଛି ନୂଆ ସାପ ମଧ୍ୟ ଧରିଆ'ନ୍ତି । ନାଗେଶ୍ୱରର ସଙ୍ଗୀତ ଶୁଣିଲେ ସାପମାନେ ଗାତରୁ ବାହାରି ଆସନ୍ତି । ସାପକୁ ଧରିବାପାଇଁ ବା ମାରିବାପାଇଁ ଏହା ହେଉଛି ଗୋଟିଏ ବାଟ ।

Digitized by PPRACHIN, SOA

ବାଲେଶ୍ୱର ଜିଲା ମାଜିଷ୍ଟ୍ରେଟ୍

ମୋର ସର୍ବପ୍ରଥମ ସମସ୍ୟା ହେଲା, ଜିଲା ବୋର୍ଡ଼ ଟଙ୍କା ଆତ୍ମସାତ୍ ସମ୍ପର୍କରେ ଏକ ମକଦ୍ଦମାର ବିଚାର । ଏହି ମକଦ୍ଦମାରେ ଅଭିଯୁକ୍ତ କିମ୍ବା ସାକ୍ଷୀ ଥିବା ଜଣେ ବିଶିଷ୍ଟ କର୍ମକର୍ତ୍ତାଙ୍କ ଅନୁପସ୍ଥିତି ଯୋଗୁଁ ଏହାର ବିଚାର ହୋଇପାରୁ ନ ଥିଲା । ଅଦାଲତ ପକ୍ଷରୁ ଯେଉଁ ସମନ୍ ଯାଉଥିଲା, ତାହା "ଅଭିଯୁକ୍ତଙ୍କର କୌଣସି ଖବର ନାହିଁ", ଏହି ମର୍ମରେ ଫେରି ଆସୁଥିଲା ।

କଚେରୀ ଘର ଚାଲିଗଲା

ଦିନେ ସନ୍ଧ୍ୟା ସମୟରେ ମୁଁ ଜଣେ ସାଦା ପୋଷାକଧାରୀ ପୋଲିସ ଅଫିସରଙ୍କୁ କାର୍‌ରେ ଧରି 'ଅଭିଯୁକ୍ତ'ଙ୍କ ଗ୍ରାମର ଦୁଇ ମାଇଲ ଦୂରରେ ତାଙ୍କୁ ଛାଡ଼ି ଦେଲି । ସେ ଦୁଇ ମାଇଲ ଚାଲିଯାଇ ଏହି ଭଦ୍ରବ୍ୟକ୍ତିଙ୍କ ଆଗରେ ନିଜର ପରିଚୟ ଦେଲେ—ସେ ଜଣେ ପଥିକ, ରାତିରେ ଆଶ୍ରୟ ଚାହାନ୍ତି । ସେହି ଲୋକ ଜଣଙ୍କୁ ଯେ ଖୋଜା ଚାଲିଚି ତାହା ନିଶ୍ଚିତଭାବରେ ଜାଣିବା ପରେ ପୋଲିସ୍ ଅଫିସର୍ ନିଜର ପ୍ରକୃତ ପରିଚୟ ଦେଲେ ଓ ତାଙ୍କୁ ଗିରଫ କରାଗଲା ବୋଲି କହିଲେ । ତା'ପରେ ମକଦ୍ଦମାର ବିଚାର ଚାଲିଲା ।

କୌଣସି ଜଣେ ଜମିଦାର ପ୍ରଜାଙ୍କୁ ପାଉତି ଦେଉ ନାହାନ୍ତି ବୋଲି ଅଭିଯୋଗ ହେଲା । ମୁଁ ଏକ ଦୂରବର୍ତ୍ତୀ ଗ୍ରାମରେ ଥିବା ତାଙ୍କ ଜମିଦାରୀ କଚେରୀରେ ହଠାତ୍ ଦିନେ ହାଜର ହୋଇଗଲି ଓ ବୁଝିଲି ଯେ ତାଙ୍କର ଏଜେଣ୍ଟ ବା ମ୍ୟାନେଜର ଅନୁପସ୍ଥିତ ଅଛନ୍ତି । ମୁଁ ଚାଷୀମାନଙ୍କର ବିବୃତି ସବୁ ଟିପି ରଖିଲି । ସେମାନଙ୍କ ମଧ୍ୟରୁ ଜଣେ ମୋ' କାନରେ ଆସି କହିଲା, "ଜମିଦାରଙ୍କ ଏଜେଣ୍ଟ ଆପଣ ଆସିବାର ଖୁବ୍ ଅଳ୍ପ ସମୟ ଆଗରୁ ଗାଁ ଭିତରେ ଥିଲେ ।" କଚେରୀ ଘର ବନ୍ଦ ଥିଲା, ଯଦିଓ ତା' ଭିତରେ ଲୋକ ବସିଥିବା ପରି ଜଣାଯାଉଥିଲା । ଦୁଇଜଣ ଚୌକିଦାର ଓ ଜଣେ ଦଫାଦାରଙ୍କୁ ସାଙ୍ଗରେ ଧରି ମୁଁ ଚାଲରେ ଚଢ଼ି ଅଗଣା ଭିତରକୁ ଡେଇଁଲି । କୌଣସି ଲୋକଙ୍କର ସ୍ୱର, ଶବ୍ଦ ଶୁଣାଗଲା ନାହିଁ । ଗୋଟିଏ ଘରର କବାଟ ଭିତରୁ କିଲା ହୋଇଥିଲା । ମୁଁ ଭିତରେ ଥିବା ଲୋକଙ୍କୁ ସାବଧାନ କରି ଦେଲି, ସେମାନେ କବାଟ ନ ଫିଟାଇଲେ, କବାଟ ଭାଙ୍ଗି ଖୋଲିବାକୁ ହେବ । ଗୋଟିଏ ଗ୍ରେଟ୍ ଛୁଆ କବାଟ ଖୋଲିଲା ଓ ଘର ଭିତରେ ଥିବା ସମସ୍ତଙ୍କୁ ମୁଁ ବାହାରକୁ ଚାଲି ଆସିବାପାଇଁ କହିଲି ।

Digitized by PPRACHIN, SOA

ଘର ଭିତରୁ ବହୁ ସ୍ତ୍ରୀ ଲୋକ ବାହାର ଆସିଲେ । ସେମାନେ କହିଲେ, ଘର ଭିତରେ ଆଉ କେହି ନାହାନ୍ତି । ଏ ଘରଟା ବେଶ୍ୟାର ଘର ଥିଲା । ଦଫାଦାର ଓ ମୁଁ ଘର ଭିତରକୁ ପଶିଯାଇ ଦେଖିଲୁ, ଜଣେ ଲୋକ ଗୋଟିଏ କୋଣରେ ଠିଆ ହୋଇଛି । ସେ ହେଉଛନ୍ତି ଜମିଦାରଙ୍କ ଏଜେଣ୍ଟ । ମୁଁ ତାଙ୍କୁ ପରୀକ୍ଷା କରି ତାଙ୍କ ବିବୃତିକୁ ଟିପି ରଖିଲି ଓ ସବୁ କାଗଜପତ୍ର ଦେଖାଇବାପାଇଁ ଆଦେଶ ଦେଲି । ଖଜଣା ନେଇ ପାଉତି ନ ଦେବାର ଅଭିଯୋଗ ପ୍ରମାଣିତ ହେଲା । ଏହି ଘଟଣା ପରେ ରାଜନୈତିକ ନେତା ଶ୍ରୀ ହରେକୃଷ୍ଣ ମହତାବ ତାଙ୍କ ସମ୍ପାଦିତ ସାପ୍ତାହିକ 'ପ୍ରଜାତନ୍ତ୍ର'ର ଏକ ସଂସ୍କରଣ ବାହାର କଲେ । ସେଥିରେ ବଡ଼ ବଡ଼ ଶିରୋନାମାରେ ଲେଖା ଥିଲା, "ସେନାପତି ଜଣେ ପୋଲିସ ଇନ୍‌ସ୍‌ପେକ୍ଟର ହୋଇଥିଲେ ଭଲ ହୋଇଥାନ୍ତା" ଓ ଏହା ତଳକୁ ସମସ୍ତ ଘଟଣାର ବିବରଣୀ ଦିଆଯାଇଥିଲା ।

ମୁଁ ବାଲେଶ୍ୱର ଫେରି ଆସିଲି । ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ଅନୁସାରେ ଗୁଡ଼ିଏ ମକଦ୍ଦମାର ବିଚାର କଲି ଓ ସର୍ବାଧିକ ଜରିମାନା କଲି । କମିଶନରଙ୍କ ପାଖରେ ଅପିଲ ହେଲା ଏବଂ ଏଥିରେ କିଛି ରାଜନୀତି ଅଛି କି ନାହିଁ ବୋଲି ସେ ମୋତେ ଏକୁଟିଆ ଡାକି ପଚାରିଲେ । ମୁଁ ତାଙ୍କୁ ଉତ୍ତର ଦେଲି ଯେ, ଜମିଦାରଙ୍କ ଏଜେଣ୍ଟ ଜଣେ ରାଜନୀତିଜ୍ଞ ବୋଲି ମୋର ଆଦୌ ଧାରଣା ନାହିଁ । ଏହା ଏକ ସମ୍ପୂର୍ଣ୍ଣ ପ୍ରଜାସ୍ୱତ୍ୱ ଆଇନ ସମ୍ପର୍କୀୟ ବିଷୟ । ସେ ମୋର ଆଦେଶକୁ କାଏମ ରଖିଲେ । କିନ୍ତୁ ଜରିମାନା କମାଇଦେଲେ । ଜମିଦାର ହେଲେ ଶ୍ରୀ ମୁକୁନ୍ଦପ୍ରସାଦ ଦାସ । ସେ ଜଣେ ମୁକ୍ତାରଭାବରେ ବାଲେଶ୍ୱର କଚେରୀରେ ପ୍ରାକ୍‌ଟିସ୍ କରୁଥିଲେ । କଂଗ୍ରେସକୁ ସହାନୁଭୂତି ଦେଖାଇବା ଛଡ଼ା ତାଙ୍କର କୌଣସି ରାଜନୀତି ନ ଥିଲା । ତାଙ୍କ ପରି ମୋର ମଧ୍ୟ କଂଗ୍ରେସ ପ୍ରତି ସହାନୁଭୂତି ଥିଲା । କିନ୍ତୁ ପଛକୁ ତାଙ୍କ ସ୍ତ୍ରୀ ୧୯୩୧ ମସିହାରେ ମହାତ୍ମାଗାନ୍ଧୀଙ୍କର ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେତେବେଳେ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ଥିଲେ ହାନସ୍ । ସେ ଜଣେ ଆଇରିଶ୍, ଅବିବାହିତ ବ୍ୟକ୍ତି; ପ୍ରଥମ ମହାଯୁଦ୍ଧବେଳେ ବୋମା ମାଡ଼ ଶବ୍ଦରେ ତାଙ୍କ ସ୍ମୃତିରେ ଛନକା ପଶି ଯାଇଥିଲା । ସେ ଏହି ଭଦ୍ର ମହିଳାଙ୍କୁ ଗିରଫ ନ କରି କହୁଥିଲେ, "ଜଣେ ସ୍ତ୍ରୀ ଲୋକଙ୍କୁ ଛୁଇଁବାପାଇଁ କିପରି ପୁରୁଷକୁ ଅନୁମତି ଦେବି ? ଜାହ୍ନବୀ ଦେବୀଙ୍କୁ ଗିରଫ କରିବାପାଇଁ ସ୍ତ୍ରୀ କନଷ୍ଟେବଲ୍‌ଙ୍କୁ ଡକାଗଲା । ସେ ଜାଣି ନ ଥିଲେ ଯେ, ହାତକଡ଼ି ପକାଇବା ପର୍ଯ୍ୟନ୍ତ ସେ ଅପେକ୍ଷା କରିବେ ନାହିଁ, ଖାଲି ତୁଣ୍ଡରେ ଗିରଫ କରିଦେଲେ ଯଥେଷ୍ଟ । ସେଥିକରେ ସେ ମନକୁ ମନ ଜେଲଖାନାକୁ ଚାଲି ଯାଇଥାନ୍ତେ । ୧୯୩୭ ମସିହାରେ ମୁକୁନ୍ଦପ୍ରସାଦ ଦାସ କଂଗ୍ରେସରେ ଯୋଗଦେଲେ ଓ ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରଥମ ବାଚସ୍ପତି

Digitized by PPRACHIN, SOA

ହେଲେ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ବାଲେଶ୍ୱର ଭ୍ରମଣରେ ଆସିଥିବା ବେଳେ ତାଙ୍କର ଅତିଥି ହୋଇଥିଲେ ।

ବାଲେଶ୍ୱରରେ ଆମର ସାମାଜିକ ଜୀବନରେ ଏକମାତ୍ର ବନ୍ଧୁ ଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡ୍‌ମାଷ୍ଟର ସଚ୍ଚିଦାନନ୍ଦ ରାୟ; ସେ ମୋ’ ସହିତ ବିଲାତରେ ଥିଲେ । ତାଙ୍କ ସ୍ତ୍ରୀ ଓ ମୋ’ ସ୍ତ୍ରୀ ମୋର ବିବାହ ପୂର୍ବରୁ ପରସ୍ପର ଜଣା-ଶୁଣା ଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲ, ଜିଲ୍ଲାର ଏକମାତ୍ର ସରକାରୀ ହାଇସ୍କୁଲ ଥିଲା ।

ସଚ୍ଚିଦାନନ୍ଦ ରାୟଙ୍କ ମା’ ରେବା ରାୟ ମଡ଼େଲ ଗାର୍ଲ୍ସ ସ୍କୁଲ ପ୍ରତିଷ୍ଠା କରିଥିଲେ । ଏହା ଥିଲା କଟକରେ ପ୍ରତିଷ୍ଠିତ ଓଡ଼ିଶାର ପ୍ରଥମ ମହିଳା ଉଚ୍ଚ ବିଦ୍ୟାଳୟ । ୧୯୧୧ ମସିହାରେ ଏହି ସ୍କୁଲରୁ ପରୀକ୍ଷାର୍ଥୀମାନେ କଲିକତା ବିଶ୍ୱବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରେ ଚନ୍ଦ୍ରମୁଖୀ ଷଡ଼ଙ୍ଗୀ ଅନ୍ୟତମ, ଯେ କି ପରେ ଶ୍ରୀ ସାମୁଏଲ ଦାସଙ୍କୁ ବିବାହ କରିଥିଲେ ।

ବାଲେଶ୍ୱରର ଜଣେ ମହିଳା ପୂର୍ବତନ କଲେକ୍ଟର୍ ବିଂସ୍ଙ୍କର ଏପରି ସୁପରିଚିତ ଥିଲେ ଯେ ବିଲ୍ସଙ୍କର ବହି ‘ଇଣ୍ଡିଆନ ଇଙ୍କ’ରେ ତାଙ୍କର ନାମ ଅମର ହୋଇ ରହିଛି । ମୁଁ ସେଠାରେ ତିନି ମାସ ରହିବା ଭିତରେ ତାଙ୍କ ସହିତ ସାକ୍ଷାତ୍ କରିଥିଲି । ତାଙ୍କ ଭଉଣୀଙ୍କ ସହିତ ଇଂଲଣ୍ଡରେ ଓ କଟକରେ ମୋର ଦେଖା ହୋଇଥିଲା ।

ସମୁଦ୍ର କୂଳରେ ଅବସ୍ଥିତ ଚାନ୍ଦିପୁରକୁ ଆମେ ବାରମ୍ବାର ଯାଉଥିଲୁ । ସେଠାରେ ସରକାରଙ୍କର ଏକ ଗୋଳାବାରୁଦ ପରୀକ୍ଷାଗାର ଅଛି । ଭାରତରେ ଏହା ଏକମାତ୍ର ଏହି ଧରଣର ଅନୁଷ୍ଠାନ । ଗୋଳାର ଗତିକୁ ଏହିପରି ପରୀକ୍ଷା କରାଯାଏ—ଗୋଳା ଛଡ଼ା ଯିବାର ସମୟ ଏବଂ ବିଦ୍ୟୁତ ସଂଯୁକ୍ତ ଏକ ତାର ଜାଲରେ ଏହି ଗୋଳା ବାଜିବାର ସମୟ ଉଭୟ ପରୀକ୍ଷାଗାରରେ ବୈଦ୍ୟୁତିକ ଯନ୍ତ୍ର ସାହାଯ୍ୟରେ ଟିପା ହୋଇଯାଏ । ଚାନ୍ଦିପୁର ନିକଟରେ ସମୁଦ୍ର ଅତିଶୟ ଅଗଭୀର, ଯାହାଫଳରେ ଯେଉଁସବୁ ଗୋଳା ସମୁଦ୍ର ଭିତରେ ପଡ଼େ, ତାହା ଭଟ୍ଟା ସମୟରେ ସଂଗୃହୀତ ହୋଇଯାଏ । ସମୁଦ୍ର ଏଠାରେ ଏତେ ଅଗଭୀର ଯେ ଅଧ ମାଇଲିଏ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଗଲେ ମଧ୍ୟ ଲୋକ ବୁଡ଼ିବ ନାହିଁ । କିନ୍ତୁ ଯେତେବେଳେ ଜୁଆର ଆସେ, ତାହା ଏତେ ଜୋର୍‌ରେ ମାଡ଼ି ଆସେ ଯେ କୂଳକୁ ଦଉଡ଼ି ପଳାଇ ନ ଆସିଲେ ରକ୍ଷା ନାହିଁ । ଚାନ୍ଦିପୁରରେ ଏକ ବିରଳ ପ୍ରାଗ୍ ଐତିହାସିକ ପ୍ରାଣୀ, ଗୋଟିଏ ଶ୍ରେଣୀର କଙ୍କଡ଼ା (King Crab) ମିଳେ । ଏହା ଏକ ଭୟଙ୍କର ଜୀବ ବୋଲି ଲୋକେ କହନ୍ତି, କାରଣ ଯେଉଁ ପଛ ଗୋଡ଼ରେ ଏହା ସମୁଦ୍ରରେ

Digitized by PPRACHIN, SOA

ପଦ୍ବରେ ତାହାର ସାହାଯ୍ୟରେ ମନୁଷ୍ୟ ଦେହରୁ ପୂଳାଏ ମାଂସ ଟାଣିନିଏ । ମୁଁ ଅବଶ୍ୟ ଏପରି କୌଣସି ଘଟଣା ଘଟିଥିବାର ଜାଣି ନାହିଁ । ଯଦିଓ ଏହି ଧରଣର କଙ୍କଡ଼ା ମୁଁ ବହୁ ସଂଖ୍ୟାରେ ସମୁଦ୍ର କୂଳରୁ ସଂଗ୍ରହ କରିଛି । ପ୍ରାୟ ୩୦ ଲକ୍ଷ ବର୍ଷର ବିବର୍ତ୍ତନ ମଧ୍ୟରେ ଏହା ସେହିପରି ଅପରିବର୍ତ୍ତିତ ରହିଛି ।

ସମୁଦ୍ର କୂଳରେ ଥିବା ବିଚିତ୍ରପୁର ଏକ ସରକାରୀ ମାହାଲ । ପ୍ରଜାମାନେ ସରକାରଙ୍କୁ ସିଧା ସଳଖ ଖଜଣା ଦିଅନ୍ତି । କୌଣସି ଜମିଦାର ବା ମଧ୍ୟସତ୍ତ୍ୱାଧିକାରୀ ସେଠାରେ ନ ଥିଲେ । ସମୁଦ୍ର ଘୁଞ୍ଚି ଘୁଞ୍ଚି ଯିବା ଫଳରେ ଯେଉଁ ସୁଦୀର୍ଘ ବାଲିବନ୍ତମାନ ସୃଷ୍ଟି ହେଲା, ତାହାକୁ ନେଇ ଏହି ମାହାଲ ଗଠିତ । ଦୁଇ ବାଲିବନ୍ତ ମଧ୍ୟବର୍ତ୍ତୀ ଉପତ୍ୟକା ବର୍ଷା ପାଣି ଓ ଧୋଇଅଣା ପଙ୍କରେ କଞ୍ଚା ମୃତ୍ତିକା ସଂଗ୍ରହ କରେ । ଲୋକେ ଫସଲ କରିବାକୁ ଆସନ୍ତି ଓ ବନ୍ତ ଉପରେ ନଜର କୁଡ଼ିଆଖଣ୍ଡମାନ କରନ୍ତି । ଏହିପରି ଗ୍ରାମମାନଙ୍କର ସୃଷ୍ଟି ହୁଏ । ବାଲେଶ୍ୱର ଜିଲାରେ ସମୁଦ୍ର ଉପକୂଳ ସହିତ ସମାନ୍ତରାଳ ଭାବରେ ଗ୍ରାମମାନ ଗଢ଼ି ଉଠିଛି । ମୂଳରୁ ଏହି ସବୁ ସ୍ଥାନରେ ସମୁଦ୍ର ଥିଲା ସମୁଦ୍ର ଘୁଞ୍ଚିଯିବାଦ୍ୱାରା ଗଠିତ ବାଲୁବନ୍ତ ।

ମ୍ୟାଲେରିଆ ଓ ଅଫିମ ବାଲେଶ୍ୱର ଜିଲାର ଦୁଇଟି ଅଭିଶାପସ୍ୱରୂପ ଥିଲା । ସ୍କୁଲରେ ପଢ଼ୁଥିବା ପିଲାମାନେ କାଉଁଆ ଦେଖାଯାନ୍ତି । ଯେତେବେଳେ କ୍ଷେତରେ କାମ କରିବା ସମୟ, ସେତେବେଳେ ଲୋକେ ମ୍ୟାଲେରିଆ ଜ୍ୱରରେ ପୀଡ଼ିତ । ଲୋକେ ବଡ଼ ଗରିବ ଥିଲେ ଓ କାମ କରିବାକୁ ବହୁ ସଂଖ୍ୟାରେ କଲିକତା ଯାଉଥିଲେ । ଭାସ୍କର ମହାପାତ୍ର ନାମକ ଜଣେ ବ୍ୟକ୍ତି କଲିକତା ବନ୍ଦରକୁ ବହୁ ସଂଖ୍ୟାରେ ଶ୍ରମିକ ପଠାଇ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରିଥିଲେ । ଓଡ଼ିଶାରେ ବାଲେଶ୍ୱର ଓ ବିହାରରେ ପୂର୍ଣ୍ଣିଆ ଜିଲାରେ ରହିବା କର୍ମଚାରୀମାନଙ୍କ ପକ୍ଷରେ ଏକ ଦଣ୍ଡ ସ୍ୱରୂପ ଥିଲା ।

ଯଦି କୌଣସି କର୍ମଚାରୀ ସରକାରଙ୍କର ଅପ୍ରିୟ ଭାଜନ ହେଉଥିଲା, ତା' ହେଲେ ତାକୁ ବାଲେଶ୍ୱର କିମ୍ବା ପୂର୍ଣ୍ଣିଆ ଜିଲାକୁ ପଠାଇ ଦିଆଯାଉଥିଲା । ଏହି ଆଖ୍ୟା ଗ୍ରହଣ କରିବାପାଇଁ ମୁଁ ବେଶି ଦିନ ବାଲେଶ୍ୱରରେ ନ ଥିଲି କିମ୍ବା ଯେଉଁ ସବୁ କର୍ମଚାରୀ ବାଲେଶ୍ୱର ଯାଉଥିଲେ ସମସ୍ତେ ସରକାରଙ୍କ ଆଖିରେ ନିନ୍ଦନୀୟ ନ ଥିଲେ । ଦୁଇ ବର୍ଷ ପରେ ମୋର ବନ୍ଧୁ ଜୀବନ ବାଲେଶ୍ୱରର ଜିଲା କଲେକ୍ଟର୍ ହୋଇ ଗଲା । ସେ ଥିଲା ସରକାରଙ୍କର 'ସୁନାପିଲା' ଭିତରୁ ଜଣେ ।

□ □

Digitized by PPRACHIN, SOA

ପୁରୀ ଜିଲା ମାଜିଷ୍ଟ୍ରେଟ୍

ରଥଯାତ୍ରା

୧୯୨୯ ମସିହା ଜୁଲାଇ ମାସରୁ ୧୯୩୦ ମସିହା ଜାନୁଆରୀ ମାସ ପର୍ଯ୍ୟନ୍ତ ମୁଁ ପୁରୀ ଜିଲା ମାଜିଷ୍ଟ୍ରେଟ୍ ଥିଲି । କଟକ ଜିଲା, ଯେଉଁଠି ଖୁବ କାମପଡ଼େ ସେଠାରେ ରହିବା ପରେ ପୁରୀ ଜିଲା ମାଜିଷ୍ଟ୍ରେଟ୍ କାମ ଏକ ଛୁଟିର କାମ ବୋଲି ମନେ ହୁଏ । ପୁରୀପାଇଁ ଆଦେଶ ପାଇଲା ପରେ ମୁଁ ସରକାରଙ୍କୁ କହିଲି "ସରକାର ବୋଧହୁଏ ଜାଣିଥିବେ ଯେ ମୋ ଘର ପୁରୀ ଜିଲାରେ ।" ସେମାନେ ଉତ୍ତର ଦେଲେ, ସବୁ ବିଷୟ ଜାଣିଶୁଣି ସେମାନେ ମୋତେ ପୁରୀ ଜିଲାରେ ଦେଲେ ।

ରଥଟଣା

ମୁଁ ପୁରୀରେ ଅଳ୍ପ କେଇଦିନ ରହିବା ପରେ ରଥଯାତ୍ରା ଆସିଗଲା । ଜଗନ୍ନାଥଙ୍କର ରଥକୁ ପରିଚାଳନା କରିବାର ସୁଯୋଗ ଓ ଦାୟିତ୍ୱ କଲେକ୍ଟରଙ୍କୁ ମିଳେ । ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚ୍ଚ ବାଡ଼ ପର୍ଯ୍ୟନ୍ତ ମୁଁ ରଥର ଆଗେ ଆଗେ ଚାଲୁଥିଲି । ଗୋଟିଏ ହାତରେ ହୁଇସିଲ୍ ଓ ଅନ୍ୟ ହାତରେ ପତାକା ଧରି ରଥର ଗତିକୁ ବନ୍ଦ କରିବା, ତାକୁ ଗତିଶୀଳ କରିବାରେ ମୋର କୌଣସି ଅସୁବିଧା ହେଉ ନ ଥାଏ । ମୋ ପକ୍ଷରେ ଏକମାତ୍ର ସମସ୍ୟା ହୋଇଥାଏ ଡାହୁକ ବା ଯେଉଁ ସେବକ ରଥ ଉପରେ ବସି ଅନର୍ଗଳ ତା' ର ସାହିତ୍ୟରେ ବୋଲି ଚାଲିଥାଏ ଓ ତଦ୍ୱାରା ଲୋକଙ୍କୁ ଟାଣିବାପାଇଁ ପ୍ରେରଣା ଦେଉଥାଏ ଏହା ଏପରି ଅଶ୍ଳୀଳ ଯେ ତାହା ବର୍ଣ୍ଣନା କରି ହେବ ନାହିଁ । ମୁଁ ଏ ଶୋଭା-ଯାତ୍ରାର ଦାୟିତ୍ୱରେ ଥିବାଯୋଗୁ ଏହା ପଛରେ ମୋର ଅନୁମୋଦନ ଥିବା ସ୍ୱାଭାବିକ ବୋଲି ମନେ ହେଉଥିବ । ଏହାର ଅଶ୍ଳୀଳତା ସମ୍ପର୍କରେ ମୋର ପୂର୍ବରୁ କିଛି କିଛି ଧାରଣା ଥିଲା । କିନ୍ତୁ ଏପରି ପୂର୍ଣ୍ଣମାତ୍ରାରେ ଓ ଏତେ ସମୟ ଧରି ଏହା ଶୁଣିବା କେବେ ମୋର ଘଟି ନ ଥିଲା । ରଥକୁ ବନ୍ଦ କରିବାର ବ୍ୟବସ୍ଥା ବଡ଼ କୌଶଳପୂର୍ଣ୍ଣ ଢଙ୍ଗରେ କରାଯାଇଥାଏ । ଦଉଡ଼ିମାନଙ୍କ ସାହାଯ୍ୟରେ ଖୁବ ଏକ ମୋଟା କାଠ ଗଣ୍ଡିଟା ଚକ ଆଗରେ ପଡ଼ିଯାଏ । ସଙ୍ଗେ ସଙ୍ଗେ ରଥର ଗତି ବନ୍ଦ ହୋଇଯାଏ । ରଥର ଚାଳନା ବ୍ୟବସ୍ଥା ମଧ୍ୟ ଆହୁରି ଚମତ୍କାର ୫ଟି ଦଉଡ଼ି ମଧ୍ୟରୁ ଗୋଟିଏ ଦଉଡ଼ିକୁ କାଢ଼ି ନେଲେ ରଥ ସେହି ଦିଗରେ ଚାଲେ । ସନ୍ଧ୍ୟା ପୂର୍ବରୁ ମୋର କାମ ସରିଗଲା, କିନ୍ତୁ ଅନ୍ୟ ଦୁଇଟି ରଥ ରାସ୍ତା ଉପରେ ପଡ଼ିରହିଲା ଓ ପରଦିନ ଟଣାଗଲା । ରଥଯାତ୍ରା ସମ୍ପର୍କରେ ବହୁ ଶତାବ୍ଦୀ ଧରି ବହୁ ବର୍ଣ୍ଣନା କରାଯାଇଛି । ଏହି ଲେଖାରେ ସେ ସମ୍ପର୍କୀୟ ବର୍ଣ୍ଣନା ବୁଝିବାକୁ ହେଲେ ଜଗନ୍ନାଥ ଏବଂ ତାଙ୍କର ରଥଯାତ୍ରା ସମ୍ପର୍କରେ କିଛି ଉଲ୍ଲେଖ କରିବା ଆବଶ୍ୟକ ହେବ । ତିନୋଟି ଅସମ୍ପୂର୍ଣ୍ଣ ଦାରୁମୂର୍ତ୍ତିଙ୍କୁ ଜଗନ୍ନାଥ (ଯେ କି କୃଷ୍ଣ) ତାଙ୍କ ବଡ଼ଭାଇ ବଳଭଦ୍ର ବା ବଳରାମ ଏବଂ ତାଙ୍କର ଭଗିନୀ ସୁଭଦ୍ରାରୂପେ ପୂଜା କରାଯାଏ । ତିନିଜଣ ଯାକ ଏକାଠି ବସନ୍ତି କରନ୍ତି ।

Digitized by PPRACHIN, SOA

ରଥଯାତ୍ରାର ଆରମ୍ଭ

ରଥଯାତ୍ରାର ଆରମ୍ଭ ରହସ୍ୟମୟ । ହୁଏତ ବୌଦ୍ଧଯୁଗ କିମ୍ବା ତା ଆଗରୁ ରଥଯାତ୍ରା ଥିଲା । ବର୍ତ୍ତମାନ ଯେଉଁ ରଥଯାତ୍ରା ହେଉଛି ତାହାର ଆରମ୍ଭ ବୋଧହୁଏ ଦ୍ୱାଦଶ ଶତାବ୍ଦୀ ବେଳୁ । କାରଣ ସେହି ସମୟରେ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା । ତିନି ଦେବତା ତିନି ରଥରେ ବସନ୍ତି ଏବଂ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ମାଇଲ୍‌ଏପାଏ ରାସ୍ତା ଯାତ୍ରୀମାନେ ତାଙ୍କୁ ଟାଣି ଟାଣି ନିଅନ୍ତି । ସେଠାରେ ସପ୍ତାହେ ରହି ସେମାନେ ପୁଣି ଜଗନ୍ନାଥ ମନ୍ଦିରକୁ ଫେରିଆସନ୍ତି । ପ୍ରତ୍ୟେକ ରଥରେ ଦିଆହୋଇଥିବା ୧୬ଟି ଚକ ଥାଏ । ସମସ୍ତ ରଥ ଓ ଚକ କାଠରେ ତିଆରି । ବଢ଼େଇମାନେ ଲୁହାକଣ୍ଟା ବ୍ୟବହାର କରନ୍ତି ନାହିଁ । ଏବେ ମୁଁ ଦେଖୁଛି ଅଧିକରୁ ଅଧିକ ଲୁହାକଣ୍ଟା ବ୍ୟବହାର କରାଗଲାଣି । ଏହିସବୁ ରଥ ତିଆରି ହେବାପାଇଁ ଦୁଇମାସ ଲାଗେ । ତାପରେ ହଳଦିଆ, ସବୁଜ ଓ କଳା ରେଶମ କନାରେ ଏହି ରଥକୁ ମଣ୍ଡନ କରାଯାଏ । ଜଗନ୍ନାଥଙ୍କ ରଥର ଉଚ୍ଚତା ୪୫ ଫୁଟ । ଚକର ଗୋଲେଇ ୭ଫୁଟ । ରଥ ଗର୍ଭର ଦୈର୍ଘ୍ୟ ଓ ପ୍ରସ୍ଥ ହେଉଛି ୩୫ ଫୁଟରେ ୩୫ଫୁଟ । ବଳଭଦ୍ରଙ୍କ ରଥ ଏହାଠାରୁ ଗ୍ରେଟ, ସୁଭଦ୍ରାଙ୍କ ରଥ ସବୁଠାରୁ ଗ୍ରେଟ ।

୫୦୦ ଯାତ୍ରୀ ନ ଟାଣିଲେ ରଥ ଗଲେ ନାହିଁ । ଜଗନ୍ନାଥଙ୍କ ରଥ ପର ଏକ ବିରାଟ ରଥ ଯାହା ଉପରେ ମାଡ଼ିଯିବ ତାଙ୍କୁ ଚୂନା କରିଦେବ । ଚେଣ୍ଡୁ ରଥ ଆଗରେ ଯେତେ ଜାଗାରେ କେହି ରହିବା ନିରାପଦବୋଲି ମନେ ହୁଏ ନାହିଁ, ସେଠାରେ ଯାତ୍ରୀମାନଙ୍କୁ ରହିବାକୁ ଦିଆଯାଏ ନାହିଁ । ପୋଲିସ ଘେର ଭିତରେ ଏତିକ ଜାଗା ଖୋଲା ରଖାଯାଇଥାଏ ।

ଆତ୍ମହତ୍ୟା ବର୍ଣ୍ଣନା ମିଥ୍ୟା

ଅଷ୍ଟାଦଶ ଶତାବ୍ଦୀର ଭ୍ରମଣକାରୀମାନେ ରଥ ଚକତଳେ ପଡ଼ି ଲୋକେ ଆତ୍ମହତ୍ୟା କରିବାର ଯେଉଁ ବର୍ଣ୍ଣନା କରିଛନ୍ତି, ଅନୁସନ୍ଧାନରୁ ତାହା ମିଥ୍ୟାବୋଲି ପ୍ରମାଣିତ ହୋଇଛି । ହୁଏତ ବେଳେ ବେଳେ ଦୁର୍ଘଟଣା ଘଟୁଥିବ । ୧୯୪୭ ମସିହାରେ ମୋ ପୁଅ ଓଡ଼ିଶା ରାଜ୍ୟପାଳଙ୍କ ଏ. ଡି. ସି. ଥିବାବେଳେ ଦ୍ରୁତ ଗତିଶୀଳ ରଥର ଆଗରୁ ରାଜ୍ୟପାଳଙ୍କ ସ୍ତ୍ରୀଙ୍କୁ ଟାଣି ଆଣିଥିଲା । ଏହା ନ ହୋଇଥିଲେ ହୁଏତ ଦୁର୍ଘଟଣା ଘଟିଯାଇଥାଆନ୍ତା ।

ସବୁ ଅଞ୍ଚଳରୁ ପୋଲିସ

ରଥଯାତ୍ରା ଦାୟିତ୍ୱ ତୁଲାଇବାପାଇଁ ଏତେ ପୋଲିସ ଦରକାର ହୁଅନ୍ତି ଯେ ଯେତେବେଳେ ବିହାର ଓଡ଼ିଶା ପ୍ରଦେଶ ଥିଲା ଗ୍ରେଟ ନାଗପୁରକୁ ଗୁଡ଼ିଦେଲେ ଏହି

Digitized by PPRACHIN, SOA

ହଉଥିବା ପ୍ରଦେଶର ସବୁ ଜିଲାରୁ ପୋଲିସଙ୍କୁ ଅଣା ଯାଉଥିଲା । ଶ୍ରେଷ୍ଠନାଗପୁରରୁ ଅଣା ନ ଯିବାର କାରଣ ହେଉଛି ପୁରୀ ରଥଯାତ୍ରା ସମୟରେ ରାଞ୍ଚିରେ ମଧ୍ୟ ଏକ ରଥଯାତ୍ରା ହୁଏ । ବର୍ତ୍ତମାନ ପୁରୀ ରଥଯାତ୍ରାପାଇଁ ଓଡ଼ିଶାର ସବୁ ଅଞ୍ଚଳରୁ ପୋଲିସ ଆସୁଛନ୍ତି, ଯଦି ଓ ଓଡ଼ିଶାର ସବୁ ଅଞ୍ଚଳରେ ଶ୍ରେଷ୍ଠ ବଡ଼ ରଥଯାତ୍ରା ହେଉଛି । ତିନ ଦେବତା ଯେଉଁ ଗୁଣ୍ଡିଚା ମନ୍ଦିରରେ ଏକ ସପ୍ତାହ ରହନ୍ତି ତାହା କିମ୍ବଦନ୍ତୀ ଅନୁସାରେ ରାଣୀ ଗୁଣ୍ଡିଚା ଦେବୀଙ୍କ ନାମ ସହିତ ସମ୍ପୃକ୍ତ । କିମ୍ବଦନ୍ତୀ ଅନୁସାରେ ଗୁଣ୍ଡିଚାଙ୍କ ଅଧୈର୍ଯ୍ୟ ଯୋଗୁଁ ଜଗନ୍ନାଥଙ୍କ ମୂର୍ତ୍ତି ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ।

ସରଳ ଓ ସତ୍ୟପ୍ରିୟ

ଜଗନ୍ନାଥଙ୍କର ଭକ୍ତ ଏବଂ ସେବକମାନେ ତାଙ୍କୁ ଯେପରିଭାବରେ ବର୍ଣ୍ଣନା କରନ୍ତୁ ନା କାହିଁକି ମୁଁ ତାଙ୍କୁ ଏଇଥିପାଇଁ ଶ୍ରଦ୍ଧାକରେ ଯେ ସେ ସରଳ ଓ ସତ୍ୟପ୍ରିୟ । ସେ ଖଣ୍ଡେ କାଠଗଡ଼ । ତାହାଛଡ଼ା ଅଧିକ କିଛି ବୋଲି ସେ ଛଳନା କରନ୍ତି ନାହିଁ । ଯେତେବେଳେ ଏହି କାଠ ଖରାପ ହୋଇଯାଏ, ସେତେବେଳେ ତାକୁ ପୋଡ଼ି-ଦିଆଯାଏ ଏବଂ ପୁଣି ଏକ ନୂଆହୋଇ କଟା ହୋଇଥିବା କାଠ ବ୍ୟବହୃତ ହୁଏ । ପ୍ରଥମ ଜଗନ୍ନାଥଙ୍କୁ ଯେପରି ଅତି ଗୋପନୀୟଭାବେ କାଠରେ ଗଢ଼ାଯାଇଥିଲା, ନୂଆ ମୂର୍ତ୍ତିଙ୍କୁ ମଧ୍ୟ ସେହିପରି ଗଢ଼ାଯାଏ । କିନ୍ତୁ କିଏ ହେଉଛି ସମସ୍ତେ ତାହା ଜାଣନ୍ତି । ବାସ୍ତବିକ ଖଣ୍ଡେ କାଠକୁ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାରେ ବିଶେଷ କାରିଗରୀ ବୁଦ୍ଧି ଦରକାର ପଡ଼େ ନାହିଁ । ଯେଉଁ ରଙ୍ଗ ବୋଲାଯାଏ ତାହା ଗୁଡ଼ିଯାଉଥିବା ଯୋଗୁଁ ବର୍ଷକୁ ଥରେ ସ୍ନାନ ଯାତ୍ରା ହୁଏ ଏବଂ ସାଧାରଣରେ ତାହା ଧୋଇ ଦିଆଯାଏ । ଚିତ୍ରକାରମାନେ ୧୫ ଦିନ ରଙ୍ଗ କରିବାପାଇଁ ସମସ୍ତଙ୍କ ଆଖିଆଗରୁ ତାହାଙ୍କୁ ଦୂରରେ ରଖନ୍ତି । କଥାଟା ମଧ୍ୟ ଅଜଣା ନୁହେଁ । ଜଗନ୍ନାଥଙ୍କସହିତ ସଂପୃକ୍ତ ସମସ୍ତ ଉତ୍ସବ ମାନବିକତାରେ ପରିପୂର୍ଣ୍ଣ । ନିଦରୁ ଉଠିବା, ମୁହଁ ଧୋଇବା, ଖାଇବା, ବିଶ୍ରାମନେବା ଓ ଶୋଇବା ପୂର୍ବରୁ ପିଲମାନେ ଗୀତ ଶୁଣି ଶୋଇବା ପରି ସଙ୍ଗୀତ ଶୁଣିବା, ଏଥି-ସହିତ ଟିକିର ମାନବିକତାବୋଧ ରହିଛି । କିଏ ଜାଣେ ନାହିଁ ଏ ସବୁ ମନୁଷ୍ୟର କାର୍ଯ୍ୟ ? ଜଗନ୍ନାଥଙ୍କ ନାମରେ କଥିତ କାଠ ଖଣ୍ଡିଏ କିଣ ଏହାସବୁ କରିପାରେ ? ଜଣାଯାଉଛି ଯେପରି ଜଗନ୍ନାଥ ପୃଥିବୀବାସୀଙ୍କୁ ଡାକି କହୁଛନ୍ତି—"ମୋ ନାମରେ ଯାହା କରାଯାଉଛି ତୁମେ ସବୁ ତାହା କର । ମୁଁ କେବଳ କାଠଖଣ୍ଡ ହୋଇପଡ଼ିଛି । ତଥାପି ତୁମେ ଯଦି ମୋତେ ଈଶ୍ୱର ବୋଲି ଗ୍ରହଣ କର ମୁଁ ମଧ୍ୟ ତୁମକୁ ଗ୍ରହଣ କରିବି ।" ଏହି ସରଳ ସତ୍ୟ ହିଁ ମୋତେ ଅଭିଭୂତ କରେ । ଜଗନ୍ନାଥ ତାଙ୍କ ଲୋକଙ୍କଠାରୁ କିଛି ଲୁଚାଇ ରଖିବାକୁ ଚାହାନ୍ତି ନାହିଁ ।

Digitized by PPRACHIN, SOA

ସବୁ ଦେଖା ଆଖି

ଚକାକାରର କାରଗରୀ ଚମତ୍କାର । ଆଖି ଦୁଇଟି କରୁଣାରେ ପୂର୍ଣ୍ଣ ଓ ସେ ଦୁଇଟି ସବୁ ଖିନ୍‌ଭିନ୍‌ କରି ଦେଖିବାକୁ ଚାହେଁ । ରଥଯାତ୍ରାର ଜନତାକୁ ସେ ଆଖି ଦୁଇଟି ଯେପରି କହୁଛି-"ତୁମ୍ଭେମାନେ କଣ ମୁଁ ତାହା ଜାଣେ । ମୁଁ ସବୁ ଦେଖିପାରୁଛି । ତୁମେ ଏ ଯାହା ଉତ୍ସବ କର କିନ୍ତୁ ମନେରଖ ତୁମେ ଯାହା କରିବ ମୁଁ ସବୁ ଦେଖି-ପାରିବ ।" ତାଙ୍କର ସମସ୍ତ ଉତ୍ସବ ଓ ମିଛ ଭିତରେ ସେ ଯେପରି କହିବାକୁ ଚାହାନ୍ତି, "ମୋ ପକ୍ଷରେ ସବୁ ବିଶ୍ୱବାସୀ ସମାନ, କେହି ବଡ଼ ନୁହେଁ, କେହି ଶ୍ରେଷ୍ଠ ନୁହେଁ, ମୋ ପାଖକୁ ଆସ । ମୁଁ ତୁମକୁ ଭଲ କରିନପାରିଲେ, ତୁମର ଯନ୍ତ୍ରଣାକୁ ଉପଶମ କରିଦେବି । ତୁମେ ଜଣେ କୁଷ୍ଠ ରୋଗୀ ? ମୁଁ ତୁମକୁ ଘୃଣା କରେ ନାହିଁ । ମୋ ପାଖକୁ ଆସ । ତୁମେ କଣ ଦୁଃଖରେ ଅଛ ? ମୋ ପାଖକୁ ଆସ । ମୁଁ ତୁମ ମନରେ ଶାନ୍ତି ଦେଇପାରିବ ।"

ଜଗନ୍ନାଥଙ୍କର ଗୋଟିଏ ଅସୁବିଧା ଯେ ସେ ସାଧୁ ସନ୍ନ୍ୟାସୀ ଓ ପାପୀ ତାପୀଙ୍କୁ ସମାନ ବ୍ୟବହାର କରନ୍ତି । କାରଣ ସେ ହେଉଛନ୍ତି ଖଣ୍ଡିଏ କାଠ ।

ଋଗ୍‌ ବେଦରେ କୁହାଯାଇଛି (ଖ୍ରୀଷ୍ଟପୂର୍ବ ୩୦୦୦ ବର୍ଷ) "ସମୁଦ୍ର ଉପକୂଳରେ ସେଉଁ ଦାରୁ ବିଧୌତ ହେଉଛି ।" ପୁଣି କୁହାଯାଇଛି "ତଦାରଭସ୍ୱ ।" ଏହାର ଅର୍ଥ କଣ ? କେତେକ କହନ୍ତି 'ପୂଜା କର' । କେତେକ କହନ୍ତି "ପରିତ୍ୟାଗ କର ।" ଜଗନ୍ନାଥ ପ୍ରକୃତରେ ହେଉଛନ୍ତି ସେଇୟା । ତାଙ୍କୁ ଗ୍ରହଣ କର ବା ତ୍ୟାଗ କର, ସେ ସେହିପରି ଅଛନ୍ତି ।

ସୁନା ଝାଡ଼ୁ

ରଥଯାତ୍ରା ସମ୍ପର୍କୀୟ ଦୁଇଟି ଉତ୍ସବ ବିଶେଷ ଉଲ୍ଲେଖଯୋଗ୍ୟ । ମନ୍ଦିରରୁ ଦେବତାଙ୍କୁ ଆଣିବା, ଯାହାର ନାମ ହେଉଛି ପହଣ୍ଡି । ପ୍ରବଳ ଘଣ୍ଟା ଧ୍ୱନି ମଧ୍ୟରେ ଆବୃତ୍ତ ନୟନ, ସୁନ୍ଦର ଶିରସ୍ତ୍ରାଣଯୁକ୍ତ ଜଗନ୍ନାଥଙ୍କୁ ଯେତେବେଳେ ଦୋହଲାଇ ଦୋହଲାଇ ଅଣାଯାଏ ଓ ଶହ ଶହ ଯାତ୍ରୀଙ୍କ କଣ୍ଠରୁ ଜୟଧ୍ୱନି ଓ ଆନନ୍ଦର କୋଳାହଳ ଶୁଣାଯାଏ ସେତେବେଳେ ମୋ'ପରି ଜଣେ ସଚ୍ଚା ଈଶ୍ୱର ବିଶ୍ୱାସୀ ନ ହୋଇଥିବା ବ୍ୟକ୍ତିର ହୃଦୟରେ ମଧ୍ୟ ଆନନ୍ଦ ଭରି ଉଠେ । ଛେରାପହଁରା ବା ରଥର ଆବର୍ଜନାକୁ ଓଲାଇବାର ଦାୟିତ୍ୱ ଏବଂ ସୁଯୋଗ ହେଉଛି ପୁରୀ ରାଜାଙ୍କର । ପ୍ରାୟ ଆଠଶହ ବର୍ଷ ଧରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏକ ବିସ୍ତୃତ ରାଜ୍ୟର ସମ୍ରାଟଗଣ ଓ ରାଜ୍ୟ ଥାଉ ବା ନ ଥାଉ ସେମାନଙ୍କ ଉତ୍ତରାଧିକାରୀଗଣ ରଥଯାତ୍ରା ବେଳେ ଜଗନ୍ନାଥ, ବଳଭଦ୍ର ସୁଭଦ୍ରାଙ୍କର ରଥରେ ଝାଡ଼ୁଦାର କାମ କରି ଆସୁଛନ୍ତି । ରାଜାର ପୋଷାକ ପିନ୍ଧି ଓ

Digitized by PPRACHIN, SOA

ହାତରେ ସୁନାର ଖଡ଼କାଧର ରଥଝଣା ହେବା ପୂର୍ବରୁ ସେ ଛନୋଟିଯୋକ ରଥ ଓଲାଇ ଦଅନ୍ତ । ସମସ୍ତ ବିଶ୍ୱ ଜଗତକୁ ଏହା ଜଣାଇଦଏ ଯେ ଈଶ୍ୱରଙ୍କ ସେବାର କ୍ଷେତ୍ରରେ ସବୁଠାରୁ ଶକ୍ତିଶାଳୀ ପୁରୁଷ ମଧ୍ୟ ସବୁଠାରୁ ହୀନ ସ୍ଥାନ ବ୍ୟକ୍ତିଭାବରେ କାର୍ଯ୍ୟକରେ । ଅସ୍ପୃଶ୍ୟତା ଯେ ମହାପାପ ହିନ୍ଦୁମାନଙ୍କପାଇଁ ଏହା ହେଉଛି ଏକ ସତର୍କ ବାଣୀ

ରୁପାମ୍ବିକା

ବର୍ତ୍ତମାନ କାଞ୍ଚି ବିଜୟର କାହାଣୀ ଶୁଣାଯାଉ । ୧୪୭୦ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମ ଦେବ ଓଡ଼ିଶାର ରାଜା ଥିଲେ । ସେବର୍ଷ ରଥଯାତ୍ରାପାଇଁ ଯେଉଁ ଯାତ୍ରୀମାନେ ଆସିଥିଲେ, ସେମାନଙ୍କ ମଧ୍ୟରେ ଥିଲେ କାଞ୍ଚି ରାଜା ଓ ତାଙ୍କର କନ୍ୟା ରୁପାମ୍ବିକା । ସେ ପୁରୁଷୋତ୍ତମ ଦେବଙ୍କୁ ଭେଟିଥିଲେ । ରଥଯାତ୍ରା ଶେଷହେବା ପରେ କାଞ୍ଚିଯାତ୍ରୀ ଦଳ ସେମାନଙ୍କ ରାଜ୍ୟକୁ ଫେରଗଲେ । ପୁରୁଷୋତ୍ତମ ଦେବ ରୁପାମ୍ବିକାଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇ କାଞ୍ଚି ରାଜାଙ୍କ ପାଖକୁ ଦୂତ ପଠାଇଲେ । କାଞ୍ଚିରାଜା ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ । ସେ କାରଣ ଦର୍ଶାଇଲେ ଯେ ଓଡ଼ିଶାର ରାଜା ଜଣେ ଝାଡ଼ୁଦାରର କାମ କରୁଥିବାର ସେ ନିଜ ଆଖି ଆଗରେ ଦେଖିଛନ୍ତି । ପୁରୁଷୋତ୍ତମ ଦେବ ତାଙ୍କର ଯେଉଁ ଦେବତାଙ୍କପାଇଁ ଝାଡ଼ୁଦାର କାମ କରୁଥିଲେ, ସେହି ଦେବତାଙ୍କ ପ୍ରତି ଏହା ଏକ ଅପମାନ ବୋଲି ମନେ କଲେ ସେ କାଞ୍ଚି ଜୟ କରିବାପାଇଁ ଏକ ସୈନ୍ୟବାହିନୀ ପଠାଇଲେ । ମାତ୍ର ତାଙ୍କର ସୈନ୍ୟମାନେ ପରାସ୍ତ ହୋଇଗଲେ । ଯେତେବେଳେ ପୁରୀ ରାଜା ଏହି ପରାଜୟର ଗ୍ଲାନିରେ ଅତି ମ୍ରିୟମାଣ ଅବସ୍ଥାରେ ଥାଆନ୍ତି ସେତେବେଳେ ପ୍ରଭୁ ତାଙ୍କୁ ସ୍ୱପ୍ନରେ ଦେଖାଦେଇ ଆଦେଶ ଦେଲେ ଯେ ସେ ପୁଣି ଥରେ କାଞ୍ଚି ଅଭିଯାନ କରନ୍ତୁ । ନିଜେ ପ୍ରଭୁ ତାଙ୍କୁ ବିଜୟୀ ହେବାରେ ସାହାଯ୍ୟ କରିବେ । ପୁଣି ଥରେ ରାଜା ଅଭିଯାନ କଲେ । ଚିଲିକା ଉପକୂଳରେ ମାଣିକ ଗଉଡ଼ୁଣୀ ରାଜାଙ୍କୁ ଅଟକାଇ ଗୋଟିଏ ମୁଦ୍ରିକା ଦେଖାଇଲା । ଦୁଇଜଣ ଅଶ୍ୱାରୋହୀ ସେହି ବାଟେ ଯାଉଥିବାବେଳେ ତା'ଠାରୁ ଦହିଖାଇ ଏ ମୁଦିଟି ଦେଇଛନ୍ତି । ପୁରୁଷୋତ୍ତମ ଦେବ ମାଣିକଠାରୁ ବୁଝି ସେହି ବାଟରେ ଅଶ୍ୱାରୋହୀମାନେ ଯାଇଥିଲେ ତାଙ୍କର ଅନୁସରଣ କଲେ । ଏଥର ସେ କାଞ୍ଚି ଜୟକରି ରୁପାମ୍ବିକାଙ୍କୁ ଆଣିଲେ, କିନ୍ତୁ ତାଙ୍କ ମନ୍ତ୍ରୀଙ୍କୁ ଆଜ୍ଞା କଲେ ଯେ ଜଣେ ଝାଡ଼ୁଦାରସହିତ ରାଜକନ୍ୟାଙ୍କୁ ବିବାହ ଦେବାକୁ ହେବ । ଚତୁର ମନ୍ତ୍ରୀ ରଥଯାତ୍ରା ପର୍ଯ୍ୟନ୍ତ ଅପେକ୍ଷାକଲେ ଯେତେବେଳେ ପୁରୁଷୋତ୍ତମ ଦେବ ରଥ ଓଲାନ୍ତି ସେତେବେଳେ ରୁପାମ୍ବିକାଙ୍କୁ ତାଙ୍କ ଆଗରେ ପହଞ୍ଚାଇ ଦେଇ ତାଙ୍କୁ ବିବାହ କରିବାପାଇଁ କହିଲେ । ଏହିପରି ରାଜାଙ୍କର ଆଜ୍ଞା ପାଳିତ ହେଲା । ରୁପାମ୍ବିକାଙ୍କର ନାମ ହେଲା ପଦ୍ମାବତୀ । ଯେଉଁ ସ୍ଥାନରେ ମାଣିକ

Digitized by PPRACHIN, SOA

ଗଉଡ଼ୁଣୀ ରାଜାଙ୍କୁ ଅଟକାଇ ଥିଲା । ସେ ସ୍ଥାନର ନାମ ହୋଇଛି ମାଣିକପାଟଣା । ଓଡ଼ିଶାର ସର୍ବୋତ୍କୃଷ୍ଟ ଦହି ଏହିଠାରେ ମିଳେ ।

ରଥଯାତ୍ରା ବୌଦ୍ଧଯୁଗର କମ୍ବା ବୌଦ୍ଧଯୁଗ ପୂର୍ବର ଉତ୍ସବ । ସିଂହଳ ଓ ଜାପାନରେ ଏହିପରି ଏକ ଉତ୍ସବ ହୁଏ । ଭାରତରେ ଯେଉଁଠାରେ ଜଗନ୍ନାଥ ମନ୍ଦିର ଅଛି ସେଠାରେ ରଥଯାତ୍ରା ହୁଏ ଏବଂ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଏହା ସର୍ବତ୍ର ଅନୁଷ୍ଠିତ ହୁଏ ।

ଭୁବନେଶ୍ୱରରେ ମଧ୍ୟ ଅନ୍ୟ ଏକ ସମୟରେ ରଥଯାତ୍ରା ହୁଏ । ତାହା ହେଉଛି ଅଶୋକାଷ୍ଟମୀ ବା ଚୈତ୍ର ଶୁକ୍ଳଅଷ୍ଟମୀ ଦିନ । ଏହା ହେଉଛି ଶିବଙ୍କର ରଥଯାତ୍ରା । ଶିବ ନିଜେ ଆସନ୍ତି ନାହିଁ, ତାଙ୍କର ବିଜେ ପ୍ରତିମା ଚନ୍ଦ୍ରଶେଖର ରଥରେ ବସନ୍ତି । ତାଙ୍କ ସହିତ ଗୋଟିଏ ରଥରେ ଦୁର୍ଗା ଓ ଗୋବିନ୍ଦ ମଧ୍ୟ ବିଜେ ହୁଅନ୍ତି । ଗୋବିନ୍ଦ ବିଷ୍ଣୁଙ୍କର ଅନ୍ୟ ନାମ ।

ବିକୁଳି ଆଲୁଅ ବ୍ୟବସ୍ଥା

ଜଗନ୍ନାଥ ମନ୍ଦିରକୁ ବିଜୁଳି ଆଲୁଅ ଆସିବା ସେବକମାନେ ଚାହୁଁ ନ ଥିଲେ । ସେମାନେ ତାହାର ଘୋର ବିରୋଧ କରୁଥିଲେ । କିନ୍ତୁ ମୁଁ ଯେତେବେଳେ ପୋଲିସ ଜଗାଇ ରାଜାଙ୍କୁ ଆଗେଇସିବାପାଇଁ ଆଦେଶ ଦେଲି, ଜଣେ ମଧ୍ୟ କେହି ପ୍ରତିବାଦ କଲେନାହିଁ ।

□ □

ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍

(କୃପାସିନ୍ଧୁ, କୋଣାର୍କ, ଦୁର୍ନୀତି, ବନ ବିଦ୍ୟାଳୟ)

୧୯୨୯ ମସିହାରେ ସେପରି ପ୍ରବଳ ବନ୍ୟା ହୋଇ ନ ଥିଲା । କିନ୍ତୁ ଗୋଟିଏ ଷ୍ଟେଟ ନଈର ଉଭୟ ପାଖରେ ଥିବା ଦୁଇ ବିଭିନ୍ନ ସ୍ୱାର୍ଥର ସଂଘର୍ଷ । ସଂଘର୍ଷ ଯୋଗୁ ଏକ ଉଦ୍‌ବେଗଜନକ ପରିସ୍ଥିତି ଦେଖାଦେଲା । ଗୋଟିଏ ପାଖରେ ଲୋକମାନଙ୍କର ଘର ଓ ଅନ୍ୟ ପାଖରେ ଧାନ ଜମି । ଲୋକଙ୍କ ଉପରକୁ ଛାଡ଼ି ଦେଇଥିଲେ ସେମାନେ ଲଢ଼ ମୁଣ୍ଡ ଫଟାଫଟି ହୋଇଥାନ୍ତେ । ମୁଁ ଗୋଟିଏ ପୋଲିସ୍ ଦଳ ଓ ସହକାରୀ ଇଞ୍ଜିନିୟରଙ୍କୁ ସଙ୍ଗରେ ଧରି ସେଠିକି ଗଲି । ସେ ଏବଂ ମୁଁ ସେଠାରେ ପହଞ୍ଚି ସ୍ଥିର କଲୁ ଯେ ଗ୍ରାମବାସୀମାନଙ୍କୁ ରକ୍ଷା କରିବାକୁ ହେଲେ ଫସଲକୁ ଛାଡ଼ିବାକୁ ପଡ଼ିବ । ମୁଁ ନଈର ଗୋଟିଏ ପାଖର ବନ୍ଧ କାଟି ଦେବାପାଇଁ ପୋଲିସ୍‌କୁ ଆଦେଶ ଦେଲି । ଦୁ’ ଗୁରି କୋଡ଼ି ମାଟି କଟାହେବା ଯଥେଷ୍ଟ ହେଲା । ବାକିତକ କାମ ନଈ କରିଦେଲା ।

କୃପାସିନ୍ଧୁଙ୍କ ସହାୟତା

ମୋର ଶିଶୁ ସମୟରେ ଗାରଡ଼ିପଞ୍ଚାଣରେ ଆମ ଗାଁ ଘରେ ମୁଁ ରହୁଥିଲି । ୧୯୨୨ ମସିହାରୁ ମୁଁ ସେଠ‌ିକୁ କେବେ ଯାଇ ନ ଥିଲି । ମୋର ଦାଦେଇ ମୋ ସମ୍ବର୍ଦ୍ଧନାପାଇଁ ଗ୍ରାମ ଆୟୋଜନ କଲେ । ମୋତେ ବଡ଼ ସଂକୋଚ ଲାଗିଲା, କାରଣ ଏଥର ତାଙ୍କୁ ସମ୍ବର୍ଦ୍ଧନା କରିବାଟା ମୋର ପାଳି । ପୁରୀରେ ଥିବାବେଳେ ଅନ୍ୟତମ ଓଡ଼ିଆ ଆଇ. ସି. ଏସ୍. ଅଫିସର ଶ୍ରୀ କୃପାସିନ୍ଧୁ ମିଶ୍ର ଆଇ. ସି. ଏସ୍. ପ୍ରତିଯୋଗିତା ନିମନ୍ତେ ବିଲାତକୁ ଯିବା ଉଦ୍ଦେଶ୍ୟରେ ପାସ୍‌ପୋର୍ଟପାଇଁ ଆବେଦନ କରିଥିଲେ । ପୋଲିସର ରିପୋର୍ଟ ତାଙ୍କର ପ୍ରତିକୂଳ ହେଲା । କାରଣ ତାଙ୍କର ଭାଇ ସହରର ଜଣେ ପ୍ରଧାନ ଅସହଯୋଗୀ (ସେତେବେଳେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଉଥିବା ଲୋକଙ୍କୁ ପୋଲିସ୍ ଠାରେ N. C. O (non co-operator) କହୁଥିଲେ । ସେ ଗରିବ ପରିବାରରୁ ଆସିଥିଲେ ମଧ୍ୟ ଅତ୍ୟନ୍ତ ମେଧାବୀ ଯୁବକ ଥିଲେ ଏବଂ ତାଙ୍କର ଏକମାତ୍ର ଭାଇଥିଲେ ତାଙ୍କର ଅଭିଭାବକ । ମୁଁ କମିଶନର୍‌ଙ୍କୁ ଲେଖିଲି, “ଅସହଯୋଗୀ ଭାଇଙ୍କର ମନରେ ରାଜ ଭକ୍ତି ପୁଣି ସୃଷ୍ଟି କରାଯାଇ ପାରିବ, ଯଦି କୃପାସିନ୍ଧୁଙ୍କୁ ବିଲାତ ଯିବାପାଇଁ ଅନୁମତି ଦିଆଯାଏ ।” କମିଶନର ମୋ ମତକୁ ସମର୍ଥନ କଲେ । କୃପାସିନ୍ଧୁ ବିଲାତ ଗଲେ ଓ ତାଙ୍କ ଭାଇଙ୍କର ଅସହଯୋଗ ସମ୍ପର୍କରେ ଆମେ ଆଉ କେବେ କିଛି

Digitized by PPRACHIN, SOA

ଶୁଣି ନାହିଁ । ତତ୍କାଳୀନ ଦଶପଲ୍ଲା ଗଡ଼ଜାତର ଦେଓ୍ୱାନ ଭାବଗ୍ରାହୀ ବିଶ୍ୱାଳ ନଜର ଏକ ଝିଅର ବିଷୟ ଆଗିରେ ରଖି ତାଙ୍କୁ ଆର୍ଥିକ ସାହାଯ୍ୟ କଲେ । କୃପାସିନ୍ଧୁ ଆଇ. ସି. ଏସ୍. ହୋଇ ଫେରି ଆସି ବିଶ୍ୱାଳଙ୍କ ଝିଅ ଇନ୍ଦୁଙ୍କୁ ବିବାହ କଲେ । ତାଙ୍କର ଆଇ. ସି. ଏସ୍. ଜୀବନ ଦୁଃଖମୟ ଥିଲା । କିନ୍ତୁ ସେ ସମ୍ପର୍କରେ ଏଠାରେ ମୁଁ କିଛି ଉଲ୍ଲେଖ କରିବାକୁ ଯାଉ ନାହିଁ । ଭାରତ ଭାଗ ଭାଗ ହେବା ପରେ ପରେ ଯେଉଁ ସାଂପ୍ରଦାୟିକ ହତ୍ୟା ଓ ଲୁଣ୍ଠତରାଜ ହେଲା, ସେହି ସମୟରେ ସେ ଦିଲ୍ଲୀ ରେଳ ଷ୍ଟେସନରେ ଶାନ୍ତିରକ୍ଷା ଦାୟିତ୍ୱରେ ଥିଲେ । ଜଣେ ହିନ୍ଦୁ କନ୍‌ଷ୍ଟେବଲ୍ ତାଙ୍କୁ ହତ୍ୟା କଲା ।

ଆଙ୍ଗ୍ଲୋଇଣ୍ଡିଆନ୍‌ର ଦୌରାତ୍ମ୍ୟ

ଥରେ ରେଳଗାଡ଼ିରେ ପୁରୀରୁ କଟକ ଯିବାବେଳେ ଖୋର୍ଦ୍ଧା ରୋଡ୍ ପ୍ଲାଟ-ଫର୍ମରେ ମୁଁ ପାଟି ତୁଣ୍ଡ ହେଉଥିବାର ଶୁଣିପାରିଲି । ମୁଁ ଯାଇ ଦେଖିଲି, ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ମଦ ପିଇଦେଇ ପ୍ରଥମ ଶ୍ରେଣୀ ଡବାରେ ବସି ଅନ୍ୟମାନଙ୍କୁ ଭିତରକୁ ଆସିବାକୁ ଦେଉନାହିଁ । ରେଳବାଇ ଅଫିସର୍ ଟିକେଟ ମାଗିଲେ ଟିକେଟ୍ ନ ଦେଇ ତାଙ୍କୁ ଅତି ଅପମାନଜନକ ଭାଷାରେ ଗାଳି ଗୁଲଜ କରୁଚି । ମୁଁ ତାକୁ ଗିରଫ କରିବାପାଇଁ ଆଦେଶ ଦେଲି । ଗାଡ଼ିରୁ ତାକୁ ବାହାର କରି ନିଆଗଲା ଓ ରାତିରେ ପୋଲିସ ହାଜତରେ ରଖାଗଲା । ସେ ଗୋଟିଏ ତୈଳ କମ୍ପାନୀରେ ଚାକିରି କରିଥିଲା । କଚେରିରେ ବିଚାର ତାରିଖ ଦିନ କମ୍ପାନୀର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଉପସ୍ଥିତ ହୋଇ ଅଭିଯୁକ୍ତ ପକ୍ଷରୁ ଆବେଦନ କଲେ ଯେ, ତା ପ୍ରତି ଦୟା ପ୍ରଦର୍ଶନ କରାଯାଉ । ହସ୍‌ପିଟାଲକୁ ଶହେ ଟଙ୍କା ଦେବାପରେ ମୁଁ ତା’ର ମକଦ୍ଦମା ଉଠାଇ ଆଣିବାପାଇଁ ଆଦେଶ ଦେଲି ।

ଖୋର୍ଦ୍ଧାଠାରେ ଜଣେ ବଙ୍ଗାଳି ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଥିବା କେତେକ ପଥର ମୂର୍ତ୍ତି ନେଇ ଯାଉଥିବାବେଳେ ଧରା ହେଲା । ଏହାକୁ ଚୋର ବୋଲି ପ୍ରମାଣ କରିବା ସହଜ ନ ଥିବା ଯୋଗୁ ମୁଁ ଏସ. ଡି. ଓ.ଙ୍କୁ ଆଦେଶ ଦେଲି ଯେ, ମୂର୍ତ୍ତିଗୁଡ଼ିକ ବାଜ୍ୟାପ୍ତକରି ବଙ୍ଗାଳି ଯୁବକକୁ ଛାଡ଼ି ଦିଆଯାଉ । ରାସ୍ତା ପାଖରେ ଯଦି ରୁପା ଖଣ୍ଡେ ପଡ଼ିଥିବ ଓ ସେଥିରେ କାହାର ଅଧିକାର ସାବ୍ୟସ୍ତ ହେଉ ନ ଥିବ ତା’ହେଲେ ତାକୁ ଏକ ନିଖାତନିଧି (Treasure Trove) ରୂପେ ଗ୍ରହଣ କରାଯାଉଛି । କିନ୍ତୁ ଭଙ୍ଗା ପଥର ମୂର୍ତ୍ତି ବା ପଥରରେ ଖୋଳାଯାଇଥିବା କୌଣସି ପ୍ରାଚୀନ କାରୁକାର୍ଯ୍ୟ ପଡ଼ି ରହିଛି ତ ତାକୁ କେହି ପଚାରୁ ନାହାନ୍ତି । ଅଥଚ ଏହାର ମୂଲ୍ୟ ବହୁ ଗୁଣରେ ବେଶି । ଅନେକ ସମୟରେ ମନ୍ଦିର ଦେହରୁ ବା ଅରକ୍ଷିତ ପ୍ରାଚୀନ କୀର୍ତ୍ତିମାନଙ୍କରୁ ଏ ସବୁ

Digitized by PPRACHIN, SOA

କାରୁକାର୍ଯ୍ୟକୁ ଉଠାଇ ନିଆଯାଉଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଇନ କରାଯିବା ଆବଶ୍ୟକ ।

ମୋ ଅଫିସରେ ଥିବା ଅଧେ କର୍ମଚାରୀଙ୍କ ଘରେ ରୋଷେଇବାସ କରିବା ଦରକାର ହେଉ ନ ଥିଲା । ଦିନକୁ ନିର୍ଦ୍ଦିଷ୍ଟ ଦୁଇବେଳା ଜଗନ୍ନାଥଙ୍କର ଭୋଗ ବା ମହାପ୍ରସାଦ କିଣି ଚଳି ଯାଉଥିଲେ । ଏହା ଖୁବ୍ ପରିଷ୍କାର, ସ୍ୱାଦୁ, ସାରଯୁକ୍ତ ଓ ଶସ୍ତା ଥିଲା । ବିଲାତି ଆଳୁ, ବିଲାତି ବାଇଗଣ ଓ କେତେକ ଶୀତଦିନିଆ ପରିବା ମନ୍ଦିର ଭିତରେ ପଶୁ ନ ଥିଲା । ବୋଧହୁଏ ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ଯେତେବେଳେ ଏହି ମନ୍ଦିର ନିର୍ମିତ ହେଲା, ଏ ସବୁ ପରିବା ପୁରୀରେ ହେଉ ନ ଥିଲା ।

ମଣିଷଖିଆ ବାଘ

୧୯୨୯ ମସିହା ଡିସେମ୍ବର ମାସରେ ଦିନେ ଉପରବେଳା ପ୍ରାୟ ୪ଟା ସମୟ ହେବ, ମୁଁ ମୋର ଟି ମଡେଲ୍ ଫୋର୍ଡ ଗାଡ଼ିରେ ସପରିବାର ଭୁବନେଶ୍ୱରରୁ ଚନ୍ଦକା ଯାଉଥିଲି । ଖଣ୍ଡଗିରି-ଉଦୟଗିରି ଉଠାଣି ଉଠିଛି କି ନାହିଁ, ଦେଖିଲି, ଗୋଟାଏ ବଡ଼ ବାଘ ରାସ୍ତା ଉପରେ ଶୋଇ ରହି ଅନ୍ୟ ଦିଗରୁ ଆସୁଥିବା ଗୋଟିଏ ବଳଦ ଗାଡ଼ିକୁ ଚାହିଁ ରହିଛି । ଇଞ୍ଜିନ୍‌କୁ ଛୁଟାଇ ଦେଇ ମୋ ଗାଡ଼ିରୁ ଓହ୍ଲାଇ ପଡ଼ିଲି । ଟି-ମଡେଲ ଗାଡ଼ିରେ ସେଲ୍‌ଫ-ଷ୍ଟାର୍ଟର ନ ଥିଲା । ମୋ ସ୍ତ୍ରୀ ମୋ ହାତକୁ ବନ୍ଧୁକ ବଢ଼ାଇ ଦେଲେ । ମୁଁ ବନ୍ଧୁକ ଫୁଟାଇଲି । ରାସ୍ତାରେ ପରସ୍ତେ ଧୂଳି ଉଡ଼ିଗଲା । କାଳେ ଶଗଡ଼ି ଦେହରେ ବାଜିବ, ସେଥିପାଇଁ ମୁଁ ତଳେଇ କରି ବନ୍ଧୁକ ଚଳାଇଲି । ବାଘ ଗର୍ଜନ କରି ରାସ୍ତା ଉପରୁ ଡେଇଁପଡ଼ି ବଣବୁଦା ଭିତରେ ଲୁଚି ଗଲା । ବାଘ ମଲା ନାହିଁ । କିନ୍ତୁ ଯେଉଁ ଶଗଡ଼ିଆପାଇଁ ବାଘ ଅପେକ୍ଷା କରି ରହିଥିଲା, ସେ ବଞ୍ଚିଗଲା । ସେ ଦିନ ସନ୍ଧ୍ୟାରେ ସବ୍‌ଡିଭିଜନାଲ୍ ଅଫିସର ରାଧାଚରଣ ଦାସ, ଜଣେ ସ୍ଥାନୀୟ ଶିକାରୀ ଓ ମୁଁ ଗୋଟାଏ ମଇଁଷି ବାନ୍ଧି ଗଛ ଉପରେ ଅପେକ୍ଷା କରି ରହିଲୁ । ବାଘ ଡାହାଣ ପାଖରୁ ଆସିଲା । ମୁଁ ଡାହାଣକୁ ମୁହଁ ବୁଲାଇବା ବେଳକୁ ବାଘ ଖସିଗଲା । ଶିକାର ସମ୍ପର୍କରେ ଆଉ ଟିକିଏ ଅଭିଜ୍ଞତା ଥିଲେ ମୁଁ ଏକୁଟିଆ ବସି ରହିଥାନ୍ତି । ଏହି ବାଘ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସେ ଜଙ୍ଗଲରେ ରହି ପ୍ରାୟ ପାଞ୍ଚ ଶହ ଲୋକଙ୍କୁ ଖାଇଥିଲା । ଗଛ ଉପରେ ବସି ରହି ବା ଗାଡ଼ିରେ ଚଢ଼ି କୌଣସି ଶିକାରୀ ତାକୁ ମାରି ପାରୁ ନ ଥିଲେ । ଶେଷରେ ଏକ ପାଣିନାଳ ପାଖରେ ତାକୁ ଗୁଳିକରି ମାରିଦିଆଯାଇଥିଲା ।

'ମାମୁଲି'

ପୁରୀ କଲେକ୍ଟର୍‌ଥିବାବେଳେ ମୁଁ କେନ୍ଦ୍ର ସମବାୟ ବ୍ୟାଙ୍କର ଚେୟାରମ୍ୟାନ୍ ଥିଲି । ଏହି ବ୍ୟାଙ୍କ ବିଭିନ୍ନ ସମବାୟ ସମିତିକୁ ଅର୍ଥ ସାହାଯ୍ୟ ଦେଉଥିଲେ ।

Digitized by PPRACHIN, SOA

ବାଲୁଗାଁ ମତ୍ସ୍ୟଜୀବୀ ସମବାୟ ସମିତି ଏହା ମଧ୍ୟରେ ଅନ୍ୟତମ ଥିଲା । ମୁଁ ଏହି ସମିତି ପରିଦର୍ଶନରେ ଯାଇ ଏହାର ହିସାବ ଖାତାରେ 'ମାମୁଲି' ନାମରେ ଦୈନିକ ୨୦ ଟଙ୍କା ଖର୍ଚ୍ଚ ହେଉଥିବା ଦେଖିଲି । ଏ ଖର୍ଚ୍ଚଟା ପ୍ରକୃତରେ ରେଲଷ୍ଟେସନର କର୍ମଚାରୀମାନଙ୍କୁ ଲାଞ୍ଚ ଦେବା ବାବଦରେ ହେଉଥିଲା । ଏ ଟଙ୍କାର ରସିଦ ସମିତିକୁ ମିଳୁ ନ ଥିଲା । କିନ୍ତୁ ଷ୍ଟେସନ୍ ମାଷ୍ଟର ବ୍ୟକ୍ତିଗତଭାବରେ ଆଦାୟ କରି ଏବଂ କର୍ମଚାରୀଙ୍କ ମଧ୍ୟରେ ବଣ୍ଟନର ହିସାବ ରଖୁଥିଲେ । ମାମୁଲି ବନ୍ଦ କରିବାପାଇଁ ମୁଁ ଆଦେଶ ଦେଇ ପୁରୀ ଫେରିଆସିଲି । ସେଦିନ ରାତିରେ ମୁଁ ବାଲୁଗାଁରୁ ଟେଲିଗ୍ରାମ୍ ପାଇଲି ଯେ ମାଛ ନେବାପାଇଁ ଗାଡ଼ି ସେଠାରେ ଅଟକିଲା ନାହିଁ ଓ ପ୍ରାୟ ୯୦୦୦ ଟଙ୍କା ମୂଲ୍ୟର ୩୦୦ ବୋଝ ମାଛ ସେହିପରି ପଡ଼ି ନଷ୍ଟ ହୋଇଗଲା । ଏ ମାଛକୁ ଫୋପାଡ଼ି ଦେବାକୁ ହେବ । ସମିତି ଦୈନିକ ୯୦୦୦ ଟଙ୍କା କ୍ଷତି ସହି ପାରିବ ନାହିଁ । ପୁଣି ମାମୁଲି ଦେବାପାଇଁ ମୁଁ ଟେଲିଗ୍ରାମ୍‌ରେ ଆଦେଶ ଦେଲି ଓ କଲିକତାରେ ଥିବା ରେଲବାଇ କେନ୍ଦ୍ର ଅଫିସକୁ ଲେଖିଲି । ଜଣେ ରେଲବାଇ ଅଫିସର୍ ଓ ମୋ'ଦ୍ୱାରା ନିଯୁକ୍ତ ଜଣେ ଅଫିସର୍ ଏ ସମ୍ପର୍କରେ ତଦନ୍ତ କଲେ । ରେଲବାଇ ପକ୍ଷରୁ ବୁଝାଇବାକୁ ଚେଷ୍ଟା କରାଗଲା ଯେ, ଗାଡ଼ିରେ ଯେଉଁ ଖଲାସିମାନେ ଯାଉଥାନ୍ତି ମାଛ ଲଦିବାପାଇଁ ପାରିଶ୍ରମିକ ବାବଦରେ ସେମାନଙ୍କୁ ଏ ମାମୁଲି ଦିଆଯାଏ । ଏ କୈଫିୟତ ଅସତ୍ୟ ହେଲେ ମଧ୍ୟ କଲିକତାରେ ଥିବା ବି. ଏନ୍. ଆର୍. କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରିଗଲେ । ମୁଁ ଦାବି କଲି ଯେ, ରେଲବାଇରେ ମାଛ ବୁକ୍ ହୋଇସିବା ପରେ ତାକୁ ଚଢ଼ାଇବାର ଦାୟିତ୍ୱ ସେମାନଙ୍କର । ସେଥିରେ ଯାହା ଖର୍ଚ୍ଚ ହେବ ଓ ଗାଡ଼ି ଯେତେ ସମୟ ରହିବ ତାହା ସେମାନଙ୍କର କରିବାର କଥା । ରେଲବାଇ ଏ ଦାବିକୁ ଗ୍ରହଣ କଲେ ଓ ବାଲୁଗାଁରେ ଖଲାସିଙ୍କର ସଂଖ୍ୟା ବଢ଼ାଇ ଦେଲେ । କିନ୍ତୁ ମାମୁଲି ବନ୍ଦ ହେଲା ନାହିଁ । ସତରବର୍ଷ ପରେ ମୁଁ ପୁଣି ଟଗ୍ର କରି ବୁଝିଲି ଯେ ତାହା ସେହିପରି ଚାଲିଛି ।

ବି. ଏନ୍. ଆର୍. ରେ ଦୁର୍ନୀତି ପୂରି ରହିଥିଲା । ମୋର ଜଣେ ସମ୍ପର୍କୀୟ ଲୋକ କିରାଣୀ ହେବାପାଇଁ ପଚିଶଟଙ୍କା ଲାଞ୍ଚ ଦେଇଥିଲା, ମାତ୍ର ହୋଇ ନ ପାରି ଟଙ୍କାଟି ଫେରିପାଇଲା । ଖୋର୍ଦ୍ଧା ରୋଡ଼ରେ ଥିବା ଆସିଷ୍ଟାଣ୍ଟ ଟ୍ରାଫିକ୍ ସୁପରିନ୍-ଟେଣ୍ଡେଣ୍ଟଙ୍କୁ ମୁଁ ଏ କଥା କହିଲି । ମୁଁ ଯଦି ଏଥିରେ ହସ୍ତକ୍ଷେପ ନ କରିଥାନ୍ତି ତାହାହେଲେ ସେ ଚାକିରିଟି ପାଇ ଯାଇଥାନ୍ତା । ମୋଦ୍ୱାରା ତା'ର ଲାଭ ହେଲା ନାହିଁ ।

ଦ୍ୱିତୀୟଶ୍ରେଣୀ ଡବାରେ ଗଲେ ରେଲବାଇ ଅଧସ୍ତନ କର୍ମଚାରୀଙ୍କ ଆଲୋଚନା ତୁମେ ଶୁଣିପାରିବ—କିପରି ଅମୁକ ଲୋକ ଏତେ ହଜାର ଟଙ୍କା ଦେଇ ଅମୁକ ଷ୍ଟେସନରେ ରହିଲା ଓ କଣ୍ଟକର ମାଲ ବାବୁର କିରାଣୀ କେତେ ଟଙ୍କା ରୋଜଗାର କରୁଛି, ଇତ୍ୟାଦି ଇତ୍ୟାଦି ।

Digitized by PPRACHIN, SOA

ରାସ୍ତାଘାଟର ଅଭାବ

ପୁରୀ ସହର ଓ ଖୋର୍ଦ୍ଧା ରୋଡ୍‌ର ରେଲବାଇ କନେକ୍‌ସନ୍ ଛାଡ଼ିଦେଲେ ପୁରୀ ଜିଲାରେ କୌଣସି ପକ୍‌କା ରାସ୍ତା ନ ଥିଲା । ଏପରିକି କଲିକତା ମାନ୍ଦ୍ରାଜ ଟ୍ରଙ୍କ୍ ରୋଡ୍‌ର ଯେଉଁ ଅଂଶଟି ପୁରୀକୁ ଯାଇଥିଲା ଓ ଯାହାର ନାମ ଥିଲା ଜଗନ୍ନାଥ ସଡ଼କ ସେ ମଧ୍ୟ ଏକ ମୋରମ ବା ନାଲିଗୋଡ଼ିର ସଡ଼କ ଥିଲା । ଭାରି ଯାନବାହନ ଯାଉଥିଲେ, ତାହା ଦବି ଯାଉ ନ ଥିଲା । ବର୍ଷାଦିନେ ବଳଦଗାଡ଼ି ଯାଇ ଖାଲ କରି ଦେଉଥିଲା । ପୁରୀର ଅଠରନଳା ପୋଲ ଓ ଆଉ କେତୋଟି ଛୋଟ ପୋଲ ଛାଡ଼ିଦେଲେ କୌଣସି ନଈରେ ପୋଲ ନ ଥିଲା । ୧୯୩୦ ମସିହାରେ ଚନ୍ଦନପୁରଠାରେ ଭାର୍ଗବୀ ନଦୀର ପୋଲ ଜିଲାବୋର୍ଡ ପକ୍ଷରୁ ହୋଇଥିଲା । ଜିଲାବୋର୍ଡ ସରକାରଙ୍କଠାରୁ ଟଙ୍କା ଋଣ ଆଣି ଏହା କରିଥିଲେ ଓ ଶୁଳ୍‌କ ଆଦାୟ କରି ଏହା ସୁଝିବେ ବୋଲି ଆଶା କରିଥିଲେ । ଏହିପରି ଖରାପ ରାସ୍ତାଘାଟ ଯୋଗୁ ବର୍ଷାଦିନେ ଗସ୍ତ କରିବା ସମ୍ଭବ ହେଉ ନ ଥିଲା । ଅକ୍ଟୋବର ମାସରେ ଭାର୍ଗବୀ ନଦୀରେ ଖରାଦିନିଆ ରାସ୍ତା ହେବା ପରେ ପୁରୀରୁ ବାହାରି ହେଉଥିଲା ଏବଂ ସତ୍ୟବାଦୀ ଓ ପିପିଲି ଦେଇ ଜଗନ୍ନାଥ ସଡ଼କରେ ସରଦେଇପୁର ପର୍ଯ୍ୟନ୍ତ ଯାଇ ହେଉଥିଲା । ଅନ୍ୟ ନଈ ସବୁ ପାରହେବାକୁ ହେଲେ ଡିସେମ୍ବର ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ୁଥିଲା । ଏତେ ବର୍ଷ ଧରି ଏତେଥର ମୁଁ ପିପିଲିରେ ଗୁ' ଖାଇଛି ଯେ, ମୋର ପିଲାମାନେ ମୋତେ 'ଗୁ' ଖାଇବାକୁ ଆସ' ବୋଲି କହିବାକୁ ଯାଇ 'ପିପିଲିକୁ ଆସ' ବୋଲି କହନ୍ତି ।

ନିମକହାରାମ ଜାଗିର

ପୁରୀ ଜିଲାର ଗୋଟିଏ ଅଂଶ ଚିଲିକା ହ୍ରଦ ଭିତରକୁ ପଶିଯାଇଛି । ଏହା ମାଲୁଦ ଓ ପାରିକୁଦ ନାମରେ ଖ୍ୟାତ । କେବଳ ନାହାରେ ଏହିସବୁ ଅଞ୍ଚଳକୁ ଯାଇ ହେବ । ଓଡ଼ିଶାର ଇତିହାସରେ ଏହାର ଏକ ବିଶିଷ୍ଟ ସ୍ଥାନ ଅଛି । ରାଜା ପୁରୁଷୋତ୍ତମ ଦେବ ତାଙ୍କର ଦ୍ୱିତୀୟ କାଞ୍ଚି ଅଭିଯାନ ବେଳେ ଏହି ବାଟେ ଯାଇଥିଲେ । ୧୮୦୩ ମସିହାରେ ଯେତେବେଳେ ଇଂରେଜମାନେ ଓଡ଼ିଶା ଆକ୍ରମଣ କଲେ, ସେତେବେଳେ ସେମାନେ ଏହି ବାଟରେ ଆସିଲେ । ଫତେ ମହମ୍ମଦ ସେମାନଙ୍କୁ ବାଟ ଦେଖାଇ ଦେଇଥିବାରୁ ମାଲୁଦ ଓ ପାରିକୁଦ ଜାଗିର ସ୍ୱରୂପ ପାଇଥିଲା । ଓଡ଼ିଶାର ରାଜାଙ୍କୁ ସେ ଧୋକା ଦେଇଥିବା ଯୋଗୁ ଓଡ଼ିଶାର ଲୋକେ ଏହି ଜାଗିରକୁ 'ନିମକ୍ ହାରାମ ଜାଗିର' ବୋଲି କହନ୍ତି । ଚିଲିକାର ପଶ୍ଚିମ ଉପକୂଳରୁ ପାରିକୁଦ ଓ ମାଲୁଦ ନାହାରେ ଆସିବା ବିପଦଜନକ ଥିଲା । ହଠାତ୍ ଝଡ଼ ଉଠି ନାହାକୁ ଜୋରରେ ନେଇ ଚିଲିକା ଭିତରେ ଥିବା ପାହାଡ଼ମାନଙ୍କ ଦେହରେ ପିଟି ଦେଉଥିଲା । କିମ୍ବଦନ୍ତୀ ଅଛି ଯେ, ଗୋଟିଏ

Digitized by PPRACHIN, SOA

ନବବିବାହିତା ଝିଅ ପାରିକୁଦ ଦ୍ୱୀପରେ ଥିବା ତା'ର ଶାଶୁଘରକୁ ଯାଉଥିବାବେଳେ ଚିଲିକା ଭିତରେ କାଳିଜାଇ ପାହାଡ଼ ନିକଟରେ ବୁଡ଼ି ଯାଇଥିଲା । ତାହାର ନାମ ଅନୁସାରେ ପାହାଡ଼ର ନାମ ହେଲା କାଳିଜାଇ । ୧୭୯୯ ମସିହାରେ ଓଡ଼ିଶାରେ ହୋଇଥିବା ଭୟାବହ ଦୁର୍ଭିକ୍ଷର କାଗଜପତ୍ର ଏହି ଝଡ଼ରେ ସୁବିଧାନେଇ ସ୍ନଡ୍ ଗ୍ରାସ୍ ସାହେବ ହଜାଇ ପକାଇଲେ ।

ମୋର ଅବଶ୍ୟ କିଛି ହୋଇ ନାହିଁ । ମୁଁ ଚିଲିକାରେ ଗୋଟିଏ ରାତିରେ ଯେପରି ବିଚଳିତ ହୋଇ ପଡ଼ିଥିଲି ତାହାର କାହାଣୀ କହୁଛି ।

ସଙ୍ଗୀତର କୁହୁକ ଶକ୍ତି

୧୯୩୦ ମସିହାର ନବବର୍ଷ ।

ଚିଲିକାର ପଶ୍ଚିମ କୂଳରେ ମୁଁ ମୋର ପରିବାର ସହିତ ରହୁଥିଲି । ପରିବାରରେ ଦୁଇଜଣ ମହିଳା ଓ ଦୁଇଜଣ ବାଳକ (୭ବର୍ଷ, ୫ ବର୍ଷ) ଥିଲେ । ଗୋଟିଏ ମଟର ଲଞ୍ଚରେ ଆମେ ପାରିକୁଦ ଗଲୁ । ଅଳ୍ପ ପାଣି ଥିବା ଯୋଗୁ ମାଇଲିଏ ଦୂରରୁ ମଟର ଲଞ୍ଚ ଛାଡ଼ି ଆମେ ଦୁଇଟି ଛୁଲି ଡଙ୍ଗାରେ ପାରିକୁଦ ଚାଲିଲୁ । ଦିନଯାକ ବାଟରେ ବିଭିନ୍ନ ସ୍ଥାନରେ ଶିକାର କରି ମଟର ଲଞ୍ଚ ଆଡ଼କୁ ଫେରିଆସିବାବେଳକୁ ସନ୍ଧ୍ୟା ହୋଇଯାଇଥିଲା । ଘଣ୍ଟାଏ ବିତିଗଲା, ମଟର ଲଞ୍ଚ ଦେଖାଗଲା ନାହିଁ । ଘୋର ଥଣ୍ଡା ହେଉଥାଏ । ଚାରିଆଡ଼େ ଅନ୍ଧାର । ସମସ୍ତଙ୍କୁ ଭୋକ ଲାଗୁଥାଏ । ଆମେ ବାଟବଣା ହୋଇଗଲୁ । ରାତିଯାକ ଭୀଷଣ ଶୀତରେ ନ ଖାଇ ନ ପିଇ ଚିଲିକା ମଝିରେ ପଡ଼ି ରହିବା କଥା ଭାବି ସମସ୍ତେ ବିଚଳିତ ଅବସ୍ଥାରେ ଥାଉ । ଚାକରମାନେ ଏଇଟା କରିନାହାନ୍ତି ସେଇଟା କରିନାହାନ୍ତି କହି ସେମାନଙ୍କ ଉପରେ ମୁଁ ଚଡ଼ି ଚଡ଼ି ହେଉଥାଏ । ମୋ ସ୍ତ୍ରୀ 'କାହିଁକି ଏପରି ଚିଡ଼ୁଛ' ବୋଲି କହିବାରୁ ମୁଁ ଆହୁରି ରାଗି ଯାଇଥାଏ । ନାଆର ଶେଷ ମୁଣ୍ଡରେ ମୋ ସ୍ତ୍ରୀଙ୍କର ସଙ୍ଗୀତ ଶିକ୍ଷକ ବସିଥିଲେ । ସେ ଛେଳିପରିଦାଢ଼ି ରଖିଥିବା ଜଣେ ପତଳା ବୁଢ଼ା ଲୋକ । ଖୁବ୍ ନରମ ସ୍ୱରରେ ଅଳ୍ପ କଥାବାର୍ତ୍ତା କରନ୍ତି । ତାଙ୍କର ସୀତାର ବାହାର କରି କାହାରି ବିନା ଅନୁରୋଧରେ ବଜାଇବାକୁ ଆରମ୍ଭ କଲେ । ଏହା କୁହୁକ ପରି କାମ କଲା । ମୁଁ ମୋର କ୍ଷୁଧା, ତୃଷା, ଶୀତ ସବୁ ଭୁଲିଗଲି । ଭୟମିଶ୍ରିତ କ୍ରୋଧ ଯାଇ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ଚାଲି ଆସିଲା । ଆମେ ଅଧଘଣ୍ଟାଏ ଏହିପରି ସଙ୍ଗୀତ ଶୁଣୁଥାଉ । ଏହି ସମୟରେ ଦୂରରୁ ମଟର ଲଞ୍ଚର ଆଲୁଅ ଦେଖାଗଲା । ଆମର ଆନନ୍ଦ କହିଲେ ନ ସରେ । କେବେହେଲେ ପୂର୍ବରୁ ବା ପରେ ସଙ୍ଗୀତର ଏ କୁହୁକ ଶକ୍ତି ମୁଁ ଅନୁଭବ କରି ନାହିଁ ।

Digitized by PPRACHIN, SOA

କୋଣାର୍କ

ଭୁବନେଶ୍ୱର, ଧଉଳଗିରି ଓ ଝଣ୍ଡଗିରି ମନ୍ଦିର ବୁଲିବା ଓ କୋଣାର୍କ ପରିଦର୍ଶନରେ ଯିବା ପୁରୀ କଲେକ୍ଟରଙ୍କ ପକ୍ଷରେ କେତୋଟି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ବୋଲି ଧରା ଯାଉଥିଲା । କୋଣାର୍କକୁ କୌଣସି ରାସ୍ତା ନ ଥିଲା । ସବୁଠାରୁ ଭଲ ଉପାୟ ଥିଲା, ଯାହା କି ରୁବେନ୍ କରିଥିଲେ, ପୁରୀରେ ରାତ୍ରି ଭୋଜନ ଶେଷ କରି ଶଗଡ଼ ଧରିବା । ରାତିସାରା ଭୁମରି ନିଦ ହେଉ ବା ନ ହେଉ ସକାଳ ହେଉଥିଲା କୋଣାର୍କରେ । ଅଖର କେଁ କେଁ ଶବ୍ଦ, ଶଗଡ଼ ଗଡ଼ୁଥିବାବେଳେ ରାସ୍ତାରେ ଉଡ଼ୁଥିବା ଧୂଳି ଓ ଶଗଡ଼ିଆର ବଳଦଙ୍କୁ ଡାକ ନିଦ ଆସୁଥିଲେ ମଧ୍ୟ ନିଦ ଆସିଦେବ ନାହିଁ । ବେଳେ ବେଳେ ରାତିସାରା ଗଡ଼ୁଥିବା ବେଳେ ଶଗଡ଼ିଆ ଗୋଟାଏ ଗୋଟାଏ ଗୀତ ଗାଉଥାଏ । ଏ ଗୀତ ସମସ୍ତ ସମୟରେ ଭାବପ୍ରବଣ ହୋଇଥାଏ ଓ ବେଳେ ବେଳେ ଦାର୍ଶନିକ ଚିନ୍ତାରେ ପୂର୍ଣ୍ଣଥାଏ । ରାତିରେ ମାଇଲ ମାଇଲ ଧରି ଏହି ଗୀତ ଶୁଣାଯାଏ । ଏହିପରି ଏ ଗୀତଦ୍ୱାରା ବଳଦଙ୍କର ସାହସ, ଶଗଡ଼ିଆର ସାହସ ଓ ବୋଧହୁଏ ଯାତ୍ରୀମାନଙ୍କର ସାହସ ସୁରକ୍ଷିତ ହୁଏ । ମୁଁ ନଭେମ୍ବର ମାସ ପର୍ଯ୍ୟନ୍ତ ମୋର କୋଣାର୍କ ଯାତ୍ରା ସ୍ଥଗିତ ରଖିଲି । କାରଣ ସେତେବେଳକୁ ବାଟରେ ପଡ଼ିଥିବା ତିନୋଟି ନଈରେ ଖରାଦିନିଆ ରାସ୍ତା ହୋଇ ଯାଇଥିବ ଏବଂ ମୁଁ ମୋର ଟି-ମଡେଲ୍ ଫୋର୍ଡ଼ ଗାଡ଼ିରେ ଯିପିଲି ଓ ନମାପଡ଼ା ଦେଇ କୋଣାର୍କ ଯାଇପାରିବି ।

୧୯୨୯ ନଭେମ୍ବର ମାସରେ କୋଣାର୍କ ମନ୍ଦିରର ବେଢ଼ା ଓ ଦ୍ୱାର ସବୁ ବାଲିରେ ପୂରି ଯାଇଥିଲା । ମନ୍ଦିରର ତଳେ ଥିବା ହସ୍ତୀଯୁଥର ବେଷ୍ଟନୀଠାରୁ ପ୍ରାୟ ୭ଫୁଟ ଉଚ୍ଚ ପର୍ଯ୍ୟନ୍ତ ବାଲି ଜମା ହୋଇଥିଲା । ଗନ୍ଧର୍ବମାନଙ୍କ ଦେହରେ ଇଞ୍ଚେ ବହଳରେ ଶିଉଳି ଜମିଯାଇଥିଲା । ମୁଁ ସେଥିରୁ ଖଣ୍ଡେ ବାହାର କରି ରେଭେନ୍ସା କଲେଜର ଉଦ୍ଭିଜ ବିଜ୍ଞାନ ଅଧ୍ୟାପକ ଶ୍ରୀ ପ୍ରାଣକୃଷ୍ଣ ପରିଜାଙ୍କୁ ଦେଇଥିଲି । ସେ ଅଣୁବୀକ୍ଷଣ ସାହାଯ୍ୟରେ ଏହାକୁ ପରୀକ୍ଷା କରି ଦେଖିଲେ ଯେ, ଏଥିରେ ୩୫୭ଟି ସ୍ତର ଅଛି । ଗୋଟିଏ ସ୍ତର ପଡ଼ିବାକୁ ପ୍ରାୟ ବର୍ଷେ ସମୟ ଲାଗେ । ଅର୍ଥାତ୍ ପ୍ରାୟ ୩୫୭ ବର୍ଷ ଧରି ଏହି ମନ୍ଦିରର ଯତ୍ନ ନିଆ ହେଉ ନ ଥିଲା—ସେହି ହିସାବରୁ ୧୫୭୩ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିର ସମ୍ପୂର୍ଣ୍ଣ ପରିତ୍ୟକ୍ତ ହୋଇଥିଲା ।

୧୯୦୪ ମସିହାରେ ମୋତେ ପାଞ୍ଚବର୍ଷ ବୟସ ହୋଇଥିବାବେଳେ ମୁଁ କୋଣାର୍କ ଯାଇଥିଲି । ମୋର ମନେଅଛି, ଖାଲି ଲୋକଗହଳି, ବଳଦଗାଡ଼ି ଓ ବାଲି ମୁଁ ଚାରିଆଡ଼େ ଦେଖିଥିଲି । ମନ୍ଦିର ମୋ’ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା । ଶୀତରେ ଚନ୍ଦ୍ରଭାଗାରେ ଓ ସମୁଦ୍ରରେ ଗାଧୋଇବା ଭୁଲିବାର ନୁହେଁ କମ୍ପା

Digitized by PPRACHIN, SOA

ଯେଉଁ ତିନ ବର୍ଷର ଝିଅକୁ ମୋର ଘରେ ବନ୍ଧୁ ହେବା କଥା କିନ୍ତୁ ମୁଁ ବନ୍ଧୁ ହୋଇ ପାରି ନାହିଁ, ତାକୁ ମଧ୍ୟ ମୁଁ ଭୁଲି ପାରି ନାହିଁ । ମୁଁ ତା' ପ୍ରତି ଆକୃଷ୍ଟ ହୋଇ ତା'ର ହାତକୁ ଟାଣିଥିଲି, କିନ୍ତୁ ସେ କାନ୍ଦିଲା । ମୁଁ କଣ କରିବି ?

ଯେତେବେଳେ ଜଣେ ବିବାହିତ ବ୍ୟକ୍ତିଭାବରେ ମୁଁ ମୋର ସ୍ତ୍ରୀ ଓ ଦୁଇ ପିଲାଙ୍କୁ ଧରି କୋଣାର୍କ ପରିଦର୍ଶନ କଲି ଆମ ଉଭୟଙ୍କ ଉପରେ ଏହାର ଖୁବ୍ ପ୍ରଭାବ ପଡ଼ିଥିଲା । ସେ ସେତେବେଳେ ଲୋକେ କପଡ଼ା ଅଳଙ୍କାର ପିନ୍ଧୁଥିଲେ ତାହା ଦେଖିବା ଆଳରେ ମନ୍ଦିରକୁ ବାରମ୍ବାର ଯାଉଥିଲେ । ମୁଁ ମଧ୍ୟ ସେହି ଆଳରେ ତାଙ୍କ ସହିତ ଯାଉଥିଲି । ସେ ଅବଶ୍ୟ ଗୋଟିଏ ବହିରେ ଏହି ସବୁ ଅଳଙ୍କାରକୁ ଅଙ୍କନ କରିଥିଲେ । କିନ୍ତୁ ମୁଁ କାହିଁକି ଯାଉଥିଲି ତାହା ବୁଝିବା ତାଙ୍କ ପକ୍ଷରେ କଷ୍ଟକର ନ ଥିଲା । ସେଦିନଠାରୁ ମୁଁ କୋଣାର୍କ ବାରମ୍ବାର ଯାଇଛି । ଏକୁଟିଆ ଓ ଅନ୍ୟମାନଙ୍କ ସାଙ୍ଗରେ । ଜଣେ ୩୫ ବର୍ଷ ବୟସ୍କା ଲେଡି ଡାକ୍ତର କହିଲେ ଏହା "ବିପଜ୍ଜନକ" । ଜଣେ ୩୦ ବର୍ଷ ବୟସ୍କା ଗ୍ରୀସ୍ ଦେଶର କଳା ଗ୍ରାହୀ ଏହାର ସୌନ୍ଦର୍ଯ୍ୟ "ଅତୁଳନୀୟ" ବୋଲି ଚିତ୍ରଣ କରିଥିଲେ । ଜଣେ ୬୦ ବର୍ଷ ବୟସ୍କ କହିଲେ, "ମନୁଷ୍ୟ ଜାତିର ଯୌନ ସମ୍ପର୍କୀୟ ବ୍ୟବହାରର ଏହା ଏକ ଅଧ୍ୟୟନ ।" ମୁଁ ମନେକରେ ଖଣ୍ଡେ ପେନ୍‌ସିଲ ଓ କ୍ୟାମେରା ଧରି ଯେତେବାର କୋଣାର୍କ ଗଲେ ବି ତୃପ୍ତି ନାହିଁ ।

ବତକ ଗୋଡ଼

ପୁରୀଠାରୁ ୧୦ ମାଇଲ ଦୂରରେ ଅବସ୍ଥିତ ସର ହ୍ରଦ ଓ ବାଲିଘାଇ ଝାଉଁ ବଣ ଶିକାରପାଇଁ ବେଶ୍ ଉପାଦେୟ । ଆମେ ସେଠାକୁ ଶିକାର କରିବାକୁ ଯାଇ ଛ'ଟି ବତକ ଓ ଦୁଇଟି କୃଷ୍ଣସାର ମାରିଲୁ । ପେକ୍ ଓ ଜିଲ୍ ଜଜ୍ ରୁବେନ୍ ସର ହ୍ରଦରେ ବତକ ମାରିଲେ । ମେଜର ଜନ ଗୋଟିଏ ହରିଣ ମାରିଲେ । ପୁରୀ ରାଜା ଅନ୍ୟ ହରିଣଟିକୁ ୪୦୦ ଗଜ ଦୂରରୁ ଗୁଳିକରି ମାରିଥିଲେ । ଭଲ ଅବସ୍ଥାରେ ଥାଆନ୍ତୁ ବା ଅପ୍ରକୃତିସ୍ଥ ହୁଅନ୍ତୁ ପୁରୀ ରାଜା ଜଣେ ଭଲ ଶିକାରୀ ଥିଲେ । ପୁରୀରେ ପହଞ୍ଚିଲା ପରେ ମୋ ସ୍ତ୍ରୀ ଚପରାସିକୁ କହିଲେ ମିଷ୍ଟର ଡିକନ୍‌ସନ୍‌ଙ୍କ ଘରକୁ ଗୋଟିଏ ଗୋଡ଼ ନେଇଯାଅ । ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ୍ ମିଷ୍ଟର ଡିକନ୍‌ସନ୍ ଆମର ପଡ଼ୋଶୀ ଓ ତାଙ୍କ ଭଉଣୀଙ୍କ ସହିତ ସେ ରହୁଥିଲେ । ମୋ ସ୍ତ୍ରୀ ଗୋଡ଼ ବୋଲି ଯେତେବେଳେ କହିଲେ ସେ ମିରଗର ଗୋଡ଼ ଭାବି କହିଥିଲେ । କିନ୍ତୁ ଚପରାସି ଗୋଟିଏ ବତକକୁ ଆଣି ଆମ ଘରେ ରହୁଥିବା ରୁବେନ୍‌ଙ୍କୁ ଦେଖାଇ କହିଲା, "ଏହାର କେଉଁ ଗୋଡ଼ଟି ପୋଲିସ ସାହେବଙ୍କ ଘରେ ନେଇ ଦେବି ?" ରୁବେନ୍

Digitized by PPRACHIN, SOA

ମୋ ଝାଡ଼ୁଦାରକୁ କହିଲେ, ମିଶ୍ରଙ୍କ ଗୋଡ଼ଟାଏ ନେଇ ତାଙ୍କଘରେ ଦେଇ ଆସ । ସେ ଦିନ ରାତିରେ ସମସ୍ତଙ୍କପାଇଁ ଆମ ଘରେ ରାତ୍ରିଭୋଜନର ବ୍ୟବସ୍ଥା ହୋଇଥିଲା । ଶ୍ରୀମତୀ ଡିକିନ୍‌ସନ୍‌ଙ୍କ ପାଖରେ ଗୋଟାଏ ମଲା ବତକ ଆଣି ରଖାଗଲା । ରୁବେନ୍ ତାଙ୍କୁ ପଚାରିଲେ, "ଚପରାସି ଠିକ୍ କରି ପାରିଲା ନାହିଁ କେଉଁ ଗୋଡ଼ଟା ଆପଣଙ୍କ ଘରକୁ ପଠାହିବ" । ଚପରାସି ଯଦି ଯାଇ ଗୋଟାଏ ବତକର ଗୋଡ଼ ତାଙ୍କ ଘରେ ଦେଇ ଆସିଥାନ୍ତା, ତା ହେଲେ ମୋ ସ୍ତ୍ରୀ ବଡ଼ ଅଡ଼ୁଆରେ ପଡ଼ିଯାଇଥାନ୍ତେ । ପୁସି ରାଜା ଆମ ସହିତ ଖାଇଲେ ନାହିଁ । କିନ୍ତୁ ଅଧବୋତଲେ ହ୍ୱିସ୍କି ପିଇଦେଲେ ।

ବନ ବିଦ୍ୟାଳୟ

ଗୋପବନ୍ଧୁ ଦାସ ମରିବା ପରେ ସତ୍ୟବାଦୀର ଛୁଆଁଅନା ବଣରେ ଥିବା ତାଙ୍କର ବନ ବିଦ୍ୟାଳୟର ଶେଷ ଅବସ୍ଥା ପହଞ୍ଚି ଯାଇଥିଲା । ଏହା ଏକ ଅସହଯୋଗର କେନ୍ଦ୍ରସ୍ଥଳ ହୋଇଥିବା ଯୋଗୁଁ ଏହାର ସ୍ୱୀକୃତି ପ୍ରତ୍ୟାହାର କରି ନିଆଯାଇଥିଲା । ମୋ ପୂର୍ବ କଲେକ୍ଟର୍ (ଦେଓ୍ୱାନ ବାହାଦୂର ଦୟାନିଧି ଦାସ) ସ୍ୱୀକୃତି ଦେବାପାଇଁ ମନା କରି ଦେଲେ । ଉପର ଶ୍ରେଣୀରେ ଛାତ୍ର ନ ଥିଲେ । ଶିକ୍ଷକମାନେ ଦରମା ନ ପାଇ ଛାଡ଼ି ଚାଲିଯାଉଥିଲେ । ମୁଁ ସ୍କୁଲ ପରିଦର୍ଶନ କରି ଦେଖିଲି, ଅବସ୍ଥା ଅତିଶୟ ଖରାପ । ମୁଁ ରିପୋର୍ଟ ଦେଲି, "ଗୋଟିଏ ସ୍ୱୀକୃତ ଓ ସାହାଯ୍ୟପ୍ରାପ୍ତ ସ୍କୁଲ ସରକାର ପକ୍ଷରେ ସହାୟକ ହେବ । ସ୍ୱୀକୃତି ଓ ସାହାଯ୍ୟ ପାଉ ନ ଥିବା ସ୍କୁଲ ରାଜଦ୍ରୋହର ଏକ ପ୍ରଶସ୍ତ କ୍ଷେତ୍ର ହୋଇରହିବ ।" ୧୯୩୦ ଜାନୁଆରି ମାସରେ ମୁଁ ପୁରୀ ଛାଡ଼ିବା ପୂର୍ବରୁ ଏହି ସ୍କୁଲକୁ ପୁନରାୟ ସ୍ୱୀକୃତି ଓ ସାହାଯ୍ୟ ମିଳିଗଲା ।

□ □

Digitized by PPRACHIN, SOA

ଉପକୂଳ ଜିଲ୍ଲାମାନଙ୍କରେ ଜୀବନଯାତ୍ରା

୧୯୨୫ ଏବଂ ୧୯୩୦ ମସିହା ମଧ୍ୟରେ ଉପକୂଳବର୍ତ୍ତୀ କଟକ, ପୁରୀ, ବାଲେଶ୍ୱର ଜିଲାର ଜୀବନଯାତ୍ରା ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା ମୁଁ ଆବଶ୍ୟକ ମନେକରୁଛି ।

ପାଲା ଦଳ

ଲୋକେ କଳା ଓ ସଂସ୍କୃତି କ୍ଷେତ୍ରରେ ଖୁବ୍ ଉଚ୍ଚ ସ୍ତରରେ ଥିଲେ । ପ୍ରତ୍ୟେକ ଲୋକଙ୍କ ଘରର ଦାଣ୍ଡପଟ କାନ୍ଥ ପିଣ୍ଡା, ରଙ୍ଗମାଟି ଓ ଅଙ୍ଗାରରେ ଚିତ୍ରିତ ହେଉଥିଲା । ପ୍ରତି ମାର୍ଗଶୀର ଗୁରୁବାରରେ ଦାଣ୍ଡ ଦ୍ୱାରର ପ୍ରଥମ ପାହାଚରୁ ଏରୁଣ୍ଡି ବନ୍ଧ ପର୍ଯ୍ୟନ୍ତ ଚିତାରେ ପାଦଚିହ୍ନ ଅଙ୍କାଯାଇ ଧନଦାତ୍ରୀ ଦେବୀ ଲକ୍ଷ୍ମୀଙ୍କୁ ନିମନ୍ତ୍ରଣ କରାଯାଏ । ଏବେ ମଧ୍ୟ ଅଧିକାଂଶ ଗ୍ରାମରେ ଏହି ପ୍ରଥା ପ୍ରଚଳିତ ଅଛି । ବିଭିନ୍ନ ଗ୍ରାମରେ ପାଲା ଓ ଗୋଟିପୁଅ ଦଳ ଥିଲେ । ସେମାନେ ପ୍ରାଚୀନ ଓ ଆଧୁନିକ ଗୀତ ଗାଉଥିଲେ । ପ୍ରାଚୀନ ଶାସ୍ତ୍ର ପୁରାଣ ଗ୍ରନ୍ଥ ଗୀତ ଆଦି ମୁଖସ୍ଥକରି ସେମାନେ ତାହା ସାଧାରଣରେ ବୋଲି ଅର୍ଥ ବୁଝାଇ ଦେଉଥିଲେ । ହଜାର ହଜାର ଦର୍ଶକ ବସିଥିଲେ ମଧ୍ୟ ସେମାନଙ୍କର କଥନ ଭଙ୍ଗୀ ଓ ସ୍ୱରଯୋଗୁଁ ମାଇକ୍ ବା ଧ୍ୱନିବର୍ଦ୍ଧକ ଯନ୍ତ୍ର ଆବଶ୍ୟକ ହେଉ ନ ଥିଲା । ସେମାନେ ସାହିତ୍ୟ ଓ ସଂସ୍କୃତିପାଇଁ ଯାହା କରୁଥିଲେ ଆଧୁନିକ ସଙ୍ଗୀତ ନାଟକ ଏକାଡ଼େମୀ ତାହା କରୁ ନାହିଁ ।

ଗ୍ରାମ ବା ପାର୍ଶ୍ୱବର୍ତ୍ତୀ ବୁଦା ବୁଦିକିଆ ଜଙ୍ଗଲମାନଙ୍କରେ ଗଧିଆମାନେ ବହୁ ସଂଖ୍ୟାରେ ରହୁଥିଲେ । କଟକ ସହରର ଟେଲିଗ୍ରାଫ୍ ଅଫିସ ନିକଟରେ ବହୁବାର ଗୋଟିଏ ଗଧିଆ ଯିବା ଆସିବା କରିବାର ମୁଁ ଦେଖିଛି । ଜଜ୍ କୋଠିର ବଗିଚାରେ ଏହି ଗଧିଆ ରହୁଥିଲା । ଏଠି ମଧ୍ୟ କେତେ ଭାଲୁଆ ଓ ପକ୍ଷୀ ରହୁଥିଲେ, ଯେଉଁମାନେ କି କୌଣସି ସହରରେ ସାଧାରଣତଃ ଦେଖାଯାଆନ୍ତି ନାହିଁ । ପ୍ରତ୍ୟେକ ଗ୍ରାମରେ ଗୋଧି ଦେଖିବା ଏକ ସାଧାରଣ କଥା । ସେମାନେ ଗାତରେ ରହନ୍ତି ଓ ମନୁଷ୍ୟର କୌଣସି କ୍ଷତି କରନ୍ତି ନାହିଁ । ଉପକୂଳବର୍ତ୍ତୀ ନଈ ଗଣ୍ଡମାନଙ୍କରେ ବହୁ କୁମ୍ଭୀର ରହୁଥିଲେ । କିନ୍ତୁ ସେମାନଙ୍କୁ ମାରିବା ସହଜ ନ ଥିଲା ।

Digitized by PPRACHIN, SOA

ଦରଜ ମେଣ୍ଟାଇବା ବା ପୀଡ଼ାର ଉପଶମପାଇଁ ଅଫିମର ଚଳଣି ଏକ ସାଧାରଣ କଥା ଥିଲା । ଅଫିମ ନ ଖାଉଥିବା ପଚୃଶ ବର୍ଷଠାରୁ ଅଧିକ ବୟସର କୌଣସି ସ୍ତ୍ରୀ ବା ପୁରୁଷଙ୍କୁ କ୍ୱଚିତ୍ ଦେଖିବାକୁ ମିଳୁଥିଲା । ଜଣେ ଜିଲ୍ଲା କଲେକ୍ଟର୍ ଥିବା ଉଚ୍ଚପଦସ୍ଥ ଓଡ଼ିଆ ଅଫିସର୍ ଅଫିସ ସମୟରେ ମଧ୍ୟ ଅଫିମ ନିଶାରେ ମସଗୁଲ ରହୁଥିଲେ । ଅଫିମ ସହଜରେ ମିଳୁଥିବାଯୋଗୁଁ ତାହାକୁ ଖାଇ ବେଳେ ବେଳେ ଲୋକେ ଆତ୍ମହତ୍ୟା କରିବାର ଦେଖାଯାଉଥିଲା ।

କଦଳୀ ଚୋର ସୁନା ଚୋର

ଅପରାଧ ଥିଲା ଦୁଇ ଶ୍ରେଣୀର—ଛୋଟ ଛୋଟ ଚୋରି କିଂବା ପୂର୍ବ ପରିକଳ୍ପିତ ବଡ଼ ଧରଣର ହତ୍ୟାକାଣ୍ଡ । ହଠାତ୍ ଉତ୍ତେଜିତ ହୋଇ ହତ୍ୟା କରିବା ବା ଫୌଜଦାରୀ ଗଣ୍ଡଗୋଳରୁ ହତ୍ୟା କରିଦିବା ସାଧାରଣତଃ ଦେଖାଯାଉ ନ ଥିଲା । ଚୋରି କହିଲେ ଥିଲା—କାହାର କଦଳୀ କାନ୍ଧିଏ, ନଡ଼ିଆ ଦ'ପୁଞ୍ଜା, ଆମ୍ବ ବୋଝେ କିଂବା କେତେ ବାଡ଼ା କଲେଇ ନେଇଯିବା । କଂସା ବାସନପାଇଁ ସିନ୍ଧିକରି ଘରେ ପଶୁଥିଲେ । ଅଧିକାଂଶ ଘରେ ଏହା ହିଁ ଥିଲା ସମ୍ପତ୍ତି । ଅଳଙ୍କାର ପଦ ଲୋକେ ଦେହରେ ପିନ୍ଧୁଥିଲେ, । ମାଟିତଳେ ପୋତି ରଖୁଥିଲେ ବା ଲୁହା ସିନ୍ଦୁକରେ ବଡ଼ ତାଲା ପକାଇ ସାଇତି ରଖୁଥିଲେ । ଅଧିକାଂଶ ଘରେ ମୋଟା ମାଟି କାନ୍ଥ ହୋଇଥିବା ଯୋଗୁଁ କାନ୍ଥରେ କଣାକରି ଜଣେ ଲୋକ ଏପଟରୁ ଗୋଟିଏ ପିଲା ମଧ୍ୟ ପଶିଯିବା ସହଜ ନ ଥିଲା । ତେଣୁ ଖଣ୍ଡେ ଲୁହାକୁ ବଙ୍କାକରି କାଠବାଉଁରେ କଣାକରି କଳଣି ଫିଟାଇ ଦେବା ସହଜ ହେଉଥିଲା । ପୁରୁଣା ଲୁଗାପଟା ଚୋରି ହେଉ ନ ଥିଲା । କାରଣ ଅନ୍ୟର ପିନ୍ଧାଲୁଗାକୁ କିଏ କିଣିବ ବା କିଏ ପିନ୍ଧିବ ? ଆଧୁନିକ ଚୋରମାନେ ଟ୍ରାନ୍ସିଷ୍ଟର୍, ଘଣ୍ଟା, କ୍ୟାମେରା, ଇଲେକଟ୍ରିକ୍ ଟର୍ଚ୍ଚ ଓ ଫାଉଣ୍ଟେନ୍ ପେନ୍ ଚୋରି-କରୁଛନ୍ତି । ସେତେବେଳେ ଏସବୁ ଜିନିଷ ନ ଥିଲା । ସହରର ଯଦି କୌଣସି ଧନୀ-ଲୋକର ଘଣ୍ଟା ବା ଫାଉଣ୍ଟେନ୍ କଲମ ଥିଲା ଚୋର ତାକୁ ଛୁଉଁ ନ ଥିଲା । କାରଣ ସେ ଜିନିଷ ବିକି କରିବାକୁ ଗଲେ ସେ ସହଜରେ ଧରା ପଡ଼ିଯିବ । ତେଣୁ ସୁନା ରୁପାର ଜିନିଷଉପରେ ଥିଲା ଚୋରଙ୍କର ଆଖି ।

ହତ୍ୟାକାଣ୍ଡ କମ୍ ଘଟୁଥିଲା । କିନ୍ତୁ ଯେବେ ହେଉଥିଲା ତାହା ଖୁବ୍ ବିଭତ୍ସ ଧରଣର ଥିଲା । ବଲଙ୍ଗୀର ବନମାଳୀ ପଣ୍ଡାଙ୍କ ମୁଣ୍ଡକାଟି ବଲଙ୍ଗା ଦାଣ୍ଡରେ ସମସ୍ତଙ୍କ ସାମ୍ନାରେ ପ୍ରଦର୍ଶନ କରାଯାଇଥିଲା । କର୍ଦ୍ଦାଠାରେ ବାପା ଓ ଭାଇଙ୍କୁ ତାଙ୍କ ପିଲାଙ୍କ-ଆଗରେ ହତ୍ୟା କରାଗଲା । ଅନ୍ୟ ଏକ ସ୍ଥାନରେ ସ୍ୱାମୀର ଅନ୍ୟ ଏକ ଝିଅ ସହିତ ଗୁପ୍ତ ପ୍ରଣୟର ସନ୍ଦେହ କରି ସ୍ତ୍ରୀକୁ ନାନାପ୍ରକାର କଷ୍ଟଦେଇ ହତ୍ୟା କରାଗଲା । ଲୋକଙ୍କର ଏକ ଆଚରଣ ବିଧି ଥିଲା ମାତ୍ର ପ୍ରତିଶୋଧର କୌଣସି ବୁଦ୍ଧିବିଧାନ ନ ଥିଲା ।

Digitized by PPRACHIN, SOA

ଲୋକଙ୍କର ଖାଦ୍ୟ ଥିଲା ଭାତ, ଡାଲି ଓ ପରିବା ତରକାରୀ । ଖୁବ୍ କମ୍ ଲୋକ ଗହମ ଖାଉଥିଲେ । ଗାଁରେ ପ୍ରଧାନ ପରିବା ହେଲା ବାଇଗଣ, କଖାରୁ, ମୂଳା, ପାଣି-କଖାରୁ, ଭେଣ୍ଡି, ସାରୁ, କଞ୍ଚା କଦଳୀ, ଖମ୍ବ ଆଳୁ, କରମଙ୍ଗା ଇତ୍ୟାଦି । କେତେକ ନୂଆ ପରିବା ପ୍ରଚଳିତ ହେଉଥିଲା । ତାହା ବିଲାତି ବା ବିଦେଶୀ ନାମରେ ଅଭିହିତ କରାଯାଉଥିଲା । ଯଥା:—ବିଲାତି ଆଳୁ, ବିଲାତି ବାଇଗଣ । ଏବେ ଶୀତଦିନଆ ପନିପରିବା ମଧ୍ୟରେ ଯେଉଁ ଫୁଲକୋବି, ବନ୍ଧା କୋବି, ମଟର, ଗାଜର ଓ ବିନ୍‌ସ୍ ବୁଝାଉଛି । ସେତେବେଳେ ତାହା କଟକ ବଜାରକୁ କେବଳ ଆସୁଥିଲା ଏବଂ ଉଚ୍ଚ ଦରରେ ବିକି ହେଉଥିଲା । ମୁଁ ବାହାରକୁ ଗସ୍ତରେ ଗଲେ ସେ ସବୁ ଦୁଷ୍ପ୍ରାପ୍ୟ ବିଳାସର ଦ୍ରବ୍ୟ ବୋଲି ମନେ କରୁଥିଲି । ଫଳ କହିଲେ ବୁଝାଉଥିଲା କଦଳୀ ଓ କଦଳୀ । ବର୍ଷସାରା ତାହା ମିଳେ । ଆମ୍ବ ଦିନରେ ଆମ୍ବ ଓ ପିଜୁଳି ଋତୁରେ ପିଜୁଳି ପ୍ରଚୁର ପରିମାଣରେ ମିଳୁଥିଲା । କମଳାଲେମ୍ବୁ ଓ ସେଓ (apple) ବଜାରକୁ ଆସି ନ ଥିଲା । କିନ୍ତୁ କେତେକ ଅଫିସର ଉତ୍ତର-ପଶ୍ଚିମାଞ୍ଚଳରୁ ଝୁଡ଼ିରେ ସେଓ ମଗାଉଥିଲେ । ମାଂସ ସହର ବଜାରରେ ମିଳୁଥିଲା । ଗାଁରେ ଅବଶ୍ୟ କୁକୁଡ଼ା ମିଳୁଥିଲେ । ଖରାଦିନେ ପୋଖରୀ ସବୁ ଶୁଖିଗଲାବେଳେ ବେଶ୍ ମାଛ ମିଳୁଥିଲା । ହାଟମାନଙ୍କରେ ସବୁବେଳେ ଶୁଖୁଆ ବିକି ହେଉଥିଲା ।

ବିହାରୀ ଘୋଡ଼ା

ମନୋରଞ୍ଜନପାଇଁ ସେତେବେଳେ ସିନେମା ଥିଏଟର ନ ଥିଲା । କିନ୍ତୁ ବିଭିନ୍ନ ସ୍ଥାନରେ ଗୋଟିପୁଅ ସଙ୍ଗୀତ ଦଳ ଓ ପାଲାଦଳ ଥିଲେ । ଏବର ସିନେମା ଓ ଥିଏଟର୍‌ଠାରୁ ସେମାନଙ୍କର ମନୋରଞ୍ଜନ ମୂଲ୍ୟ ଯଥେଷ୍ଟ ବେଶି ଥିଲା । ମୁଁ ଯେଉଁ ସମୟର କଥା କହୁଛି ସେତେବେଳେ ବଲାଙ୍ଗୀର ଏକ ଯାତ୍ରାଦଳ ଥିଲେ ଯେଉଁମାନେ ସୁରଆଡ଼େ ବୁଲି ଯାତ୍ରା କରୁଥିଲେ । ଏହାରମୂଳକ ବା ପୃଷ୍ଠପୋଷକ ଥିଲେ ବନମାଳୀ ପଣ୍ଡା । ତାଙ୍କ ମୃତ୍ୟୁପରେ ଯାତ୍ରାଦଳ ଭାଙ୍ଗିଗଲା । ଦଳରୁ କେତେକ କଳାକାର ଯାଇ କାଳୀଚରଣ ପଟ୍ଟନାୟକଙ୍କ ଦଳରେ ମିଶିଲେ ବିହାରରେ ଥିଲାବେଳେ ପ୍ରତି ଗାଁରେ ମୁଁ ଘୋଡ଼ା ଦେଖିଛି । କିନ୍ତୁ ଓଡ଼ିଶାରେ ଏମାନେ ବିରଳ । ଓଡ଼ିଶାର ପାଗରେ ଏକ ଅଭାବ ରହିଥିବା ଯୋଗୁ ଘୋଡ଼ାମାନଙ୍କର କୁଆଁ ଓ ରୋଗ ବା ଆଣ୍ଠୁଗଣ୍ଠି ବାତ ଧରେ । ସେଥିପାଇଁ ସେମାନଙ୍କୁ ମାରିଦେବା ଦରକାର ପଡ଼େ । ମୋପରି ବନ୍ଦୋବସ୍ତ ସରକାରୀ ବନ୍ଦୋବସ୍ତ ଅଫିସର ବିହାରରୁ ଘୋଡ଼ା ଆଣି ଅଡ଼ୁଆରେ ପଡ଼ିଛନ୍ତି । ମୁଁ ବିହାରରୁ ଯେଉଁ ଘୋଡ଼ା ଆଣିଥିଲି, ସେ ବେଶ୍ ଟାଣୁଆ ଗାଉଁଲି ଘୋଡ଼ା ଥିଲା । ଓଡ଼ିଶା ବନ୍ଦୋବସ୍ତ ବେଳେ ଅନ୍ୟ ଘୋଡ଼ାମାନଙ୍କ ଅପେକ୍ଷା ସେ ଅଧିକ ତିନି ବର୍ଷ ବଞ୍ଚି ଥିଲା ।

Digitized by PPRACHIN, SOA

ଗାଁମାନଙ୍କରେ ଦରଜୀ ନ ଥିଲେ କିମ୍ବା ଦରଜୀଙ୍କର ତିଆରି ପୋଷାକ ପରି ମଧ୍ୟ ନ ଥିଲା । ଲୋକେ ଖାଲି ଦେହରେ ବୁଲୁଥିଲେ । ଦରକାର ହେଲେ ଖରାଦିନେ ସୂତା ଚଦର ଓ ଶୀତଦିନେ ଏଣ୍ଡି ଚଦର ବା ଆଲୁଆନ୍ ଘୋଡ଼ାଇ ହେଉଥିଲେ । ସ୍ତ୍ରୀ ଲୋକମାନଙ୍କପାଇଁ ତାଙ୍କର ଶାଢ଼ୀ ଯଥେଷ୍ଟ ଥିଲା । ସହରରେ ଯେଉଁ ଅଳ୍ପସଂଖ୍ୟକ ଦରଜି ଥିଲେ ସେମାନେ ସମସ୍ତେ ହେଲେ ମୁସଲମାନ ।

ବହୁ ଗାଆଁରେ ସ୍ତ୍ରୀ ଲୋକଙ୍କ ପରି ଚୁଟି ବାନ୍ଧୁଥିବା କେତେ ପୁରୁଣା କାଳିଆ ମରହଟ୍ଠୀ ଲୋକ ଥିଲେ ।

ପାଦରେ ଚଟି ଜୋତା ପିନ୍ଧିବା ସାଧାରଣତଃ ଦେଖାଯାଉ ନ ଥିଲା । ଖାଲି ପାଦରେ ଲୋକେ ଯିବା ଆସିବା କରୁଥିଲେ । ସହରରେ ପାଇଖାନାକୁ ଯିବାପାଇଁ କେବଳ କେତେକ ଘରେ ଲୋକେ କାଠଖଡ଼ମ ରଖିଥିଲେ । ଗାଁରେ କେତେକ ଶ୍ରେଣୀର ଲୋକ ବିଶେଷତଃ ବାବାଜୀମାନେ କଠଉ ବ୍ୟବହାର କରିବା ଦେଖାଯାଉଥିଲା ।

Digitized by PPRACHIN, SOA

ଉତ୍ତେଜନା କମିଟି

ସମ୍ବଲପୁର (ଜାନୁଆରୀ, ୧୯୩୦–ମାର୍ଚ୍ଚ, ୧୯୩୪)

୧୯୩୦ ମସିହା ଜାନୁଆରୀ ମାସ ଶେଷରେ ମୁଁ ସମ୍ବଲପୁରରେ ପହଞ୍ଚିଲି ଏବଂ ଡେପୁଟି କମିଶନରଙ୍କପାଇଁ ନିର୍ମିତ ଗୃହରେ ରହିଲି । ମହାନଦୀ କୂଳରେ ଏହା ଏକ ଦୁ'ତାଲା କୋଠା । ଏଥିରେ ଛ'ଟି ଶୟନକକ୍ଷ ଓ ପ୍ରତି ଶୟନକକ୍ଷ ସହିତ ସଂଲଗ୍ନ ହୋଇ ସ୍ନାନାଗାର ଥିଲା । ଏହାଛଡ଼ା ଘର ଆଗରେ ଭାରତୀୟ ଢଙ୍ଗର କେତେଗୁଡ଼ିଏ ପାଇଖାନା ମଧ୍ୟ ଥିଲା । ଏଥିରୁ ଦେଖାଯିବ ଯେ ଏ ଗୃହରେ ପାଇଖାନା ଓ ଗାଧୁଆ ଘର ଯେତେ, ରହିବା ଘର ତା'ଠାରୁ କମ୍ । ଏହା ଏକ ବିଚିତ୍ର ଧରଣର ଘର । ଯେଉଁଟା ଘରର ସମ୍ମୁଖଭାଗ ହେବାର କଥା ତାହା ହେଉଛି ଷ୍ଟେନୋଗ୍ରାଫର ଓ କିରାଣୀମାନଙ୍କର ପ୍ରବେଶ ପଥ । ଗୃହର ମାଲିକ ଏବଂ ଅତିଥିମାନଙ୍କର ପ୍ରବେଶପଥ ଗୋଟିଏ ପାର୍ଶ୍ୱରେ ଅବସ୍ଥିତ । ବର୍ତ୍ତମାନ ଏହା ମଧ୍ୟ ବଦଳି ନାହିଁ । ଘରୁ ବାହାରକୁ ଚାଲି ଆସିବାବେଳକୁ ଗୋଟିଏ ଖୋଲା ପାଇଖାନା ହିଁ ଦୃଷ୍ଟିରେ ପଡ଼ିବ । ପ୍ରବେଶ କକ୍ଷଟିକୁ ଷ୍ଟେୟାରକେସ୍ ମାଡ଼ି ବସିଛି । ମୁଁ ପରେ ଜାଣିଲି ଯେ, ଘରର ପ୍ଲାନ୍‌ରେ ଷ୍ଟେୟାରକେସ୍ ନ ଥିଲା । ନିର୍ମାଣ କାର୍ଯ୍ୟ ଚାଲିବା ପରେ ଉପର ମହଲାକୁ ଯିବାପାଇଁ ଷ୍ଟେୟାରକେସ୍ ନ ଥିବା କଥା ଯାଇ ଇଂଜିନିୟରମାନଙ୍କ ମୁଣ୍ଡରେ ପଶିଲା । ତେଣୁ ଏହିପରି ଏକ ବ୍ୟବସ୍ଥା କରାଗଲା ।

ସେଣ୍ଟ୍ରି

ଡେପୁଟି କମିଶନରଙ୍କ ହତା ଭିତରେ ପଶିବାକୁ ହେଲେ ସରକାରୀ ଟ୍ରେଜେରୀ ବାଟେ ଯିବାକୁ ହେବ । ସନ୍ଧ୍ୟା ହେଲେ ସେଠାରେ ସେଣ୍ଟ୍ରି ବା ରକ୍ଷୀର ସତର୍କ ଆହ୍ୱାନ ଶୁଣିବାକୁ ପଡ଼େ । ମୋର ଛ'ବର୍ଷର ପୁଅକୁ କୁହାହୋଇଥିଲା ଯେ, ଯେତେବେଳେ ସେଣ୍ଟ୍ରି କହିବ "କିଏ ଆସୁଛ, ଠିଆ ହୋଇ ରହ (Halt who comes there)" ତା'ହେଲେ ସେ କହିବ, 'ବନ୍ଧୁ' । କିନ୍ତୁ ସେ ଦେଖିଲା ଯେ, ଏ ଉତ୍ତର ଯଥେଷ୍ଟ ହେଉ ନାହିଁ । ତେଣୁ ସେ କହିଲା, "କଲି ସାହେବକା ଛୋଟା ବାବା ।" ଏହି ଉତ୍ତର ଗ୍ରହଣ କରିବାପାଇଁ ସେଣ୍ଟ୍ରିମାନଙ୍କୁ ପରାମର୍ଶ ଦିଆଗଲା । ଅନ୍ୟମାନଙ୍କୁ 'ବନ୍ଧୁ' ବୋଲି କହିବାକୁ ପଡ଼ୁଥିଲା, 'ବନ୍ଧୁ' କହିଲେ ସେଣ୍ଟ୍ରି କହୁଥିଲା, 'ବନ୍ଧୁ, ଯାଅ, ସବୁ ଠିକ୍ ଅଛି (Pass friend all is well) ।' ମୁଁ ରାତ୍ରି ଭୋଜନପାଇଁ ଲୋକଙ୍କୁ ନିମନ୍ତ୍ରଣ କଲାବେଳେ ସେଣ୍ଟ୍ରି

Digitized by PPRACHIN, SOA

ସମସ୍ତଙ୍କ ବଡ଼ ଅନୁଆରେ ପକାଏ । ସେତେବେଳେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ସେଣ୍ଟ୍ରିର ଏହି ଡାକରା ଯେପରି ଏକ ମାମୁଲି ଡାକରା ହୁଏ ସେଥିପାଇଁ ମୋତେ ପରାମର୍ଶ ଦେବାକୁ ହେଉଥିଲା । ବିହାର-ଓଡ଼ିଶାର ଗଭର୍ଣ୍ଣର ସମ୍ବଲପୁର ଆସିବା-ବେଳେ ଡେପୁଟି କମିଶନରଙ୍କ ଗୃହେ ଭୋଜନର କାର୍ଯ୍ୟକ୍ରମ ସାଧାରଣତଃ ରଖାଯାଏ । ଗଭର୍ଣ୍ଣରଙ୍କ ଗାଡ଼ି ଆସିବାବେଳେ ସେଣ୍ଟ୍ରିକୁ ଏପରି ଆହ୍ୱାନ ନ କରିବାପାଇଁ କହିବା କିମ୍ବା ଗଭର୍ଣ୍ଣରଙ୍କ ଗାଡ଼ି ଏପରି ଆହ୍ୱାନ ନ ମାନି ପଶିଯିବା ଉଚିତ ମନେ କରାଗଲା ନାହିଁ । ସେଥିପାଇଁ ଏକ ପୃଥକ୍ ପ୍ରବେଶପଥର ବ୍ୟବସ୍ଥା କରାଯାଇଥିଲା । ଯାହାଫଳରେ କି ୩୦୦ ଗଜ ଅଧିକା ଆସିବା ଦରକାର ପଡ଼ୁଥିଲା ।

ଡେପୁଟି କମିଶନରଙ୍କ ଘରୁ ଶିଳାପୂର୍ଣ୍ଣ ମହାନଦୀ ଓ ଦୂର ପର୍ବତମାନଙ୍କର ଦୃଶ୍ୟ ଅତ୍ୟନ୍ତ ମନୋରମ । ବର୍ଷାଋତୁରେ ଏହା ଏକ ପ୍ରବଳ ସ୍ରୋତସ୍ୱିନୀରେ ପରିଣତ ହୁଏ । ବନ୍ୟା ଜଳ ଡେପୁଟି କମିଶନରଙ୍କର ବଗିଚାରେ ପଶି ୨୦୦ ଗଜ ଲମ୍ବ ଓ ୫୦ ଗଜ ଓସାରର ଏକ ହ୍ରଦ ସୃଷ୍ଟି କରେ । ମୋ ସ୍ତ୍ରୀ ହତା ଭିତରେ ଏକ ଟେନିସ୍‌କୋର୍ଟ୍ ସହିତ ସୁନ୍ଦର ବଗିଚା କରାଇଥିଲେ ଓ ସେଥିପାଇଁ ଛ'ଜଣ ମାଳୀଙ୍କୁ ନିଯୁକ୍ତ କରାଇଥିଲେ । ବଗିଚାପାଇଁ ପାଣି ମହାନଦୀରୁ ଢେଣ୍ଡା ସାହାଯ୍ୟରେ ୩୦ ଫୁଟ ଉଚ୍ଚକୁ ଉଠାଯାଉଥିଲା ।

ଡେପୁଟି କମିଶନରଙ୍କ ହତା ଖୁବ୍ ବଡ଼ ଥିଲା । ଏହାର ଗୋଟିଏ ଅଂଶରେ ଗୋଟିଏ ଗିର୍ଜା ଥିଲା ଓ ଘରର ଶହେ ଗଜ ଦୂରରେ ଚାକରମାନଙ୍କପାଇଁ ରହିବା ଘର ଥିଲା ।

ହତାର ବାହାରେ ଓ ଗିର୍ଜାର ଅନ୍ୟ ପଟେ ଗୋଟିଏ ହାତୀଶାଳ ଓ ମାହୁନ୍ତପାଇଁ ଘରର ବ୍ୟବସ୍ଥା କରାଯାଇଥିଲା । ଏହା ଏପରି ଏକ ନିର୍ଜନ ସ୍ଥାନ ଥିଲା ଯେ ପ୍ରତିଦିନ ରାତିରେ କାଳେ ଅପରାଧୀମାନେ ଲୁଚି ରହିଥିବେ ସେଥିପାଇଁ ପୋଲିସକୁ ବୁଲିବାକୁ ହେଉଥିଲା । ଡେପୁଟି କମିଶନରଙ୍କର ଅଫିସ ତାଙ୍କର ହତାକୁ ଲାଗିଥିଲା । ଅଫିସରେ ତାଙ୍କର ନିଜପାଇଁ କୌଣସି ଘର ନ ଥିଲା । ସମସ୍ତ ପ୍ରକାର ଶାସନଗତ କାର୍ଯ୍ୟ ସେ ନିଜ ଘରେ ରହି କରୁଥିଲେ । ବିଚାର କାର୍ଯ୍ୟପାଇଁ ତାଙ୍କ ଅଫିସରେ ଗୋଟିଏ ଅଦାଲତ ଗୃହ ଥିଲା । ସେସନ୍‌ସ୍‌ଜଜ୍ ଯେତେବେଳେ ସର୍କିଟରେ ଆସୁଥିଲେ ସେ ଏହି ଘରଟିକୁ ବ୍ୟବହାର କରୁଥିଲେ ।

ଆଇ. ସି. ଏସ୍.ଙ୍କ ଠକାମି

ସମ୍ବଲପୁରରେ ପହଞ୍ଚି ମୁଁ ଜେମ୍‌ସ୍ ଜନ୍‌ଷ୍ଟନ୍ ନାମକ ଜଣେ ଆଇରିସ୍ ଆଇ. ସି. ଏସ୍.ଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କଲି । ତାଙ୍କର ଭାଇ ମଧ୍ୟ ଆଇ. ସି. ଏସ୍.

Digitized by PPRACHIN, SOA

ଥିଲେ । ତାଙ୍କ ବ୍ୟବହାରରେ ସେ ଅତିଶୟ ଆଇରିସ୍ ଥିଲେ । ଅଢ଼େଇବର୍ଷ କାଳ ସେ ସସ୍‌ପେଣ୍ଡହୋଇ ରହିଥିଲେ । ପରେ ତାଙ୍କୁ ପୁନର୍ବାର ତାଙ୍କ ସ୍ଥାନରେ ଅବସ୍ଥାପିତ କରାଗଲା । ସମ୍ବଲପୁରଠାରେ ସେ କାର୍ଯ୍ୟରୁ ଅବସର ଗ୍ରହଣ କଲେ । ତାଙ୍କଠାରୁ ମୋତେ ବେଶ୍ ମୂଲ୍ୟଦେଇ କେତୋଟି ଜିନିଷ କିଣିବାକୁ ପଡ଼ିଥିଲା । କେତେକ ଆସବାବପତ୍ର ଯାହା କି ବେଦରକାରୀ ଜିନିଷପତ୍ର ମଧ୍ୟରେ ଗଣା ହେବା କଥା; ତାକୁ ମୁଁ ବେଶୀ ମୂଲ୍ୟ ଦେଇ କିଣିଲି । ଖଣ୍ଡେ ଛୁଞ୍ଚା ଗାଲିଚାକୁ ଶହେ ଟଙ୍କା ଦେବାକୁ ହେଲା । ତାଙ୍କ ସହିତ ଚିଠିପତ୍ର ଲେଖି ମୁଁ ପୂର୍ବରୁ ମୂଲ୍ୟ ସ୍ଥିର କରି ନେଇଥିଲି । ସେ ମୋତେ ଲେଖିଥିଲେ ଯେ ଜିଲା ଇଂଜିନିୟର ଦେଖି ଦର ଧାର୍ଯ୍ୟ କରିଛନ୍ତି । ମୁଁ ଯାଇ ଦେଖେ ଯେ ଦର ଧାର୍ଯ୍ୟ କରିଥିବା ଜିଲା ଇଂଜିନିୟର ମୁଁ ସମ୍ବଲପୁରରେ ପହଞ୍ଚିବାର କେତେକ ଦିନ ଆଗରୁ ସମ୍ବଲପୁର ଛାଡ଼ି ସାରିଲେଣି । ଜନ୍‌ଷ୍ଟନ୍‌ଙ୍କ ପ୍ରତି କୃତଜ୍ଞ ରହିବାର ତାଙ୍କର ମଧ୍ୟ ବହୁବିଧ କାରଣ ଥିଲା । ମୋର କେବେ ଧାରଣା ନ ଥିଲା ଯେ, ଜଣେ ବୟୋଜ୍ୟେଷ୍ଠ ଆଇ. ସି. ଏସ୍. ସେହି ସର୍ଭିସର ଜଣେ କନିଷ୍ଠ ବ୍ୟକ୍ତି ପ୍ରତି ଏପରି ବ୍ୟବହାର କରିପାରନ୍ତି । ମିଃ. ପକ୍‌ଙ୍କ ସମ୍ପର୍କରେ କଟକରେ ମୋର ଅଭିଜ୍ଞତା ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଡେପୁଟି କମିଶନରଙ୍କର ସିରି-ଜଣଯାକ ଅର୍ଡ଼ର୍ଲି ମୁଁ ଯେଉଁଦିନ ପହଞ୍ଚିଲି ସେହିଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିଗଲେ । କେହି ଜଣେ ଅଭିଜ୍ଞ ଅର୍ଡ଼ର୍ଲି ଆଉ ମୋ ପାଖରେ ନ ଥାନ୍ତି । ମୁଁ ପହଞ୍ଚିବା ପୂର୍ବରୁ ମୋର ଖ୍ୟାତି ସମସ୍ତଙ୍କର ଅବଗତ ଥାଏ । ପୁରୁଣା ଅର୍ଡ଼ର୍ଲିମାନେ ଯେଉଁ କାମ କରୁଥିଲେ ସେ କାମର ଆଉ କୌଣସି ଆବଶ୍ୟକତା ନ ଥିଲା ।

ଜଣେ ବିଧବା ଯୁବତୀ ଡେପୁଟି କମିଶନରଙ୍କ ସହିତ ସାକ୍ଷାତ୍ କରିବାପାଇଁ ବାରମ୍ବାର ଆସି ଫେରି ଯାଉଥିଲେ । ମୋର ଚାରିବର୍ଷ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ସହିତ ମୋର ଆଦୌ ସାକ୍ଷାତ୍ ହୋଇ ନାହିଁ । ଅବଶ୍ୟ ତାଙ୍କର ଲୋକମାନଙ୍କ ସହିତ ମୋର ସାକ୍ଷାତ୍ ହୋଇଛି । ଲକ୍ଷ୍ମୀନାରାୟଣ ମିଶ୍ର ମୋ ଘରକୁ ଥରେ ଆସିଥିଲେ ! ଯଦିଓ ଜନ୍‌ଷ୍ଟନ୍‌ଙ୍କ ସମୟରେ ସେଠାକୁ ଆସିବା ସବୁଦିନ ତାଙ୍କର କାମ ଥିଲା ।

ତୁମ କଥା କହି ଦେଇଛି

ଜଣେ ରାଜନୈତିକ କର୍ମୀ ଅତି ଗରିବ ଥିଲେ ଓ ଚଳିବାପାଇଁ ତାଙ୍କର ପଇସା ଦରକାର ପଡୁଥିଲା । ତାଙ୍କର କାମ ଥିଲା, ଡେପୁଟି କମିଶନରଙ୍କ ପାଖକୁ ଦରଖାସ୍ତକାରୀମାନଙ୍କୁ ଆଣି ପହଞ୍ଚାଇ ଦେବା ଓ ସେଥିପାଇଁ ସେମାନଙ୍କଠାରୁ ପଇସା ନେବା । ଡେପୁଟି କମିଶନରଙ୍କ ସହିତ ତାଙ୍କର ଦେଖା ହେଉ ବା ନ ହେଉ ଷ୍ଟେନୋଗ୍ରାଫର ବସିଥିବା ଜାଗାକୁ ସେ ଚାଲି ଆସୁଥିଲେ । କିଛି ସମୟ ପରେ

Digitized by PPRACHIN, SOA

ଫେରିଯାଇ ବାହାରେ ଅପେକ୍ଷା କରିଥିବା ଦରଖାସ୍ତକାରୀଙ୍କୁ କହୁଥିଲେ, “ମୁଁ ଡେପୁଟି କମିଶନର୍‌ଙ୍କୁ ତୁମ କଥା କହିଦେଇଛି ।”

ଲକ୍ଷ୍ମୀନାରାୟଣ ମିଶ୍ର ତାଙ୍କ ଭାଷଣରେ ଅତି କଟୁ ଭାଷା ପ୍ରୟୋଗ କରୁଥିଲେ । ଥରେ ଏକ ସାଧାରଣ ସଭାରେ ସେ ସରକାରଙ୍କୁ ଗାଳିଦେଇ ଦୁଇ ବର୍ଷ ଜେଲ ଯାଇଥିଲେ । ଜେଲରୁ ଆସି ଆଉଥରେ ଏକ ବକ୍ତୃତା ଦେଲେ ଓ ପୁଣି ବର୍ଷକପାଇଁ ଜେଲ ଗଲେ । ସେ ଜେଲରୁ ମୋ ପାଖକୁ ଇଂରାଜୀରେ ଚିଠି ଲେଖୁଥିଲେ । ସେ ସବୁ ଚିଠି ଗୋଟିଏ ଗୋଟିଏ ସାହିତ୍ୟ । ସେ କାହିଁକି ଇଂରାଜୀରେ ଲେଖୁଥିଲେ ମୁଁ ଜାଣେ ନାହିଁ । ସେ ଭାବୁଥିଲେ ମୁଁ ଓଡ଼ିଆ ପଢ଼ି ଜାଣେ ନାହିଁ । ଆଉ ଜଣେ ରାଜନୈତିକ ବନ୍ଦୀ ସରଳା ଦେବୀ ମୋତେ ଚିଠି ଲେଖି ନ ଥିଲେ ମଧ୍ୟ ମୋର ପ୍ରଶଂସା କରି ଅନ୍ୟମାନଙ୍କ ପାଖକୁ ଏପରି ଲେଖୁଥିଲେ, ଯାହା ଫଳରେ ଜେଲ୍ ପରିଦର୍ଶନବେଳେ ମୁଁ ଫିମେଲ୍ ଓ୍ୱାର୍ଡକୁ ଯାଇପାରୁ ନ ଥିଲି । ସେ ଜାଣି ନ ଥିଲେ ଯେ ମୁଁ ତାଙ୍କ ଚିଠିପତ୍ର ସବୁ ଯାଞ୍ଚ କରୁଛି । ଏହି ସବୁ ଚିଠିର କେତେକ ଅଂଶ କାଟି ଦିଆଯାଉଥିଲା କିମ୍ବା ପଠାଯାଉ ନ ଥିଲା । ସାତ ବର୍ଷ ପରେ ଯେତେବେଳେ ସେ ଓ ଲତିକା ଦେବୀ ପୁରୁଲିଆଠାରେ ଆମ ସଙ୍ଗେ ରହିବାକୁ ଆସିଲେ, ସେତେବେଳେ ମୁଁ ଏସବୁ କଥା ତାଙ୍କୁ କହିଲି । ସରଳା ଜଣେ ରାଜନୈତିକ ନେତାଙ୍କର ସ୍ତ୍ରୀ ଓ ସାହିତ୍ୟକୁ ହିଁ ସେ ସାଧନାପାଇଁ ବାଛି ନେଇଥିଲେ । ଲତିକା ଓଡ଼ିଶାର ତତ୍କାଳୀନ ଆଡ୍‌ଭୋକେଟ ଜେନେରାଲ୍ ଯେ କି ପରେ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ହୋଇଥିଲେ, ତାଙ୍କର ସ୍ତ୍ରୀ ।

ଶାସନର ଚରିତ୍ର

ସମ୍ବଲପୁରରେ ମୋର ଚାରି ବର୍ଷ ତିନ ମାସ ରହଣୀକାଳ ମଧ୍ୟରେ ରାଜନୈତିକ କାର୍ଯ୍ୟ ବିଶେଷ କିଛି ହେଉ ନ ଥିଲା । ସେ ସମୟରେ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଜୋର୍‌ସୋର୍ ଆଇନ ଅମାନ୍ୟ ଆନ୍ଦୋଳନ ଲାଗିଥିଲା । ଲକ୍ଷ୍ମୀନାରାୟଣ ମିଶ୍ର ଜେଲ୍‌ରେ ଥିଲେ ଏବଂ ଯୁବକ ବା ବୃଦ୍ଧ ହୁଅନ୍ତୁ, ସ୍ଥାନୀୟ ସମାଜର ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହିତ ମୋର ଭଲ ସମ୍ପର୍କ ଥିଲା । ପ୍ରଥମ କେତେମାସ ମଧ୍ୟରେ କାଳୀଚରଣ ପଟ୍ଟନାୟକ ତାଙ୍କର ଥିଏଟର ଦଳ ଘେନି ଆସିଲେ । ଜନସାଧାରଣଙ୍କୁ ତାଙ୍କର ଦଳ ଖୁବ୍ ଆନନ୍ଦ ଦେଇଥିଲା । ଲୋକଙ୍କର ରାଜନୀତିରେ ସଂଶ୍ଳିଷ୍ଟ ହେବାପାଇଁ ସମୟ ନ ଥିଲା । ପ୍ରଥମ ଓଡ଼ିଆ ଜିଲ୍ଲା ସାହେବ ଶାସନର ଚରିତ୍ର ଓ ଦର୍ଶନକୁ ବଦଳାଇ ଦେଇଥିଲେ । ଦୁଇ ବର୍ଷ ଧରି ଜିଲାବୋର୍ଡ ସହିତ ମିଳନ୍ ଷ୍ଟୁଆର୍ଟଙ୍କର ଯେଉଁ ଲଢ଼େଇ ଚାଲିଥିଲା ତାହା ଏକ ଅତୀତର ବିଷୟ ହୋଇଗଲା । ଡେପୁଟି କମିଶନର୍‌ଙ୍କ ପାଖକୁ ଟାଉଟରମାନଙ୍କର ଆସିବା ବନ୍ଦ

Digitized by PPRACHIN, SOA

ହୋଇଗଲା । ଯେଉଁ ସବୁ ଲୋକେ ଜଲ ସାହେବଙ୍କ ଆମୋଦର ବ୍ୟବସ୍ଥା କରି ଟଙ୍କା ଅର୍ଜନ କରୁଥିଲେ ସେମାନଙ୍କର ବ୍ୟବସାୟ ଚଳି ପାରିଲା ନାହିଁ । କେତେକ ଜାତିର ଲୋକ ଯେଉଁମାନେ କି ପୂର୍ବରୁ କେତେକ ବିଶେଷ ସୁବିଧା ଭୋଗ କରି ଆସୁଥିଲେ ସେମାନଙ୍କୁ ଏଣିକି ସମସ୍ତଙ୍କ ସହିତ ସମାନଭାବରେ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିଲା । ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନପାଇଁ ଯେଉଁ କର୍ମଚାରୀମାନେ ସରକାରୀ କ୍ଷମତାର ଅପବ୍ୟବହାର କରୁଥିଲେ ସେମାନଙ୍କୁ ସେ ସବୁ ସୁବିଧା ହରାଇବାକୁ ହେଲା । କୌଣସି ଅଭିଯୋଗ ଥିଲେ ପ୍ରତ୍ୟେକ ବ୍ୟକ୍ତି ଡେପୁଟି କମିଶନରଙ୍କୁ ସାକ୍ଷାତ୍ କରି ପାରୁଥିଲା ଓ ଶୀଘ୍ର ନ୍ୟାୟ ପାଉଥିଲା । ଗ୍ରୀଷ୍ମ ଋତୁରେ ମୁଁ ପ୍ରତି ରାତିରେ ସହର ଭିତରେ ବୁଲୁଥିଲି ଓ ବଡ଼ ଧରଣର ଚୋରି ବନ୍ଦ ହୋଇଗଲା । କାରଣ ଖରାଦିନେ ସାଧାରଣତଃ ପୁରୁଷ ଓ ପିଲାମାନେ ଘର ବାହାରେ ଦାଣ୍ଡରେ ଆସି ଶୁଅନ୍ତି । ସିନ୍ଧ ଚୋର ଓ ସାଧାରଣ ଚୋରମାନେ ଏହାର ସୁଯୋଗ ନିଅନ୍ତି । ମୋର ରାତି ଭ୍ରମଣ ଫଳରେ ସେମାନଙ୍କର ଏହି ସବୁ କାର୍ଯ୍ୟ ବନ୍ଦ ହୋଇଗଲା । ଲୋକମାନେ ସେମାନଙ୍କ ସୁରକ୍ଷାର ଏହି ବନ୍ଦୋବସ୍ତପାଇଁ କୃତଜ୍ଞ ରହିଲେ । ମୋର ଲକ୍ଷ୍ୟ ଥିଲା, ତାଜା ନିର୍ମଳ ପବନ ଯାହା କି ସହର ଭିତରେ ମିଳେ ନାହିଁ । ଏହି ଅପରାଧୀମାନଙ୍କ ପଛରେ ଥିବା ଜଣେ ବ୍ୟକ୍ତି ମୋର ଜଣେ ପୁରାତନ ବନ୍ଧୁ । ସେ ଦେଖିଲା ଯେ ତାର ସବୁ କୌଶଳ ଓ ରାସ୍ତା ମୋତେ ମାଲୁମ ପଡ଼ିଗଲାଣି । ସେ ବିଳମ୍ବ ନ କରି ନିଜକୁ ସଯତ୍ନ କରିନେଲା ।

ଗଣ୍ଡ ଓ ବ୍ରାହ୍ମଣ

ଗଣ୍ଡମାନେ ଥିଲେ ସବୁଠାରୁ ଅନୁନ୍ନତ ସମ୍ପ୍ରଦାୟ । ଡି. ସି. (ଡେପୁଟି କମିଶନର) ଜଣେ ବ୍ରାହ୍ମଣ ଯାହାଙ୍କର କି କୁକୁଡ଼ା ଛୁଇଁବାର କଥା ନୁହେଁ । ଜନରବ ରଟିଗଲା ଡି. ସି. ସବୁ କୁକୁଡ଼ାଙ୍କୁ ମାରି ପକାଇବାପାଇଁ ହୁକୁମ ଦେଇଛନ୍ତି ଓ ମହାତ୍ମା ଗାନ୍ଧୀ ସବୁ ଗଣ୍ଡଙ୍କୁ ପଇତା ପକାଇବାପାଇଁ ପରାମର୍ଶ ଦେଇଛନ୍ତି । ଏହି ଜନରବ ବନ୍ଦ କରିବାପାଇଁ କିଛି ହେବା ପୂର୍ବରୁ ଖବର ଆସି ପହଞ୍ଚିଲା ଯେ ହଜାର ହଜାର ସଂଖ୍ୟାରେ କୁକୁଡ଼ାଙ୍କୁ ମାରି ଦିଆଯାଉଛି । ଏହା ଏକ ଅସ୍ଥାୟୀ ଅର୍ଥନୈତିକ ବିପର୍ଯ୍ୟୟ ଭଳି ହେଲା । ମାତ୍ର ଶୀଘ୍ର ଆର୍ଥିକ ପରିସ୍ଥିତିର ସୁବନ୍ଦୋବସ୍ତ କରି ଦିଆଗଲା । ଡି. ସି. ପ୍ରକୃତରେ କୁକୁଡ଼ାଖିଆ ବ୍ରାହ୍ମଣ ଥିଲେ । ଗଣ୍ଡମାନେ ପଇତା ପକାଇବାକୁ ଆରମ୍ଭ କଲେ ତଦ୍ଦ୍ୱାରା କିଛି କ୍ଷତି ହେଲା ନାହିଁ । ସମ୍ବଲପୁରର ଜନସାଧାରଣଙ୍କପାଇଁ ଈଶ୍ୱର ଗାନ୍ଧୀ ମହାରାଜ ବମ୍ବା ଜଲ ସାହେବଙ୍କ ଜରିଆରେ କାର୍ଯ୍ୟ କଲେ । ତାଙ୍କର ବାକ୍ୟ ହିଁ ଥିଲା ଆଇନ । ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ମୁଁ ଦେଖିଲି ଜଣେ ଗଣ୍ଡ ପିଲା ତା'ର ଶ୍ରେଣୀର ବାହାରେ ବସିଛି । ମୁଁ ତା'ର ହାତ ଧରିନେଇ ଶ୍ରେଣୀ ଭିତରେ ବସାଇ-ଦେଲି । ସ୍କୁଲ ପୁରାପୁରି ଚାଲିଲା ।

Digitized by PPRACHIN, SOA

ଜିଲ୍ଲା ସ୍କୁଲ

ସମ୍ବଲପୁର ଜିଲ୍ଲା ସ୍କୁଲ ଜିଲ୍ଲାରେ ଏକମାତ୍ର ହାଇସ୍କୁଲ ଥିଲା । ମ୍ୟାନେଜିଂ କମିଟିର ମୁଁ ସଭାପତି ଥିଲି । ବେସରକାରୀ ସଭ୍ୟମାନେ କହିଲେ ଯେ ଯଦି ବାଳିକାମାନଙ୍କୁ ସ୍କୁଲରେ ଭର୍ତ୍ତି ହେବାକୁ ଦିଆଯାଏ ତା' ହେଲେ ବାଳକମାନଙ୍କୁ ସ୍କୁଲରୁ ଉଠାଇ ଅଣାଯିବ । ମୁଁ ବାଳିକାମାନଙ୍କୁ ସ୍କୁଲରେ ନେବାପାଇଁ ଆଦେଶ ଦେଲି ଓ ଅପେକ୍ଷା କଲି କେତେଜଣ ବାଳକଙ୍କୁ ଉଠାଇ ନିଆଯାଉଛି । କେହି ଗଲେ ନାହିଁ । ମୋ ସ୍ତ୍ରୀ ସ୍ଥାନୀୟ ପ୍ରାଥମିକ ବାଳିକା ବିଦ୍ୟାଳୟକୁ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ କରାଇଲେ । ୧୯୩୪ ମସିହାବେଳକୁ ଏହା ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇଯାଇଥିଲା ।

ତିରିଶ ସାଲ ଓ ତା'ର ପରବର୍ତ୍ତୀ ବର୍ଷମାନଙ୍କରେ ସାରା ଆଡ଼େ ଘଟିଥିବା ଅର୍ଥନୈତିକ ଦୁର୍ଗତି ସମ୍ବଲପୁରକୁ ବିଶେଷ ପ୍ରଭାବିତ କରି ନାହିଁ । କାରଣ ଲୋକଙ୍କର ଚାହିଦା ଥିଲା ଅଳ୍ପ । ଅନ୍ୟ ପକ୍ଷରେ ଦରମା ପାଉଥିବା ଲୋକମାନେ ହଠାତ୍ ଅନୁଭବ କଲେ ଯେ ସେମାନେ ପୂର୍ବେ ତାଙ୍କ ଟଙ୍କାରେ ଯେତିକି ଜିନିଷ ପାଉଥିଲେ ଏବେ ତା'ର ତିନିଗୁଣ ଜିନିଷ ପାଇଲେ । ମୋର ଚାକରମାନେ ଟଙ୍କାରେ ୩୪ ସେର ଚାଉଳ କିଣୁଥିଲେ । ଆମ ବଗିଚାରେ ଚାରି ଜଣ ମୂଲିଆ ଥିଲେ ଯେଉଁମାନଙ୍କର ମାସିକ ଦରମା ହେଲା ୪ ଟଙ୍କା । ଜଣେ ମଟର ଡ୍ରାଇଭର ମାସକୁ ୧୫ ଟଙ୍କାରେ ମିଳୁଥିଲା । କୃଷିଜାତ ଦ୍ରବ୍ୟ ବିକ୍ରି କରି ଯେଉଁମାନେ ଚଳନ୍ତି, ସେମାନଙ୍କୁ ଅତି ଦୁଃଖରେ ଚଳିବାକୁ ହେଲା । ଗାଁର ଗରିବ ଲୋକମାନେ ନିଜର ପିନ୍ଧା ଲୁଗା କମାଇ ଓ କିରାସିନ୍ ନ ଜାଳି ଚଳିଲେ । ରାତି ହେବାମାତ୍ରେ ଗାଁ ଗଣ୍ଡା ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଏ । ଥରେ ରାତିରେ ଗୋଟିଏ ଡାକବଙ୍ଗଳାରେ ମୁଁ ମୋର ସ୍ତ୍ରୀ ଓ ପିଲାମାନଙ୍କ ସହିତ କାଠ ମୁଣ୍ଡାଟିଏ ଜଳାଇ ରାତି କାଟିଥିଲୁ ।

ମକଦ୍ଦମଙ୍କ ଦିନଲିପି

ରାଜସ୍ୱ ଆଇନ ଶ୍ରମର ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା ଓ ଚାଷୀମାନଙ୍କ ସୁରକ୍ଷା-ପାଇଁ ହୋଇଥିଲା । ନିକଟ ସମ୍ପର୍କୀୟ ବ୍ୟକ୍ତିମାନେ ଅନ୍ୟକୁ ଛାଡ଼ିଦେଲେ ଜମି ହସ୍ତାନ୍ତର ନିଷିଦ୍ଧ କରାଯାଇଥିଲା । ନିକଟ ସମ୍ପର୍କୀୟ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଉଚିତ ଉତ୍ତରାଧିକାରୀ ନ ଥିଲେ ଏହି ବ୍ୟବସ୍ଥା ରହିଥିଲା । ଏହି ଆଇନକୁ ଫାଙ୍କିବାପାଇଁ ଲୋକେ ଜମିଦାରଙ୍କୁ ଜମିଫେରାଇ ଦେଉଥିଲେ । ଜମିଦାର ହସ୍ତାନ୍ତରିତ ହେବାକୁ ଯାଉଥିବା ଲୋକ ନାମରେ ପଟ୍ଟା ଫେରାଇ ଦେଉଥିଲେ । ଏହି ଫାଙ୍କକୁ ଧରାଗଲା । ଆଇନ ଅନୁଯାୟୀ ମକଦ୍ଦମର ଧରସା (ଗ୍ରାମ୍ୟ ରାସ୍ତା) ଡେରାଘର (ଗାଁର କୋଠଘର) ଏବଂ ସର୍ବସାଧାରଣଙ୍କ

Digitized by PPRACHIN, SOA

ପୋଖରୀ ମରାମତ କରିବାର କଥା । ମକଦ୍ଦମାପାଇଁ ଯାହା ବାଧ୍ୟତାମୂଳକ ପଞ୍ଚାୟତ ମାର୍ଫତରେ ସମସ୍ତ ଗ୍ରାମବାସୀଙ୍କର ତାହା କରିବାର କଥା । ବାସ୍ତବରେ ସେ ହେଉଛି ଗ୍ରାମଶାସନର ମୁଖ୍ୟ । ଗ୍ରାମ ନୋଟ୍‌ବୁକ୍ ସେ ରଖେ, ଯେଉଁଥିରେ ଗ୍ରାମର ସବୁ ଘଟଣା ଲିପିବଦ୍ଧ ହେଉଥିଲା । ଏଥି ମଧ୍ୟରେ ଯଦି ଅପରାଧୀମାନେ ଗ୍ରାମକୁ ଆସନ୍ତି, ତାଙ୍କ କଥା ରହେ, ଜିଲ୍ଲା ସାହେବଙ୍କ କଥା ମଧ୍ୟ ରହେ । ଏହିପରି ଧରଣର ଲେଖା ସେଥିରେ ମିଳିବା ଆଦୌ ବିରଳ ନୁହେଁ— "କ ଜଣେ ଦ୍ୱିତୀୟ ଶ୍ରେଣୀର ଷ୍ଟେର— ଆସିଥିଲା ଓ ରାତି ହେବାପୂର୍ବରୁ ଚାଲିଗଲା । ଜିଲ୍ଲା ସାହେବ ଆସିଥିଲେ ଓ ଘଣ୍ଟାଏ କଟାଇଲେ ।" ଜମିଦାର ବର୍ଷରେ କେତେ ଦିନ ପ୍ରଜାମାନଙ୍କୁ ବେଠି ଖଟାଇବାର ପ୍ରଥା ଥିଲା । ଆପୋଷରେ ସମଗ୍ର ଗ୍ରାମର କୃଷିକାର୍ଯ୍ୟପାଇଁ ଶ୍ରମର ଅଭାବ ଘଟୁ ନ ଥିଲା । କୌଣସି ଶ୍ରମିକ କାମ କରିବାପାଇଁ ମନା କରୁ ନ ଥିଲା । ଧର୍ମଘଟ ବା ବୈଠକୀ ଧର୍ମଘଟ ପ୍ରଚଳିତ ନ ଥିଲା । ରାଜସ୍ୱ ସମ୍ପର୍କୀୟ ମୋର ଯେଉଁ କ୍ଷମତା ଥିଲା ଶୀତଦିନେ ହେଉ ବା ଖରାଦିନେ ହେଉ ମୁଁ ଯେ କୌଣସି ଗ୍ରାମକୁ ଚାଲିଯାଇ ପାରୁଥିଲି । ଗୋଟିଏ ଗସ୍ତକ୍ରମ ସ୍ଥିର କରିବା ଥିଲା ଏକମାତ୍ର ଦାୟିତ୍ୱ । ଧରସା ସବୁ ନିର୍ଦ୍ଦିଷ୍ଟ ମାନ ଅନୁଯାୟୀ ମରାମତ ହେବ, ଅର୍ଥାତ୍ ଦୁଇପାଖରେ ନଳାହୋଇ ଷୋହଳଫୁଟ ଓସାରରେ ମାଟି ପଡ଼ିବ । ଏହିପରିଭାବରେ ବଳଦମଖୋଲିକୁ ଏକ ମଟର ଯିବାର ଉପଯୋଗୀ ରାସ୍ତା ପଡ଼ିଗଲା । ପ୍ରତ୍ନତତ୍ତ୍ୱବିତ୍‌ମାନେ ପାଟନାରୁ ଏଠାରେ ଥିବା ପ୍ରାଗ୍-ଐତିହାସିକ ଶିଳାଲିପି ଅନୁଧ୍ୟାନ କରିବାକୁ ଆସିଥିଲେ ।

ଓଡ଼ନେଲ୍ କମିଟି

୧୯୩୧ ମସିହାରେ ଓଡ଼ନେଲ୍ କମିଟି ସମ୍ବଲପୁର ଆସିଥିଲେ । କେଉଁ ସବୁ ଅଞ୍ଚଳକୁ ନେଇ ନୂତନ ପ୍ରଦେଶ ଗଠିତ ହେବ, ତାହା ସ୍ଥିର କରିବା ଥିଲା କମିଟିର-କାର୍ଯ୍ୟ । ମଧ୍ୟପ୍ରଦେଶର ଖଡ଼ିଆଳ, ଫୁଲଝର, ପଦ୍ମପୁର ଓ ବିନ୍ଦ୍ରା-ନୂଆଗଡ଼ ଓଡ଼ିଶା ଦାବି କରିଥିଲା । କମିଟିର ଚେୟାରମ୍ୟାନ ସାର ସାମୁଏଲ ଓଡ଼ନେଲ୍ ସଭ୍ୟ ଆର୍. ଏନ୍. ମେହେଟା ଓ ସେକ୍ରେଟାରୀ ଡ଼. ସି. ମୁଖାର୍ଜି ଆଇ. ସି. ଏସ୍. ଆମର ଅତିଥି ହୋଇଥିଲେ । ଏହି କମିଟିର ସହଯୋଗୀ ସଭ୍ୟ ଥିବା ପାରଳାଖେମୁଣ୍ଡି ମହାରାଜା ମଧ୍ୟ ଆମ ଘରେ ଆସି ରହିଥିଲେ । କିନ୍ତୁ ସେ କମିଟିର ଗୋଟିଏ ହେଲେ ବୈଠକରେ ଯୋଗଦେଲେନାହିଁ । ଦିନସାରା ଶିକାରରେ କଟାଇ ଗୋଟିଏ ସମ୍ବର ମାରି ଚାଲିଗଲେ । ଗଲାବେଳେ ଚେୟାରମ୍ୟାନ୍ ଓଡ଼ନେଲ୍‌ଙ୍କୁ କହିଗଲେ, "ସମ୍ବଲପୁରର ଦାବି ସୁବିଚାରକମାନଙ୍କ ହାତରେ ଅଛି ।" ମଧ୍ୟପ୍ରଦେଶର ଛତିଶଗଡ଼ କମିଶନର୍ କମିଟି ସହିତ ସାକ୍ଷାତ କରିବାପାଇଁ ଆମ ସହିତ ରହିଥିଲେ । ଡେପୁଟି କମିଶନର୍‌ଙ୍କ ଘରେ ଛ'ଟି ସଂଲଗ୍ନ ସ୍ନାନାଗାରଥିବା ଶୟନ କକ୍ଷ ଥିଲେ ମଧ୍ୟ ଅଧିକ ଅତିଥିଙ୍କ

Digitized by PPRACHIN, SOA

ପାଇଁ ତମ୍ବୁ ପଡ଼ିଥିଲା । ସମସ୍ତଙ୍କ ରହିବାରେ କିଛି ଅସୁବିଧା ହେଲା ନାହିଁ । ଓଡ଼ିଶା ଆଶା କରିଥିଲା, ଓଡ଼ିଶା ସପକ୍ଷରେ ମୁଁ ପ୍ରଭାବିତ କରିବି । ମୁଁ ବହୁ ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ ମୋ ପାରୁପର୍ଯ୍ୟନ୍ତ କରିଛି । ସମ୍ବଲପୁରକୁ ଆସିବା ପୂର୍ବରୁ କମିଟି ରାୟପୁର ଯାଇଥିଲା ଓ ସେଠାରେ କମିଟି ସଭ୍ୟମାନଙ୍କର ଯେଉଁ ପ୍ରାଥମିକ ଧାରଣା ହେଲା, ତାହା ଓଡ଼ିଶାର ବିପକ୍ଷରେ । ଆମ ପକ୍ଷରେ ସୁବିଧା ହେଲା ଯେ, ରାୟପୁରଠାରେ କମିଟିକୁ ଯେଉଁ ସବୁ ସାକ୍ଷ୍ୟ ଦିଆଯାଇଥିଲା, ଆମେ ତାକୁ ଜାଣି-ପାରିଲୁ ଓ ତଦନୁଯାୟୀ ପ୍ରସ୍ତୁତ ହେଲୁ । ଓଡ଼ିଶାର ଦାବିଗୁଡ଼ିକ ବିରୁଦ୍ଧରେ ଯେଉଁ ସବୁ ସାକ୍ଷ୍ୟ ଦିଆଯାଇଥିଲା, ତାହା ହେଲା;

୧—ଗଡ଼ଜାତି ଜମିଦାରୀର ଯେଉଁ ସବୁ ରେକର୍ଡ ଅଫ୍ ରାଇଟ ରାୟପୁର ଡେପୁଟି କମିଶନର୍‌ଙ୍କ ଅଫିସ ପକ୍ଷରୁ ଦାଖଲ କରାଗଲା, ତାହା ସବୁ ହିନ୍ଦୀରେ ।

୨—ସମ୍ବଲପୁର ଓ ଖଡ଼ିଆଲ ମଧ୍ୟରେ କିମ୍ବା ସମ୍ବଲପୁର ଓ ବିନ୍ଦ୍ରା-ନୂଆଗଡ଼ ମଧ୍ୟରେ କୌଣସି ରାସ୍ତାଘାଟ ନ ଥିଲା ।

ମୁଁ ସ୍ଥାନୀୟ ନେତାମାନଙ୍କୁ ଡକାଇଲି । ସେମାନେ ହେଲେ, ଶଙ୍କରପ୍ରସାଦ ମିଶ୍ର, ବ୍ରଜମୋହନ ପଣ୍ଡା, ରମନାରାୟଣ ମିଶ୍ର, ଗୋକୁଳଚନ୍ଦ୍ର ବାବୁ, ଅଚ୍ୟୁତାନନ୍ଦ ପୁରୋହିତ, ମହମ୍ମଦ ସଲିହା, ଡକ୍ଟର ହୋସେନ୍ ଓ ବୋଧରାମ ଦୁବେ । ସାକ୍ଷ୍ୟ ଦେବାପାଇଁ ଆମପକ୍ଷରୁ ଯୋଜନା ହେଲା । ଏ ସବୁ ଜମିଦାରୀରେ ପ୍ରଜାମାନଙ୍କୁ ଯେଉଁ ରେକର୍ଡ ଅଫ୍ ରାଇଟ୍ ଦିଆଯାଇଥିଲା ସେ ସବୁ ସଂଗ୍ରହ କରି ଆଣିବାପାଇଁ ଲୋକଙ୍କୁ କାର୍‌ରେ ପଠାଗଲା । ମହମ୍ମଦ ସଲିହାଙ୍କର ଟିଟିଲାଗଡ଼ଠାରେ ଗୋଟିଏ ପେଟ୍ରୋଲ ପମ୍ପ ଥିଲା । ତାଙ୍କୁ କୁହାଗଲା ଯେ, ସେ ଦିନକ ଭିତରେ ଟିଟିଲାଗଡ଼ ପର୍ଯ୍ୟନ୍ତ ଯାଇ ରାତାରାତି ଫେରିଆସନ୍ତୁ, ଯେପରିକି ସକାଳେ କମିଟି ଆଗରେ ଆସି ସାକ୍ଷ୍ୟ ଦେବେ । କମିଟିକୁ ଏହା ପ୍ରମାଣ କରିଦିଆଗଲା ଯେ, ପ୍ରଜାମାନଙ୍କ ପାଖରେ ଯେଉଁ ସବୁ ରେକର୍ଡ ଅଫ୍ ରାଇଟ୍ ଥିଲା, ତାହା ଓଡ଼ିଆରେ କାରଣ ସେମାନଙ୍କର ଭାଷା ହେଉଛି ଓଡ଼ିଆ । କିନ୍ତୁ ଡେପୁଟି କମିଶନର୍‌ଙ୍କ ରେକର୍ଡ ରୁମ୍‌ରେ ରାୟପୁରଠାରେ ଯେଉଁସବୁ ନକଲ ଅଛି, ତାହା ହିନ୍ଦୀରେ କାରଣ ସେଠାର ଅଫିସର୍‌ମାନେ ହିନ୍ଦୀ ଭାଷା ଜାଣନ୍ତି । ଯାତାୟାତର ଅସୁବିଧା ସମ୍ପର୍କରେ ଆମର ଉତ୍ତର ହେଲା—ଖଡ଼ିଆଲ ସୀମାନ୍ତକୁ ଗୋଟିଏ ଗାଡ଼ି ଚବିଶ ଘଣ୍ଟାରେ ଯାଇ ଫେରି ଆସିବାରେ କୌଣସି ଅସୁବିଧା ନାହିଁ । ଦିନବେଳେ ଆମେ ଯେଉଁ ସବୁ ସାକ୍ଷୀ ପ୍ରମାଣ ଦେଲୁ, ସେଦିନ ରାତି ଭୋଜନବେଳେ ଓ ତା' ପରଦିନ ପ୍ରାତଃଭୋଜନବେଳେ ତାର ଚର୍ଚ୍ଚା ହେଲା । ଦୁଇଜଣ ଓକିଲ ଜଣେ ବାରିଷ୍ଟରଙ୍କ ଆଗରେ ତର୍କ କରିବା

Digitized by PPRACHIN, SOA

ପରେ ଛତିଶଗଡ଼ କମିଶନର୍ ମଧ୍ୟପ୍ରଦେଶ ପକ୍ଷରୁ ଓ ମୁଁ ଓଡ଼ିଶା ପକ୍ଷରୁ ଆମ୍ଭମାନଙ୍କର ଯୁକ୍ତି ଉପସ୍ଥାପିତ କଲୁ । ଖୁବ୍ ହାର୍ଦ୍ଦିକତାର ବାତାବରଣରେ ଏହିସବୁ ଆଲୋଚନା ହେଉଥିଲା ଓ ମୋର ସ୍ତ୍ରୀ ଏ ଦୁଇ ଆଡ୍‌ଭୋକେଟ୍‌ଙ୍କ ମଧ୍ୟରେ ଶାନ୍ତି ସ୍ଥାପନା କରୁଥିଲେ । ଆଉ ଗୋଟିଏ ବିଶେଷ ପ୍ରଶ୍ନ ଉଠିଲା ଜମିଦାରମାନଙ୍କ ମତାମତ କଣ ? ବ୍ରିଟିଶ ସରକାର ଜଣେ ଜମିଦାରର ମତ ବିରୁଦ୍ଧରେ ତାକୁ ଗୋଟିଏ ପ୍ରଦେଶରୁ ଅନ୍ୟ ପ୍ରଦେଶକୁ ସ୍ଥାନାନ୍ତରିତ କରିବା କେବେହେଲେ ସମ୍ଭବ ନୁହେଁ । ମଧ୍ୟପ୍ରଦେଶର ଅଫିସର୍‌ମାନଙ୍କ ପ୍ରଭାବରେ ଖଡ଼ିଆଲର ଜମିଦାର ଏପାଖ ସେପାଖ ହେଉଥିଲେ । ମାତ୍ର ସମ୍ବଲପୁରଠାରେ ତାଙ୍କୁ ଯେତେବେଳେ ପଚରାଗଲା, ଛତିଶଗଡ଼ର କମିଶନର୍‌ଙ୍କ ଉପସ୍ଥିତିରେ ମଧ୍ୟ ସେ ଖୋଲ୍‌ଖୋଲ୍‌ଭାବରେ କହିଲେ ଯେ, ସେ ଓଡ଼ିଶାରେ ମିଶିବାକୁ ଚାହାନ୍ତି । କମିଟି ସୁପାରିଶ କଲେ ଖଡ଼ିଆଲ ଓ ପଦ୍ମପୁର ଓଡ଼ିଶାରେ ମିଶୁ ।

□ □

Digitized by PPRACHIN, SOA

ସମ୍ବଲପୁର

(ଖଡ଼ିଆଲ, ପୋଷା ହାତୀ ଓ କଣ୍ଠାମୁଣ୍ଡର କାହାଣୀ)

୧୯୩୩ ମସିହାରେ ହବାକ୍‌ଙ୍କ ନେତୃତ୍ୱରେ ଓଡ଼ିଶା ଶାସନ ସଂକ୍ରାନ୍ତ କମିଟି ଆସିଲା । ମୁଁ ଏ କମିଟିର ସଭ୍ୟ ଥିଲି । ଏହାର ଅନ୍ୟ ଜଣେ ସଭ୍ୟ ଥିଲେ ମଧୁସୂଦନ ଦାସ ।

ମଧୁସୂଦନ ଦାସଙ୍କପାଇଁ ଏହା ଥିଲା ଏକ ମହାନ୍ ଦିବସ, କାରଣ ନୂଆ ପ୍ରଦେଶ ହେବାକୁ ଯାଉଥିବା ଓଡ଼ିଶା ଥିଲା ତାଙ୍କ ହାତରେ ଗଢ଼ା । ୧୯୦୩ ମସିହାରେ ସେ ଉତ୍କଳ ସମ୍ମିଳନୀ ଆରମ୍ଭ କରିଥିଲେ ଓ ତିରିଶ ବର୍ଷଧରି ବହୁ ବାଧାବିଘ୍ନସତ୍ତ୍ୱେ ତାକୁ ବଞ୍ଚାଇ ରଖିଲେ ।

ଖଡ଼ିଆଲ

୧୯୩୩ ମସିହା ସେପ୍‌ଟେମ୍ବର ମାସରେ ମୁଁ ଖଡ଼ିଆଲ ପରିଦର୍ଶନରେ ଗଲି । ମୁଁ ରାୟପୁରଦେଇ ରେଲଯୋଗେ ଜଙ୍କ୍ ଗଲି ଓ ଜଙ୍କଠାରୁ କାରରେ ଖଡ଼ିଆଲ । ଖଡ଼ିଆଲ ଯେ ସମ୍ବଲପୁର ଜିଲାର ଏକ ସବ୍‌ଡିଭିଜନ୍ ହେବାକୁ ଯାଉଛି, ଏଥିରେ କୌଣସି ସନ୍ଦେହ ନ ଥିଲା । ଉତ୍ତରରେ ଥିବା ନୂଆପଡ଼ା ଏହାର ହେଡ୍‌କ୍ୱାର୍ଟର୍ ହେବାପାଇଁ ମୁଁ ସୁପାରିଶ୍ କଲି । କାରଣ ନୂଆପଡ଼ାଠାରୁ ନିକଟବର୍ତ୍ତୀ ରେଲ ଷ୍ଟେସନର୍ ଦୂରତା ଥିଲା ଆଠ ମାଇଲ ଏବଂ ଏହି ଆଠ ମାଇଲ୍ ଯାତାୟାତର ସୁବିଧାଜନକ ଥିଲା । ସ୍ଥାନଟି ମଧ୍ୟ ସ୍ୱାସ୍ଥ୍ୟକର; କିନ୍ତୁ ସବୁଠାରୁ ବଡ଼ କଥା ହେଲା, ସବ୍‌ଡିଭିଜନାଲ୍ ଅଫିସର ଖଡ଼ିଆଲରେ ରହିବା ମୁଁ ଚାହୁଁ ନ ଥିଲି, କାରଣ ଜଣେ ପ୍ରଭାବଶାଳୀ ଜମିଦାରଙ୍କଦ୍ୱାରା ଏସ୍. ଡି. ଓ. ଅନେକ ସମୟରେ ପରିଚାଳିତ ହେବା ସମ୍ଭାବନା ଅଛି ।

ଖଡ଼ିଆଲ ସେତେବେଳେ ସାଗୁଆନ ଜଙ୍ଗଲପାଇଁ ପ୍ରସିଦ୍ଧ ଥିଲା । ଜଙ୍କଠାରୁ ଖଡ଼ିଆଲ ପର୍ଯ୍ୟନ୍ତ ସମୁଦାୟ ରାସ୍ତା ଏହି ସାଗୁଆନ ଜଙ୍ଗଲ ଭିତରଦେଇ ଯାଇଥିଲା । ଦୁଃଖର ବିଷୟ ବର୍ତ୍ତମାନ ଆଉ ସେ ଜଙ୍ଗଲ ନାହିଁ । ମୃତ୍ତିକାର ଜଳୀୟ ଅଂଶ ଧାରଣ ଶକ୍ତି ନଷ୍ଟ ହୋଇଯାଇଛି । ୧୯୬୫ ମସିହାର ଦୁର୍ଭିକ୍ଷର କାରଣ ହେଉଛି, ଶାରଦ ଧାନ ସମ୍ପୂର୍ଣ୍ଣଭାବରେ ନଷ୍ଟ ହୋଇଗଲା । ମୌସୁମୀ ବାୟୁ ଯାହା ହେଉ ନା

Digitized by PPRACHIN, SOA

କାହିଁକି ସବୁବେଳରେ ଶାରଦ ଧାନଟା ଏଠାରେ ଭଲ ହୋଇଥାଏ । ବିଆଲି ଧାନ ମଧ୍ୟ ହେଉ ନାହିଁ ।

ବିଶ୍ୱବିଦ୍ୟାଳୟ

ଓଡ଼ିଶା ଶାସନ ସଂକ୍ରାନ୍ତ କମିଟି ସହିତ ମୁଁ ଅନୁଗୁଳ, କଟକ, ପୁରୀ, ବ୍ରହ୍ମପୁର ଓ ଜି. ଉଦୟଗିରି ଯାଇଥିଲି । କଟକରେ ଜମିର ଦର କାଳେ ହଠାତ୍ ବଢ଼ିଯିବ, ସେଥିପାଇଁ ଆମେ କଲେକ୍ଟରଙ୍କୁ ଟେଲିଗ୍ରାମ କରିଥିଲୁ ଯେ, ନୂଆ ପ୍ରଦେଶର ରାଜଧାନୀପାଇଁ ଜମି ଦଖଲର ବିଜ୍ଞପ୍ତି ସେ ଦେଇ ଦିଅନ୍ତୁ । ଆମେ କଟକରେ ଆମର ପ୍ରଥମ ସାଧାରଣ ସଭା କରିବା ପୂର୍ବରୁ ଏ ବିଜ୍ଞପ୍ତି ଦିଆ ସରିଥିଲା । କଟକ ଛଡ଼ା ଅନ୍ୟ କୌଣସି ସହର ଓଡ଼ିଶାର ରାଜଧାନୀ ହେବାର ସମ୍ଭାବନା ନ ଥିଲେ ମଧ୍ୟ ହଠାତ୍ ଏହି ଘୋଷଣା ଏକ ଆଲୋଡ଼ନ ସୃଷ୍ଟି କରିଦେଲା । କଟକ କମିଶନରଙ୍କ ଅଫିସରେ ଯେଉଁ ସାଧାରଣ ସଭା ହେଲା, ସେଥିରେ ଲୋକେ ଏକ ବିଶ୍ୱବିଦ୍ୟାଳୟ ଦାବି କଲେ । ମୁଁ ତାହା ସମର୍ଥନ କଲି । ମୁଁ କାହିଁକି ଏକ ବିଶ୍ୱବିଦ୍ୟାଳୟ ଚାହେଁ, ହଠାତ୍ ମୋତେ ପଚାରିଲେ । ମୁଁ ତା'ର ଉତ୍ତରରେ କହିଥିଲି, "ମୁଁ ଚାହେଁ ପ୍ରତ୍ୟେକ ମେହେନ୍ତରର ଜଣେ ଗ୍ରାଜୁଏଟ୍ ହେଉ ଓ ପ୍ରତ୍ୟେକ ଗ୍ରାଜୁଏଟ୍ ସମସ୍ତ କାମ ନିଜେ କରିବାକୁ ଶିଖୁ, ଏପରିକି ଜଣେ ମେହେନ୍ତରର କାମ ମଧ୍ୟ ।"

ବିହାର-ଓଡ଼ିଶାର ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ଅଫିସରଙ୍କୁ କମିଟିକୁ ଜି. ଉଦୟଗିରିଠାରେ ସାକ୍ଷାତ୍ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେ ପାଟନାଠାରୁ ଏତେ ବାଟ ଆସି ଜି. ଉଦୟଗିରିକୁ ଯେଉଁ ମୋଡ଼ ନେବାର କଥା ଭୁଲିଗଲେ ଓ ଫୁଲବାଣୀଠାରେ ଯାଇ ପହଞ୍ଚିଲେ । ତାଙ୍କ ସ୍ତ୍ରୀ ନ ହୋଇଥିବା ଯେଉଁ ସ୍ତ୍ରୀଲୋକ ଜଣକ ତାଙ୍କ ସହିତ ଯାଉଥିଲେ ତାଙ୍କ ସମ୍ପର୍କରେ କମିଟିର ସଭ୍ୟମାନେ କେତେକ ବିଦ୍ରୂପମୂଳକ ମନ୍ତବ୍ୟ କରିଥିଲେ । ସେ କଟକଠାରେ କମିଟିକୁ ସାକ୍ଷାତ୍ କଲେ ।

ନୂତନ ଓଡ଼ିଶାର ରୂପରେଖ

କମିଟି ସହିତ ବୁଲିବା ଫଳରେ ମଧୁସୂଦନ ଦାସଙ୍କ ସ୍ୱାସ୍ଥ୍ୟ ଉପରେ ଆଞ୍ଚ ଆସିଲା । ଏହାର ଅଳ୍ପଦିନ ପରେ ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ତାଙ୍କର ମୃତ୍ୟୁ ହେଲା । ସେତେବେଳକୁ ତାଙ୍କର ବୟସ ହୋଇଥିଲା ୮୬ ବର୍ଷ । ୧୮୪୮ ମସିହା ଅପ୍ରେଲ୍ ୨୮ ତାରିଖରେ ତାଙ୍କର ଜନ୍ମ ହୋଇଥିଲା । ୧୯୩୬ ଅପ୍ରେଲ୍ ପହିଲା ଦିନ ଓଡ଼ିଶା ପ୍ରଦେଶର ଉଦ୍‌ଘାଟନ ଉତ୍ସବ ଦେଖିବାପାଇଁ ସେ ରହିପାରିଲେ ନାହିଁ ସତ; କିନ୍ତୁ ଏହି ପ୍ରଦେଶ ଗଢ଼ି ପାରିଛନ୍ତି ବୋଲି ମରିବା ପୂର୍ବରୁ ତାଙ୍କର

Digitized by PPRACHIN, SOA

ସନ୍ତୋଷ ହୋଇଥିଲି । ମଧୁସୂଦନ ଦାସଙ୍କଦ୍ୱାରା ଗଢ଼ା ହୋଇଥିବା ଓଡ଼ିଶା କଟକ, (ଅନୁଗୁଳ ସହ) ପୁରୀ, ବାଲେଶ୍ୱର, ସମ୍ବଲପୁର (ଖଡ଼ିଆଳ ଓ ପଦ୍ମପୁର ସହ), ଗଞ୍ଜାମ (କନ୍ଧମାଳ ସହ) ଓ କୋରାପୁଟ ଜିଲ୍ଲାକୁ ନେଇ ଗଠିତ ହେଲା । ଛବିଶଟି ଦେଶୀୟ ରାଜ୍ୟ ଓଡ଼ିଶା ପ୍ରଦେଶ ବାହାରେ ରହିଲେ ।

ଝୁଲଣ-ପ୍ୟାରୀ

ଗସ୍ତ କାର୍ଯ୍ୟପାଇଁ ମୋର ଗୋଟିଏ ହାତୀ ଥିଲା । ଏ ହାତୀକୁ 'ଝୁଲଣ-ପ୍ୟାରୀ' ନାମରେ ଆମେ ଡାକୁଥିଲୁ । ମୋର ଉପସ୍ଥିତିରେ ତାକୁ ଖାଇବାକୁ ଦିଆଯାଉଥିଲା । ମୋର ଦୁଇ ପୁଅ (ସାତ ବର୍ଷ, ପାଞ୍ଚ ବର୍ଷ) ଏହି ଖାଇବା-ବେଳେ ଉପସ୍ଥିତ ରହୁଥିଲେ । ମାହୁନ୍ତ ନଡ଼ାଭିତରେ ସେରେ ଚାଉଳ ରଖି ତାକୁ ଗୋଟିଏ ପିଣ୍ଡୁଲାର ଆକାର କରୁଥିଲା । ଝୁଲଣ-ପ୍ୟାରୀ ପ୍ରଥମ ପିଣ୍ଡୁଲାଟି ଶୁଣ୍ଢରେ ନେଇ ଖାଉ ନ ଥିଲା । ମାହୁନ୍ତପାଇଁ ଦାନସ୍ୱରୂପ ସେ ପିଣ୍ଡୁଲାଟିକୁ ବାହାରେ ରଖି ଦେଉଥିଲା । ତା'ପରେ ସେ ଏହିପରି ଦଶଟି ପିଣ୍ଡୁଲା ଖାଉଥିଲା । ଗସ୍ତପାଇଁ ହାତୀର ବିଶେଷ ଆବଶ୍ୟକତା ନ ଥିଲେ ମଧ୍ୟ ମୁଁ ଶିକାରପାଇଁ ତାକୁ ବ୍ୟବହାର କରୁଥିଲି । ଥରେ ଗୋଟିଏ ହାତୀ ତାକୁ ଆକ୍ରମଣ କରି କ୍ଷତ ବିକ୍ଷତ କଲା । ତେଣିକି ମୁଁ ଆଉ ବାଘ ଶିକାରରେ ତାକୁ ନେଲି ନାହିଁ । ତାକୁ କାର୍ଯ୍ୟରୁ ଅନ୍ତର କରି ମୁଁ ବିକି କରିଦେଲି । ଦୁଇ ବର୍ଷ ପରେ ବିହାରର ହଜାରିବାଗ ଜିଲ୍ଲାରେ ମୁଁ କାର୍‌ରେ ଯାଉଥିବା ବେଳେ ଗୋଟିଏ ଗାଁ-ହାଟରେ ଅଟକି ଗଲି । ପିଲାମାନେ ଦୂରରେ ଗୋଟିଏ ହାତୀ ଦେଖିଲେ । ସେମାନେ ଜାଣି ନ ଥିଲେ ଯେ, ଏଇ ହେଉଚି ସେଇ ସମ୍ବଲପୁରୀ ହାତୀ । ସେମାନେ ଝୁଲଣ-ପ୍ୟାରୀ, ଝୁଲଣ-ପ୍ୟାରୀ ବୋଲି ଡାକିବାକୁ ଲାଗିଲେ । ସେ ଦଉଡ଼ି ଆସି ମଟର ଭିତରକୁ ତା'ର ଯୋଡ଼ାପାହାର ବଢ଼ାଇ ଦେଲା । ଆଖିରୁ ତା'ର ଲୁହଧାର ବହି ଯାଉଥାଏ । ମାହୁନ୍ତ କହିଲା ସେ ହେଉଛି ଝୁଲଣ-ପ୍ୟାରୀ । ସମ୍ବଲପୁରରୁ ତାକୁ କିଣାଯାଇଛି । ଏ ଦୃଶ୍ୟ ବଡ଼ ମର୍ମସ୍ପର୍ଶୀ । ଆମ୍ଭେ ବିଦାୟ ନେବା ପୂର୍ବରୁ ତାକୁ କିଛି କଦଳୀ ଖାଇବାକୁ ଦେଲୁ ।

କଟା ମୁଣ୍ଡ

ସାତ ବର୍ଷ କାରାଦଣ୍ଡ ଦେବାର ଶକ୍ତି ମୋର ଥିବାଯୋଗୁଁ ଅତି ଗୁରୁତର ମକଦ୍ଦମାମାନ ମୋ ପାଖକୁ ତଦନ୍ତ ଓ ବିଚାରପାଇଁ ଆସୁଥିଲା । ଦିନେ ସକାଳେ ମୁଁ ଘରେ ନ ଥିବାବେଳେ ଜଣେ ଲୋକ ଅନ୍ୟ ଜଣେ ଲୋକକୁ ମାରି ତା'ର ମୁଣ୍ଡକୁ ଆଣି ସେଠାରେ ପହଞ୍ଚିଲା । ଆମ ଘରେ ଖୁବ୍ ହାଇଚାଇ ଲାଗିଗଲା । ପିଲାମାନେ ଏହା ଶୁଣି ବାହାରକୁ ଦୌଡ଼ିବା ପୂର୍ବରୁ ସେତେବେଳେ ମୋର ଷ୍ଟେନୋ ଥିବା ରାଜୀବଲୋଚନ

Digitized by PPRACHIN, SOA

ପୂଜାରୀ ଖୁବ୍ ବଳିଷ୍ଠତାର ସହ ଚପରାସିଦ୍ୱାରା ସେ ଲୋକଟିକୁ ସେଠାରୁ ହଟାଇ ମୋ ଅଫିସ୍‌କୁ ପଠାଇ ଦେଲେ ଏବଂ ପୋଲିସକୁ ଖବର ଦେଲେ । ମୁଁ ସନ୍ଧ୍ୟାବେଳେ ଫେରିଆସି ଯେତେବେଳେ ଏ ଘଟଣା କଥା ଜାଣିଲି ପୋଲିସ୍‌କୁ ପଚାରି ବୁଝିଲି ଯେ ମୃତ ବ୍ୟକ୍ତି ହେଉଛି ଜଣେ ଗାଁର ମୁଖିଆ ଏବଂ ଜଣେ ବରଖାସ୍ତ ପୋଲିସ କର୍ମଚାରୀ । ସେ ଭାରି ଅତ୍ୟାଚାରୀ ଥିଲା । ଲୋକଙ୍କୁ ହଇରାଣ ହରକତରେ ପକାଇ ନିଜେ ସବୁବେଳେ ଖସିଯିବାର କୌଶଳ ତାକୁ ମାଲୁମ ଥିଲା । ଆଦିବାସୀ ପ୍ରଜାମାନେ ରାଜସ୍ୱ ବିଭାଗ କର୍ମଚାରୀ ବା ପୋଲିସ ପାଖକୁ ଆସି କୌଣସି ପ୍ରତିକାର ପାଇଲେ ନାହିଁ । ସେମାନେ ତାଙ୍କ ଭିତରୁ ଜଣକୁ ଠିକ୍ କଲେ ଯେ କି ଖୋଲାଖୋଲିଭାବରେ ଏହି ମୁଖିଆକୁ ମାରି ତା'ର ମୁଣ୍ଡ ଧରି ମୋ ପାଖକୁ ଆସିବ । ବିଚାର ହୋଇ ତାକୁ ଫାଶୀ ହୁକୁମ ହେଲା । ମୋ ସ୍ତ୍ରୀଙ୍କ ସମେତ ସମ୍ବଲପୁରର ଅନ୍ୟ ମହିଳାମାନେ ତାକୁ କ୍ଷମା ଦିଆଯିବାପାଇଁ ଦରଖାସ୍ତ କଲେ ଏବଂ ଗଭର୍ଣ୍ଣର୍‌ଙ୍କ ପରାମର୍ଶଦାତା ପରିଷଦର୍ ବିଚାର ବିଭାଗୀୟ ସଭ୍ୟ ବା ମନ୍ତ୍ରୀ କନିକାର ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେଓ ସମ୍ବଲପୁର ଆସିଥିବାବେଳେ ଗୋଟିଏ ପ୍ରତିନିଧିଦଳ ଯାଇ ତାଙ୍କୁ ସାକ୍ଷାତ୍ କଲେ । ଲୋକଟି ଯେ କେବଳ ଫାଶୀରୁ ମୁକ୍ତି ପାଇଲା ତା' ନୁହେଁ ତା'ର ଦଣ୍ଡ କମିଯାଇ ତିନି ବର୍ଷ ଜେଲ ଦଣ୍ଡରେ ରଖାଗଲା । ମୁଁ ସମ୍ବଲପୁର ଛାଡ଼ିବା ପୂର୍ବରୁ ଲୋକଟି ଜେଲରୁ ଖଲାସ ହୋଇଯାଇଥିଲା ଓ ସେ ଗ୍ରାମରେ ଜଣେ ଶାନ୍ତିପ୍ରିୟ ନାଗରିକରୂପେ ବାସ କରୁଥିଲା । ମୁଁ ଯେତେବେଳେ ଗାଁ ନିକଟରେ ତମ୍ବୁ ପକାଇ ରହୁଥିଲି ସେ ମୋତେ ଆସି ଦେଖା କରି ତା'ର କୃତଜ୍ଞତା ପ୍ରକାଶ କରିଥିଲା । ଆଖପାଖ ଗ୍ରାମବାସୀମାନଙ୍କ ଦୃଷ୍ଟିରେ ତା'ର ସମ୍ମାନ ଖୁବ୍ ବଢ଼ି ଯାଇଥିଲା ।

ବିଛା ମନ୍ତ୍ର ନ ଜାଣି ସାପ ଗାତରେ ହାତ

ଅନେକ ଲୋକ ମରିବା ସମ୍ବନ୍ଧରେ ଗୋଟିଏ ମକଦ୍ଦମାର ବିଚାର କରିଥିଲି । ଜଣେ ଲୋକ ସାପ ବିଷକୁ ନିରାପଦ କରିବାର କୌଶଳ ଜାଣିଥିବା କଥା ଦାବି କରୁଥିଲା । ଗୋଟିଏ ତାଳପତ୍ର ପୋଥିରୁ ସେ ବିଦ୍ୟା କୁଆଡ଼େ ସେ ଶିଖିଥିଲା । ସେ ଗୋଟିଏ ଗୋଖର ସାପକୁ ଧରି ତା'କୁ ଗୋଟିଏ ଆଳୁଅ କାମୁଡ଼ିବାକୁ ଦେଲା । କାମୁଡ଼ିବା ପରେ ପରେ ସେହି ସାପ ବିଷ ସହିତ ଭାତ ଓ ମାଂସ ରାନ୍ଧି ସେ ବହୁ ଲୋକଙ୍କୁ ଖାଇବାକୁ ଦେଲା । ତାଳପତ୍ର ପୋଥି ଅନୁଯାୟୀ ଏମାନେ ସମସ୍ତେ ଆଉ ସାପ କାମୁଡ଼ାରେ ମରିବେ ନାହିଁ । ପରଦିନ ସେ ସବୁ ଲୋକଙ୍କୁ ଧାଡ଼ି କରି ଠିଆ କରିଦେଲା । ସେମାନଙ୍କ ମଧ୍ୟରେ ତା'ର ଦୁଇ ପୁଅ, ଦୁଇ ଭାଇ, କୋଡ଼ିଏ ଜଣ ସମ୍ପର୍କୀୟ ଲୋକ ଓ ଗ୍ରାମବାସୀ ଥିଲେ । ସେ ସାପକୁ ଆଣି ସାପଦ୍ୱାରା ସମସ୍ତଙ୍କୁ କାମୁଡ଼ାଇଲା । ଅଳ୍ପ କେତେ ମିନିଟ ମଧ୍ୟରେ ଜଣେ ମରି ପଡ଼ିଗଲା । ତା'ପରେ ତା'ର

Digitized by PPRACHIN, SOA

ଖାଇ । ସେ ଘଣ୍ଟାକ ମଧ୍ୟରେ ମରିଗଲା । ଅନ୍ୟମାନେ ବହୁଦିନ ପର୍ଯ୍ୟନ୍ତ ଖାଉ କଷ୍ଟ-ପାଇଲେ । ଅବଶ୍ୟ ତାଙ୍କ ଭିତରୁ ଜଣେ ଦୁର୍ବଳ ରୋଗିଣୀ ଲୋକ ଦିନକ ଭିତରେ ମରି ଯାଇଥିଲା । ପ୍ରକୃତ କଥାଟା କଣ ତାହା ଜାଣିବାରେ ଅସୁବିଧା ରହିଲା ନାହିଁ । ସାକ୍ଷୀ ପ୍ରମାଣ ମଧ୍ୟ ଦରକାର ହେଲା ନାହିଁ । କାରଣ ଲୋକଟି ଯାହା କରିଥିଲା ସବୁ ମାନିଗଲା । ତାକୁ ସାତବର୍ଷ କଠିନ କାରାଦଣ୍ଡ ଆଦେଶ ଦେଇ ମୁଁ ଘରକୁ ଫେରି ମୋ ସ୍ତ୍ରୀକୁ ପଚାରିଲି ଯେ ସେ ସାପଟିକୁ ପୋଷା ମନେଇ ରଖିବେ କି ? ସାପଟିର ରଙ୍ଗ ସୁନାର ରଙ୍ଗ ପରି ଏବଂ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲା । ତା'ର ବିଷ ଦାନ୍ତ କାଢ଼ିଦେଇ ରଖିବାରେ ମଧ୍ୟ ମୋର ସ୍ତ୍ରୀ ଘୋର ଆପତ୍ତି କଲେ ।

ମମତାଜ ହୁସେନ

ଦିନେ ସକାଳେ ଜଣେ ଯୁବତୀ ଝିଅ ସର୍କିଟ୍ ହାଉସଠାରେ ରହୁଥିବା କମିଶନରଙ୍କ ସ୍ତ୍ରୀ ଶ୍ରୀମତୀ ଫିଲିପ୍‌ଙ୍କ ସହ ଦେଖା କରିବାକୁ ଆସିଲା । କମିଶନର୍ ଫିଲିପ୍‌ସ ସସ୍ତ୍ରୀକ ଗସ୍ତରେ ଆସି ରହୁଥିଲେ । ଝିଅଟିର ଲୁଗା ରକ୍ତାକ୍ତ ହୋଇଥିଲା । ସେ ତା'ର ସମସ୍ତ ଘଟଣା ଶ୍ରୀମତୀ ଫିଲିପ୍‌ଙ୍କୁ କହିଲା । ମାତ୍ର ଶ୍ରୀମତୀ ଫିଲିପ୍ କିଛି ବୁଝି ନ ପାରି ତାଙ୍କ ଚପରାସି ସହ ତାକୁ ମୋ ପାଖକୁ ପଠାଇ ଦେଲେ । ଝିଅଟି ଖୁବ୍ ଖୋଲାଖୋଲିଭାବରେ ମୋତେ କହିଲା ଯେ, ତାର ବାପାଙ୍କ ଡ୍ରାଇଭର ସହିତ ତା'ର ପ୍ରେମ ଅଛି । ତା' ବାପା ଥିଲେ ଡେପୁଟି କଲେକ୍‌ଟର୍ ମମତାଜ ହୁସେନ୍ । ବାପା ତାକୁ ମନା କରିବା ସତ୍ତ୍ୱେ ସେ ନ ମାନିବାରୁ ଏହିପରିଭାବରେ ସେ ମାଡ଼ ଦେଇଛନ୍ତି । ଅଧଘଣ୍ଟାକପରେ ଶ୍ରୀମତୀ ଫିଲିପ୍ ଆସି ଝିଅଟିର ଚିକିତ୍ସାରେ ଲାଗିଗଲେ । ସେ କହିଲେ ଯେ, ଯେ ନର୍ସ ଟ୍ରେନିଂ ପାଇଛନ୍ତି ଓ ପ୍ରାଥମିକ ଚିକିତ୍ସା କରିପାରିବେ । ତାଙ୍କ ବାପାଙ୍କ ପାଖକୁ ନ ପଠାଇ ଝିଅଟିକୁ ମୋ' ଘରେ ରହିବାପାଇଁ ପରାମର୍ଶ ଦେଲେ । ମୁଁ ବଡ଼ ଅସୁବିଧାରେ ପଡ଼ି ଝିଅଟିକୁ ଡାକ୍ତରଖାନା ପଠାଇଦେଲି । ଜଣେ କନ୍‌ଷ୍ଟେବଲ୍ ସେଠାରେ ଜଗି ରହିଲା, ଯେପରିକି ଝିଅର ବାପା ବା ଡ୍ରାଇଭର କେହି ଆସି ତାକୁ ସେଠାରୁ ନେଇ ନ ଯାଆନ୍ତି । ଯଥା ସମୟରେ ସେ ଡାକ୍ତରଖାନାରୁ ଭଲହୋଇ ଘରକୁ ଫେରିଲା । ଶ୍ରୀମତୀ ଫିଲିପ୍ ସେତେବେଳକୁ କଟକ ଚାଲି ଆସିଲେଣି । ମୁଁ ଝିଅର ବାପା ମମତାଜ ହୁସେନଙ୍କଠାରୁ ଲେଖାଇ ରଖିଲି ଯେ ସେ ଏଣିକି ତାକୁ ମାରିବେ ନାହିଁ କି ଖରାପ ବ୍ୟବହାର କରିବେ ନାହିଁ । କିଛିଦିନପାଇଁ ସବୁ ଠିକ୍ ଚାଲିଲା । ଦିନେ ରାତିରେ ସେ ଏବଂ ଡ୍ରାଇଭର୍ ଉଭୟ ପଳାଇଲେ । ସେମାନେ ଯାଇ ବିବାହ ହୋଇଗଲେ । ମମତାଜ ହୁସେନ କାହାରିକୁ ଆଉ ନିଜ ପାଖରେ ପୂରାଇବାକୁ ଚାହିଁଲେ ନାହିଁ । ତାଙ୍କ ରକ୍ତଚାପ ହୋଇଗଲା; କିନ୍ତୁ ସେ ଛୁଟିନେଲେ ନାହିଁ । ସେ ଚାକିରିରେ ଥିବାବେଳେ ଉପରିସ୍ଥ କର୍ମଚାରୀଙ୍କର ଆଦେଶ

Digitized by PPRACHIN, SOA

ଅମାନ୍ୟ ଓ କର୍ତ୍ତବ୍ୟରେ ଗୁରୁତର ଅବହେଳାପାଇଁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଗଲା । ଶେଷରେ ସରକାରରୁ ବରଖାସ୍ତ ହେଲେ । ସାତ ବର୍ଷପରେ ସେ ପାଟନାରେ ମୋ ସହିତ ଯାଇ ଦେଖାକଲେ । ମୁଁ ସେତେବେଳେ ରାଜନୈତିକ ଓ ନିଯୁକ୍ତି-ବିଭାଗର ଜଏଣ୍ଟ ସେକ୍ରେଟାରୀ ଥିଲି । ସରକାର ମୋର ଅନୁରୋଧ ରକ୍ଷା କରି ମମତାଜଙ୍କୁ ମାସକୁ ଦୁଇ ଶହ ଟଙ୍କା ସଦୟ ପେନ୍‌ସନ୍ ଦେଲେ ।

ନରବଳି

ଅକ୍ଟୋବର ୧୯୩୬ ମହିହାର ଘଟଣା । ଆଠ ବର୍ଷର ଗୋଟିଏ ସୁନ୍ଦର ବ୍ରାହ୍ମଣ ପିଲା ଅନ୍ୟ ପିଲାମାନଙ୍କ ସହିତ ବରପାଲି ଦାଣ୍ଡରେ 'ଖେଳୁଥିଲା । ଗ୍ରାମର ଜଣେ ବୟସ୍କ ଲୋକ ତାକୁ ଡାକିନେଲା । ସନ୍ଧ୍ୟାବେଳକୁ ପିଲାଟି ଘରକୁ ନ ଫେରିବାରୁ ପୋଲିସକୁ ଖବର ଦିଆଗଲା । ପିଲାଟିକୁ ଯେଉଁ ଲୋକ ଡାକି ନେଇଥିଲା, ସେମାନେ ତାକୁ ଯାଇ ପଚାରିଲେ; କିନ୍ତୁ ସେ ପିଲାକୁ ଡାକି ନାହିଁ ବୋଲି ମନାକଲା । ଦୁଇ ଦିନ ପରେ ଗୋଟିଏ କୂଅରୁ ଦୁର୍ଗନ୍ଧ ବାହାରିବାରୁ ସେମାନେ ସେଥିରେ ପିଲାର ମୁଣ୍ଡଟି ଦେଖିଲେ । ତଦନ୍ତ ହେବାରୁ ଲୋକଟାର ଘରୁ ରକ୍ତାକ୍ତ ଲୁଗା ଓ ରକ୍ତାକ୍ତ କୁରାଢ଼ି ବାହାରିଲା । ସେ ଲୋକକୁ ଖୁବ ମାଡ଼ଦେଇ ପଚାରିବାରୁ ସେ ମାନିଗଲା ଏବଂ ଯେଉଁ ପୋଥିରେ ନରବଳିର ବ୍ୟବସ୍ଥା ଅଛି ତାକୁ ଆଣି ଦେଖାଇଲା । ପୋଥିରେ ଲେଖାଥିଲା ଯେ, ପିଲାଟିର ବୟସ ୧୨ ବର୍ଷରୁ କମ୍ ହୋଇଥିବ ଏବଂ ଆଶ୍ୱିନ ଶୁକ୍ଳ ପକ୍ଷ ଅଷ୍ଟମୀଦିନ ଏହି ନରବଳି ଦେବାକୁ ହେବ; କିନ୍ତୁ ଦୁର୍ଗାପୂଜା ଦୁର୍ଗାଙ୍କ ପାଖରେ ନରବଳି ଦେବା କେବେ ଶୁଣା ନ ଥିଲା । ବହିଟି ଏକ ତନ୍ତ୍ର ପୁସ୍ତକ । ଲୋକଟିକୁ ଫାଶୀ ହୁକୁମ ହେଲା । ପରେ ତାହା କମାଯାଇ ତାକୁ ଯାବଜ୍ଜୀବନ କାରାଦଣ୍ଡ ଆଦେଶ ହେଲା ।

ବୋଡ଼ାସମ୍ବର ଜମିଦାରୀର ହେଡ୍‌କ୍ୱାର୍ଟର୍ସ ପଦ୍ମପୁରଠାରେ ଜଣେ ଲୋକ ନିଜର ସ୍ତ୍ରୀ ଓ ଝିଅକୁ ମାରି ଘରେ ପୋତି ରଖିଥିଲା । ବହୁଦିନ ପରେ ଜନରବ ହେଲା ଯେ, ଲୋକଟି ତା' ସ୍ତ୍ରୀ ଓ ଝିଅକୁ ମାରିପକାଇଛି । ପୋଲିସ୍ ଆସି ଘରର ଚଟାଣ ଖୋଳି ଦୁଇଟି ମୃତ ଦେହ ବାହାର କଲେ । ଏହି ଅପରାଧର କାରଣ ଅନୁସନ୍ଧାନରୁ ଜଣାଗଲା ଯେ, ଲୋକଟିର ମସ୍ତିଷ୍କ ବିକୃତ ଘଟିଛି । ହତ୍ୟାକାରୀ କହିଲା ଈଶ୍ୱରଙ୍କ ଆଦେଶରେ ସେ ଏ ହତ୍ୟା କରିଛି । ଲୋକଟିକୁ ଯାବଜ୍ଜୀବନ କାରାଦଣ୍ଡ ହେଲା ।

କନ୍ଧମାନଙ୍କ ବିବାହର ଏକ ବିଶେଷତ୍ୱ ହେଲା, ବର କନ୍ୟାକୁ ନେଇ ପଳାଇବା । ପୋଲିସ୍ ଏହିପରି ଏକ ଘଟଣାରେ ମକଦ୍ଦମା କରିବାରୁ ମୁଁ ବରକୁ

Digitized by PPRACHIN, SOA

ଦୁଇବର୍ଷ କାରାଦଣ୍ଡ ଆଦେଶ ଦେଲି, କିନ୍ତୁ କିଛି ଦିନପରେ ମୁଁ ବୁଝିଲି ଯେ ଏହା ପ୍ରକୃତରେ କନ୍ୟାର ଇଚ୍ଛା ବିରୁଦ୍ଧରେ ଜବରଦସ୍ତ ନେଇ ପଳାଇବା କଥା ନୁହେଁ । ଏହା ହେଉଛି ବିବାହ ଉତ୍ସବର ଏକ ଅଂଗ । ମୋ ସୁପାରିସ କ୍ରମେ ସରକାର ବନ୍ଦୀକୁ ଖଲାସ କରିଦେଲେ ।

ବ୍ରିଟିଶ ପତାକାର ଅନୁରକ୍ତ

ଦିନେ ସକାଳେ ଜଣେ ସ୍ତ୍ରୀ-ଲୋକ ମୋ ଘରକୁ ଆସି ତାଙ୍କର ନିଜ ଭାଷାରେ ନିଜ ଲିଖିତ କେତେଗୁଡ଼ିଏ ଚିଠି କାଗଜ ଓ ଅନ୍ୟଜଣଙ୍କଦ୍ୱାରା ଇଂରାଜୀରେ ହୋଇଥିବା ତା'ର ଅନୁବାଦ ମୋତେ ଦେଖାଇଲେ । ସମ୍ବଲପୁରରେ ଜଣେ ଅଫିସର ଥିବା ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଏହା ଏକ ଅଭିଯୋଗ ଥିଲା । ସେ ଅଭିଯୋଗ କରି-ଥିଲେ ଯେ, ଦୁର୍ଭିକ୍ଷବେଳେ ଗୋଟିଏ ଝିଅକୁ ସେ ଘରେ ରଖି ଲାଳନ ପାଳନ କରିଥିଲେ । ତା'ର ବର୍ତ୍ତମାନ ବୟସ ଷୋହଳ ବର୍ଷ । ତାଙ୍କର ସ୍ୱାମୀ ସମ୍ବଲପୁରରେ ଅନ୍ୟ ଗୋଟିଏ ଘର ନେଇ ସେ ଝିଅଟିକୁ ରଖି ତାଙ୍କର ଅଧିକାଂଶ ସମୟ ସେଠାରେ କଟାଉଛନ୍ତି । ଜଣେ ଚପରାସି ତାଙ୍କପାଇଁ ଖାଇବାକୁ ଆଣୁଛି । ଏ ଝିଅଟିକୁ ବିବାହ ଦେବା ଥିଲା ତାଙ୍କର ଉଦ୍ଦେଶ୍ୟ, ବର୍ତ୍ତମାନ ତାଙ୍କର ସ୍ୱାମୀଙ୍କ ଆଚରଣଯୋଗୁ କେହି ସେ ଝିଅଟିକୁ ବିବାହ କରିବେ ନାହିଁ । ମୁଁ ତାଙ୍କୁ କହିଲି, "ଏ କ୍ଷେତ୍ରରେ କୌଣସି ଆଇନଗତ ବା ଶାସନଗତ ବ୍ୟବସ୍ଥା ମୁଁ ଗ୍ରହଣ କରିପାରିବି ନାହିଁ ।" ମୁଁ ସରକାରଙ୍କୁ ଏ କଥା ଜଣାଇଲି ଏବଂ ଏ କର୍ମଚାରୀଙ୍କ ପାରିବାରିକ କଳହ ସାଧାରଣରେ ଏକ ଚର୍ଚ୍ଚାର ବିଷୟ ହୋଇଥିବାଯୋଗୁ ତାଙ୍କୁ ସେଠାରୁ ବଦଳି କରାଯାଉ ବୋଲି ପ୍ରସ୍ତାବ ଦେଲି । ଏହି ଅଫିସର ଯେ କୌଣସି କାମ ପଡ଼ୁ ତାହା କରାଇ ନେଇ ପାରୁ-ଥିଲେ ; କିନ୍ତୁ ଯେଉଁ ବାଟରେ ଓ ଯେପରି ଢଙ୍ଗରେ ସେ କରୁଥିଲେ ତାହା ଠିକ୍ ନ ଥିଲା । ସରକାର ତାଙ୍କୁ ବଦଳି କଲେ ନାହିଁ କାରଣ ହେଲା ବଦଳି କରିବାଦ୍ୱାରା ତାଙ୍କର ପାରିବାରିକ ଅଶାନ୍ତି ଦୂର ହେବ ନାହିଁ । ତାହା ତାଙ୍କର ବ୍ୟକ୍ତିଗତ ବ୍ୟାପାର ହୋଇ-ଥିବା ଯୋଗୁଁ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ ନୁହେଁ । ଘଟଣାଟି ଏକ ସାଧାରଣ କୁତ୍ସାରେ ପରିଣତ ହୋଇଥିଲା । ଯେଉଁ ଦରକାରୀ ଚପରାସିମାନେ ବ୍ୟବହୃତ ହେଉଥିଲେ ବ୍ରିଟିଶ ସରକାର ଆଖିରେ ତାହା କିଛି ନୁହେଁ ବୋଲି ମନେ ହେଲା । ସେତେବେଳେ ଯଦି କୌଣସି କର୍ମଚାରୀ ବ୍ରିଟିଶ ପତାକା ପୋତି ଅନୁରକ୍ତ ହୋଇ ରହିଥିଲା ତ ତା' ହେଲେ ତା'ର ଆଚରଣରେ ହଜାରେ ଦୋଷ ଥିଲେ ମଧ୍ୟ ଫଉଜ-ଦାରୀ ଆଇନର ପରିସର ଭିତରକୁ ତାହା ଆସିବା ପର୍ଯ୍ୟନ୍ତ ସରକାର ସେଥିପ୍ରତି ଆଦୌ ନଜର ଦେଉ ନ ଥିଲେ । ତଥାପି ଏହି କର୍ମଚାରୀଟି ସମ୍ବଲପୁରରୁ ବଦଳି ହେଲା, କାରଣ ସେ ଗୋଟିଏ ଗ୍ରାମ କିଣିଥିଲେ । ସେତେବେଳେ ଖୁବ୍ ଆର୍ଥିକ ସଙ୍କଟ

Digitized by PPRACHIN, SOA

ଦେଖା ଦେଇଥିବା ଯୋଗୁଁ ଜିନିଷପତ୍ରର ଦର-ଦାମ ବହୁତ କମି ଯାଇଥିଲା । ଉପ୍ରୋକ୍ତ କର୍ମଚାରୀଙ୍କ ପରି ବହୁ ବ୍ୟକ୍ତିମାନେ ଉପଢୌକନ ଆକାରରେ ସେତେବେଳେ ବେଶ୍ କିଛି କରିଗଲେ । ଜଣେ କର୍ମଚାରୀ ସମ୍ବଲପୁରରେ ଏକ ଧାର୍ମିକ ସଂସ୍ଥାପାଇଁ ବହୁ ଚାନ୍ଦା ସଂଗ୍ରହ କରିଥିଲେ । କମିଶନର୍ ମତ ଦେଲେ ଯେ ଏଥିରେ କିଛି ଦୋଷ ନାହିଁ, କାରଣ ସେ ନିଜେ ଗିର୍ଜାମାନଙ୍କପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି । ଅନ୍ୟ ଘଟଣାରେ ସରକାରୀ ଚାକରିଆଙ୍କର ଆଚରଣ ବିଧି ପ୍ରଯୁକ୍ତ ହୋଇଥାନ୍ତା । ତାହାଛଡ଼ା ମଧ୍ୟ କର୍ମଚାରୀଙ୍କୁ ସତର୍କ କରିଦିଆଯାଇଥାନ୍ତା । ସେତେବେଳର ପ୍ରକୃତ ମାପ କାଠିଥିଲା, କିଏ ବ୍ରିଟିଶ ପତାକା ପ୍ରତି କେତେ ଅନୁରକ୍ତହୋଇ ରହିପାରୁଛି ।

ସମ୍ବଲପୁର

(କେତୋଟି ସ୍ମରଣୀୟ ଘଟଣା)

ସମ୍ବଲପୁରର କେତେକ ଲୋକ କଲିକତାର ଏକ ଫାର୍ମରୁ ବ୍ୟବସାୟ ପ୍ରତିଷ୍ଠାନ ନାମରେ ଅର୍ଥ ସଂଗ୍ରହ କରୁଥିଲେ । କଲିକତାର କେତେକ ବଙ୍ଗାଳୀଙ୍କୁ ଏଥିରେ ଅଭିଯୁକ୍ତ କରାଗଲା । ସେମାନଙ୍କ ପକ୍ଷ ସମର୍ଥନ କରି ଯେଉଁ ବାରିଷ୍ଟରଙ୍କର ଆସିବାର ଥିଲା, ଏହି ମକଦ୍ଦମାରେ ତାଙ୍କ ନାମ ମଧ୍ୟ ପୋଲିସ ତାଲିକାରେ ଥିଲା । ମୁଁ ପୋଲିସ୍‌କୁ କହିଲି, ଯେ କୋର୍ଟରେ ଥିବାବେଳେ ତାଙ୍କୁ ଗିରଫ କରିବାପାଇଁ ସେମାନେ ଅନୁମତି ମାଗନ୍ତୁ । ବାରିଷ୍ଟର୍ ଜଣକ ଝାରସୁଗୁଡ଼ା ପର୍ଯ୍ୟନ୍ତ ଆସି କଲିକତା ଫେରିଗଲେ । ପରେ ସେ ବଙ୍ଗଳାରେ ଜଣେ ନେତା ଓ ସମ୍ମାନିତ ସରକାରୀ ବ୍ୟକ୍ତି ହୋଇଥିଲେ ।

ମୃତ ବ୍ୟକ୍ତିକୁ ପୁରସ୍କାର

ଦୁଇ ଭାଇ ଜଙ୍ଗଲକୁ ଯାଉଥିଲେ । ଜଣକୁ ପଛରୁ ଯାଇ ବାଘ ଆକ୍ରମଣ କଲା । ଅନ୍ୟ ଜଣକ ଗଛରେ ଚଢ଼ିଯାଇ ଦେଖିଲା କ'ଣ ହେଉଛି । ବାଘଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ତା'ର ବାମ ହାତରେ ବାଘର ବେକକୁ ଜାକି ଧରି ଡାହାଣ ହାତରେ ଥିବା କୁରାଢ଼ିରେ ବାଘ ମୁଣ୍ଡକୁ ଆଘାତ କରିବାରେ ଲାଗିଛି ଏବଂ ବାଘ ତାକୁ ପିଠି ଆଡ଼ୁ କାମୁଡ଼ି ପକାଉଛି । ଏହିପରି ଘଟୁଥିବା ବେଳେ ଭାଇ ତା'ର ଗଛରୁ ଓହ୍ଲାଇ ଆସି ଗାଁକୁ ଦୌଡ଼ିଯାଇ ବହୁତ ଲୋକଙ୍କୁ ଡାକି ଆଣିଲା । ସେମାନେ ଆସିବା ବେଳକୁ ବାଘ ଓ ମଣିଷ ଉଭୟ ମରି ପଡ଼ିଛନ୍ତି । ମୁଁ ତାର ବିଧବାପତ୍ନୀକୁ ପାଞ୍ଚ ଶହ ଟଙ୍କା ପୁରସ୍କାର ଦେଲି । ଆକାଉଣ୍ଟାଣ୍ଟ ଜେନେରାଲଙ୍କ ପକ୍ଷରୁ ଆପତ୍ତି ଉଠିଲା ଯେ ବିଧବା ବାଘକୁ ମାରି ନାହିଁ । ତେଣୁ ମୁଁ ମୃତ ବ୍ୟକ୍ତିକୁ ପୁରସ୍କାର ଦେଲି ଏବଂ ଆଇନ ଅନୁସାରେ ତା'ର ଉତ୍ତରାଧିକାରୀ ଅର୍ଥାତ୍ ବିଧବା ପତ୍ନୀ ଏହି ପୁରସ୍କାର ପାଇଲା । ଆକାଉଣ୍ଟାଣ୍ଟ ଜେନେରାଲ ସନ୍ତୁଷ୍ଟ ଯେ, ଅର୍ଥ ସଂକ୍ରାନ୍ତ ନିୟମମାନ ପାଳନ କରାଗଲା ।

ରାମଡେଗାଠାରେ ଅସ୍ଥାୟୀଭାବରେ ରହୁଥିବାବେଳେ, ମୁଁ ଶୁଣିଲି ଯେ ଦିନବେଳେ ମହାନଦୀ ମଧ୍ୟବର୍ତ୍ତୀ ହୀରାକୁଦ ଦ୍ୱୀପକୁ ଯେଉଁ ସବୁ ଗାଈ ଚରିବାକୁ ଆସନ୍ତି ତାଙ୍କୁ ଖୋଜିବାପାଇଁ ଗୋଟିଏ ବାଘ ପ୍ରତିଦିନ ପହଁରି ଆସୁଛି । ମୁଁ ଦିନେ ଜାଙ୍ଗଲୁ

Digitized by PPRACHIN, SOA

କାଙ୍ଗୁଲୁ ଗ୍ରାଉ ଥିବାବେଳେ ଆସି ମହାନଦୀ କୂଳରେ ବସିଲା । ସିନ୍ଦୂର ଫାଟିବା ପୂର୍ବରୁ ବାଘ ପହଁରି ଚାଲିଗଲା । କିନ୍ତୁ ମୋ ରାଇଫଲ ପାହାନ୍ତରେ ସେ ନ ଥିବା ଯୋଗୁ ମୁଁ ତାକୁ ମାରି ପାରିଲି ନାହିଁ । ହୀରାକୁଦ ଦ୍ୱୀପରେ କୌଣସି ଗୋରୁ ଗାଈ ମରିଛନ୍ତି କି ନାହିଁ ଜାଣିବାପାଇଁ ମୁଁ କେତେକ ଶିକାରୀଙ୍କୁ ପଠାଇଲି, କିନ୍ତୁ କୌଣସି ଖବର ମିଳିଲା ନାହିଁ ।

ମୁଁ ମୋର ଅଫିସରୁ ଏହା ଶୁଣିଛି, କିନ୍ତୁ ଏ ସମ୍ପର୍କରେ କୌଣସି କାଗଜପତ୍ର ଦେଖି ନାହିଁ । କାରଣ ତାହା ସବୁ ନଷ୍ଟ କରି ଦିଆଯାଇଥିଲା । ବିଷୟଟି ହେଉଛି, ଜଣେ ସ୍ତ୍ରୀ ଲୋକ ଖୁବ୍ ଗୋରା ଛୁଆଟିଏ ଧରି ଦିନେ ଅଫିସରେ ଆସି ପହଞ୍ଚିଲା ଓ ଜଣେ ଉଚ୍ଚପଦସ୍ଥ ୟୁରୋପୀୟ କର୍ମଚାରୀଙ୍କଠାରୁ ଭରଣପୋଷଣ ଦାବି କଲା । ସେ ତା'ର କଥା ଶେଷ ନ କରି ଚାଲି ଯାଇଥିଲା । ମୋର ଗସ୍ତ ବେଳେ ମୁଁ ସେ ପିଲାଟିକୁ ଦେଖିଲି ଏବଂ ସମସ୍ତ କଥା ଶୁଣିବାକୁ ପାଇଲି । ସେ ଜିଲାର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଥିଲେ ।

ପ୍ରକୃତିରେ ଜେଲ୍

ଏକ ଗ୍ରାମ୍ୟ ବିବାଦରେ ପୋଲିସ ଓ କୋର୍ଟ ଆଗରେ ଏହା ପ୍ରମାଣିତ ହୋଇଥିଲା ଯେ ଜଣେ ବୁଢ଼ାଲୋକ ପିଟି ଦେବା ଫଳରେ ଗୋଟିଏ ଲୋକ ମରିଗଲା । ମୁଁ ବୁଢ଼ାକୁ ସାତ ବର୍ଷ ଜେଲ୍ ଦେଲି । ପରେ ମୁଁ ଶୁଣିଲି ଯେ ବୁଢ଼ା ନିର୍ଦ୍ଦୋଷ । ତା' ପୁଅ ମାରିଛି । ସବୁ ଗ୍ରାମବାସୀ ଓ ପୋଲିସ୍ ମଧ୍ୟ ପରିବାରର ଏକମାତ୍ର ରୋଜଗାର କରୁଥିବା ପୁଅଟିକୁ ରକ୍ଷା କରିବାପାଇଁ ଏହି କୌଶଳ କରିଥିଲେ ଓ ଫାଶୀପାଇଁ ବୁଢ଼ାକୁ ଠିକ୍ କରି ଦେଇଥିଲେ । ମୁଁ ବୁଢ଼ାକୁ ଖଲାସ କରିଦେଲି । ପ୍ରକୃତ ଅପରାଧୀ ଅବଶ୍ୟ ଦଣ୍ଡ ଭୋଗ ନ କରି ରହିଲା । ଏକ ଗ୍ରାମରେ ଦୁଇଜଣ ବନ୍ଧୁ ଥିଲେ । ସେମାନଙ୍କ ଭିତରୁ ଜଣେ ଖୁବ୍ ସୁନ୍ଦରୀ ଝିଅଟିଏ ବିଭା ହେଲା । ଅନ୍ୟ ଯୁବକ ଜଣକ ବନ୍ଧୁତାର ସୁଯୋଗ ନେଇ ବିବାହ କରିଥିବା ଝିଅଟି ସହିତ ଘନିଷ୍ଠତା ଜମାଇ ବସିଲା । ଦୁହେଁ ଗୁହାଳ ଘରେ ଧରା ପଡ଼ିଗଲେ । ଯୁବକକୁ ଛଅମାସ ଜେଲ୍ ହେଲା । ଏତେ କମ୍ ଦଣ୍ଡାଦେଶର କାରଣ ହେଉଛି ଯେ ଝିଅର ନିମନ୍ତ୍ରଣରେ ଯୁବକ ଯାଇ-ଥିଲା । ମାଜିଷ୍ଟ୍ରେଟ୍‌ଙ୍କଠାରୁ ଏକ କୈଫିୟତ ମାଗି ମୁଁ ଜେଲ୍ ଦଣ୍ଡ ବଢ଼ାଇବାପାଇଁ ହାଇକୋର୍ଟକୁ ମକଦ୍ଦମା ପଠାଇ ଦେଲି । ବନ୍ଧୁତାର ସୁଯୋଗ ନେଇ ଏହା ଏକ ଚରମ ବିଶ୍ୱାସଘାତକତା । ଏଥିପାଇଁ କଠୋର ଦଣ୍ଡ ବିଧାନ ଆବଶ୍ୟକ । ହାଇକୋର୍ଟ ଜେଲ୍‌ଦଣ୍ଡକୁ ଦୁଇ ବର୍ଷ ବଢ଼ାଇ ଦେଲେ ।

Digitized by PPRACHIN, SOA

ଆମର ସାମାଜିକ ଜୀବନ

ସମ୍ବଲପୁରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କର ସମାଜ, ଦଶ ବାରଟି ପରିବାର ମଧ୍ୟରେ ସୀମାବଦ୍ଧ ଥିଲା । ସମସ୍ତଙ୍କ ମଧ୍ୟରେ ସିନିଅର ଥିଲେ ଓଡ଼ିଶା ଗଡ଼ଜାତ ରାଜ୍ୟମାନଙ୍କର ପଲିଟିକାଲ୍ ଏଜେଣ୍ଟ । ମହାନଦୀ କ୍ଲବର ବେସରକାରୀ ସଭ୍ୟ ଥିଲେ ମାଲଗୁଜାରୀ ଶ୍ରୀ ଜନ୍ ମାର୍ଟିନ୍ କେସି, ଟି. ଡ଼. ଏଲ୍. ଏ. (ଟି-ଡିଷ୍ଟ୍ରିକ୍ଟ ଲେବର ଆସୋସିଏସନ୍)ର ଶ୍ରୀ ଆଣ୍ଡରସନ୍ ଓ ସରକାରୀ ଓକିଲ ଶ୍ରୀ ଯୋଗେନ୍ଦ୍ରନାଥ ସେନ୍ । ଶ୍ରୀ ସେନ୍ ମୁଁ କାର୍ଯ୍ୟରେ ଯୋଗ ଦେବାର ଛ' ମାସ ପରେ ମରିଗଲେ । ଅଫିସରମାନଙ୍କ ଘରେ ରାତ୍ରି ଉତ୍ସବ ଅନେକ ସମୟରେ ହେଉଥିଲା । ଗ୍ରାମଫୋନ୍ ରେକର୍ଡ ବଜାଇ ନାଚିବା ଓ ଗୀତ ଗାଇବା ଏ ସବୁ ପାର୍ଟିରେ ସ୍ୱାଭାବିକ ଥିଲା । ଗୋଟିଏ ଜଣାଶୁଣା ଗୀତ ଥିଲା—(The more we are together, the merrier we be) ।

ଲକ୍ଷ୍ମୀନାଥ ବେଜ ବଡ଼ୁଆଙ୍କ ପରିବାରର ସହିତ ଆମର ଘନିଷ୍ଠ ସମ୍ପର୍କ ଥିଲା । ସେ ଜଣେ ଜଙ୍ଗଲ କଣ୍ଟ୍ରାକ୍ଟର ଥିଲେ ଓ ଆସାମୀ ସାହିତ୍ୟିକ ଗୋଷ୍ଠୀରେ ଜଣାଶୁଣା ଥିଲେ ।

ଶିକାରୀ, ଲେଖକ, ଖାଦ୍ୟର ପରୀକ୍ଷା

ଶ୍ରୀମତୀ ପ୍ରଜ୍ଞାଦେବୀ ବେଜବଡ଼ୁଆ ରବୀନ୍ଦ୍ରନାଥ ଠାକୁରଙ୍କର ଝିଆରୀ ଥିଲେ । ସେ ବଙ୍ଗଳାରେ ରୋଷେଇ ସମ୍ପର୍କରେ ପାଞ୍ଚଖଣ୍ଡ ବହି ଲେଖିଥିଲେ । ଏଥିମଧ୍ୟରୁ କେତୋଟି ଖାଦ୍ୟ ପ୍ରସ୍ତୁତ କରିବା ବେଳେ ସେ ମୋତେ ନେଇ ପରୀକ୍ଷା କରୁଥିଲେ । ଯେତେବେଳେ କୌଣସି ନୂଆ ଜିନିଷ ସେ ତିଆରି କରନ୍ତି ସେ ମୋତେ ଡକାଇ ପଠାନ୍ତି । ଅବଶ୍ୟ ମୋ' ସହିତ ମୋ ପରିବାରବର୍ଗଙ୍କୁ ଖାଇବାକୁ ଡକାଯାଏ ଓ ମୋ ସ୍ତ୍ରୀ ଖାଇ ସାରିବା ପରେ ତାଙ୍କର ମତ ଦିଅନ୍ତି । ଶ୍ରୀ ବେଜ୍‌ବଡ଼ୁଆ ଜଣେ ଉତ୍ତମ ଅଭିନେତା, ଭଲ ଶିକାରୀ ଓ ଆସାମୀ ଭାଷାରେ ଲୋକପ୍ରିୟ ଲେଖକ ଥିଲେ । ଏହାଛଡ଼ା ସେ ଜଣେ ରହସ୍ୟପ୍ରିୟ ବ୍ୟକ୍ତି ମଧ୍ୟ ଥିଲେ । ଷାଠିଏ ବର୍ଷରୁ ବେଶୀ ବୟସ ହୋଇଥିଲେ ମଧ୍ୟ ସେ ମୋ' ସହିତ ଶିକାରରେ ଯାଉଥିଲେ । ଯେତେବେଳେ ତାଙ୍କର କନ୍ୟା ଦୀପିକା ଗୀର୍ଜାରେ ମାତା ହୋଇଗଲା ସେ ରବୀନ୍ଦ୍ରନାଥ ଠାକୁରଙ୍କଠାରୁ ଖଣ୍ଡେ ଚିଠି ପାଇଲେ । ଚିଠିଟି ଖୁବ୍ ସୁନ୍ଦର ବଙ୍ଗଳାରେ ଲେଖା ହୋଇଥିଲା ଓ ଏଥିପାଇଁ କୌଣସି ଦୁଃଖର କାରଣ ନାହିଁ ବୋଲି ସେ ଲେଖିଥିଲେ ।

ସ୍ୱାବଲମ୍ବୀ କେସି ପରିବାର

ମାଲଗୁଜାରୀ କେସି ପରିବାର ଗୋଟିଏ ଅନୁଷ୍ଠାନ ହୋଇଥିଲା । ସମ୍ବଲପୁରଠାରୁ ୧୨ ମାଇଲ ଦୂରବର୍ତ୍ତୀ ତାଙ୍କର ଫାର୍ମ ଗୃହରେ ସେମାନେ

Digitized by PPRACHIN, SOA

ରହୁଥିଲେ । ଏହି ଫାର୍ମରେ ୮୦୦ ଏକର ବିଶିଷ୍ଟ ବାରମାସି ଗଛର ବଗିଚା ଓ ତା' ଠାରୁ ୬ ମାଇଲ ଦୂରରେ ୬୦୦ ଏକର ବିଶିଷ୍ଟ ଏକ ଜଙ୍ଗଲ ଥିଲା । ଜଙ୍ଗଲରେ ଗଛଲତାଠାରୁ ଆରମ୍ଭ କରି ବହୁ ଶ୍ରେଣୀର ହରିଣ ଦେଖିବାକୁ ମିଳୁ ଥିଲେ । ଶ୍ରୀ କେପି ପି. ଡ. ଏଲ୍. ଏ. ଛାଡ଼ି ଦେଇ ନୀଲ ଡ୍ରଙ୍ଗ୍ରଠାରେ ବାରମାସି ଚାଷ କରିବାପାଇଁ ସ୍ଥିର କରିଥିଲେ । ୧୯୬୦ ବେଳକୁ ଏହା ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଥିଲା । ସେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ଥିଲେ । ସେ ନିଜେ ଧାନ ଚାଷ କରୁଥିଲେ । ନିଜର ଆବଶ୍ୟକ କମଳା ଲେମ୍ବୁ ଓ ପରିବା ଚାଷ କରୁଥିଲେ । ନିଜର ଖାଇବା ଓ ଅନ୍ୟମାନଙ୍କୁ ଦେବାପାଇଁ ପ୍ରଚୁର ଦୁଧ ପାଉଥିଲେ । କୁକୁଡ଼ା ଚାଷ କରୁଥିଲେ । ନିଜେ ପାଉଁରୁଟି ତିଆରି କରୁଥିଲେ ଓ ଗୋଟିଏ ଗ୍ରେଟ ଘରେ ତାଙ୍କର ସମସ୍ତ ଦରକାରୀ ଔଷଧ ପତ୍ର ଥିଲା । ଶ୍ରୀମତୀ କେପି କେବଳ ତାଙ୍କ ପିଲାମାନଙ୍କୁ ନୁହେଁ ବଗିଚାରେ ଯେତେ ଲୋକ କାମ କରୁଥିଲେ, ସମସ୍ତଙ୍କର ଚିକିତ୍ସା କରୁଥିଲେ । ପ୍ରତି ରବିବାର ଦିନ ଟେନିସ୍ ଖେଳ, ମଦ୍ୟପାନ ଓ ଥରେ ଥରେ ରାତ୍ରି ଭୋଜନପାଇଁ ନୀଲଡ୍ରଙ୍ଗ୍ରଠାରେ ଏକତ୍ର ହେଉଥିଲେ । ସେଠାରେ ଷାଠିଏ ବର୍ଷ ରହିବା ପରେ ଯେତେବେଳେ କେପି ଭଉଣୀମାନେ ଏହି ଫାର୍ମକୁ ସରକାରଙ୍କୁ ବିକ୍ରି କରିଦେଇ ନୀଲଡ୍ରଙ୍ଗ୍ରି ଛାଡ଼ି ଚାଲିଗଲେ ସେମାନଙ୍କର ମନର ଅବସ୍ଥା କ'ଣ ହୋଇଥିବ ତାହା ଅନୁମାନ କରାଯାଇପାରେ । ବିଦାୟର ଦାରୁଣ ଦୁଃଖ ସେମାନେ କିପରି ବହନ କରି ପାରିବେ, ସେଥିପାଇଁ ସେମାନେ ଓଡ଼ିଶା ଛାଡ଼ିବା ପୂର୍ବରୁ ମୁଁ ସେମାନଙ୍କୁ ଭୁବନେଶ୍ୱରଠାରେ ମୋ' ଘରେ କିଛିଦିନ ରଖାଇଥିଲି । ୧୯୪୮ ମସିହାରେ ତାଙ୍କର ବେଲଡ୍ରଙ୍ଗ୍ରି ଫାର୍ମରେ ମୋର ପୁଅ ବୁଲୁ ଗୋଟିଏ ଭାଲୁଦ୍ୱାରା ଆହତ ହୋଇଥିଲା । ବୁଲୁର ବୟସ ସେତେବେଳେ ୨୨ ବର୍ଷ ଓ ସେ ୬ ଫୁଟ ୩ ଇଞ୍ଚର ଏକ ଯୁବକ । କିନ୍ତୁ ଗୋଟିଏ ଭାଲୁ ତାକୁ ତଳେ ପକାଇ ଦେଇ ତା' ଉପରେ ଠିଆ ହୋଇଗଲା । ବୁଲୁ ତା'ର ଦୁଇ ଗୋଡ଼ରେ ଭାଲୁକୁ ଗୋଇଠା ମାରି ତଳକୁ ଠେଲିଦେଲା, ଭାଲୁ ଦେଖିଲା ଯେ ଏ ଏକ ସହଜ ଜନ୍ତୁ ନୁହେଁ ଯାହାକୁ କି ହରାଇ ଦେଇ ହେବ । କେବଳ ଖାଲି ଭୂଇଁରେ ପଡ଼ିଯାଇଥିବା ଯୋଗୁଁ ବୁଲୁ ପିଠି ରକ୍ଷା ହୋଇଯାଇଥିଲା । କିନ୍ତୁ ଏହି ଆକ୍ରମଣର ଧକ୍କାରେ ପ୍ରାୟ ଆଠ ଘଣ୍ଟାପରେ ରାତିରେ ତାକୁ ଜ୍ୱର ହୋଇ ଯାଇଥିଲା ।

ଗଡ଼ଜାତ ରାଜାଙ୍କ ତାଲିମ

ଓଡ଼ିଶା ଗଡ଼ଜାତ ରାଜ୍ୟର ରାଜକୁମାରଙ୍କର ତାଲିମ ଦାୟିତ୍ୱ ମୋ' ଉପରେ ପଡ଼ିଥିଲା । କାହାଙ୍କର କିଛି ହୋଇପାରିଲା ନାହିଁ । ସେ କେବେ ଜଣେ ରାଣୀଦ୍ୱାରା କେବେ ଜଣେ ଉକିଲଦ୍ୱାରା ନିଜର ରାଜ୍ୟ ଲେଖାଇ ନିଅନ୍ତି । ଏହା

Digitized by PPRACHIN, SOA

ଫଳରେ ସଂଯୁକ୍ତ କରଣୀ ବା ଔଜଲ୍ କେବଳ ତାଙ୍କଠାରୁ ଯେ ପଇସା ନଅନ୍ତ ତା' ନୁହେଁ, ଯେଉଁମାନଙ୍କ ପକ୍ଷରେ ସୁପ୍ସ ଲେଖନ୍ତ ସେମାନଙ୍କଠାରୁ ନଅନ୍ତ । ଗାଦି ନସିନ୍ ହେବା ପୂର୍ବରୁ ତାଙ୍କର ଯେ ବନ୍ଦୋବସ୍ତ ତାଲିମ ହେବା ଦରକାର ପଡ଼ୁଥିଲା ତାହା ଉଲ୍ଲେଖ କରିବା ଅନାବଶ୍ୟକ । ତାଙ୍କ ସ୍ତ୍ରୀ ଆମ ସହିତ ଆସି କିଛି କାଳ ରହିଥିଲେ । ମୁଁ ତାଙ୍କୁ ଦେଖି ନାହିଁ । ତାଙ୍କ ସ୍ୱାମୀ ଜପର ଶୀଘ୍ର ଗାଦିରେ ବସନ୍ତୁ ସେଥିପାଇଁ ସେ ମୋ ସ୍ତ୍ରୀଙ୍କୁ ଅନୁରୋଧ କରୁଥିଲେ । ମୁଁ ବର୍ଷେ କାଳ ଗଡ଼ାଇ ଦେଲି । ତା' ପରେ ଗୋଟିଏ ସର୍ତ୍ତରେ ତାଙ୍କର ଗାଦିନସିନ୍ ହେବାରେ ରାଜି ହେଲି । ତାହା ହେଉଛି ଯେ ଯେଉଁ ଦେଓ୍ୱାନ ନିଯୁକ୍ତ କରିବେ ସେ ପଲିଟିକାଲ୍ ଏଜେଣ୍ଟଙ୍କ ଦ୍ୱାରା ନିଯୁକ୍ତ ହେବେ । ରାଣୀ ଏପରି ପରଦା ଭିତରେ ରହୁଥିଲେ ଯେ ଥରେ ମୁଁ ମାରିଥିବା ଗୋଟାଏ ବାଘକୁ ଦେଖିବାପାଇଁ କନା ବାଡ଼ ଭିତରେ ତାଙ୍କୁ ଅଣା ଯାଇ-ଥିଲା । ଏହା ୧୯୩୭ ମସିହାର କଥା । ୧୯୪୧ ମସିହାରେ ସେ ମୋତେ ପିଣ୍ଡ ଟେନିସ ଖେଳିଲେ । ରାଜା ଆଉ ଦୁଇଟି ସ୍ତ୍ରୀ ବିବାହ କରିଥିବାରୁ ସେ ତାଙ୍କୁ ଛାଡ଼ି ଚାଲି ଆସି-ଥିଲେ । ୧୯୪୬ ମସିହାରେ ତାଙ୍କ ଭଉଣୀପାଇଁ ସେ ମୋତେ ଦେଖା କରିବା ନିମନ୍ତେ କଟକ ଆସିଥିଲେ । ସେତେବେଳେ ଆଉ କନାର ବାଡ଼ ଦରକାର ହେଉ ନ ଥିଲା ।

ବାମଣ୍ଡା, ଖଣ୍ଡପଡ଼ା ଓ ବଡ଼ମ୍ବାର ରାଜକୁମାରମାନେ ସାଧାରଣ ବୁଦ୍ଧି ବୃତ୍ତିର ଲୋକ ଥିଲେ । ଅନେକ ସମୟରେ ସେମାନେ ମୋ ସହିତ ଖାଇବାପାଇଁ ମୋ ଘରକୁ ଆସୁଥିଲେ ଓ ପରିଦର୍ଶନ ଓ ଶିକାରପାଇଁ ମୁଁ ସେମାନଙ୍କୁ ସାଙ୍ଗରେ ନେଇ ଯାଉଥିଲି । ଥରେ ଏକ ମଣିଷଖିଆ ବାଘ ଶିକାରରେ ଆମେ ଯାଇଥିଲୁ । ବାଘଟି ଏପରି ଛପି ଛପି ଆସିଲା ଯେ, ସେ ମୋତେ କିମ୍ବା ତନି ରାଜକୁମାରମାନଙ୍କ ମଧ୍ୟରୁ ଜଣଙ୍କୁ ଖାଇ ଯାଇଥାନ୍ତା । କିନ୍ତୁ ଆମେ ମଞ୍ଚା ଉପରେ ଚଢ଼ିଗଲୁ, ଜଣେ ରାଜକୁମାର ବାଘକୁ ଦେଖି ଗୁଳି ଚଳାଇଲେ । କିନ୍ତୁ ଗୁଳି ବାଘ ଦେହରେ ବାଜିଲା ନାହିଁ । ମୁଁ ସେମାନଙ୍କୁ ନେତୃତ୍ୱ ଦେବା ବିଷୟରେ ଶିକ୍ଷା ଦେଉଥିଲି । ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ଦୁଇ ଜଣ ବ୍ୟବସ୍ଥାପକ ଏବଂ ଜଣେ ପୂର୍ବତନ ସରକାରରେ ମନ୍ତ୍ରୀ ଥିଲେ । ବାମଣ୍ଡା ରାଜକୁମାର ମୋ ପାଖରେ ତାଲିମ ହେଉଥିବା ବେଳେ ରାଜ୍ୟର ସୁପରିନ୍ଟେଣ୍ଡେଣ୍ଟ ଶିକାରପାଇଁ ମୋତେ ସେଠାକୁ ନିମନ୍ତ୍ରଣ କରିଥିଲେ ; ମୁଁ ଗୋଟିଏ ବାଘ ଓ ଦୁଇଟି ବାରହା ମାରିଲି । ବିହାର ଭୂମିକମ୍ପର ଏହା ଦିନକ ପୂର୍ବର କଥା ।

ବିବାହର ଚକ୍ରବ୍ୟୂହ

ବାମଣ୍ଡା ଜେମାଙ୍କର ଦଶପଲ୍ଲା ରାଜାଙ୍କ ସହିତ ବିବାହ ବେଳେ ମୁଁ ପୁଣି ଥରେ ବାମଣ୍ଡା ଯାଇଥିଲି । ଆମେ ଦେଓଗଡ଼ ଜଳପ୍ରପାତ ପାଖରେ ତମ୍ବୁ

Digitized by PPRACHIN, SOA

ଭିତରେ ରହିଥିଲୁ । ଏହା ଏକ ମନୋରମ ସ୍ଥାନ । କିନ୍ତୁ ବିପଜ୍ଜନକ ମଶାରେ ପରିପୂର୍ଣ୍ଣ । ବିବାହ ସ୍ୱାଭାବିକ ରାଜୋଚିତ ରୀତିରେ ହେଲା । ଯେଉଁ ରାଜକୁମାର ଅତିଥି ହୋଇ ଆସିଥିଲେ ସେମାନେ ସେମାନଙ୍କର ସ୍ଥାନ ଓ ସମ୍ମାନ ବିଷୟରେ ଏତେ ସଚେତ ଥିଲେ ଯେ ବୌଦ୍ଧର ରାଜାଙ୍କପାଇଁ ପରେ ଆଉ କିଛି ସମୟ ବନ୍ଦ ହୋଇଗଲା, କାରଣ ତାଙ୍କ ଆଗରେ ଜଣେ ସାଧାରଣ ବ୍ୟକ୍ତିର ଗାଡ଼ି ଯାଉଥିଲା । କିନ୍ତୁ ଯେଉଁ ବ୍ୟକ୍ତି ସବୁଠାରୁ ଅଧିକ ଦୃଷ୍ଟିଗୋଚର ହେଉଥିଲେ ସେ ହେଉଛନ୍ତି ବରଙ୍କର ଭାଇ, ପାରିକୁଦ ରାଜା । ସେ ଏକ ହଜାର ଟଙ୍କିଆ ରାଇଫଲ୍ ସାଙ୍ଗରେ ଧରି ଯାଉଥିଲେ । କିନ୍ତୁ ତାହା କୌଣସି ବ୍ୟବହାରରେ ଲାଗିପାରିଲା ନାହିଁ । କାରଣ ବିବାହ ଉତ୍ସବ ବେଳେ କୌଣସି ଶିକାର କାର୍ଯ୍ୟକ୍ରମ ନ ଥାଏ । ତାଙ୍କର ପାଖ ଲୋକଙ୍କର ପୋଷାକର ଚାକଚକ୍ୟ ବକିଂହାମ୍ ରାଜପ୍ରାସାଦର ରକ୍ଷୀମାନଙ୍କର ଚାକଚକ୍ୟ ସହିତ ତୁଳନୀୟ । ଦୁଃଖର ବିଷୟ ସେତେବେଳେ ରଙ୍ଗୀନ ଫଟୋଗ୍ରାଫି ପ୍ରଚଳିତ ନ ଥିଲା ।

ୱାଇସ୍‌ରୟ ରାଜକୁମାର କଲେଜ ପରିଦର୍ଶନ କରିବାକୁ ଯାଉଥିବାରୁ ପାରିକୁଦ ସମ୍ବଲପୁର ଦେଇ ରାୟପୁର ଗଲେ ଓ ଗଲାବେଳେ ଆମ ଘରେ ରହିଲେ । ସଙ୍ଗରେ ତାଙ୍କର ପୋଷାକଧାରୀ ୯ ଜଣ ଭୃତ୍ୟ ମଧ୍ୟ ଆସିଥିଲେ । କିନ୍ତୁ ରାୟପୁରରୁ ଟେଲିଗ୍ରାମ ଆସିଲା ଯେ ସେଠାରେ ରହିବାପାଇଁ ତାଙ୍କୁ ଗୋଟିଏ ଛୋଟିଆ ତମ୍ବୁ ମିଳିବ, ଯେଉଁଥିରେ କି ସେ ଓ ତାଙ୍କର ଜଣେ ମାତ୍ର ପାଖଲୋକ ରହିପାରିବେ । ଫଳରେ ମୁଁ ତାଙ୍କର ୧୨ଜଣ ଭୃତ୍ୟଙ୍କୁ ୩ଦିନ ଖାଇବା ପିଇବାକୁ ଦେଇ ରଖାଇଲି ଏବଂ ଦିନକୁ ୧୦ଥର ହଳଦିଆ ଓ ନାଲି କୁରୁତା ପରିଧାନ ଏହି ଲୋକମାନଙ୍କର ସାଲ୍ୟୁଟ ପାଇଲି । ତେଣୁ ୩୦ ବର୍ଷ ଧରି ଯେ ମୁଁ ପାରିକୁଦ ଯାଇନାହିଁ, ତାହାର କାରଣ ଏଥିରୁ ସହଜରେ ଅନୁମାନ କରାଯାଇପାରେ । ସେତିକି ସାଲ୍ୟୁଟ୍ ବହୁତ ହୋଇଯାଇଥିଲା । ୧୯୨୯ ମସିହାରେ ବର୍ତ୍ତମାନ ରାଜାଙ୍କର ପିତାମହଙ୍କର ଅତିଥିଭାବରେ ମୁଁ ପାରିକୁଦ ଯାଇଥିଲି । ବର୍ତ୍ତମାନ ରାଜାଙ୍କର ପିତା ୧୯୨୮ ଅକ୍ଟୋବର ପହିଲାରେ ଇହଧାମ ତ୍ୟାଗ କରିଥିଲେ ।

ଅରୁଣା

୧୯୩୨ ମସିହା ମେ ମାସରେ ମୁଁ ନରସିଂହନାଥଠାରେ ଅବସ୍ଥାନ କରୁଥିବାବେଳେ ଗୋଟିଏ ଟେଲିଗ୍ରାମ ପାଇଲି ଯେ ମୋର ଭଉଣୀ ତା'ର ୨୦ ଦିନର ଶିଶୁ କନ୍ୟାକୁ ଛାଡ଼ି ଇହଲୀଳା ସମ୍ବରଣ କରିଛି । ମୁଁ ମୋର ସ୍ତ୍ରୀ ଓ ପିଲାମାନଙ୍କ ସହିତ ସେଠାକୁ ଗଲି । ମୋ ସ୍ତ୍ରୀଙ୍କ ସହିତ ପରାମର୍ଶ କରି ପିଲାଟିକୁ ସମ୍ବଲପୁର ନେଇ ଆସିବାପାଇଁ ଭାଇ ପାଖକୁ ଟେଲିଗ୍ରାମ କଲି । ନିକଟବର୍ତ୍ତୀ ଟେଲିଗ୍ରାଫ୍

Digitized by PPRACHIN, SOA

ଅଫିସ ନରସିଂହନାଥଠାରୁ ୬୦ ମାଇଲ ଦୂରବର୍ତ୍ତୀ ବରଗଡ଼ଠାରେ ଥିବାରୁ ୧୬ ଘଣ୍ଟା ବିଳମ୍ବରେ ଟେଲିଗ୍ରାମ ହୋଇପାରିବ । କାରଣ ଏଡ଼କ ବାଟ ସାଇକେଲରେ ଯିବାପାଇଁ ଜଣେ ଲୋକକୁ ନିଶ୍ଚୟ ୧୬ଘଣ୍ଟା ଲାଗିବ । ସେ ପଟରେ ନିକଟବର୍ତ୍ତୀ ଟେଲିଗ୍ରାଫ୍ ଅଫିସ ଭୁବନେଶ୍ବରଠାରୁ ମୋର ଭାଇ ରହୁଥିବା ଗାରଡ଼ି ପଞ୍ଚାଣ ଗ୍ରାମ ୧୧ ମାଇଲ ଦୂରରେ ଅବସ୍ଥିତ । ଶିଶୁଟି ଗାରଡ଼ି ପଞ୍ଚାଣଠାରୁ ୧୭ ମାଇଲ ଦୂର ମଙ୍ଗଳପୁରଠାରେ ରହୁଛି । ମେ ମାସର ମଧ୍ୟ ଭାଗରେ ସମଗ୍ର ଦେଶରେ ସବୁଠାରୁ ଗରମ ସମୟ । ସମ୍ବଲପୁରରେ ଯେ କୌଣସି ଛାଇ ଜାଗାରେ ବି ଉତ୍ତାପର ମାତ୍ରା ୧୨୦ଡ଼ିଗ୍ରୀରୁ କମ୍ ନୁହେଁ । ମଙ୍ଗଳପୁରରୁ ସମ୍ବଲପୁରକୁ ଆସିବାକୁ ହେଲେ ବଳଦ ଗାଡ଼ିରେ ୫ମାଇଲ ଡେଲାଙ୍ଗ, ରେଲଗାଡ଼ିରେ ମେରାମଣ୍ଡଳି ପର୍ଯ୍ୟନ୍ତ ୫ ଘଣ୍ଟା ଓ ସେଠାରୁ ମଟର ବସରେ ୧୧୫ ମାଇଲ । ୧୧୨ ଡିଗ୍ରୀ ଉତ୍ତାପରେ ଏହି ଯାତ୍ରା କରିବାକୁ ହେବ । ଯଦିଓ ମୁଁ ଟେଲିଗ୍ରାମ କରିଦେଲି ପିଲାଟି ବଞ୍ଚିଥିବା ଅବସ୍ଥାରେ ଆସି ପହଞ୍ଚିବ ବୋଲି ମୋର ବିଶ୍ୱାସ ନ ଥିଲା । ୧୯୩୬ ମସିହା ମଇ ମାସ ୨୦ ତାରିଖ ଦିନ ମୋର ଭାଇ ଓ ମୋର ଭଉଣୀର ୧୮ ବର୍ଷର ବଡ଼ପୁଅ ଛୋଟ ଶିଶୁଟିକୁ ଘେନି ପହଞ୍ଚିଲେ । ସେତେବେଳକୁ ସେ ମୃତପ୍ରାୟ । ଶ୍ୱାସକ୍ରିୟାରେ କଷ୍ଟ ହେଉଥାଏ । ମୋ ସ୍ତ୍ରୀ ତାକୁ ନିଜ ହାତରେ ଉଠାଇ କୋଳକୁ ଆଣିଲେ । ପରେ ସେ ଭଲ ଅବସ୍ଥାକୁ ଆସିଗଲା । ଆମେ ତାର ନାଁ ରଖିଲୁ ଅରୁଣା ।

ଲୋକଙ୍କର ଚଳଣି

ସମ୍ବଲପୁରରେ ବହୁତ ଛୋଟ ବଡ଼ ଜମିଦାରୀ ଥିଲା । ବରପାଲି ଜମିଦାର ଜଣେ ଚୌହାନ ବା କ୍ଷତ୍ରିୟ ଥିଲେ । ବୀର ସୂର୍ଯ୍ୟୋଦୟ ସିଂହଦେବଙ୍କର କୌଣସି ପୁରୁଷ ଉତ୍ତରାଧିକାରୀ ନ ଥିଲେ । ତାଙ୍କ ମୃତ୍ୟୁ ପରେ ଜମିଦାରୀ ମୋ ନିୟନ୍ତ୍ରଣରେ ଏକ କୋର୍ଟ ଅଫ୍ ଓ୍ୱାର୍ଡ୍ସରେ ପରିଣତ ହେଲା । ବୀର ସୂର୍ଯ୍ୟୋଦୟ ବାରିପଦାରେ ମୋ' ସହିତ ଏକ ସ୍କୁଲରେ ପଢ଼ୁଥିଲେ । ତାଙ୍କ ମା' ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ଭଉଣୀ ମୋତେ ଅନେକ ସମୟରେ କହୁଥିଲେ ଯେ ତାଙ୍କ ପୁଅ ମୋ'ର ସହାଧ୍ୟାୟୀ ଥିବାରୁ ତାଙ୍କ ପ୍ରତି ସ୍ୱତନ୍ତ୍ର ବିଚାର କରିବାକୁ ହେବ । ବରପାଲି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥଳ ଥିବା ଯୋଗୁ ମୁଁ ସେଠାରେ ଗୋଟିଏ ପାର୍କର ଭିତ୍ତି ସ୍ଥାପନ କରିଥିଲି ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତିପାଇଁ ବ୍ୟବସ୍ଥା କରିଥିଲି ।

ବୋଡ଼ାସମ୍ବର

ଜିଲ୍ଲାର ସବୁଠାରୁ ବଡ଼ ଜମିଦାର ଥିଲେ ବୋଡ଼ାସମ୍ବରର ରାଜେନ୍ଦ୍ର ବରିହା । ସେ ଜାତିରେ ଆଦିବାସୀ ବିଂଝାଲ ଥିଲେ । ସେ ଜଣେ ପ୍ରଥମ ଶ୍ରେଣୀର ଅନରାରୀ

Digitized by PPRACHIN, SOA

ମାଜିଷ୍ଟ୍ରେଟ୍ ଥିଲେ ଏବଂ ଆଦେଶ ପତ୍ର, ସାକ୍ଷ୍ୟ ପ୍ରମାଣ ଓ ରାଜସ୍ୱ ସଂକ୍ରାନ୍ତ ସମସ୍ତ କାଗଜ ଓଡ଼ିଆରେ ଲେଖୁଥିଲେ । ଦରମାପ୍ରାପ୍ତ ମାଜିଷ୍ଟ୍ରେଟଙ୍କଠାରୁ ଅଧିକ ନ ହେଲେ ମଧ୍ୟ ତାଙ୍କ କାଗଜପତ୍ର ଖୁବ୍ ଉତ୍ତମ ଓ ନିଖୁଣ ଥିଲା । ତାଙ୍କ ପ୍ରଜାମାନଙ୍କ ମଧ୍ୟରେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ, ଆଦୌ ମଦ୍ୟ ବା ଧୂମପାନ କରୁ ନ ଥିଲେ । ସେ ଖୁବ୍ ଭଲ ଖାଉଥିଲେ ଓ ଉତ୍ତମ ଶିକାରୀ ଥିଲେ । ତାଙ୍କର ଗୋଟିଏ ଦୁର୍ବଳତା ଥିଲା—ନାଚ । ତାଙ୍କର ବଡ଼ ଜମିଦାରୀରେ ସେ ତା'ର ଅଭାବ ଦେଖୁ ନ ଥିଲେ । ତାଙ୍କର ଯୁବକ ପୁତ୍ର ରଣଜିତ୍ ଇଂଲଣ୍ଡ ଯାଇଥିଲେ ; ଦ୍ୱିତୀୟ ମହାଯୁଦ୍ଧବେଳେ ରୟାଲ୍ ଏୟାର ଫୋର୍ସରେ ଜଣେ ବୈମାନିକଭାବରେ କାର୍ଯ୍ୟ କରିଥିଲେ; ଜଣେ ଇଂରେଜ ମହିଳାଙ୍କୁ ବିବାହ କରି ଘରକୁ ଫେରି ଆସିଲେ । ୧୯୪୭ ମସିହାରେ ପ୍ରଥମ ମହତାବ ମନ୍ତ୍ରୀମଣ୍ଡଳରେ ସେ ଜଣେ ମନ୍ତ୍ରୀ ଥିଲେ । ତାଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ି ଦେଇ ରାଜଭବନରେ ଯାଇ ରହିଲେ । ରାଜ୍ୟପାଳଙ୍କ ସହିତ ତାଙ୍କ ସାଲୁନ୍‌ରେ ବମ୍ବେ ଯାଇ ସେଠାରୁ ସେ ଇଂଲଣ୍ଡ ଚାଲିଗଲେ । ସେହି ସମୟରେ ରଣଜିତ୍ ଅତି ଅସୁସ୍ଥ ଥିଲେ । ୧୯୬୧ ମସିହାରେ ତାଙ୍କର ମୃତ୍ୟୁ ହେଲା ।

୧୯୩୧ ମସିହାରେ ବୋଡ଼ାସମ୍ବରରେ ଖୁବ୍ ଆନନ୍ଦ ଉତ୍ସବ ଦେଖା ଦେଇଥିଲା, କାରଣ ବ୍ରିଟିଶ୍ ସରକାର ରାଜେନ୍ଦ୍ରଙ୍କୁ ରାଜା ଉପାଧି ଦେଇଥିଲେ । ମୁଁ ସମ୍ବଲପୁରରେ ଥିବା ସମୟତକ ରାଜା ଓ ତାଙ୍କର ୫୪୧ବର୍ଗମାଇଲ ଜମିଦାରୀ ସମ୍ପୂର୍ଣ୍ଣ ରାଜଭକ୍ତ ରହିଥିଲେ ।

ମୋ' ସ୍ତ୍ରୀ କୁଷ୍ଠ ରୋଗୀମାନଙ୍କ ସେବା କାର୍ଯ୍ୟରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିଲେ । ତାଙ୍କ ନିର୍ଦ୍ଦେଶରେ ସମ୍ବଲପୁରରେ ଏକ କୁଷ୍ଠ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା । ବରଗଡ଼ ଅଞ୍ଚଳର ବୁଲା କୁଷ୍ଠ ରୋଗୀମାନଙ୍କୁ ଅଣାଯାଇ ଗୋଟିଏ ସ୍ଥାନରେ ରଖା-ଯାଇଥିଲା ଓ ସେଠାରେ ତାଙ୍କର ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା । ଭି. ରାମସ୍ୱାମୀ ଆଇ. ସି. ଏସ୍. ବରଗଡ଼ର ଏସ.ଡି.ଓ. ଥିଲେ । ସେ ଏହାକୁ ଖୁବ୍ ଭଲଭାବରେ ସଗଠିତ କରିଥିଲେ ।

ବ୍ୟଙ୍ଗଚିତ୍ର ଓ ଆତ୍ମସମାଲୋଚନା

ସମ୍ବଲପୁରରେ ଥିବା ମହାନଦୀ କ୍ଲବର ସଭ୍ୟମାନଙ୍କପାଇଁ ଗୋଟିଏ ବହି ଥିଲା, ସେଥିରେ କେ ବ୍ୟଙ୍ଗଚିତ୍ର ଅଙ୍କନ କରିଜାଣିବା ଲୋକେ ଏହିପରି ଚିତ୍ର ଆଙ୍କୁଥିଲେ । ଏହାକୁ "ସମ୍ବଲପୁର ପଞ୍ଚ" (Sambalpur Punch) ଆଖ୍ୟା ଦିଆଯାଇଥିଲା । ଏଥିରେ ଥିବା ଚିତ୍ରମାନଙ୍କ ମଧ୍ୟରେ କେତୋଟି ହେଲା— ସମ୍ବଲପୁରର ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଖଜଳ ସମସ୍ତେ ଖେଳ ସାରିବାପରେ ଖେଳିବାପାଇଁ ଆସୁଛନ୍ତି ।

Digitized by PPRACHIN, SOA

ସେ ଗୋଟାଏ ହାତରେ ଟେନିସ୍ ର୍‍କେଟ ଓ ଅନ୍ୟ ହାତରେ ଲଣ୍ଠନ ଧରି ଥିବାର ବ୍ୟଙ୍ଗଚିତ୍ର ଅଙ୍କିତ ହୋଇଥିଲା । କେହି ଜଣେ ଆଂଗ୍ଲୋଇଣ୍ଡିଆନ୍ ସଭ୍ୟ ନିଜର ଧନ ସମ୍ପତ୍ତିକୁ ଖୁବ୍ ଦେଖାଇ ହୁଅନ୍ତି । ସେ ଗୋଟିଏ ସ୍ୱର୍ଣ୍ଣମୁଦ୍ର ପିନ୍ଧି, ତା'ର ଆଲୋକରେ ଅନ୍ଧାର ବାଟକୁ ଆଲୋକିତ କରିବାର ଚିତ୍ର କରାଯାଇଥିଲା । ୧୯୩୬ ମସିହାରେ ପଲିଟିକାଲ୍ ଏଜେଣ୍ଟଙ୍କ ସ୍ତ୍ରୀ ଶ୍ରୀମତୀ ବାଲ୍‍ଷ୍ଟ୍ରେଡ଼ଙ୍କ ଅଙ୍କିତ ଏକ ବ୍ୟଙ୍ଗଚିତ୍ରରେ ମୁଁ ଥିଲି— ହାତୀରେ ବସି ବାଁ ହାତରେ ଏକ ବନ୍ଧୁକ ଧରି ମୁଁ ଗୋଟାଏ ବାଘ ଆଡ଼କୁ ଲକ୍ଷ୍ୟ କରୁଛି, ଅନ୍ୟ ହାତଟା ଶୂନ୍ୟକୁ ଟେକିଛି, ହାତୀ ପିଠିରେ ନିଜକୁ ସ୍ଥିର ରଖିବା ପାଇଁ । ଏଜେନ୍‍ସି ଇଞ୍ଜିନିଅର ଓଟଲେ ଆଉ ଗୋଟିଏ ହାତୀରେ ବସି ଏହାର ସାକ୍ଷୀ ହୋଇଯାଉଛନ୍ତି ।

୧୯୦୮ ମସିହାରେ ଜେ. ଏମ. କେସିଙ୍କଦ୍ୱାରା ମହାନଦୀ କ୍ଲବ ନିର୍ମିତ ହୋଇଥିଲା । ଏହି କ୍ଲବଟି ଓଡ଼ିଶାର ଇତିହାସ ଏତେ ଦେଖିଥିଲା ଯେ ଏହାକୁ ଭାଙ୍ଗି ଦେବାଟା ଏକ ଶୋଚନୀୟ ଘଟଣା ହୋଇ ରହିଲା । କ୍ଲବର ବଟଲର୍ ଜଣେ ଓଡ଼ିଆ ଥିଲା । ତା'ର ନାମ ପର୍ମି । କ୍ଲବ ଯେତିକି ଦିନର ସେ ମଧ୍ୟ ସେତିକି ଦିନର । ସେ କ୍ଲବର ମଦ୍ୟଭଣ୍ଡାରରୁ ଆଖି ବୁଜି ପିଉଥିଲା କିନ୍ତୁ କାଠିକଣ୍ଡେ ପରି ସେ ଖୁବ୍ ସିଧା ସଳଖ ଚାଲୁଥିଲା ଓ ଦଶଜଣ ସଭ୍ୟ ଏକ ସମୟରେ ଯଦି ମଦ୍ୟପାଇଁ ଆଦେଶ ଦେଉଥିଲେ, ସେ ବିନା ନୋଟ ବହି ସାହାଯ୍ୟରେ ସେମାନଙ୍କ ପାଖରେ ଆଣି ତାହା ପହଞ୍ଚାଇ ଦେଉଥିଲା ।

ଭୂମିକମ୍ପ

୧୯୩୪ ମସିହା ଜାନୁଆରୀ ୧୫ ତାରିଖ । ସାଢ଼େ ଦୁଇଟା ବେଳେ କିଛି ଡେରିରେ ମଧ୍ୟାହ୍ନ ଭୋଜନ ଶେଷ କରି ଆମେ ବସିଛୁ, ଖୁବ୍ ଜୋରରେ ଏକ ଗାଡ଼ି ଆସୁଥିବାର ଶବ୍ଦ ଶୁଣାଗଲା । ମୋ' ସ୍ତ୍ରୀ କହିଲେ, "ଏ ରାଜା ପିଲାଗୁଡ଼ାକ କେଡ଼େ ଅମାନିଆ !" ସେ ଭାବିଲେ, ତାଲିମ ପାଉଥିବା ରାଜା ପିଲାଙ୍କ ଭିତରୁ ଜଣେ ଆମ ଘର ଆଗରେ ଏକ କାର୍ ଛୁଟାଇ ଚାଲିଗଲା । ସଙ୍ଗେସଙ୍ଗେ ସବୁ କମ୍ପିବାକୁ ଲାଗିଲା । ଆମେ ଘରୁ ବାହାରକୁ ଦଉଡ଼ି ପଳାଇ ଆସିଲୁ । ଡଲି ଓ ଇରସ୍ (ଜଣେ ଆଂଗ୍ଲୋଇଣ୍ଡିଆନ ଝିଅ) ଉପରକୁ ଦଉଡ଼ିଯାଇ ପିଲାମାନଙ୍କୁ ତଳକୁ ଟାଣି ଆଣିଲେ । ଆୟା ଅରୁଣାକୁ କାଖେଇ ନେଇ ଆସିଲା । ଉପରବେଳାଟା ଯାକ ଆମେ ବଗିଚାରେ କଟାଇଲୁ, କାରଣ ମଝିରେ ମଝିରେ ଭୂମିକମ୍ପ ହେଉଥିଲା ।

ଭୂମିକମ୍ପର ମାସକ ପୂର୍ବରୁ ଜିଲାର ବିଭିନ୍ନ ସ୍ଥାନରେ ଗ୍ରହକୂଟର ପ୍ରତିକାର ପାଇଁ ଲୋକେ ପୂଜା, ହୋମ ଓ ଯଜ୍ଞ ଆଦି କରୁଥିଲେ ଓ ଗ୍ରାମଆଡ଼େ ବିରାଟ ମେଳା

Digitized by PPRACHIN, SOA

ବସୁଥିଲା । ଭୂମିକମ୍ପ ପୂର୍ବରୁ ପ୍ରାୟ ଏକସପ୍ତାହ ଧରି ସମ୍ବଲପୁରର ମହାନଦୀ ବାଲିରେ ହଜାର ହଜାର ଲୋକ ଏକାଠି ହୋଇ ହୋମରେ ମହଣ ମହଣ ଘିଅ ପୋଡ଼ୁଥିଲେ । ଜ୍ୟୋତିଷମାନେ ଭବିଷ୍ୟତ୍ ବାଣୀ ଶୁଣାଇ କହିଥିଲେ, ୧୯୩୪ ଜାନୁଆରୀ ୧୫ ତାରିଖରେ ପଞ୍ଚଗ୍ରହକୂଟ ହେବ । ଗଞ୍ଜାମ ଜିଲ୍ଲା ଖଲିକୋଟର ରାଜଜ୍ୟୋତିଷ ବାଇକୋଳି ମହାପାତ୍ର ୬ ମାସ ପୂର୍ବରୁ ଏହି ବିପଦ ପ୍ରତି ସାବଧାନ କରିଦେଇଥିଲେ । ୧୯୫୦ ମସିହାରେ ତାଙ୍କ ସହିତ ଯେତେବେଳେ ମୋ'ର ଦେଖାହେଲା, ଏ ବିଷୟଟି ବୁଝାଇ ଦେବାପାଇଁ ମୁଁ ତାଙ୍କୁ ପଚାରିଲି । ଏହା ଅତି ସରଳ; ଯଦି ଚନ୍ଦ୍ରର ଆକର୍ଷଣ ଫଳରେ ସମୁଦ୍ରରେ ଜୁଆର ହେଉଛି, ତା' ହେଲେ ପାଞ୍ଚଟି ଗ୍ରହ ଏକ ସଙ୍ଗରେ ଗୋଟିଏ ଦିଗକୁ ପୃଥିବୀକୁ ଆକର୍ଷଣ କଲେ ପୃଥିବୀପୃଷ୍ଠର ଦୁର୍ବଳତମ ସ୍ଥାନ, ଉଦାହରଣ ସ୍ୱରୂପ ହିମାଳୟ ଅଞ୍ଚଳର ସ୍ଥିରତ୍ୱ ଯେ ବିପର୍ଯ୍ୟସ୍ତ ହେବ, ତାହା ସୁନିଶ୍ଚିତ । କିନ୍ତୁ ଅଳ୍ପ କେତେ ବର୍ଷ ତଳେ ଅଷ୍ଟଗ୍ରହକୂଟ ହୋଇ ମଧ୍ୟ ପୃଥିବୀର କୌଣସି ଅଞ୍ଚଳରେ ସେପରି କିଛି କ୍ଷୟକ୍ଷତି ହୋଇ ନାହିଁ ଓ କୌଣସି ଗ୍ରହକୂଟ ନ ହୋଇ ମଧ୍ୟ ଭୟାବହ ଭୂମିକମ୍ପ ହୋଇଯାଇଛି । ତେଣୁ ବାଇକୋଳି ମହାପାତ୍ରଙ୍କ ତଥ୍ୟ ସମ୍ପର୍କରେ ଆହୁରି ପରୀକ୍ଷା ଆବଶ୍ୟକ ।

୧୯୩୪ ଜାନୁଆରୀ ୧୫ ତାରିଖରେ ବିହାର ଭୂମିକମ୍ପ ଫଳରେ ବିହାରର ବହୁ ସହର ଧ୍ୱଂସସ୍ତୂପରେ ପରିଣତ ହେଲା । ସେହି ବର୍ଷ ମାର୍ଚ୍ଚ ମାସରେ ଭୂମିକମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ସାହାଯ୍ୟ କାର୍ଯ୍ୟରେ ମୋତେ ମୁଙ୍ଗେର ପଠାଗଲା । ମୋର ପରିବାର ପାଇଁ ସେଠାରେ କୌଣସି ରହିବା ଘରର ବ୍ୟବସ୍ଥା ହୋଇ ପାରୁ ନ ଥିବା ଯୋଗୁଁ ସ୍ଥାନରେ ପରିବାର ବା ଆସବାବପତ୍ର ନ ଆଣିବାପାଇଁ ମୋତେ ପରାମର୍ଶ ଦିଆଯାଇ-ଥିଲା । ମୁଁ ମୋର ଜିନିଷପତ୍ର ସବୁ ଡିଷ୍ଟ୍ରିକ୍ଟ ଲେବର ଆସୋସିଏସନ (ଡି.ଏଲ୍.ଏ) ଗୃହରେ ରଖାଇଲି । ଡି.ଏଲ୍.ଏ.ର ଏଜେଣ୍ଟ ଶ୍ରୀ ଆଲ୍‌ଡରସନଙ୍କୁ ଗୃହଟି ଦେଇ ମୁଁ ସମ୍ବଲପୁର ଛାଡ଼ିଲି । ମୋର ପରିବାରର ବର୍ଗ ହଜାରୀବାଗରେ ରହିଲେ ।

ମୋତେ ବିଦାୟ ଦେବାପାଇଁ ଏକ ବିରାଟ ଆୟୋଜନ କରାଯାଇଥିଲା । ଏହାର ଦୁଇଟି ଉଦ୍ଦେଶ୍ୟ ଥିଲା । ଗୋଟିଏ ହେଉଛି, ପୁରାତନକୁ ବିଦାୟ ଦେଇ ନୂତନକୁ ବିଶେଷଭାବରେ ସ୍ୱାଗତ କରିବା । ମୁଁ କମିଟିର ସଭ୍ୟମାନଙ୍କୁ ପ୍ରସ୍ତାବ ଦେଲି ଯେ ସବୁ ଖର୍ଚ୍ଚ ନିରାଡ଼ମ୍ବରଭାବରେ ହେଉ ଓ ସଂଗୃହୀତ ଅର୍ଥ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟୟିତ ହେଉ । ବୋଡ଼ାସମ୍ବରର ରାଜା ରାଜେନ୍ଦ୍ର ଉତ୍ସବପାଇଁ ତାଙ୍କର ଦେୟ ଦେବା ସଙ୍ଗେସଙ୍ଗେ ମୁଁ ଗୃହୀ ଥିବା ଅନ୍ୟ କୌଣସି ସାଧାରଣ କାର୍ଯ୍ୟ ପାଇଁ ଅଧିକ ଅର୍ଥ ଦାନ କଲେ । ସେତେବେଳେ ଓଡ଼ିଶାର ଏକମାତ୍ର କଲେଜ ରେଭେନ୍ସା କଲେଜରେ ବାର୍ଷିକ ବକ୍ତୃତା ପ୍ରତିଯୋଗିତା କରାଇ ପୁରସ୍କାର

Digitized by PPRACHIN, SOA

ଦେବାପାଇଁ ଏହି ଅର୍ଥ ଦାନ କରାଗଲା । ରାଜାଙ୍କ ଇଚ୍ଛା ଅନୁସାରେ ପୁରସ୍କାରର ନାମକରଣ ହେଲା, ବୋଡ଼ାସମ୍ବର—ସେନାପତି ପୁରସ୍କାର ।

୧୯୩୦ ଓ ୧୯୩୪ ମସିହା ମଧ୍ୟରେ ସମ୍ବଲପୁରର ଅବସ୍ଥା

୧। ଉପକୂଳବର୍ତ୍ତୀ ଜିଲାସମୂହର ନାରୀମାନଙ୍କ ଅପେକ୍ଷା ସମ୍ବଲପୁର ନାରୀମାନଙ୍କର ଅଧିକ ସ୍ୱାଧୀନତା ଥିଲା । ଯଦି ଶାଶୁ ବୋହୂକୁ ଗଞ୍ଜଣା ଦେଉଥିଲା, ବୋହୂ ତା'ର ବାପଘରକୁ ଚାଲିଯାଇ ଭରଣପୋଷଣପାଇଁ ମକଦ୍ଦମା କରୁଥିଲା । ଭରଣପୋଷଣ କୋଡ଼ର ୪୮୮ ଧାରରେ ବହୁ ମକଦ୍ଦମା ସେତେବେଳେ ହେଉଥିଲା । ଖୁବ୍ କମ୍ ମକଦ୍ଦମାରେ ରାୟ ଦେବା ଦରକାର ପଡ଼ୁଥିଲା । କାରଣ ଏପରି ମକଦ୍ଦମା ଦାୟର ହେବା ମାତ୍ରେ ସ୍ୱାମୀ ବା ସ୍ୱାମୀର ପିତା ସାଙ୍ଗେସାଙ୍ଗେ ମିଳାମିଶାପାଇଁ ଉଦ୍ୟମ କରୁଥିଲେ ଓ ବୋହୂକୁ ଭଲ ବ୍ୟବହାର କରିବା ନିମନ୍ତେ ଶାଶୁକୁ ତାଗିଦ୍ କରିଦେଉଥିଲେ ।

୨। ଆତ୍ମହତ୍ୟା ଘଟଣା ଖୁବ୍ କମ୍ ଥିଲା ।

୩। କେବଳ ବରଗଡ଼, ବରପାଲି ଓ ସମ୍ବଲପୁରର କେତେକ କୁଷ୍ଠ ରୋଗୀଙ୍କୁ ଛାଡ଼ିଦେଲେ ଲୋକେ ଖୁବ୍ ସୁସ୍ଥ, ସବଳ ଥିଲେ ।

୪। ଆଦିବାସୀ ସ୍ତ୍ରୀ ଲୋକମାନେ କାମ କରିବାକୁ ଯିବା ପୂର୍ବରୁ ସେମାନଙ୍କ ଛୋଟ ଶିଶୁଙ୍କୁ ଟିକିଏ ଅଫିମ ଖୁଆଇ ଦେଇ ଯାଉଥିଲେ । ଯେଉଁ କର୍ମଚାରୀମାନେ ତାଙ୍କ ଛୋଟ ପିଲାଙ୍କ ଦେଖାଚାହାଁ କରିବାପାଇଁ ଓଡ଼ିଆ ଲୋକଙ୍କୁ ରଖୁଥିଲେ, ସେମାନଙ୍କୁ ଏଥିପାଇଁ ଖୁବ୍ ସାବଧାନ ହେବାକୁ ପଡ଼ୁଥିଲା ।

୫। ସମ୍ବଲପୁର ଲୋକମାନେ କଟକ ଲୋକଙ୍କ ପ୍ରତି ଈର୍ଷାପର ଥିଲେ । ପ୍ରଥମ କେତେମାସ ମଧ୍ୟରେ କଟକର ଜଣେ ଲୋକକୁ କିରାଣି ନିଯୁକ୍ତକରି ମୁଁ ଗୋଟିଏ ଭୁଲ କରି ବସିଲି । ସେ ବମ୍ବରା ଖଡ଼ଗପୁର ଓ ଝାରସୁଗୁଡ଼ା ବାଟେ ସମ୍ବଲପୁରଯାଏ ଆସି ମୋତେ ଦେଖା ନ କରି ଘରକୁ ଫେରିଗଲା । ମୁଁ ଶୁଣିବାକୁ ପାଇଲି ଯେ ସେ ସମ୍ବଲପୁରରେ ପହଞ୍ଚି ଲୋକଙ୍କ କଥାଶୁଣି ଏତେ ଭୟ ପାଇଗଲା ଯେ ଯେତେଶୀଘ୍ର ପାରେ ଗାଡ଼ି ଚଢ଼ି ପାରି ।

୬। ସମ୍ବଲପୁରର ଲୋକେ ଓଡ଼ିଆ ଭାଷାର ଯେଉଁ ବୋଲି କହନ୍ତି, ତାହା ଅତ୍ୟନ୍ତ ଲଳିତ ଓ ମଧୁର । ଆଦିବାସୀ ସଂସ୍କୃତିର କେତେକ ପ୍ରଭାବ ଏହା ଉପରେ ପଡ଼ିଥିବାର ଜଣାଯାଏ ।

Digitized by PPRACHIN, SOA

୭। ଗ୍ରାମର ଲୋକମାନେ ଖୁବ୍ ସରଳ ଓ ଅତିଥି-ବତ୍ସଳ ଥିଲେ । ଯଦି କୌଣସି ସରକାରୀ କର୍ମଚାରୀ ବା ଜମିଦାର ତାଙ୍କ ସରଳତାର ସୁଯୋଗ ନେଉଥିଲା, ସେଥିରେ ସେମାନେ ଭାରି କ୍ରୁଦ୍ଧ ଓ କ୍ଷୁବ୍ଧ ହେଉଥିଲେ ।

୮। ଚାରିଆଡ଼େ ଜଙ୍ଗଲ ବହୁ ପରିମାଣରେ ଥିଲା ଓ ତାହା ବନ୍ୟଜନ୍ତୁରେ ପୂର୍ଣ୍ଣ ଥିଲା । ଶିକାରରେ ଲୋକେ ସ୍ୱତଃପ୍ରବୃତ୍ତ ହୋଇ ସାହାଯ୍ୟ କରୁଥିଲେ । ତାଙ୍କ ସହିତ ମୋର ଏହି କଥା ଛିଡ଼ିଥିଲା ଯେ ଯଦି କୌଣସି ସମ୍ବର ବା ନୀଳଗାଈ ମୁଁ ମାରେ, ତା' ହେଲେ ମାଂସ ଯାକ ତାଙ୍କର ଓ ଚମଡ଼ାଟି ମୋ'ର ହେବ । ଯଦି ମୁଁ ଗୋଟାଏ ବାଘ ବା ଚିତାବାଘ ମାରେ, ତା'ହେଲେ ସେମାନଙ୍କୁ ମୁଣ୍ଡପିଛା ମୁଁ ଚାରିଅଣା କରି ପୁରସ୍କାର ଦେବି । ଯଦି କିଛି ଶିକାର ମିଳିଲା ନାହିଁ, ତା'ହେଲେ ମୁଁ ସେମାନଙ୍କୁ ଏକଅଣା କରି ଦେବି । ଯଦି ଭାଲୁ କିମ୍ବା ଗୟଳ ମଲା, ତା'ହେଲେ ସେମାନେ ମାଂସ ନେବେ, ତା' ସଙ୍ଗେସଙ୍ଗେ ପୁରସ୍କାର ମଧ୍ୟ ପାଇବେ । କେତେକ ଆଦିବାସୀ ଜାତିର ଲୋକେ ବାଘ ଓ ଚିତାବାଘର ମାଂସ ମଧ୍ୟ ଖାଉଥିଲେ । ଚମଡ଼ା ଛଡ଼ାଇସାରିବାପରେ ମଡ଼ାଟାକୁ କଣ କରିବାକୁ ହେବ, ସେ ବିଷୟରେ ମୋତେ ଚିନ୍ତା କରିବାକୁ ପଡ଼ୁ ନ ଥିଲା । ତାହା ଏହିପରିଭାବରେ ବ୍ୟବହୃତ ହୋଇଯାଉଥିଲା ।

୯। ସମ୍ବଲପୁର ଧାନ, ଚାଉଳରେ ଏକ ଖୁବ୍ ବଳକା ଜିଲା ଥିଲା । କଲିକତା ଓ ରାୟପୁରକୁ ଶହ ଶହ ୱାଗନ ଚାଲାଣ ହେଉଥିଲା ।

୧୦। ଏହି ସମୟରେ କେନ୍ଦୁପତ୍ର ଏକ ସମୃଦ୍ଧିଶାଳୀ ବାଣିଜ୍ୟରୂପେ ଦେଖାଦେଲା । କେନ୍ଦୁଗଛର କଅଁଳ ପତ୍ରରେ ବିଡ଼ି ବଳାଯାଏ । ଏହା ଏକ ଅପ୍ରଧାନ ଜଙ୍ଗଲଜାତ ଦ୍ରବ୍ୟ । ଗୌନ୍ତିଆ ଓ ଜମିଦାରମାନଙ୍କର କେନ୍ଦୁପତ୍ର ବିକିବାର ଅଧିକାର ନ ଥିବାରୁ ମୁଁ ଏହାକୁ ସରକାରୀ ନିୟନ୍ତ୍ରଣକୁ ଆଣିବାପାଇଁ ଉଦ୍ୟମ କଲି । କିନ୍ତୁ କମିଶନର୍ ଫିଲିପ୍ ଜିଲାର ଏତେ ପ୍ରତିପତ୍ତିଶାଳୀ ଲୋକଙ୍କୁ କ୍ଷୁବ୍ଧ ନ କରିବାପାଇଁ କହିବାରୁ ମୁଁ ଆଉ ସେ ଦିଗରେ ଅଗ୍ରସର ହେଲି ନାହିଁ । ପରେ କେନ୍ଦୁପତ୍ର ସରକାରୀ ରାଜକୋଷ ଓ କଣ୍ଟ୍ରାକ୍ଟରମାନଙ୍କର ଏକ ଆୟର ପନ୍ଥା ହୋଇଗଲା । ଏହାକୁ ଘେନ ମଧ୍ୟ ରାଜନୀତି କରାଗଲା । କେନ୍ଦୁପତ୍ର ବାଣିଜ୍ୟ ବାହାରୁ ଜଣେ ଅଜଣା ଅଶୁଣା ଲୋକକୁ ଆଣି ଏହି ଜିଲାରେ ପ୍ରତିଷ୍ଠିତ କଲା ଓ ସେହି ବ୍ୟକ୍ତିକୁ ଏଥିରୁ ପ୍ରଚୁର ଅର୍ଥ କରିବାକୁ ଦେଇ ପୁରୁଣା ନେତୃତ୍ୱକୁ ହଟାଇଦେଲା ।

Digitized by PPRACHIN, SOA

ବନସ୍ତରେ ଏକାକୀ ଦିନେ

ସମ୍ବଲପୁର ବନବାସର ବିବରଣୀ ବାକି ରହିଲା । ତା'ର ପୂର୍ଣ୍ଣ କାହାଣୀଟିକୁ ଅନ୍ୟ ଗୋଟିଏ ବହିପାଇଁ ରଖିଛି ନ ହେଲେ ଅନ୍ୟ ଜୀବମାନଙ୍କର କାହାଣୀପାଇଁ ସମୟ ନ ଥିବ । ସଂକ୍ଷେପରେ କହିବାକୁ ଗଲେ ମୋର ଅଭିଜ୍ଞତା ଅସାଧାରଣ ଏବଂ କେତେକ କ୍ଷେତ୍ରରେ ମୁଁ ଅଳ୍ପକେ ରକ୍ଷା ପାଇଯାଇଛି । ମୁଁ ଯେ ବଞ୍ଚିଆସିଛି ଏହା କୁହୁକପରି ମନେହୁଏ । ମୋଠାରୁ ମାତ୍ର ୧୦ଫୁଟ ଦୂରରେ ଥିବା ବାଘର ଆକ୍ରମଣରୁ ରକ୍ଷାପାଇବା, ବାଘ ଜଣେ ମଣିଷକୁ ଆକ୍ରମଣ କରିବାବେଳେ ତା' ସାମନାରେ ଠିଆହୋଇ ରହିବା, ଜଙ୍ଗଲରେ ବାଘ ଆକ୍ରମଣରୁ ନିଜକୁ ରକ୍ଷା କରିବାପାଇଁ ଦୌଡ଼ି ପଳାଇଯାଉଥିବା ହାତୀପିଠିରେ ବା ଘୋଡ଼ାପିଠିରେ କୌଣସିମତେ ଜାବୁଡ଼ିଧରି ରହିଯିବା, ଅଥଚ ଏ ସବୁଥିରୁ ନିଜକୁ ବଞ୍ଚାଇ ରହିପାରିବା କେବଳ ବିଧାତାଙ୍କ ଆଶୀର୍ବାଦ ଛଡ଼ା ଅନ୍ୟକିଛି ନୁହେଁ ।

"ବନସ୍ତରେ" ଶୀର୍ଷକ ମୋର ବହିରୁ ଦୁଇଟି ଅଧ୍ୟାୟ ଏଠାରେ ଉଦ୍ଧାର କରୁଛି । ସେତେବେଳେ ସମ୍ବଲପୁରରେ ଜଙ୍ଗଲ ଜୀବନ କିପରି ଥିଲା, ପାଠକ ଅନୁମାନ କରିପାରିବେ । ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଗଲାଣି । ସେ ଜଙ୍ଗଲମାନ କଟାହୋଇ ଉଠିଆ ହୋଇଗଲାଣି । ବନ୍ୟଜନ୍ତୁମାନେ ମଧ୍ୟ କୁଆଡ଼େ ଲୁଚିଗଲେଣି । ସମ୍ବଲପୁରରେ ୪ ବର୍ଷ ମଧ୍ୟରେ ମୁଁ ଯେତେ ବାଘ ଦେଖିଛି ତାହାର ସଂଖ୍ୟା ୫୦ ସରିକି ହେବ । ବର୍ତ୍ତମାନ ବୋଧହୁଏ ଗୋଟିଏ ବାଘ ନ ଥିବ । ନିୟତିର କି ବିଡ଼ମ୍ବନା !

ବନସ୍ତରେ ଏକାକୀ ଦିନେ

(ତିନି ଦିନର ଅଭିଜ୍ଞତା ଗୋଟିକରେ କୁହାଯାଇଛି)

୧୯୩୭ ମେ ଓ ୧୯୩୮ ଅପ୍ରେଲ, ଓଡ଼ିଶାର ସମ୍ବଲପୁର ଜିଲ୍ଲା ଫରେଷ୍ଟ ବଙ୍ଗଳାରେ ରାତ୍ରିଯାପନ କଲି । ଭୋର ସାଢ଼େଚାରିଟା ବେଳ, ମୁହଁ ଅନ୍ଧାର ଗୁଡ଼ିଆପୁଛି, ଘୁମୁଣ୍ଡା ଗୁଡ଼ ମୁଁ ଏକାକୀ ଚାଲି ଚାଲି ବାହାରି ପଡ଼ିଲି । ଆତ୍ମରକ୍ଷାପାଇଁ ମୁଁ ସାଙ୍ଗରେ ଏକ ରାଇଫଲ ନେଇଥିଲି, ଜନ୍ତୁମାରିବା ଉଦ୍ଦେଶ୍ୟ ନ ଥିଲା । ସିନ୍ଦୁରା ଫାଟିବା ପୂର୍ବରୁ ଜାଂଗୁଲୁ ଜାଂଗୁଲୁ ଆଲୁଅରେ ଅଗ୍ନିବାରଣ ପଦାଭୂମି ଦିଶୁଥିଲା । କିଛିକ୍ଷଣ ପରେ ଫର୍ଚ୍ଚା ହୋଇଯିବାରୁ ଚାରିଆଡ଼ ଦେଖିପାରିବାପାଇଁ ମୋତେ ଯଥେଷ୍ଟ ଆଲୋକ ମିଳିଗଲା । ମୋ ଚତୁର୍ଦ୍ଦିଗରେ କୁକୁଡ଼ା ଡାକିବାକୁ ଲାଗିଲେ । ମୋର ମନେହେଲା,

Digitized by PPRACHIN, SOA

ମୁଁ ଯେପରି ଏକ କୁକୁଡ଼ାଘର ଭିତରେ ପଶିଯାଇଛି । କୁକୁଡ଼ାମାନେ ବାହାରି ଆସିଲେ ଓ ମୋତେ ଦେଖି ଲୁଚିଗଲେ । ପ୍ରାୟ ୧୫୦ ଗଜ ଦୂରରୁ ଗୋଟାଏ ବାଘ ଅଗ୍ନିବାରଣ ସୀମାରେଖା ଅତିକ୍ରମକରି ଯାଉଥିଲା । ଠିଆହୋଇ ମୋ ଆଡ଼କୁ ଚାହିଁଲା ଏବଂ ମନେ ମନେ ଧରିନେଲା ଯେ ମୁଁ ତା’ର ଶିକାର୍ ନୁହେଁ । ଧୀରେ ଧୀରେ ସେ ଘନବନନ୍ତକୁ ଚାଲିଗଲା । ଗଛ ଗହଳରେ ସୂର୍ଯ୍ୟୋଦୟ ଦେଖା ଯାଉ ନ ଥାଏ, କିନ୍ତୁ ଅରୁଣ କିରଣ ଗଛ ଉପରିଭାଗର କଅଁଳପତ୍ର ଉପରେ ପଡ଼ି ଅତି ମନୋରମ ଦିଶୁଥାଏ । ଚାଲୁ ଚାଲୁ ପ୍ରାୟ ଦୁଇ ଏକର ପରିମିତ ଏକ ଖୋଲା ଜାଗାରେ ଆସି ପହଞ୍ଚିଲି । ସେତେବେଳେ ସୂର୍ଯ୍ୟ ବଣଭିତ୍ରୀ ଉପରକୁ ଉଠିଗଲେଣି । ମୁଁ ଖୋଲାଜାଗାର ଧାରରେ ଠିଆ ହୋଇଥାଏ । ଗୋଟାଏ ମାଈକୁକୁଡ଼ା ତା’ର ଛୁଆଙ୍କୁ ଧରି ବାହାରି ଆସୁଥିଲା, ମୋତେ ଦେଖି ଚାଲିଗଲା । ଚରାବରା ବଣକୁ ଫେରିବାକୁ ସବୁବେଳେ ଡେରି କରେ । ସେ ସେହି ଖୋଲାସ୍ଥାନକୁ ଆସି ମୋତେ ନିରେଖି ଚାହିଁଲା ଏବଂ ସ୍ଥିର କରିନେଲା ଯେ ଏ ରାକ୍ଷସ ସହିତ ଲଢ଼ି ଲାଭ ନାହିଁ । ମନୁଷ୍ୟ ତାର ଉଚ୍ଚତା ଯୋଗୁଁ ସବୁପ୍ରାଣୀମାନଙ୍କୁ ଏକ ରାକ୍ଷସପରି ଦେଖାଯାଏ । କେବଳ ହାତୀ ନିକଟରେ ନୁହେଁ ଏବଂ ମାଙ୍କଡ଼ଙ୍କ ନିକଟରେ ମଧ୍ୟ ନୁହେଁ । କାରଣ ମାଙ୍କଡ଼ମାନେ ଜାଣନ୍ତି ଯେ, ମନୁଷ୍ୟ ହେଉଛି ତାଙ୍କର ଜଣେ ନିକଟ ସମ୍ପର୍କୀୟ । ବୁଦବୁଦକିଆ କେନ୍ଦୁ ଗଛର କଅଁଳିଆପତ୍ର ଉପରେ ଏବଂ ନୀଳାକାଶର ତଳେ ଫୁଲଭରି ଶାଳ ଗଛର ଚନ୍ଦ୍ରାତପ ଉପରେ ସୂର୍ଯ୍ୟ କିରଣ ପଡ଼ୁଥିବାର ମୁଁ ଦେଖିଲି । ତାହା କି ଶୋଭା ପାଉଥିଲା । ଚିତ୍ରକାରପାଇଁ ଏହା ଏକ ସ୍ୱର୍ଗରାଜ୍ୟ । ମୁଁ ମୁଗ୍ଧ ହୋଇ ରହିଗଲି, କେତେ ସମୟପାଇଁ ଜାଣେ ନାହିଁ ।

ଆଉରି ଏକ ସୁନ୍ଦର ଦୃଶ୍ୟ ମୁଁ କେବେ ଭୁଲିପାରିବ ନାହିଁ । ୧୯୧୧ ଅକ୍ଟୋବର ମାସ । ସ୍ଥାନ ମୟୂରଭଞ୍ଜର ବାରିପଦା । ସୂର୍ଯ୍ୟାସ୍ତର ଘଣ୍ଟାଏ ପୂର୍ବର କଥା । ଅସରାଏ ବର୍ଷା ହୋଇସାରିଥାଏ ଓ “ଦୂର ବଳମ୍ବିନୀ” ମେଘଖଣ୍ଡମାନ ପର୍ବତ ଶିଖରରେ ଆଶ୍ରୟ ନେଇଥାନ୍ତି । ସ୍କୁଲରୁ ସିଧା ଘରକୁ ଫେରି ନ ଆସି ମୁଁ ମୋର ଜଣେ ସହପାଠୀ ସହିତ ‘ବେଲ ଗାଡ଼ିଆ’ ପୋଖରୀ ବାଟେ ଆସିଲି । ‘ବାମନଘାଟୀ’ ପାହାଡ଼ ପଛ ପଟେ ସୂର୍ଯ୍ୟାସ୍ତ ଦେଖିବା ପାଇଁ । ସୂର୍ଯ୍ୟ ବୁଡ଼ି ନ ଥିଲେ । କିନ୍ତୁ ଶୀଘ୍ର ମେଘ ଘୋଡ଼ିଯିବ । ବର୍ଷାଧୌତ ତରୁ ଲତା ପତ୍ରମାନଙ୍କ ଉପରେ ଅସ୍ତଗାମୀ ସୂର୍ଯ୍ୟ କିରଣ ପଡ଼ୁଥିବା ଦୃଶ୍ୟ ମୋତେ ମୁଗ୍ଧ, ଚକିତ କରିଦେଲା ଓ ମୋର ହୃଦୟରେ ଏକ ସ୍ଥାୟୀ ଛାପ ଆଙ୍କିଦେଲା । ପ୍ରକୃତିର ପଞ୍ଚ ଉପରେ ପ୍ରତ୍ୟେକ ପାଦପ ଗୋଟିଏ ଗୋଟିଏ ଚିତ୍ରପରି ମୋ ସମ୍ମୁଖେ ଦଣ୍ଡାୟମାନ । ସେ ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ପ୍ରକୃତି ମୋର ପ୍ରାଣକୁ ଯେପରି ଟାଣି ଆଣୁଥିଲା । ସ୍ୱର୍ଗ କ’ଣ ଏହିପରି ? ମୁଁ ଏବେ ମଧ୍ୟ ବେଳେବେଳେ ମୋ ମନକୁ ପଚାରେ ।

Digitized by PPRACHIN, SOA

ଗୃମଣ୍ଡାରୁ ଫେରିଆସିବା ବାଟରେ ମୁଁ କିଛି ଦେଖିଲି ନାହିଁ । ମୁଁ ଧୂଆଁଧୋଇ ହୋଇ shredded wheat, ଦୁଧ ଓ ଗୁଡ଼ମିଶାଇ, ଅଧାରନ୍ଧା ଗୋଟାଏ ଅଣ୍ଡା, ଖଣ୍ଡେ ପାଉଁରୁଟି, ଲହୁଣୀ ଓ ଜାମ୍ ଓ ତା'ପରେ କଫିଖାଇ ପୁଣିଥରେ ଶୋଇପଡ଼ିଲି । ୪ଟାବେଳେ ଉଠିଲି ଓ ଥଣ୍ଡାପାଣିରେ ଗାଧୋଇ ନେଲି । ତା'ପରେ ରୋଟି ଓ କୁକୁଡ଼ା ମାଂସ । ୧୧ଟାବେଳକୁ ଖାକି ପ୍ୟାଣ୍ଟ ଓ ଫିତାଲଗା ଏକ ଖାକି ଶିକାରୀ କମିଜ ପିନ୍ଧି ବାହାରିପଡ଼ିଲି । ଗୋଟିଏ ପକେଟ୍‌ରେ ଟଫି, ଅନ୍ୟ ପକେଟ୍‌ରେ କାର୍ତ୍ତୁସ୍, ପଏଣ୍ଟ ୩.୭୫ ମାନ୍‌ଲିକାର୍ ବନ୍ଧୁକଟା ପିଠିରେ ଝୁଲୁଥାଏ । ଗୋଟିଏ ଫ୍ଲାସ୍କରେ ଥଣ୍ଡାପାଣିଭରି ହାତରେ ଧରି ସେବନପାଇଁ ପ୍ରସ୍ତୁତ ହୋଇଗଲି । ଶୋଷ ମେଣ୍ଟାଇବାପାଇଁ ଜଙ୍ଗଲରେ ବହୁତ ଅଁଳା'କୋଳି ମିଳେ । ତେବୁ ଗୋଟିଏ ଫ୍ଲାସ୍କରେ ଥଣ୍ଡାପାଣି ଭରି ନେଲେ ଦିନକପାଇଁ ଯଥେଷ୍ଟ । ସେତେବେଳକୁ ଜୋର୍ ଖରା ହେଲାଣି । ମୁଁ ଛାୟାସୁଶୀତଳ ବନ ପଥରେ ଚାଲିଥାଏ । ତା'ପରେ ଆଉ ବାଟର ଚିହ୍ନ ନାହିଁ । ଗଛଲତା କୁଞ୍ଜରେ ବସିଥିବା ପକ୍ଷୀମାନଙ୍କର ଗାନ ଶୁଣି ଶୁଣି ଚାଲିଥାଏ । ଗୋଟାଏ ଜଙ୍ଗଲ ଗୋହିରିକୁ ଡେଇଁପଡ଼ି ଚାଲି ଚାଲି ଏକ ଜଳାଶୟ ନିକଟକୁ ଆସିଲି । ବନ୍ଧ ଉପରକୁ ଉଠି ଗୋଟାଏ ଗଛର କେନା ଉପରେ ବସିଲି । ଗଛଟି ବେଶ୍ ଛାୟାପ୍ରଦ । ଖରାରୁ ରକ୍ଷା ପାଇଲି । ପ୍ରାୟ ଗୋଟାଏବେଳକୁ ଗୋଟାଏ ମାଈବାଘ ତା'ର ଦୁଇଗୋଟି ଛୁଆଙ୍କୁ ଧରି ଆସିଲା । ଚୁବୁକାରେ ପିଲାମାନେ ଯେପରି ପରସ୍ପର ଉପରକୁ ପାଣି ଫୋପାଡ଼ନ୍ତି ବାଘ ଛୁଆମାନେ ସେହିପରି ପାଣିରେ ଖେଳିଲେ । ସେଠାରେ ସେମାନେ ଅଧ ଘଣ୍ଟାଏ ରହି ଧୀରେ ଧୀରେ ଚାଲିଗଲେ । ପରେ ପରେ ଏକ ମୟୂର ଆସିଲା ଓ ତା'ର ଦୀର୍ଘ ପୁଚ୍ଛରେ ନିଜ ଉପରକୁ ପାଣି ଫୋପାଡ଼ିବାକୁ ଲାଗିଲା । ଗୋଟାଏ ମୟୂର ବାଘ ପରେ ପରେ କାହିଁକି ପାଣିକି ଆସେ, ମୁଁ ଜାଣେ ନାହିଁ । ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଆଉ କିଛି ଜନ୍ତୁ ଆସି ନାହାନ୍ତି । ମାତ୍ର ଠିକ୍ ସେହି ସମୟକୁ ବହୁ ଶ୍ରେଣୀର ପକ୍ଷୀ, ଗୋଟିଏ ଗଧିଆ, ହଳେ ବିଲୁଆ, ଗୋଟିଏ ଠେକୁଆ, ଗୋଟିଏ କୋକଶିଆଳି ଓ ଗୋଟିଏ ସାନ୍ ହରିଣ ପାଣି ପିଇବାକୁ ଆସିଲେ । ତା'ପରେ ଆସିଲେ ଦଳେ ମାଙ୍କଡ଼ । ସେମାନେ ମଧ୍ୟ ପାଣି ପିଇ ଗଛ ଉପରେ ବସିଲେ । ସେମାନେ ମୋତେ ଦେଖିଲେ, କିନ୍ତୁ ମୁଁ ତାଙ୍କ କୁଟୁମ୍ବ ପରା ! ମୋତେ ଦେଖି ନ ଦେଖିବାପରି ହୋଇ ରହିଗଲେ । ଯେତେବେଳେ ଅନ୍ଧାର ଘୋଟି ଆସିଲା ବହୁ ସଂଖ୍ୟକ ବାର୍‌ହା, ଦନ୍ତା, ମାଈଛୁଆ ସେଠାରେ ଆସି ପହଞ୍ଚିଲେ । ସେମାନେ ପାଣି ଭିତରେ ପଶି ପଙ୍କ ଘାଣ୍ଟି ଦେଲେ, କିନ୍ତୁ ଏହି ବାର୍‌ହାମାନଙ୍କର ଆବାଜ୍‌କୁ ଟପି ଗୋଟାଏ ମାଙ୍କଡ଼ର ହୁଙ୍କାର ଶୁଭିଲା । ସଙ୍ଗେ ସଙ୍ଗେ କୌଣସି ଶବ୍ଦ ନ' କରି ସେମାନେ ଛିନ୍‌ଛତ୍ର ହୋଇ ପଳାଇଲେ । ଶତ୍ରୁ ନିକଟବର୍ତ୍ତୀ ବୋଲି ମାଙ୍କଡ଼ ସେମାନଙ୍କୁ ସାବଧାନ କରିଦେଲା । ଜଳାଶୟର ଅନ୍ୟ କୂଳରେ ମୁଁ ଏକ

Digitized by PPRACHIN, SOA

ଭୀଷଣ ଧସ୍ତା ଧସ୍ତି ଶବ୍ଦ ଶୁଣିପାରିଲି । ବାଘ ଗୋଟାଏ ବାଛୁରୀକୁ ଧରି ଜଙ୍ଗଲ ଭିତରକୁ ଟାଣି ନେଇଗଲା । ମାଂସକୁ ଝିଣି ଆହାର କରିବାର ଶବ୍ଦ ମୁଁ ଶୁଣି ପାରିଲି । ବାଘ ତାର ରାତ୍ରି ଭୋଜନରେ ବ୍ୟସ୍ତଥିବାବେଳେ ମୁଁ ଗଛରୁ ଓହ୍ଲାଇପଡ଼ି ନିଃଶବ୍ଦରେ ଓ ଯେତେ ଶୀଘ୍ର ସମ୍ଭବ ପଳାଇଗଲି । ଗୋହିରୀ ପାଖରେ ହେବାକ୍ଷଣି ମୁଁ ଦୌଡ଼ିବାରେ ଲାଗିଥାଏ । ବାଘୁଣୀ ତା'ର ଛୁଆମାନଙ୍କ ସଙ୍ଗରେ ଥିଲେ କ'ଣ ଯେ କରିବ ତାହା କହି ହେବ ନାହିଁ ।

ବନସ୍ତରେ ଗୋଟିଏ ରାତ୍ରି

ଆଦ୍ୟ ବସନ୍ତ । ଫେବୃଆରୀ ଶେଷ ସମୟ । ସମ୍ବଲପୁର ଜିଲାର ବାସିଆପଡ଼ା, ସମ୍ବଲପୁରଠାରୁ ୨୦ ମାଇଲ ଦୂର । ଗୋଟିଏ ବାଘ ଗୋଟିଏ ଗାଈକୁ ମାରି ଦେଇଥାଏ । ମୁଁ ଏହି ମଢ଼ର ଉପରେ ମଞ୍ଚାରେ ବସିଥାଏ । ମଢ଼ଟା ଗୋଟାଏ ବୁଦାରେ ବନ୍ଧାହୋଇ କୋଡ଼ିଏ ଗଜ ଦୂରରେ ପଦାରେ ପଡ଼ିଥାଏ । ମୁଁ ଦିନ ଘ୍ରଣ୍ଟାବେଳେ ମଞ୍ଚାରେ ବସିଲି । ଜଙ୍ଗଲକୁ ଯେତେବେଳେ ଅନ୍ଧାର ଘୋଟି ଆସିଲା ଓ ଚାରିଆଡ଼େ ନିସ୍ତବ୍ଧ ହୋଇଗଲା, ମୁଁ ନିଜର ଚିନ୍ତା ମଧ୍ୟରେ ବୁଡ଼ି ରହିଥାଏ । କେବଳ ମଝିରେ ଗୋଟିଏ ପକ୍ଷୀର ଶବ୍ଦ କିମ୍ବା ବାଘକୁ ଦେଖି କୁକୁରର ଭୁକିବା ଶବ୍ଦ ଶୁଣାଯାଉଥାଏ । ଗୋଟାଏ ବିଲୁଆ ଆସି ମଢ଼ର ମାଂସ ଟାଣିଛି କି ନାହିଁ ହଠାତ୍ ଦୌଡ଼ି ପଳାଇଗଲା । ବାଘ ପାଖରେ ଅଛି, ମାତ୍ର ମଢ଼ ଉପରକୁ ଆସି ନାହିଁ । ମୁଁ ମୋର ଆଖି ଓ କାନ ଡେରିଲି, ମାତ୍ର କିଛି ଦେଖିପାରିଲି ନାହିଁ । ଯଦି ମୁଁ ମୋର ନିଃଶ୍ୱାସ ଶବ୍ଦ ଶୁଣିପାରେ, ବାଘ ମଧ୍ୟ ଶୁଣିପାରିବ ଓ ମୁଁ ଅଛି ବୋଲି ଜାଣିନେବ । ବିଲୁଆ ଯେତେବେଳେ ଫେରିଲା ନାହିଁ ବାଘ ନିଶ୍ଚୟ ନିକଟରେ ଅଛି ବୋଲି ଜାଣିଲି । ରାତି ଏଗାରଟା ବେଳକୁ ଗୋଟିଏ ଗଧିଆ ଆସିଲା । ତା' ମୁହଁକୁ ଟର୍ଚ୍ଚ ପକାଇବାରୁ ସେ ପଳାଇଲା । ତା' ପରେ ସେ ମଢ଼କୁ ଆଉ କେହି ଛୁଇଁଲେ ନାହିଁ ଓ ମୁଁ ସେହିପରି ବସି ରହିଲି । ଦୂରରୁ ଏକ ସମ୍ବରର ଡାକରୁ ଜାଣିଲି ଯେ ଜଙ୍ଗଲଟା ଜୀବନ୍ତ ଅଛି । ପ୍ରାୟ ଅଧରାତି ହେବ, ଗୋଟାଏ ଗଧୁଲା ଆସି ମୋ ଗଛରୁ ପତ୍ର ଖାଇବାକୁ ଲାଗିଲା । ସେ ମୋର ଏତେ ନିକଟରେ ଥାଏ ଯେ ମୁଁ ତାକୁ ଛୁଇଁ ପାରିଥାନ୍ତି । ମୋର ଟିକିଏ ଆଖି ପଡ଼ିଗଲା ଏବଂ ମୁଁ ଗୋଟାଏ ସ୍ୱପ୍ନ ଦେଖିଲି ଯେ ବାଘ ମୋ ମଞ୍ଚା ତଳେ ଆସି ବସିଛି ଓ ମଞ୍ଚାଟା ଭାଙ୍ଗି ପଡ଼ିବାରୁ ମୁଁ ତାକୁ ପଡ଼ିଯାଉଛି । ତା'ପରଦିନ ସକାଳେ ବାଘର ପାଦଚିହ୍ନ ଠିକ୍ ମୋ ମଞ୍ଚାଣ ତଳଭୂଇଁରେ ପଡ଼ିଛି । ସୌଭାଗ୍ୟର ବିଷୟ, ବାଘ ଗଛ ଉପରକୁ ଆସିବା ପାଇଁ ଚେଷ୍ଟା କରି ନାହିଁ, କିଂବା କରିଥିବ ! ମୋର ଘୁଙ୍ଗୁଡ଼ି ଓ ବନ୍ଧୁକ ନେଇଛିବା

Digitized by PPRACHIN, SOA

ଶବ୍ଦ ଶୁଣି ହୁଏତ ପଳାଇ ଯାଇଥିବ । ଏକାକୀ ଏପରି ନିର୍ଜନ ଜଙ୍ଗଲରେ ରାତ୍ରି ଯାପନ କରିବା ବଡ଼ ଅସ୍ୱସ୍ତିକର । କିନ୍ତୁ ମୁଁ ତାହା ବେଶ୍ ଉପଭୋଗ କଲି । ସୃଷ୍ଟିର ଆରମ୍ଭ, ପ୍ରାଣୀମାନଙ୍କର କ୍ରମବିକାଶ ଓ ଜୀବନ ସଂଗ୍ରାମ, ବିଶ୍ୱସଂସାର, ଅନନ୍ତ କାଳ-ସ୍ରୋତ ମଧ୍ୟରେ ମନୁଷ୍ୟ ଜାତିର ଜୀବନ କେଡ଼େ କ୍ଷୀଣ ପ୍ରାଣୀ ଜଗତର ବିବର୍ତ୍ତନ ଏହିପରି ନାନା ଚିନ୍ତାରେ ମୁଁ ଅଭିଭୂତ ହୋଇଗଲି । ତଥାପି ରାତ୍ରି ଶେଷ ହେଲା ନାହିଁ । ଚିନ୍ତା ସ୍ରୋତରେ 'ପଦ୍ମା' ଓ 'ତ୍ରି' ମୋର ଶୈଶବ ଓ ଯୌବନର ବନ୍ଧୁମାନେ ଆସିଗଲେ । ଯଦି ଘଟଣାବଳୀ ଭିନ୍ନ ଗତି ଧରିଥାନ୍ତା, ତା'ହେଲେ କ'ଣ ହୋଇ-ଥାନ୍ତା ବା ହୋଇ ନ ଥାନ୍ତା ସେ ବିଷୟରେ ମଧ୍ୟ ମୁଁ ଚିନ୍ତା କରିବାକୁ ଲାଗିଲି । ହୁଏତ ମୁଁ ଛତ୍ରଜାତ ଦଳରେ ଯୋଗଦେଇଥାନ୍ତି (୧) । କିମ୍ବା ଫ୍ରାନସରେ ଏକ ସୈନ୍ୟ ହୋଇରହିଥାନ୍ତି (୨) । କିମ୍ବା ଭୂମଧ୍ୟସାଗରରେ ବା ଇଂଲିଶ ପ୍ରଣାଳୀରେ ଟର୍ପେଡୋ ମାଡ଼ରେ ବୁଡ଼ି ଯାଇଥାନ୍ତି, ହୁଏତ ଏଲାହାବାଦରେ ଭୂଗୋଳ ଶିକ୍ଷା ଦେଉଥାନ୍ତି (୩) । ୧୯୨୨ ମସିହା ଅପ୍ରେଲ ମାସରେ ସେଦିନ ଇନ୍ଦୁମତୀ ସହିତ ଦେଖା ହୋଇ ନ ଥିଲେ ମୁଁ ଆଦୌ ହୁଏତ ବିବାହ କରି ନ ଥାନ୍ତି । କାରଣ ମୁଁ କେଉଁଠୁ ମୋର ମନ ମୁତାବକ ପାତ୍ରୀ ପାଇଥାନ୍ତି (୪) ? ପୁଣି ଅନେକ ସାଂସାରିକ ବିଷୟ ମଧ୍ୟ ମୋ ମନକୁ ଆସିଗଲା । ଯଥା -ବ୍ୟାଙ୍କରେ ମୋର କେତେ ଟଙ୍କା ଅଛି । ଯଦି ବାଘ ମୁହଁରେ ମୁଁ ପଡ଼ିଯାଏ ମୋର ପରିବାର କିପରି ଚଳିବେ । ମୁଁ ସେମାନଙ୍କପାଇଁ କି ବ୍ୟବସ୍ଥା କରିଛି, ଇତ୍ୟାଦି ଇତ୍ୟାଦି । ପ୍ରାୟ ସକାଳ ସାଢ଼େ ୪ଟା ବେଳେ ମୁଁ ବାସ୍ତବ ଦୁନିଆକୁ ଫେରି ଆସିଲି । ସାରା ଜଙ୍ଗଲ କର୍ମ-ମୁଖର ହୋଇ ଉଠିଲା । ଏ ପତ୍ରରୁ ସେ ପତ୍ର କାକର ଟୋପା ପଡ଼ୁଥାଏ ଓ ପକ୍ଷୀ-ମାନେ ତାଙ୍କ ଡାଳରେ ଡେଣା ଫଡ଼୍ ଫଡ଼୍ କରୁଥାନ୍ତି । ମୁଁ ମଧ୍ୟ ଚେଇଁ ଉଠିଲି । ଦୂରରୁ ଓ ପାଖରୁ କୁକୁଡ଼ାମାନେ ଡାକିଲେ । ମୁଁ ମୋର ହାତମୁଠା କରି ଫୁଙ୍କି Whistle ବଜାଇଲି । ତାହା ଶୁଣି ଲୋକେ ଆସିଲେ ଓ ମୁଁ ମୋର ମଞ୍ଚା ଉପରୁ ତଳକୁ ଓହ୍ଲାଇଲି । ବାଘର ପାଦଚିହ୍ନରୁ ଦେଖାଗଲା ଯେ ସେ ପଛଆଡ଼ୁ ଠିକ୍ ମଞ୍ଚା ତଳେ ବସିଥିଲା ।

ମୁଁ ବନସ୍ତରେ ଶହେରୁ ବେଶୀ ରାତି ଏକାକୀ କଟାଇଛି । ଏକ ବଡ଼ ଅସୁବିଧା ହେଉଛି ମଶା । ସେମାନଙ୍କ ହାତରୁ ନିଜକୁ ରକ୍ଷା କରିବାପାଇଁ ମୁଁ ସମସ୍ତ ଦେହକୁ ଆବୃତ କରି ରଖିଥାଏ । ମୁହଁ ଓ ବେକରେ ଥାଏ ମଶାରି । ହାତପାଇଁ ଯଥେଷ୍ଟ ମଶା-କ୍ରିମ ଥାଏ ।

ବନସ୍ତରେ ଗଛରେ ବସି ରହିବା ସବୁବେଳେ ସୁଖକର ନୁହେଁ । ଏଥିରେ ବହୁ ବିପଦ ଅଛି, ଅସୁବିଧା ମଧ୍ୟ ଅଛି ।

Digitized by PPRACHIN, SOA

ଗଛର ଦୁଇ ଡାଳରେ ବସି ହେଉ ବା ମଞ୍ଚାଉପରେ ବସି ହେଉ ସମସ୍ତ ସମୟରେ ସାପ ହାବୁଡ଼େ ମଧ୍ୟ ପଡ଼ିବାକୁ ହୁଏ । ଥରେ ଏକ ବାଉଁଶ ବୁଦାରେ ତିଆରି ହୋଇଥିବା ମଞ୍ଚା ଉପରେ ମୁଁ ବସିଛି । ଦେଖିଲି, ଏକ ସବୁଜ ରଙ୍ଗର ସାପ ଉପରକୁ ଉଠିଲା । ମୋ ଆଗରେ ବନ୍ଧା ହୋଇଥିବା ବାଉଁଶ ଉପରେ ସେ ଚାଲିଲା । ତା'ପରେ ଏକ କଣିକା ଆଡ଼କୁ ମୁହାଁଇଲା, ମୁଁ ଛୁରି ଧରି ପ୍ରସ୍ତୁତ ହୋଇରହିଥିଲି । ସଙ୍ଗେସଙ୍ଗେ ଛୁରିରେ ଏକ ପାହାର ଦେଇ ତାକୁ ଦୁଇଖଣ୍ଡ କରି କାଟି ଦେଲି । ଲାଞ୍ଜ ଅଂଶଟା ହୁଏତ ସଙ୍ଗେସଙ୍ଗେ ମରି ଯାଇଥିବ । ମୁଣ୍ଡ ଅଂଶଟା କିନ୍ତୁ ଘସୁରି ଘୁସୁରି ବଞ୍ଚିଥିବ କି ମରିଥିବ ମୁଁ କହି ପାରିବି ନାହିଁ ।

ଅନ୍ୟ ଏକ ଅସୁବିଧା ହେଉଛି ପିମ୍ପୁଡ଼ି । ବିଶେଷତଃ ନାଲିଜହ୍ଲା କାମୁଡ଼ିଲେ ଘୋର କଷ୍ଟ ହୁଏ । ଜଙ୍ଗଲ ଲୋକେ ମଞ୍ଚା ବାନ୍ଧିବାପୂର୍ବରୁ ଖୁବ୍ ସାବଧାନ ହୁଅନ୍ତି; ଜହ୍ଲା ନ ଥିବା ଗୋଟିଏ ଗଛକୁ ସେମାନଙ୍କୁ ବାଛିବାକୁ ପଡ଼େ ।

ଦିନବେଳେ ଗ୍ରେଟ ଗ୍ରେଟ କଳାପୋକ ଓ ରାତିରେ ମଶା, ଏମାନଙ୍କଠାରୁ ମୁକ୍ତି ହେଲେ ରକ୍ଷା ନାହିଁ । ମୁଣ୍ଡ ଚାରିପଟେ ଝଣ୍ଡେ ମଶାରି କନା ଭିଡ଼ା-ଯାଇପାରେ । ତଦ୍ଦ୍ୱାରା ଆଖିକୁ ପୋକଙ୍କ ଦାଉରୁ ଏବଂ ମୁହଁ ଓ ବେକକୁ ତାଆଁଶଙ୍କ ଦାଉରୁ ରକ୍ଷା ମିଳେ । କିନ୍ତୁ ବନ୍ଧୁକକୁ ଠିକ୍‌ଭାବରେ ଲକ୍ଷ୍ୟ କରିବାରେ ଏତଦ୍ଦ୍ୱାରା ଅସୁବିଧା ସୃଷ୍ଟି ହୁଏ । ଶିକାରୀକୁ ଏ ଦୁଇଟି ଭିତରୁ ଗୋଟିକକୁ ବାଛିବାକୁ ପଡ଼ିବ ।

ବେଳେବେଳେ ହଠାତ୍ ଝଡ଼ ସୃଷ୍ଟି ହୋଇ ଖୁବ୍ ଗୋଳମାଳ ହୋଇଯାଏ । ଯେଉଁଦିନ ମୁଁ ବାଉଁଶ ବୁଦା ଉପରେ ମଞ୍ଚାରେ ବାଘକୁ ଅପେକ୍ଷା କରି ବସିଥିଲି ରାତି ଗୋଟାକବେଳେ ଏକ ଝଡ଼ ବହି ବାଉଁଶ ବୁଦାକୁ ଭୂଇଁରେ ଲୋଟାଇ ଦେଲା । ବାର ଫୁଟ ଉଚ୍ଚରେ ଥିବା ମୋ'ର ମଞ୍ଚା ଚାରି ଫୁଟ ତଳକୁ ଖସିଗଲା । ଭୋର ଚାରିଟାବେଳକୁ ବାଘ ଆସି ମୋତେ ଦେଖି ଚାଲିଗଲା । ଏଭଳି ଏକ ବାଉଁଶ ବୁଦାର ଦୃଶ୍ୟ ତା'ପକ୍ଷରେ ନୂତନ ଅଭିଜ୍ଞତା ହୋଇଥିବ । ମୁଁ ବାଘକୁ ମାରି ପାରିଲି ନାହିଁ । କାରଣ ରାଇଫଲ ଉଠାଇ ଲକ୍ଷ୍ୟ କରିବାରେ ବହୁ ଅସୁବିଧା ଥିଲା ।

୧। ମହାରାଜାଙ୍କର ଏଜେଣ୍ଟକୁ ମୁଁ ମିଛକହି ଛିଡ଼ନ୍ତିକ୍ୟ ଦଳରେ ଯୋଗ ଦେଲି ନାହିଁ । ମୁଁ କହିଲି ଯେ ମୋର ବାପେଇ ରାଜିହେଲେ ନାହିଁ ।

୨। ୧୯୧୭ ମସିହାରେ ଭାରତୀୟ ରକ୍ଷାବାହିନୀରେ ଏକ କମିଶନ୍ ଅଫିସରରୂପେ ମୁଁ ବଛା ହୋଇଥିଲି । କିନ୍ତୁ ମୁଁ ତାହା ଗ୍ରହଣ ନ କରି

Digitized by PPRACHIN, SOA

ବିଳାତ ଗଲି । ସେତେବେଳେ ପ୍ରଶାନ୍ତ ମହାସାଗର ଓ ଇଂଲିଶ୍ ପ୍ରଣାଳୀରେ ଜର୍ମାନ 'ୟୁ'ବୋଟ୍‌ର ଭାରି ଭୟ ଥାଏ । ହୁଏତ ସେଥିରୁ ଏକ ବୋଟ୍‌ର ଆକ୍ରମଣରେ ମୁଁ ମୋର ପ୍ରାଣ ହରାଇ ଥାଆନ୍ତି ।

୩। ୧୯୨୨ ମସିହାରେ ଏକ ସମୟରେ ମୁଁ ସ୍ଥିର କରିଥିଲି ଯେ ଭାରତୀୟ ସିଭିଲ ସର୍ଭିସ୍‌ରେ ରହିବା ଅପେକ୍ଷା ଏଲାହାବାଦ ବିଶ୍ୱବିଦ୍ୟାଳୟରେ ଭୂଗୋଳ ଶିକ୍ଷା ଦେବି । କିନ୍ତୁ ବିହାର ଓଡ଼ିଶା ସରକାର ମୋତେ ଅନୁମତି ଦେଲେ ନାହିଁ । ସେମାନଙ୍କର ଯେ ମୋ ପ୍ରତି ଅନୁରାଗ ଥିଲା, ସେଥିପାଇଁ ନୁହେଁ । ୧୯୨୧ ମସିହାରେ ସୁଭାଷ ବୋଷ ଆଇ.ସି.ଏସ୍.ରୁ ଇସ୍ତଫା ଦେଇଥିବା ଯୋଗୁଁ ସେମାନେ ଏ ବିଷୟରେ ଏକ ଦ୍ୱିତୀୟ ନଜିର ସୃଷ୍ଟି ହେଉ ବୋଲି ଚାହୁଁ ନ ଥିଲେ ।

୪। ମୋ ଜୀବନରେ ଇନ୍ଦୁମତୀ ସହିତ ଦେଖାହେବା ସବୁଠାରୁ ସ୍ମରଣୀୟ ଘଟଣା । ଏଗାର ବର୍ଷ ବୟସରେ ଜଣେ ବିଧବାକୁ ବିବାହ କରିବିବୋଲି ମୁଁ ଶପଥ ନେଇଥିଲି । ମୋ ପକ୍ଷରେ ଏହା ଏକ କଠୋର ଶପଥ । ଜଣେ ବିଧବାକୁ ବିବାହ କରିବାପାଇଁ ପାଇ ପାରିବିବୋଲି ମୋର ବିଶ୍ୱାସ ନ ଥିଲା । ଇନ୍ଦୁମତୀ ସହିତ ସାକ୍ଷାତ ମୋ ପକ୍ଷରେ ବିଧିର ବିଧାନ ।

□ □

Digitized by PPRACHIN, SOA

ମୁଙ୍ଗେର-ଭାଗଲପୁର

ମାର୍ଚ୍ଚ ୧୯୩୪- ଅପ୍ରେଲ ୧୯୩୫

୧୯୩୪ ମସିହାଯାକ ମୋତେ ଗୋଟିକ ପରେ ଗୋଟିଏ ଦୁର୍ଯୋଗ ଲାଗି ରହିଲା । ୧୯୩୪ ମାର୍ଚ୍ଚ ଶେଷବେଳକୁ ସମ୍ବଲପୁରଠାରୁ ୬୦୦ ମାଇଲ ଦୂରରେ ଭୂମିକମ୍ପ ସାହାଯ୍ୟ କାର୍ଯ୍ୟରେ ମୁଁ ମୁଙ୍ଗେର ଗଲି । ବଦଳିହୋଇ ଯିବାଟା ଦୁର୍ଭାଗ୍ୟ-ଜନକ ନ ଥିଲା । କିନ୍ତୁ ୧୯୩୪ ଜାନୁଆରୀ ୧୫ ତାରିଖର ଭୂମିକମ୍ପ ଜନାକୀର୍ଣ୍ଣ ମୁଂଗେର ସହରକୁ ଧ୍ୱଂସ କରି ଦେଇଥିଲା । ସେଠାରେ ରହିବାପାଇଁ ଘର ନ ଥିବା ଯୋଗୁଁ ପରିବାରକୁ ସଙ୍ଗରେ ନ ନେବାପାଇଁ ମୋତେ ସତର୍କ କରି ଦିଆଯାଇଥିଲା । ମୁଁ ମୋର ସମସ୍ତ ଜିନିଷପତ୍ର ବନ୍ଧାବନ୍ଧି କରି ସମ୍ବଲପୁରରୁ ଟି-ଡିଷ୍ଟ୍ରିକ୍ଟ ଲେବର ଆସୋସିଏସନ୍ର ନବନିର୍ମିତ ଗୋଦାମ ଘରେ ରଖିଦେଇ ଗଲି । ମୋର ପରିବାରକୁ ହଜାରିବାଗ୍ରେ ଛାଡ଼ି ମୁଙ୍ଗେରରେ ଯୋଗ ଦେଲି । ପ୍ରାସାଦ ପରି ଏକ ବିରାଟ ଗୃହର ଗୋଟିଏ ଅଂଶ ମାତ୍ର ଠିଆ ହୋଇଥିଲା । ମୁଁ ସେଇଥିରେ ରହିଲି । ମୋର ପରିବାରବର୍ଗ ମୋତେ ସାକ୍ଷାତ କରିବାପାଇଁ ଆସିଥିଲେ । ଅଳ୍ପଦିନ ପରେ ମୋର ସ୍ତ୍ରୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସାପାଇଁ କଲିକତା ନେବାକୁ ପଡ଼ିଲା । ସେପ୍ଟେମ୍ବର ପହିଲାରେ ସେ ଆମକୁ ଶୋକାକୁଳ କରି ଚାଲିଗଲେ । ସେପ୍ଟେମ୍ବର ୨ ତାରିଖ ଦିନ ମୁଁ ସମ୍ବଲପୁରର ଯେଉଁ ଗୃହରେ ମୋର ସମସ୍ତ ଜିନିଷପତ୍ର ରଖିଥିଲି, ସେ ଘରେ ହଠାତ୍ ନିଆଁ ଲାଗି ସବୁ ପୋଡ଼ିଗଲା । ମୋର ଶ୍ୱଶୁର ହଜାରିବାଗରେ ଶଯ୍ୟାଶାୟୀ ଥିଲେ । ଝିଅର ମୃତ୍ୟୁ ସମ୍ବାଦ ତାଙ୍କଠାରୁ ଆମେ ଲୁଚାଇ ରଖିଲୁ । କିନ୍ତୁ ସେ କହୁଥାନ୍ତି, "ତୁମର ମୋତେ କିଛି କହିବା ଦରକାର ନାହିଁ । ସେ ନିଜେ ପୋଡ଼ିଯାଇଛି ଓ ତା'ର ସମସ୍ତ ଜିନିଷପତ୍ର ତା'ସହିତ ପୋଡ଼ିଯାଇଛି । ମୁଁ ଏହା ସ୍ୱପ୍ନରେ ଦେଖିଲି ।"

କିଛିଦିନ ଛୁଟି ନେବାପରେ ମୁଁ ଭାଗଲପୁରରେ କଲେକ୍ଟରଭାବରେ ଯୋଗଦେଲି । ମୋର ଗଣ୍ଡିଏ ହେଲେ ଆସବାବପତ୍ର ବା କିଛି ବାସନକୁସନ ନ ଥାଏ । ଲୁଗାପଟା ଅଳ୍ପ କେତେଖଣ୍ଡ ଯାହା ଥାଏ । କୌଣସି ସାଂସାରିକ ସମ୍ପତ୍ତି ନ ଥାଇ ମୁଁ ପୁଣି ଥରେ ନୂଆ ହୋଇ ଜୀବନ ଆରମ୍ଭକଲି । ତଥାପି ଦୁର୍ଭାଗ୍ୟ ମୋତେ ଛାଡ଼ି ନ ଥାଏ । ସିଭିଲ୍ ହସ୍ପିଟାଲର ଆଇ. ଜି. କର୍ଣ୍ଣେଲ୍ ମିଲସ୍, ଆଇ. ଏମ୍.

Digitized by PPRACHIN, SOA

ଏସ୍. ମୋତେ ଟେଲିଫୋନରେ ଖବର ଦେଲେ, ମୋ ସାନପୁଅ ବୁଲୁ ଗ୍ରୀଷ୍ମରେ ୟୁରୋପିଆନ ହସ୍‌ପିଟାଲ୍‌ରେ ନିମୋନିଆ ରୋଗରେ ପଡ଼ିଛି । କମିଶନର ଡେନ୍ ମୋତେ ଛୁଟି ଦେବାପାଇଁ ମନା କରିଦେଲେ । ପ୍ରାୟ ୭୦୦ ମାଇଲ ଅତି ଖରାପ ରାସ୍ତାରେ କାର୍ ଯୋଗେ ଯାଇ ଡଲି ଗାଡିରେ ରାଞ୍ଚିରେ ପହଞ୍ଚିଲି ବେଳକୁ ବୁଲୁର ଅବସ୍ଥା ସଙ୍କଟାପନ୍ନ । ଡଲିକୁ ବୁଲୁ "ଦଦ ଭାଇ" ବୋଲି ଡାକେ । ଦଦଭାଇକୁ ଦେଖିବାପରେ ତା'ର ଅବସ୍ଥା ଭଲ ଆଡ଼କୁ ଗତି କଲା । ଏକ ସପ୍ତାହ ପରେ ମୁଁ ସେ ଦୁହିଁଙ୍କୁ ଭାଗଲପୁରରେ ଦେଖି ମୋର ଦୁର୍ଭାଗ୍ୟର ସମସ୍ତ ସରିଗଲା ବୋଲି ଭାବିଲି । ଭାଗଲପୁରରେ କାମ କରିବାପାଇଁ କୌଣସି ଆଗ୍ରହ ନ ଥାଇ ମୁଁ କୌଣସିମତେ ଚାଲିଥାଏ । ୧୯୩୫ମସିହା ଏପ୍ରିଲ୍ ମାସରେ ଛୁଟି ନେଇ ହଜାରିବାଗଠାରେ ମୋ ସ୍ତ୍ରୀ ଯେଉଁ ଘରଟି କରିବାକୁ ଆରମ୍ଭ କରିଥିଲେ ସେଠାରେ ଯାଇ ରହିଲି ।

ହଜାରିବାଗରେ ଘରତୋଳା
୧୯୩୪ ଅପ୍ରେଲ ୧୯୩୫–ଅକ୍ଟୋବର

ଯେଉଁ ଜମିରେ ଘରଟି ତୋଳା ହୋଇଥିଲା ତାହା ୧୯୨୫ ମସିହାରେ ସରକାରଙ୍କଠାରୁ ନିଆଯାଇଥିଲା । ଏକ ଜଙ୍ଗଲିଆ ପାହାଡ଼କୁ ଯାଇଥିବା ରାସ୍ତାର ଧାରରେ ଏହା ଆଠ ଏକରର ଏକ ଆୟତକାର ଭୂମି । ଏହାର ପ୍ରାୟ ମାଇଲକ ଭିତରେ ଗୋଟିଏ ମାତ୍ର ଘର ଥିଲା । ଏହି ସ୍ଥାନରୁ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ବ୍ୟାପିଥିବା ଏକ ଉପତ୍ୟକା ଦେଖାଯାଏ । ସରକାରୀ ନିୟମ ଅନୁଯାୟୀ ପଟ୍ଟା ନେବାର ଦୁଇ ବର୍ଷ ଭିତରେ ମୋର ଘର କରିବାର କଥା । ବହୁଦୂରରେ ଅବସ୍ଥାପିତ ହୋଇଥିବା ଯୋଗୁଁ ଆଉ ଅଧିକ ସମୟ ଦେବାପାଇଁ ସରକାରଙ୍କୁ ଆବେଦନ କରିବାରେ ମୋର ଯଥେଷ୍ଟ କାରଣ ଥିଲା । ମାର୍ଚ୍ଚ ମାସ ଶେଷ ଆଡ଼କୁ ସମ୍ବଲପୁରଠାରୁ ମୁଙ୍ଗେର ଯିବା ବାଟରେ ମୁଁ ହଜାରିବାଗରେ ପହଞ୍ଚିଲି । ପିଲାମାନଙ୍କୁ ଏକ ଭଡ଼ାଘରେ ଛାଡ଼ିଦେଇ ମୁଁ ମୁଙ୍ଗେର ଚାଲିଲି । ମୋ ସ୍ତ୍ରୀ ଝାଟିମାଟିର ଗୋଟିଏ ଟାଇଲଘର ତିଆରି କଲେ ସେଥିରେ ଜିନିଷପତ୍ର ରଖିବାପାଇଁ ଓ ଘର ତିଆରି କାର୍ଯ୍ୟ ଦେଖିବାପାଇଁ । ୧୯୩୪ ମସିହାରେ ଜିନିଷପତ୍ର ଓ ମୂଲିଆମାନଙ୍କର ମଜୁରି ଏହିପରି ଭାବରେ ଥିଲା :-

୧– ପ୍ରଥମ ଶ୍ରେଣୀ ପୋଡ଼ାଇଟା ୯"×୫"×୩", ଘରତୋଳା ସ୍ଥାନରେ ପହଞ୍ଚାଇ ଦେବାକୁ ମୂଲ୍ୟସହ ହଜାରକୁ ଆଠଟଙ୍କା ।

୨– ମୂଲିଆ—ଦିନକୁ ଦେଢ଼ଅଣା

୩– ମୂଲିଆଣୀ ଦିନକୁ ଅଣାଏ

Digitized by PPRACHIN, SOA

୪- ମିସ୍ତ୍ରୀ - ଦିନକୁ ସାଢ଼େ ତିନି ଅଣା ।

ସବୁ ଜିନିଷର ମୂଲ୍ୟ ଏତେ କମ୍ ଥିଲା ଯେ ସାପ୍ତାହିକ ମଜୁରି ଦେବାପାଇଁ ଆମେ ବ୍ୟାଗ୍‌ରେ ଭର୍ତ୍ତି କରି ଟଙ୍କା, ଅଣା, ପଇସା ରଖୁଥିଲୁ ।

ପ୍ରଥମତଃ ଏକ ନିକଟବର୍ତ୍ତୀ ଝରଣାରୁ ପାଣି ଆଣିବାକୁ ହେଉଥିଲା । ମାଟି କାନ୍ଥ ହେଉଥିବା ଟାଇଲ ଘରଟିକୁ ଶେଷ କରିବାପାଇଁ ମୋ ସ୍ତ୍ରୀଙ୍କୁ ତିନିମାସ ସମୟ ଲାଗିଥିଲା । ତା' ମଧ୍ୟରେ ସେ ଇଟାତକ ସଂଗ୍ରହ କରି ସାରିଥିଲେ । ଜୁନ୍ ଶେଷ ବେଳକୁ ସେ ଯେତେବେଳେ ମୋ ପାଖକୁ ମୁଙ୍ଗେର ଆସିଲେ, ସେ କଳ୍ପନା କରି ନ ଥିଲେ ଯେ ଶେଷଥରପାଇଁ ତାଙ୍କୁ ହଜାରିବାଗ ଛାଡ଼ିବାକୁ ହେଉଛି । ହଜାରିବାଗରେ ତାଙ୍କ ବାପା ଘର କରି ରହି ଯାଇଥିଲେ । ତାଙ୍କର ଭାଇମାନେ ସେଠାରେ ରହୁଥିଲେ ଓ ତାଙ୍କର ପିଲାଦିନଟା ସେଠାରେ କଟିଥିଲା । ଘରତୋଳା କାମର ଦାୟିତ୍ୱ ସେ ମୋ ଭାଇ ହାତରେ ଛାଡ଼ିଦେଇ ଆସିଥିଲେ । ମୋ ଭାଇ ସେଠାରେ ଗୋଟିଏ ଗ୍ୟାରେଜ୍ ଓ ଷ୍ଟୋରରୁମ କରି ସାରିଥିଲେ ୧୯୩୫ ଏପ୍ରିଲ୍ ମାସରେ ମୁଁ ଛୁଟି ନେଇ ଗ୍ୟାରେଜଟିକୁ ମୋର ଶୋଇବା ଘର ଓ ବୈଠକଖାନାରେ ପରିଣତ କଲି । ଷ୍ଟୋରଘରକୁ ମଧ୍ୟ ଆଉ ଗୋଟିଏ ଶୋଇବା ଘର କରି ଚାରିପାଖରେ ଅନ୍ୟସବୁ ଘର ତୋଳିବାର କାମ ଆରମ୍ଭ କରିଦେଲି । ୧୯୩୫ ମସିହା ଅକ୍ଟୋବର ମାସସୁଦ୍ଧା ତିନୋଟି ଶୋଇବା ଘର ଓ ତା' ସହିତ ସଂଯୁକ୍ତ ଗୋଟିଏ ଗୋଟିଏ ଗାଧୁଆ ଘର, L ଆକୃତିର ଗୋଟିଏ ବୈଠକଖାନା ଓ ପୋର୍ଟିକୋ ତିଆରି ସରିଗଲା ।

ଗୋଟିଏ ଗ୍ୟାରେଜ, ଦୁଇଟି ରୋଷେଇ ଘର ଓ ଚାକରଙ୍କ ରହିବା ପାଇଁ ଚାରୋଟି ବଖରା ମଧ୍ୟ ତିଆରି ହେଲା । ସମସ୍ତ ଆଠ ଏକର ଜମିକୁ ତାର ବାଡ଼ରେ ଘେରାଇ ସେଥିରେ ୟୁକାଲିପଟାସ୍, ଶାଗୁଆନ, ମହାଗନି ଓ ଅନ୍ୟଗଛ ଚାରିପଟଯାକ ଲଗାଇଲି । ଆମ୍ବ, ପିଜୁଳି, ଲିଚୁ, ଆଡ଼ୁ, ମଲ୍‌ବେରୀ, ଆପ୍ରିକଟ୍ ଆଦି ଗଛର ଗୋଟିଏ ବଗିଚା ପ୍ରସ୍ତୁତ କଲି । ଫୁଲ ବଗିଚାରେ ଗୋଲାପ, ମଲ୍ଲୀ, ଲିଲି, ଗ୍ଲାଡ଼ିଓଲେ ଓ ଏସନ୍ ଫୁଲଗଛ ସବୁ ଥିଲା । ପାଣି ମଡ଼ାଇବାପାଇଁ ଗୋଟିଏ କୂଅ ଖୋଳାଯାଇଥିଲା । ଏକ ମାଇଲ ଦୂରବର୍ତ୍ତୀ ଦୁଇଟି କୂଅର ମଝିରେ ଗୋଟିଏ ରେଖା ଟାଣି ମୁଁ ଭାବିଲି ଏ ରେଖାଟି ଯେଉଁଠାରେ ମୋର ଜମି ଦେଇ ଯାଉଛି ସେଠାରେ ଖୋଳିଲେ ଝର ପଡ଼ିବ । ମୁଁ ଏପରି ଗୋଟିଏ ସ୍ଥାନ ସ୍ଥିର କଲି ଯେଉଁଠାରେ କୂଅରୁ ପାଣି କାଢ଼ାଗଲେ ସମସ୍ତ ବଗିଚାକୁ ପାଣି ଯୋଗାଯାଇପାରିବ । ପ୍ରଥମ ୧୦ ଫୁଟ ଖୋଳିବାରେ ଅସୁବିଧା ହୋଇଲା ନାହିଁ । ତା'ପରେ ଟାଣପଥର ପଡ଼ିଲା । ମୁଁ ଆଶା ନ ହରାଇ ଡିନାମାଇଟ୍

Digitized by PPRACHIN, SOA

ଫୁଟାଇ ଖୋଳିବାକୁ ଲଗିଲି । ୫୩ଫୁଟ ଗଭୀରରେ ଝର ପଡ଼ିଲା । ଘଣ୍ଟାପ୍ରତି ଏଥିରୁ ୩ଫୁଟ ପାଣି ଝରୁଥିଲା । ଦିନକୁ ଦୁଇଥର ଡିନାମାଇଟ୍‌ରେ ପଥର ଫଟା ଯାଉଥିଲା ଓ ମୁଁ ନିଜେ କୂଅ ତଳକୁ ଯାଇ ଖୋଳା କାମର ତତ୍ତ୍ୱ ନେଉଥିଲି । ପ୍ରଥମେ ମୁଁ ଗୋଟିଏ ନିଶୁଣୀ ବ୍ୟବହାର କରୁଥିଲି । ପରେ ଏକ ଟୋକେଇରେ କୁଲିମାନେ ଦଉଡ଼ି ସାହାଯ୍ୟରେ ମୋତେ ତଳକୁ ନେଉଥିଲେ ଓ ଉପରକୁ ଟାଣି ଆଣୁଥିଲେ । ମେ ଓ ଜୁନ୍ ମାସ ଯାଏ ଏହିପରି ଚାଲିଲା । ଶେଷକୁ କୂଅରେ ଷୋଳଫୁଟ ଖୁବ୍ ଭଲ ପାଣି ହୋଇଗଲା ।

ଅପ୍ରେଲ, ୧୯୩୫ ମସିହା ପରେ ଯେଉଁସବୁ କୋଠା ତୋଳାଗଲା ସେଥିପାଇଁ ମୁଁ ନିଜେ ଇଟା ପୋଡ଼ାଇଥିଲି । ଲକ୍ଷେ ଇଟା ପୋଡ଼ିବାକୁ ଖର୍ଚ୍ଚ ହେଉଥିଲା ୪୦୦ ଟଙ୍କା । ସେଥିରୁ ଚାରିହଜାର ବେଶି ପୋଡ଼ିଯାଇଥିବା ଇଟା ମିଳୁଥିଲା, ଯାହାକୁ ନିଆଁରେ ଓ ପକ୍କା ବାଡ଼େଇବାରେ ବ୍ୟବହାର କରାଯାଉଥିଲା । ୪୦,୦୦୦ ପ୍ରଥମ ଶ୍ରେଣୀର ଇଟା, ୪୦,୦୦୦ ଦ୍ୱିତୀୟ ଶ୍ରେଣୀର ଇଟା ଓ ୧୬,୦୦୦ ତୃତୀୟ ଶ୍ରେଣୀର ଇଟା ମିଳୁଥିଲା । ଏହି ତୃତୀୟ ଶ୍ରେଣୀର ଇଟା ଚୂନ ପଲସ୍ତରା କାର୍ଯ୍ୟରେ ବ୍ୟବହାର କରାଯାଉଥିଲା ।

ମୋର ନିଜର ଚୂନପୋଡ଼ା ଖାତ ଥିଲା । ମୂଲିଆଣୀମାନେ ଜଙ୍ଗଲରୁ ଗେଙ୍ଗୁଟି ଆଣୁଥିଲେ; ମୁଁ ସେମାନଙ୍କଠାରୁ ଗେଙ୍ଗୁଟି କିଣୁଥିଲି କିମ୍ବା ମୂଲିଆଙ୍କୁ ପଠାଇ ଗେଙ୍ଗୁଟି ସଂଗ୍ରହ କରାଉଥିଲି । ଗେଙ୍ଗୁଟିକୁ ପୋଡ଼ି ଓ ଚାରକାଳରେ ଛାଣି ଯେଉଁ ଗୁଣ୍ଡ ମିଳୁଥିଲା ତାହାକୁ ବାଲି ଓ ସୁର୍କିରେ ମିଶାଇ ଯୋଡ଼ାଇ ପାଇଁ ବ୍ୟବହାର କରାଯାଉଥିଲା ।

ମୁଁ ଖୁବ୍ ଅଳ୍ପ ସିମେଣ୍ଟ ବ୍ୟବହାର କରୁଥିଲି । କାରଣ ବ୍ୟାଗ୍ ଦେଢ଼ ଟଙ୍କା ହେଲେ ମଧ୍ୟ ସିମେଣ୍ଟର ଦାମ୍ ଦୁଇଗୁଣ ଥିଲା, ଚୂନ ଅପେକ୍ଷା । ଏ ଘରେ ମୁଁ କ୍ୱଚିତ ରହୁଥିଲି । ବର୍ଷକର ଏହା ଗୋଟିଏ ମାସରୁ ଅଧିକ ଭଡ଼ା ଲାଗୁ ନ ଥିଲା । ଘରର ଦେଖାଚାହାଁ କରିବାପାଇଁ ମୁଁ ଜଣେ ଲୋକ ମାସକୁ ୪୦ ଟଙ୍କା ଦେଇ ରଖିଥିଲି । ମୁନିସିପାଲିଟି ଟିକସ ଦେଉଥିଲି । ପ୍ରଥମେ ପ୍ରଥମେ କୌଣସି ଆୟ ନ ଥାଇ ଆୟକର ଦେବାକୁ ପଡ଼ିଲା । ୧୯୫୯ମସିହାରେ ମୁଁ ଘରଟି ବିକ୍ରି କରିଦେଲି ଓ ତା'ର ଅଳ୍ପ କେତେ ବର୍ଷ ପରେ ଜମିଟିକୁ ମଧ୍ୟ ।

□ □

Digitized by PPRACHIN, SOA

ବିହାର ଭୂମିକମ୍ପ

୧୯୩୪ ମସିହା ଜାନୁୟାରୀ ୧୫ ତାରିଖ । ଭୂମିକମ୍ପରେ ବିହାରର ପ୍ରଭୂତ କ୍ଷତି ହୋଇଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ, ମୁଜାଫରପୁର ଜିଲ୍ଲାର ଏକ ସବ୍‌ଡିଭି-ଜନାଲ୍ ହେଡ୍ କ୍ୱାର୍ଟର୍ସ ସୀତା ମାଢ଼ି ସହର । ପ୍ରଥମେ ଉତ୍ତରରୁ ଦକ୍ଷିଣ, ପରେ ପୂର୍ବରୁ ପଶ୍ଚିମ ଓ ତା'ପରେ ଏକ ଘୂର୍ଣ୍ଣି ଆକାରରେ ଏହି ଭୂମିକମ୍ପ ହେଲା । ସମସ୍ତ ମୁଙ୍ଗେର ସହରଟି ଧ୍ୱଂସସାତ୍ ହୋଇଗଲା । ସହରର କେବଳ ଯୋଡ଼ିଏ କୋଠାଘର ଠିଆ ହୋଇରହିଥିଲା । ଗୋଟିଏ କଲେକ୍ଟର୍‌ଙ୍କ ଘର, ଅନ୍ୟଟି ଜଣେ ଜମିଦାରଙ୍କର ଏକ ପ୍ରାସାଦୋପମ ଗୃହର ଅର୍ଦ୍ଧାଂଶ । ଅନ୍ୟ ଅର୍ଦ୍ଧାଂଶଟି ଭାଙ୍ଗି ପଡ଼ିଥିଲା । ଭାଗଲପୁର, ସୀତାମାଢ଼ି, ଦରଭଙ୍ଗା ଆଦି ସହରର ବ୍ୟାପକ କ୍ଷତି ହୋଇଥିଲା । ଜମାଲପୁରରେ ଥିବା ରେଳବାଇ ହେଡ୍ କ୍ୱାର୍ଟର୍ସର ମଧ୍ୟ ପ୍ରଭୂତ କ୍ଷତି ହୋଇଥିଲା । ଖୁବ୍ ଓଜନଦାର ଲୁହା କଡ଼ିସବୁ ଯେପରିଭାବରେ ମୋଡ଼ି ହୋଇଯାଇଥିଲା ସେଥିରୁ ଏହି ଭୂମିକମ୍ପର ଶକ୍ତି ସହଜରେ ଅନୁମିତ ହୁଏ । ମୁଙ୍ଗେରର ସିଗାରେଟ କାରଖାନା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା । କ୍ଲାକ୍ ଟାୱାର ମଧ୍ୟ ଭୂପୃଷ୍ଠ ଯାଇଥିଲା । ପାଟଣା ସେକ୍ରେଟେରିଏଟ୍ କ୍ଲାକ ଟାୱାରର ଅର୍ଦ୍ଧାଂଶ ଭାଙ୍ଗ ପଡ଼ିବା ଫଳରେ ସେକ୍ରେଟେରିଏଟ୍‌ର ଭିତରକୁ ଯିବାର ରାସ୍ତାଗୁଡ଼ିକ ଅବରୁଦ୍ଧ ହୋଇଗଲା ।

ବାଇକୋଲିଙ୍କ ଭବିଷ୍ୟତ ବାଣୀ

ଜ୍ୟୋତିଷମାନଙ୍କ ମତରେ ସୂର୍ଯ୍ୟ, ଚନ୍ଦ୍ର ଓ ଅନ୍ୟ ତିନି ଗ୍ରହ ମିଶି ଯେଉଁ ପଞ୍ଚ ଗ୍ରହକୂଟ ହେଲା, ତାହା ପୃଥିବୀକୁ ଗୋଟିଏ ଦିଗକୁ ଟାଣିନେଲା । ଆମେରିକାର ଜ୍ୟୋତିଷ ବାଇକୋଲି ମହାଶୟ ୬ ମାସ ଆଗରୁ ଏହି ଭୂମିକମ୍ପ ହେବବୋଲି ସତର୍କ କରି ଦେଇଥିଲେ । ଏପରିକି ୧୯୩୪ ଜାନୁୟାରୀ ୧୫ ତାରିଖ ଉପରବେଳା ବିନ୍ଧ୍ୟ ଓ ହିମାଳୟ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହା ଘଟିବ ବୋଲି ସେ ଶୁଣାଇ ଥିଲେ । ୧୯୫୧ ମସିହାରେ ମୋର ଯେତେବେଳେ ତାଙ୍କ ସହିତ ଦେଖା ହେଲା ଓ ଭୂମିକମ୍ପ ହେବ ବୋଲି ସେ କିପରି ଜାଣିଲେ ତାହା ମୁଁ ତାଙ୍କୁ ପଚାରିଲି, ସେ କହିଲେ, ଯଦି ଗୋଟିଏ ଚନ୍ଦ୍ର ସମୁଦ୍ରକୁ ଆକର୍ଷଣ କରିବା ଫଳରେ ସମୁଦ୍ରରେ ଜୁଆର ହେଉଛି, ସୂର୍ଯ୍ୟ, ଚନ୍ଦ୍ର, ଶନି ଓ ଶୁକ୍ର ଯଦି ଏକତ୍ର ଟାଣନ୍ତି ତା' ହେଲେ ପୃଥିବୀର ସ୍ଥିତି ଓ ପ୍ରକୃତି ନିଶ୍ଚୟ ବ୍ୟାହତ ହେବ ।" ମୁଁ ଯେତେବେଳେ ତାଙ୍କ ଭବିଷ୍ୟତରେ ...

Digitized by PPRACHIN, SOA

ଗ୍ରହକୂଟ ହେବ କି ବୋଲି ପଚାରିଲି ସେ କହିଲେ, 'ହଁ ଏପରି ଗ୍ରହକୂଟ ହେବ, କିନ୍ତୁ ଏ ଗ୍ରହକୂଟ ଯଦି ସୂନିର୍ଦ୍ଦିଷ୍ଟଭାବରେ ନ ହୁଏ ତା' ହେଲେ ପୃଥିବୀକୁ ଏମାନଙ୍କର ଆକର୍ଷଣ କେନ୍ଦ୍ରୀଭୂତ ନ ହୋଇପାରେ । ୧୯୬୨ ମସିହାରେ ଯେତେବେଳେ ଅଷ୍ଟଗ୍ରହକୂଟ ହେଲା ସେତେବେଳେ ଆଉ ଏକ ଭୟାନକ ଦୁର୍ବିପାକ ଘଟିବ ବୋଲି କେତେକ ଭବିଷ୍ୟତ ବାଣୀ ଶୁଣାଇଲେ । ଦେବତାମାନଙ୍କର କ୍ରୋଧ ପ୍ରଶମିତ କରିବାପାଇଁ ହୋମ କରାଯାଇ ଭାରତରେ ଲକ୍ଷ ଲକ୍ଷ ମହଣ ଘିଅ ପୋଡ଼ା ଗଲା ? କିନ୍ତୁ ଯେଉଁ ଗୋବନ୍ଧ ଦ୍ୱାଦଶୀ ଦିନ ହିଁ ଏହି ଅଷ୍ଟଗ୍ରହକୂଟ ପଡ଼ିଥିଲା ସେଦିନ ହେଲା ନାହିଁ । ଜ୍ୟୋତିଷମାନେ ହୁଏତ କହିବେ ଯେ, ସେ ଦିନ ପୂର୍ଣ୍ଣିମା ବା ଅମାବାସ୍ୟା ନ ଥିବାରୁ ଏହି ଗ୍ରହକୂଟ ଠିକ୍‌ଭାବରେ ହୋଇ ନ ଥିଲା ଓ ବ୍ରାହ୍ମଣମାନେ କହିବେ, ସେମାନେ ଏପରି ହୋମ ଓ ଯଜ୍ଞ କରି ନ ଥିଲେ ଦେବତାମାନେ ସନ୍ତୁଷ୍ଟ ହୋଇ ନ ଥାନ୍ତେ ।

ସୀତାଙ୍କ ପ୍ରାର୍ଥନା

ବର୍ତ୍ତମାନ ୧୯୩୪ ମସିହାର ଭୂମିକମ୍ପ କଥା ଉଲ୍ଲେଖ କରୁଛି । ଗଙ୍ଗାର ଉତ୍ତରରେ ଉତ୍ତର ବିହାରର ବହୁ ଅଞ୍ଚଳରେ ଭୂମି ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ଏହିସବୁ ଫାଟ ମଧ୍ୟରୁ ଜଳ ରାଶି ଓ ବାଲୁକାରାଶି ନିର୍ଗତ ହେବାକୁ ଲାଗିଲା । ଭାଗଲ-ପୁରର ଉତ୍ତରରେ ମାଇଲ-ମାଇଲ ଧରି ୧୦ ଫୁଟ ଓସାରର ଗୋଟିଏ ଝୋଲ ହୋଇଗଲା । ଏହି ଝୋଲର ଗଭୀରତା ୩ ଫୁଟରୁ ୧୦ଫୁଟ ପର୍ଯ୍ୟନ୍ତ । ରାମାୟଣର କାହାଣୀରେ ସୀତାଙ୍କ ବିଷୟରେ ଉଲ୍ଲେଖ ଅଛି ଯେ ସେ ଗଭୀର ଦୁଃଖରେ କହିଥିଲେ, "ମା, ବସୁନ୍ଧରା, ତୁମେ ବିଦୀର୍ଣ୍ଣା ହୋଇ ମୋତେ କୋଳରେ ଗ୍ରହଣ କର ।" ଭୂମି-କମ୍ପରେ ପୃଥିବୀମାତାର ବିଦୀର୍ଣ୍ଣା ହେବା ଶକ୍ତିକୁ ଜାଣିଥିବା ମନ ଭିତରୁ କେବଳ ଏପରି ପ୍ରାର୍ଥନା ଆସିପାରେ । ଏଥିରୁ ଜଣାଯାଏ ଯେ ସୀତା ହୁଏତ ଭୂମିକମ୍ପର ହୃଦସ୍ଥ ରୂପ ଥିଲେ । ୧୯୩୪ ମସିହାର ଭୂମିକମ୍ପ ପୂର୍ବରୁ ଦୂର ଅତୀତରେ ଏହିପରି ବହୁ ଭୂମିକମ୍ପ ହୋଇଯାଇଥିବ । ଭୂପୃଷ୍ଠର ଉତ୍‌ଥାନ ଫଳରେ ଗଙ୍ଗା ନଦୀ ଶୁଖିଗଲା ଏବଂ ଏହାର ଶଯ୍ୟା ଅଳ୍ପ କେତୋଟି ମୁହୂର୍ତ୍ତ ଦେଖା ଯାଇଥିଲା । ପ୍ରସିଦ୍ଧ ବାଇବେଲ୍‌ର କାହାଣୀର ଏହା ଏକ ରୂପାନ୍ତର ମାତ୍ର ।

ମୁଙ୍ଗେରରେ ମୋର ପ୍ରଥମ କାର୍ଯ୍ୟ ହେଲା ସହରରେ ସାହାଯ୍ୟ ବଣ୍ଟନ । ଏପରି କୌଣସି ଗୃହ ନ ଥିଲା, ଯାହାର ସାହାଯ୍ୟ ଦରକାର ନ ଥିଲା । କିନ୍ତୁ ଆବଶ୍ୟକ ତାର ଏକ ସହସ୍ରାଂଶ ମାତ୍ର ମେଣ୍ଟା ଯାଇପାରିଥିଲା । ଦୁଇମାସ ପରେ ମଧ୍ୟ ପୋତି ହୋଇପଡ଼ିଥିବା ମଣିଷ ଓ ପଶୁଙ୍କର ମୃତ ଦେହର ଦୁର୍ଗନ୍ଧ ବାହାରୁ ଥିଲା । ଶଲ୍ୟ

Digitized by PPRACHIN, SOA

ବାଣ୍ଟିବା ଛଡ଼ା ଜେଲର ଅନ୍ୟ ସାଧାରଣ କାର୍ଯ୍ୟ ମଧ୍ୟ ମୁଁ କରୁଥିଲି । ମେ ମାସର ଉତ୍ତପ୍ତ ଧୂଳିଝଡ଼ ମଧ୍ୟରେ ତମ୍ବୁଭିତରେ କଚେରୀ କାର୍ଯ୍ୟ ଚଳାଉଥିଲି । ତମ୍ବୁରେ ମଧ୍ୟ କ୍ଲବ ବସୁଥିଲା । ଥରେ ଗୋଟିଏ ତମ୍ବୁ ଖୁଣ୍ଟ ପାଖରେ ମୁଁ ବସିଛି, ସାମାନ୍ୟ ଭୂମିକମ୍ପ ହୋଇ ମୋ ମୁଣ୍ଡର ପାଖ ପଟ ଠକ୍ କରି ପିଟି ହୋଇଗଲା । ଟେବୁଲ୍ ଉପରେ ଯେଉଁ ସବୁ ଗ୍ଲାସ ରହିଥିଲା ତାହାସବୁ ତଳକୁ ଖସି ପଡ଼ିଲା, କିନ୍ତୁ ସିମେଣ୍ଟ ଚଟାଣ ନ ଥିବା ଯୋଗୁଁ ବିଶେଷ କିଛି ଭାଙ୍ଗିଲା ନାହିଁ । ଭୂମିକମ୍ପ ସମୟରେ କେତେକ ବିଅର ଗ୍ଲାସ ଧରିଥିବା ଜଣେ ବ୍ୟକ୍ତିକୁ ଯେତେବେଳେ ବାହାରକୁ ଯିବାକୁ କୁହାଗଲା, ସେ କହିଲା ମୋ ପାଇଁ ତ ପ୍ରତିଦିନ ଭୂମିକମ୍ପ ହେଉଛି । ଭୂମିକମ୍ପ ସମୟର ଅନେକ କୌତୁହଳ-ଜନକ କାହାଣୀ ଶୁଣା ଯାଉଥିଲା । କମିଶନରଙ୍କ ସ୍ତ୍ରୀ ତାଙ୍କ ସ୍ନାନାଗାରରୁ ବାହାରି ଦୌଡ଼ି ଯିବାବେଳେ ଜଣେ ଚପରାସି ତାଙ୍କ ପଛେ ପଛେ ଟାୱେଲଟି ଧରି ଦୌଡ଼ିଥିଲା । କଲେକ୍ଟର ମେନ୍‌ୱାରିଂ ସେତେବେଳେ ଏକ ମଧ୍ୟାହ୍ନ ଭୋଜି ସଭାରେ ଭୂମିକମ୍ପର ସନ୍ତୋଷ ବିଧାନପାଇଁ ଆହୁରି ଗ୍ଲାସେ ବିଅର ସମର୍ପଣ କରୁଥିଲେ । ଭୂମି-କମ୍ପ ପରେ ପରେ ସେ ନିଜକୁ ଏକ ପ୍ରକୃତିସ୍ଥ ଅବସ୍ଥାରେ ରଖି ପାରିଥିଲେ ଯେ, ତାଙ୍କୁ ସି. ଆଇ. ଇ ଉପାଧିଦ୍ୱାରା ଭୂଷିତ କରାଯାଇଥିଲା ।

□ □

Digitized by PPRACHIN, SOA

ଓଡ଼ିଶା ରାଜ୍ୟ ଅଭିଲେଖାଗାରର କର୍ମକର୍ତ୍ତାମାନେ
ଶ୍ରୀଯୁକ୍ତ ନୀଳମଣି ସେନାପତିଙ୍କ କଣ୍ଠସ୍ୱର ରେକର୍ଡିଂ କରୁଛନ୍ତି

ଭାରତ ଭାରତୀ

[redacted]

ISBN 978-81-86556

Digitized by PPRACHIN, SOA